# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୭/୨୦୨୩ (୧୬ ପୃଷ୍ଠା) | Bhubaneswar, Friday, April 7/2023 | Page 16 | ₹ 7.00

୪୯ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 132 | ମୂଲ୍ୟ ₹୭/-




**କଶ୍ମୀରରେ କିଆରା**

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ଏବଂ ସହଅଭିନେତା କାର୍ତ୍ତିକ ଆର୍ଯ୍ୟନ ସେମାନଙ୍କ ଆଗାମୀ ଫିଲ୍ମ ଶୁଟିଂ ପାଇଁ ବର୍ତ୍ତମାନ କଶ୍ମୀରରେ ଅଛନ୍ତି। **୧୩**

**୧୬**

**ରାଜାୱତ କ୍ୱାର୍ଟରଫାଇନାଲରେ**

ଓର୍ଲିନ୍ସ ମାଷ୍ଟର୍ସ ସୁପର ୩୦୦ ବ୍ୟାଡ୍ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପ୍ରିୟାଂଶୁ ରାଜାୱତ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି।



# ପାର୍କିଂ, ଦୁର୍ଘଟଣାଗ୍ରସ୍ତ ଗାଡ଼ି ନେଉଛି ଜୀବନ

ରାଜ୍ୟରେ ସଡ଼କ ଦୁର୍ଘଟଣା ଚିନ୍ତାଜନକ। ଏହାକୁ ହ୍ରାସ କରିବା ସହ ସଚେତନତା ସୃଷ୍ଟି ପାଇଁ ରାଜ୍ୟ ସରକାର ଏପ୍ରିଲ ୧ରୁ ୭ ତାରିଖଯାଏ ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ (ଜିରୋ ଫାଟାଲିଟି ୱିକ୍) ପାଳନ କରୁଛନ୍ତି। ହେଲେ ଏହି ସମୟରେ ଦୁର୍ଘଟଣା କମିବା ନାଁ ଧରୁନାହିଁ। ସଦ୍ୟ ଘଟଣାକ୍ରମେ ବୁଧବାର ଝାରସୁଗୁଡ଼ାରେ ଏକ ସିରିଜ୍ ଦୁର୍ଘଟଣାରେ ୩ ଟ୍ରକ ଡ୍ରାଇଭର ଜଳି ଯାଇଥିବା ବେଳେ ଯାଜପୁରରେ ମଧ୍ୟ ଜଣେ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗାଡ଼ି ମରାମତି ବେଳେ ଚକା ପଡ଼ିଯିବାରୁ ଆଉ ଜଣେ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସରକାରଙ୍କ ପରିବହନ ବିଭାଗ ସଡ଼କ ଦୁର୍ଘଟଣା ଲାଗି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ)ଙ୍କ ଅବହେଳା ଅନେକାଂଶରେ ଦାୟୀ ବୋଲି କହି ନିଜ ଦାୟିତ୍ୱରୁ ହଟିଯାଉଛି। ଅନେକ ଗାଡ଼ିଚାଳକ ମଦ୍ୟପାନ କରିବା ସହ ସର୍ବନିମ୍ନ ସଡ଼କ ନିୟମ ଜାଣୁନାହାନ୍ତି। ଏ ଦିଗରେ ସରକାରୀ ସ୍ତରରେ ଯେଭଳି ସଚେତନତା ଓ କାର୍ଯ୍ୟାନୁଷ୍ଠାନ ହେବା କଥା ତାହା ଦେଖିବାକୁ ମିଳୁ ନାହିଁ।

- ଏନଏଚଏଆଇକୁ ଉଦ୍‌ବେଗ ଜଣାଇଲା ରାଜ୍ୟ ପରିବହନ ବିଭାଗ
- ଅବହେଳାକାରୀଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା କର

ଭୁବନେଶ୍ୱର,୬।୪(ବ୍ୟୁରୋ)

ଜାତୀୟ ରାଜପଥ ଉପରେ ଖରାପ ହୋଇ ପଡ଼ିରହିଥିବା ଏବଂ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଗାଡ଼ିଗୁଡ଼ିକ ଦୀର୍ଘଦିନ ଧରି ପଡ଼ିରହୁଛି। ଏଥିଯୋଗୁ ଅନେକ ସମୟରେ ସଡ଼କ ଦୁର୍ଘଟଣା ଘଟୁଛି। ସେହି ଗାଡ଼ିଗୁଡ଼ିକୁ ଏନ୍ଏଚ୍ଏଆଇ ପକ୍ଷରୁ ହଟାଯାଉ ନାହିଁ। ଏହାକୁ ନେଇ ରାଜ୍ୟ ପରିବହନ ବିଭାଗ ଉଦ୍‌ବେଗ ପ୍ରକାଶ କରିଛି। ବିଭାଗୀୟ ସଚିବ ଉଷା ପାଢ଼ୀ ଏହି ମର୍ମରେ ବୁଧବାର ଏନ୍ଏଚ୍ଏଆଇ ଚିଫ୍ ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ରାଜ୍ୟରେ ଗତ ୧ ତାରିଖରୁ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯାଉଛି। ଏହି ସପ୍ତାହର ଉଦ୍ଦେଶ୍ୟକୁ ସଫଳ କରିବା ପାଇଁ ଏବଂ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମାଇବା ଲାଗି ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ବିଭିନ୍ନ ଜରୁରିକାଳୀନ ପଦକ୍ଷେପ ନେଉଛନ୍ତି। ହେଲେ ଏନ୍ଏଚ୍ଏଆଇ ନିଜ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରୁଥିବାରୁ ଦୁର୍ଘଟଣାକୁ ରୋକାଯାଇ ପାରୁ ନାହିଁ।

ବିଭିନ୍ନ ଆର୍‌ଟିଓଙ୍କ ରିପୋର୍ଟ ମୁତାବକ ରାଜ୍ୟରେ ଏହି ସମୟରେ ଯେତେସବୁ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି ସେଥିଲାଗି ଜାତୀୟ ରାଜପଥ ଉପରେ ଯାନବାହନ ପାର୍କିଂ, ଦୁର୍ଘଟଣାଜନିତ ଏବଂ ଖରାପ ହୋଇ ପଡ଼ିରହିଥିବା ଗାଡ଼ି ଯୋଗୁ ଘଟୁଛି। କେନ୍ଦୁଝର ଆର୍‌ଟିଓଙ୍କ ସୂଚନା ଅନୁଯାୟୀ ଏପ୍ରିଲ ୧ ତାରିଖରେ ଜିଲାରେ ଘଟିଥିବା ୨ଟି ଦୁର୍ଘଟଣା ସଡ଼କ ଉପରେ ପଡ଼ି ରହିଥିବା ଗାଡ଼ି ଯୋଗୁ ଘଟିଛି। ଏଥିସହିତ କେନ୍ଦୁଝର ଆର୍‌ଟିଓ ପୁଣି ଜଣାଇଛନ୍ତି ଯେ, ☞ପୃଷ୍ଠା-୪

## ସିରିଜ୍ ଦୁର୍ଘଟଣା: ୩ ଡ୍ରାଇଭର ଜୀବନ୍ତ ଦଗ୍ଧ



ଜଳିଯାଇଥିବା ଗାଡ଼ି।

ବ୍ରଜରାଜନଗର,୬।୪(ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା ସଦର ଥାନା ସମ୍ମୁଖରେ ବୁଧବାର ବିଳମ୍ବିତ ରାତିରେ ସିରିଜ୍ ଦୁର୍ଘଟଣା ଘଟି ୩ ଭାରିଯାନ ଜଳିଯାଇଛି। ଫଳରେ ୩ ଗାଡ଼ିର ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ମୃତକମାନେ ହେଲେ ଅନୁଗୋଳ ଜିଲାର ସପନ ବରାହ, ମଧ୍ୟପ୍ରଦେଶର ବିକ୍ରମସିଂ ଯାଦବ ଓ ସ୍ଥାନୀୟ ଗାନ୍ଧୀ ଛକର ଗୁଡ୍ଡୁ ସା। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତି ପ୍ରାୟ ୧ଟା ସମୟରେ ଏନ୍ଏଚ୍ ୪୯ରେ ବ୍ରଜରାଜନଗର ଗାନ୍ଧୀଛକ ପଟୁ ଏକ ଟ୍ରେଲର (ଏନ୍ଏଲ୍୦୧ଏବି-୧୭୩୧) ☞ପୃଷ୍ଠା-୪

# ପାର୍ଲାମେଣ୍ଟ ଚଳାଇଦେଲେନି

**ବଜେଟ ଅଧିବେଶନ ଶେଷ**

- ଲୋକ ସଭା ୪୫, ରାଜ୍ୟ ସଭା ୩୧ ଘଣ୍ଟା କାର୍ଯ୍ୟକ୍ଷମ
- ୫୦ ଲକ୍ଷ କୋଟିର ବଜେଟ ୧୨ ମିନିଟରେ ଗୃହୀତ: ଖାର୍ଗେ

ନୂଆଦିଲ୍ଲୀ,୬।୪

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଗୁରୁବାର ଶେଷ ହେଇଛି। ଏଥିସହ ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ମୋଟାମୋଟି ଭାବେ ଦେଖିଲେ ସଂସଦର ପ୍ରଦର୍ଶନ ଆଦୌ ଆଶାନୁରୂପ ହୋଇନାହିଁ। କାରଣ ଅଧିବେଶନ ବେଳେ ପୂର୍ବ ନିର୍ଦ୍ଧାରିତ ଅବଧି ତୁଳନାରେ ଲୋକ ସଭା ଓ ରାଜ୍ୟ ସଭା ଉଚିତ ଢଙ୍ଗରେ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଇତିମଧ୍ୟରେ ଲୋକ ସଭା ମୋଟ ୧୩୩.୬ ଘଣ୍ଟା ମଧ୍ୟରୁ ମାତ୍ର ୪୫ ଘଣ୍ଟା ଓ ରାଜ୍ୟ ସଭା ୧୩୦ ଘଣ୍ଟା ମଧ୍ୟରୁ ୩୧ ଘଣ୍ଟା ଚାଲିଥିଲା। ଆଦାନୀ ଗ୍ରୁପ୍ ଷ୍ଟକ୍ସ କେଲେଙ୍କାରୀର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବି, ଏହାର ମାଲିକ ତଥା ଶିଳ୍ପପତି ଗୌତମ ☞ପୃଷ୍ଠା-୪

## କଳାହାଣ୍ଡି ମେଡିକାଲ କଲେଜ ପାଇଁ ୧୦୦ ସିଟ୍‌କୁ ଏନ୍ଏମ୍‌ସିର ଅନୁମୋଦନ

**ଚଳିତ ବର୍ଷରୁ ହେବ ପାଠପଢ଼ା**

ଭୁବନେଶ୍ୱର,୬।୪(ବ୍ୟୁରୋ)

ଚଳିତ ବର୍ଷରୁ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବ। ଏଥିଲାଗି ନ୍ୟାଶନାଲ ମେଡିକାଲ କମିଶନ (ଏନ୍ଏମ୍‌ସି) ୧୦୦ଟି ଏମ୍‌ବିବିଏସ୍ ସିଟ୍‌କୁ ଅନୁମୋଦନ କରିଛି । ୨୦୨୩-୨୪ ଶିକ୍ଷାବର୍ଷରୁ କଳାହାଣ୍ଡି ମେଡିକାଲ କଲେଜରେ ପାଠପଢ଼ା ଆରମ୍ଭ ହେବ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ କଳାହାଣ୍ଡିରେ ମେଡିକାଲ କଲେଜ ସ୍ଥାପନ ହୋଇଛି। ଏହି ଅନୁଷ୍ଠାନ ଜିଲା ସହିତ ରାଜ୍ୟବାସୀଙ୍କର ବହୁଦିନର ଆଶା ଓ ଆକାଂକ୍ଷା ପୂରଣ କରିବ।

ରେପୋ ରେଟ୍ ୬.୫%ରେ ଅପରିବର୍ତ୍ତିତ ରଖିଲା ଆର୍‌ବିଆଇ ୪

**ଆଜିର ସମ୍ପାଦକୀୟ**

ମାନବୀୟ ଶିକ୍ଷାର ଆଶା









# ହିକିକୋମୋରି: ଏକାନ୍ତବାସରେ ୧୫ ଲକ୍ଷ

**ଜାପାନରେ ଜନ୍ମହାର କମିବା ଆଶଙ୍କା**

ଟୋକିଓ, ୬।୪

ମହାମାରୀ କରୋନା ସଂକ୍ରମଣ ରୋକିବା ସକାଶେ ବିଭିନ୍ନ ଦେଶ ସଙ୍ଗରୋଧ ବା ଆଇସୋଲେଶନ୍ ନିୟମ ଅବଲମ୍ବନ କରିଥିଲେ। ପାଖାପାଖି ୨ ବର୍ଷ ପରେ ଯେତେବେଳେ କୋଭିଡ୍-୧୯ ସଂକ୍ରମଣ ନିୟନ୍ତ୍ରଣକୁ ଆସିଲା, ସେ ସମୟରେ ଲୋକେ ଆଇସୋଲେଶନ୍‌ରେ ନ ରହି ବାହାରକୁ ଯା'ଆସ ଆରମ୍ଭ କରିଥିଲେ। ଫଳରେ ଲୋକେ ଆଉ ସଙ୍ଗରୋଧରେ ରହୁ ନାହାନ୍ତି। ସଂକ୍ରମଣ କମିଥିଲେ ସୁଦ୍ଧା ଜାପାନବାସୀ ଏବେ ମଧ୍ୟ ଆଇସୋଲେଶନ୍ ନୀତିକୁ ଆପଣେଇଛନ୍ତି। ଜାପାନ ଲୋକଙ୍କଠାରେ ଏକୁଟିଆପଣ ବଢ଼ିବାରେ ଲାଗିଛି। ବିଶେଷ ଭାବେ ଯୁବପିଢ଼ି ନିଜକୁ ସମାଜଠାରୁ ଦୂରରେ ରଖିବାରେ ଲାଗିଛନ୍ତି। ଦେଶରେ ପାଖାପାଖି ୧୫ ଲକ୍ଷ ଲୋକ ନିଜକୁ ଆଇସୋଲେଶନ୍‌ରେ ରଖିଥିବା ସରକାରଙ୍କ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ଏମାନଙ୍କ ମଧ୍ୟରୁ ୨୦% ଯୁବପିଢ଼ି କୋଭିଡ୍ ଭୟରେ ସଙ୍ଗରୋଧରେ ରହିବାକୁ ପସନ୍ଦ କରୁଛନ୍ତି। ଜାପାନ କ୍ୟାବିନେଟ୍ ଅଫିସ ପକ୍ଷରୁ ଗତବର୍ଷ ନଭେମ୍ବରରେ ୧୦ରୁ ୬୯ ବୟସ ବର୍ଗର ୩୦,୦୦୦ ଲୋକଙ୍କୁ ନେଇ ସର୍ଭେ କରାଯାଇଥିଲା। ଲୋକମାନେ ସେଲ୍ଫ ଆଇସୋଲେଶନ୍‌ରେ ରହିବାକୁ ବିଶେଷଜ୍ଞମାନେ ହିକିକୋମୋରି ନାମ ଦେଇଛନ୍ତି। ସର୍ଭେ ରିପୋର୍ଟ ଅନୁସାରେ ୧୫ରୁ ୬୨ ବୟସ ବର୍ଗର ୨% ଲୋକ ନିଜକୁ ଆଇସୋଲେଶନ୍‌ରେ ରଖିଥିବା ଜଣାପଡ଼ିଛି। ସମ୍ପର୍କରେ ଦେଖାଯାଉଥିବା ସମସ୍ୟା ଏବଂ ଚାକିରି ଛାଡ଼ିବା କିମ୍ବା ତଡ଼ା ହେବାପରେ ଲୋକେ ସମାଜରୁ ନିଜକୁ ଦୂରେଇ ଦେଇଥିବା ଲକ୍ଷ୍ୟ କରାଯାଇଛି। ସେହିପରି ୪୦ରୁ ୬୪ ବର୍ଷ ବୟସ ବର୍ଗର ☞ପୃଷ୍ଠା-୪









ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୭ ଏପ୍ରିଲ୍, ୨୦୨୩

## କାନାଡ଼ାରେ ହିନ୍ଦୁ ମନ୍ଦିର ଭଙ୍ଗାରୁଜା

କାନାଡ଼ାର ଓଣ୍ଟେରିଓ ପ୍ରଦେଶରେ ହିନ୍ଦୁ ବିରୋଧୀ ଓ ଭାରତ ବିରୋଧୀ ଦୁର୍ବୃତ୍ତମାନେ ଏକ ମନ୍ଦିରକୁ ଭାଙ୍ଗି ଦେଇଛନ୍ତି। ଘୃଣାର ପ୍ରସାର ପାଇଁ ଏଭଳି କରାଯାଇଥିବା ପୋଲିସ କହିଛି। ୱିଣ୍ଡସର ସିଟି ପୋଲିସ ଘଟଣାର ତଦନ୍ତ କରିବା ସହ ସମ୍ପୃକ୍ତ ୨ ଜଣଙ୍କୁ ଖୋଜୁଛି। ମନ୍ଦିର କାନ୍ଥରେ ଦୁର୍ବୃତ୍ତମାନେ କଳା ବୋଲି ସେଥିରେ ହିନ୍ଦୁ ବିରୋଧୀ ଏବଂ ଭାରତ ବିରୋଧୀ ଭିତ୍ତିଚିତ୍ର ଆଙ୍କିଛନ୍ତି।



## ସଂକ୍ଷେପରେ

### ଦୈନିକ ସଂକ୍ରମଣ ୫ ହଜାର ଟପିଲା

**ନୂଆଦିଲ୍ଲୀ, ୬।୪:** ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୫,୩୩୫ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୁଧବାର ଚିହ୍ନଟ ସଂକ୍ରମିତଙ୍କ ତୁଳନାରେ ଗୁରୁବାର ୨୦% ଅଧିକ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତବର୍ଷ ସେପ୍ଟେମ୍ବର ୨୩ ପରଠାରୁ ପ୍ରଥମ ଥର ଲାଗି ଦେଶରେ କୋଭିଡ୍-୧୯ ସଂକ୍ରମଣ ୫ ହଜାର ଟପିଛି। ଦେଶରେ କ୍ରମାଗତ ସଂକ୍ରମଣ ବୃଦ୍ଧି ଘଟୁଥିବାବେଳେ ଚିକିତ୍ସା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି। ସେହିପରି ଦିଲ୍ଲୀରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢ଼ିଛି। ତେବେ ସରକାରଙ୍କ ପକ୍ଷରୁ ଚିକିତ୍ସା ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି।

### ଆଇସକ୍ରିମ୍ ଖାଇ ୫୫ ଅସୁସ୍ଥ

**ଖାରଗାଁଓ, ୬।୪:** ମଧ୍ୟପ୍ରଦେଶ ଖାରଗାଁଓ ଜିଲା ଛତଲ ଗ୍ରାମରେ ବୁଧବାର ଏକ ଧାର୍ମିକ କାର୍ଯ୍ୟକ୍ରମରେ ଆଇସକ୍ରିମ ଖାଇ ୨୫ ପିଲାଙ୍କ ସମେତ ୫୫ ଜଣ ଅସୁସ୍ଥ ହୋଇପଡ଼ିଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାବେଳେ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆଇସକ୍ରିମର ନମୁନା ପରୀକ୍ଷା ପାଇଁ ପଠାଯାଇଛି। ପ୍ରାଥମିକ ଚିକିତ୍ସା ପରେ ୨୦ ଜଣ ପିଲାଙ୍କ ସମେତ ମୋଟ ୩ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ମେଡିକାଲ ଅଫିସର ଡା. ଦିଲୀପ ସେପ୍ଟା ସୂଚନା ଦେଇଛନ୍ତି।

### ଅବକାରୀ ଦୁର୍ନୀତି ମାମଲାରେ ଇଡିର ତୃତୀୟ ଚାର୍ଜଶିଟ୍

**ସିସୋଡିଆ, କବିତାଙ୍କ ନାଁ ବାଦ୍**

**ନୂଆଦିଲ୍ଲୀ, ୬।୪:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁରୁବାର ତୃତୀୟ ଚାର୍ଜଶିଟ୍ ଦାଖଲ କରିଛି। ମଦ ଲବିରୁ ସଂଗୃହୀତ ଅର୍ଥ ବିଭିନ୍ନ ମଧ୍ୟସ୍ଥଙ୍କ ଜରିଆରେ ସରକାରୀ ଅଧିକାରୀ ଏବଂ ଏଏପି ନେତାଙ୍କ ପାଖକୁ ଯାଇଥିଲା। ତେବେ ଏହି ଦ୍ୱିତୀୟ ଅତିରିକ୍ତ ଅଭିଯୋଗ ଫର୍ଦ୍ଦରେ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ବିଆର୍‌ଏସ୍ ନେତ୍ରୀ କେ. କବିତାଙ୍କ ନାଁ ନାହିଁ। ସ୍ୱତନ୍ତ୍ର ବିଚାରପତି ଏମ୍.କେ. ନାଗପାଲଙ୍କ କୋର୍ଟରେ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ୱାଇଏସ୍‌ଆର୍ କଂଗ୍ରେସ ଏମ୍‌ପି ମଗୁନ୍ତା ଶ୍ରୀନିବାସୁଲୁ ରେଡ୍ଡୀଙ୍କ ପୁଅ ରାଘବ ମଗୁନ୍ତା, ଗୌତମ ମାଲହୋତ୍ରା ଏବଂ ରାଜେଶ ଜୋଷୀଙ୍କ ନାଁ ରହିଛି। ଏପ୍ରିଲ ୧୪ରେ ଅଦାଲତ ମାମଲାର ଶୁଣାଣି କରିବେ। ମାଲହୋତ୍ରା, ଜୋଷୀ ଏବଂ ମଗୁନ୍ତାଙ୍କୁ ଫେବୃୟାରୀ ମାସରେ ଗିରଫ କରାଯାଇଥିଲା।

### ୫୪ ଫୁଟର ହନୁମାନ ପ୍ରତିମୂର୍ତ୍ତି ଅନାବରଣ କଲେ ଶାହା

**ବୋଟାଦ, ୬।୪:** ଗୁଜରାଟର ବୋଟାଦସ୍ଥିତ ସାରଙ୍ଗପୁର ମନ୍ଦିରରେ ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୫୪ ଫୁଟ୍‌ର ହନୁମାନ ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି। ଭାଜପାର ୪୪ତମ ସ୍ଥାପନା ଦିବସ ଅବସରରେ ଅମିତ ଶାହା ଗୁଜରାଟରେ ଏକାଧିକ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ୧୯୮୦ରେ ଦଳ ଯେତେବେଳ ଗଢ଼ାଯାଇଥିଲା ସେ ସମୟରେ ଅନେକ ଏହାକୁ ବ୍ୟଙ୍ଗ କରିଥିଲେ। କିନ୍ତୁ ଏବେ ଅନେକ ରାଜ୍ୟରେ ଦଳ ବିଜୟ ହାସଲ କରିଛି ଏବଂ ୪୦୦ରୁ ଅଧିକ ଏମ୍‌ପି ବର୍ତ୍ତମାନ ଭାଜପାର ଅଛନ୍ତି। ଅନ୍ୟପକ୍ଷେ ଦଳକୁ ଦେଶବାସୀଙ୍କ ବିପୁଳ ସମର୍ଥନ ରହିଥିବା ଶାହା କହିଛନ୍ତି।

### ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ଜଗର୍ନାଥଙ୍କ ପରଲୋକ

**ଚେନ୍ନାଇ, ୬।୪:** ଝାଡ଼ଖଣ୍ଡ ଶିକ୍ଷାମନ୍ତ୍ରୀ ଜଗର୍ନାଥ ମାହତୋଙ୍କ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଫୁସ୍‌ଫୁସ୍ ପ୍ରତିରୋପଣ ପାଇଁ ୫୬ ବର୍ଷୀୟ ଜଗର୍ନାଥଙ୍କୁ ଚେନ୍ନାଇର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



୨୦୨୦ରେ କୋଭିଡ୍-୧୯ରେ ଆକ୍ରାନ୍ତ ହେବା ପରେ ତାଙ୍କ ଫୁସ୍‌ଫୁସ୍ ସଂକ୍ରମିତ ହେବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଜଗର୍ନାଥଙ୍କ ମୃତ୍ୟୁକୁ ନେଇ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ଗିରିଡିହର ଡୁମାନି ନିର୍ବାଚନମଣ୍ଡଳୀରୁ ଜଗର୍ନାଥ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି।




ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ୟୁରୋପିଆନ୍ କମିଶନ୍ ଅଧକ୍ଷା ଉର୍ସୁଲା ଭୋନ୍ ଡେ ଲେୟେନ୍।



ଫ୍ରାନ୍ସର ରେନେସ୍ ସହରରେ ଜଣେ କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଫ୍ରାନ୍ସରେ ସରକାରୀ କର୍ମଚାରୀଙ୍କ ଅବସର ବୟସ ୬୪କୁ ବୃଦ୍ଧି କରାଯାଇଛି। ମାକ୍ରଁ ସରକାରଙ୍କ ପେନ୍‌ସନ୍ ସଂସ୍କାରକୁ ବିରୋଧକରି ଚାଲିଥିବା ଆନ୍ଦୋଳନ ଗୁରୁବାର ୧୧ ଦିନରେ ପହଞ୍ଚିଛି। ପାର୍ଲାମେଣ୍ଟରେ ପାରିତ ଏହି ବିବାଦୀୟ ଆଇନକୁ ବିରୋଧକରି ରାସ୍ତାକୁ ଓହ୍ଲାଇଥିବା କର୍ମଚାରୀଙ୍କ ଉପରେ ପୋଲିସ ଲୁହବୁହା ବାଷ୍ପ ଓ ବଳ ପ୍ରୟୋଗ କରୁଛି। ଦେଶର ବିଭିନ୍ନ ଭାଗକୁ ହିଂସାତ୍ମକ ଆନ୍ଦୋଳନର ନିଆଁ ବ୍ୟାପିଥିବାବେଳେ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ଚାଇନା ଗସ୍ତ କରିଛନ୍ତି।

# ଚାଇନା ସ୍ୱାର୍ଥରେ, ମାକ୍ରଁ ନିରାଶ

**ଭୂରାଜନୈତିକ ହଟଚମଟ**

▶▶ ରୁଷିଆ ଉପରେ ଚାପ ସୃଷ୍ଟି ଲାଗି ଜିନ୍‌ପିଙ୍ଗଙ୍କୁ ମାକ୍ରଁଙ୍କ ପରାମର୍ଶ

▶▶ ଚାଇନା ରାଷ୍ଟ୍ରପତି କହିଲେ, ଶାନ୍ତି ଆଲୋଚନା ହେଉ

**ବେଜିଂ/ପ୍ୟାରିସ୍/ୱାଶିଂଟନ୍,୬।୪**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଗୁରୁବାର ୟୁକ୍ରେନ୍ ଶାନ୍ତି ଆଲୋଚନା ପାଇଁ ଆହ୍ୱାନ ଦେଇଛନ୍ତି। ବେଜିଂ ଗସ୍ତରେ ଥିବା ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ସହ ଆଲୋଚନା ପରେ ସେ ଏହି ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ଏହି ଅବସରରେ ରୁଷିଆକୁ ବୁଦ୍ଧି ଶିଖାଇ ମସ୍କୋ ଉପରେ ଚାପ ପକାଇବା ପାଇଁ ଜିନ୍‌ପିଙ୍ଗଙ୍କୁ ମାକ୍ରଁ କହିଥିଲେ। କିନ୍ତୁ ଚାଇନା ରାଷ୍ଟ୍ରପତି ସେଭଳି ସଙ୍କେତ ଦେଇ ନ ଥିଲେ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରିପ୍ରେକ୍ଷୀରେ ମସ୍କୋ ସହ ବେଜିଂର ସମ୍ପର୍କ ପୂର୍ବଭଳି ଅତୁଟ ରହିଥିବା ଏଥିରୁ ମନେକରାଯାଉଛି। ଦୁଇନେତାଙ୍କ ମଧ୍ୟରେ ଆଲୋଚନା ପରେ ଜିନ୍‌ପିଙ୍ଗ୍ କହିଥିଲେ, ଯଥାଶ୍ରୀଘ ସମ୍ଭବ ଶାନ୍ତି ଆଲୋଚନା ଆରମ୍ଭ ହେବା ଉଚିତ। ବୈଶ୍ୱିକ ବ୍ୟାପାରରେ ଆମେରିକାକୁ ଦମନ କରିବା ପାଇଁ ମସ୍କୋକୁ ନିଜ ପରମବନ୍ଧୁ ବିବେଚନା କରୁଥିବା ବେଜିଂ ୨୦୨୨ ଫେବୃୟାରୀ ୨୪ରେ ଯୁଦ୍ଧ ଆରମ୍ଭ ହେବା ପରଠୁ ନିରପେକ୍ଷ ରହିବାକୁ ଉଦ୍ୟମ କରିଆସିଥିଲା। କିନ୍ତୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ କୂଟନୈତିକ ସମର୍ଥନ ଦେଇଆସିଥିଲା। ଏଥିଲାଗି ଗତମାସରେ ଜିନ୍‌ପିଙ୍ଗଙ୍କ ରୁଷିଆ ଗସ୍ତ ବେଳେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଗସ୍ତ ଏକଘରିକିଆ ହୋଇଯାଇଥିବା ରୁଷୀୟ ରାଷ୍ଟ୍ରପତିଙ୍କୁ ରାଜନୈତିକ ଉତ୍ସାହ ପ୍ରଦାନ କରିଥିଲା। ଜିନ୍‌ପିଙ୍ଗ୍ ଆହୁରି କହିଥିଲେ, ସବୁ ପକ୍ଷଙ୍କ ବୈଧ ସୁରକ୍ଷା ଚିନ୍ତାକୁ ବିଚାରକୁ ନିଆଯିବା ଉଚିତ। ୟୁରୋପୀୟ ସାମରିକ ମେଣ୍ଟ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପୂର୍ବ ଆଡ଼କୁ ବିସ୍ତାର ଲାଭ କରୁଥିବାରୁ ୟୁକ୍ରେନ୍ ଉପରେ ଆକ୍ରମଣ ଯଥାର୍ଥ ବୋଲି ଯୁକ୍ତି ବାଢୁଥିବା ରୁଷିଆ ପ୍ରତି ଏହାକୁ ଚାଇନାର ନୀରବ ସମର୍ଥନ ରୂପେ ଧରାଯାଇପାରେ। ସରକାରମାନେ ଏପରି କାର୍ଯ୍ୟାନୁଷ୍ଠାନ ନେବାରୁ ନିବୃତ୍ତ ରହିବା ଉଚିତ, ଯାହାକି ଏହି ସଙ୍କଟକୁ ଆହୁରି ଗମ୍ଭୀର କରିପାରେ। ଏପରି କି ରୁଷିଆ-ୟୁକ୍ରେନ୍ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇପାରେ ବୋଲି ଜିନ୍‌ପିଙ୍ଗ୍ କହିଛନ୍ତି। ଏଥିସହ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଖାଦ୍ୟ ଓ ଶକ୍ତି ଯୋଗାଣ ହ୍ରାସ ଏଡ଼ାଇବା ଲାଗି ପାରସ୍ପରିକ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଏହା ପୂର୍ବରୁ ସମସ୍ତଙ୍କୁ ଆଲୋଚନାର ଟେବୁଲକୁ ଆଣି ରୁଷିଆକୁ ଉଚିତ ଶିକ୍ଷା ଦେବା ପାଇଁ ଜିନ୍‌ପିଙ୍ଗଙ୍କୁ ମାକ୍ରଁ ଅନୁରୋଧ କରିଥିଲେ। ମାକ୍ରଁ ୟୁନାଇଟେଡ୍ ନେସନ୍ସ ଚାର୍ଟରକୁ ଚାଇନାର ସମର୍ଥନ ବିଷୟ ରେଖାଙ୍କିତ କରି କହିଥିଲେ, ଏକ ରାଷ୍ଟ୍ରର କ୍ଷେତ୍ରୀୟ ଅଖଣ୍ଡତାକୁ ସମ୍ମାନ ଦିଆଯିବା ଉଚିତ। ବେଲାରୁଷରେ ଆଣବିକ ଅସ୍ତ୍ର ମୁତୟନ କରିବା ନେଇ ପୁଟିନ୍‌ଙ୍କ ଘୋଷଣା ଅନ୍ତର୍ଜାତୀୟ ରାଜିନାମାକୁ ଉଲ୍ଲଂଘନ କରୁଛି ଏବଂ ଜିନ୍‌ପିଙ୍ଗ୍ ସରକାରଙ୍କ ପ୍ରତି ମସ୍କୋର ପ୍ରତିଶ୍ରୁତିବଦ୍ଧତାକୁ ପାଣିରେ ପକାଇଦେଇଛି। ତେଣୁ ସ୍ଥାୟୀ ଶାନ୍ତି ଖୋଜିବାକୁ ପଡ଼ିବ, ଯାହାକି ଚାଇନା, ଫ୍ରାନ୍ସ ଓ ୟୁରୋପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ମାକ୍ରଁ କହିଥିଲେ। ଚାଇନା ହେଉଛି ରୁଷୀୟ ତୈଳ, ଗ୍ୟାସ୍‌ର ସବୁଠୁ ବଡ଼ କ୍ରେତା। ଏଥିଯୋଗୁ ପାଶ୍ଚାତ୍ୟର ତମାମ କଟକଣା ସତ୍ତ୍ୱେ କ୍ରେମ୍ଲିନ୍ ୟୁକ୍ରେନ୍‌ରେ ଯୁଦ୍ଧ ପାଇଁ ଇନ୍ଧନ ପାଉଛି। ଏହା ବଦଳରେ ତାଇୱାନ୍‌କୁ ବଳପୂର୍ବକ ଦଖଲ ଉଦ୍ୟମ ଚଳାଇଥିବା ଚାଇନାକୁ ରୁଷିଆ ସମର୍ଥନ କରୁଛି। ତେଣୁ କିନ୍ତୁ ଜିନ୍‌ପିଙ୍ଗଙ୍କ ଚତୁର ମନ୍ତବ୍ୟ ମାକ୍ରଁଙ୍କୁ ନିରାଶ କରିଛି। ମାକ୍ରଁଙ୍କ ସହ ୟୁରୋପିଆନ୍ କମିଶନ୍ ଅଧ୍ୟକ୍ଷା ଉର୍ସୁଲା ଭୋନ୍ ଡେ ଲେୟେନ୍ ମଧ୍ୟ ଚାଇନା ଗସ୍ତ କରିଛନ୍ତି। ସେପଟେ ତାଇୱାନ୍ ଆକାଶରେ ଚାଇନା ଯୁଦ୍ଧବିମାନ ଉଡ଼ାଇ ଏହି ସ୍ୱାଧୀନ ଦ୍ୱୀପକୁ ଦଖଲ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ତାଇୱାନ୍ ପ୍ରଣାଳୀରେ ଚାଇନା ଏବଂ ଆମେରିକା ଯୁଦ୍ଧବିମାନ ଓ ଯୁଦ୍ଧଜାହାଜ ଚଳାଇ ନିଜ ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହା ପୂର୍ବରୁ ଚାଇନାର କଡ଼ା ଚେତାବନୀକୁ ବେଖାତିର କରି ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥି ବୁଧବାର କାଲିଫର୍ନିଆର ରୋନାଲ୍ଡ ରିଗାନ୍ ପ୍ରେସିଡେନ୍ସିଆଲ ଲିବର୍ଟିରେ ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କୁ ଭେଟିଥିଲେ। ତାଇୱାନ୍ ରାଷ୍ଟ୍ରପତି କହିଥିଲେ, ବର୍ତ୍ତମାନ ଗଣତନ୍ତ୍ର ପ୍ରତି ସଙ୍କଟ ଦେଖାଦେଇଛି। ଆମେ ଶାନ୍ତି ଓ ଗଣତନ୍ତ୍ର ବଜାୟ ରଖିବା ଲାଗି ଯେଉଁ ଉଦ୍ୟମ କରିଛୁ, ତାହା ଅଭୂତପୂର୍ବ ଆହ୍ୱାନକୁ ସାମ୍ନା କରୁଛି। ତାଇୱାନ୍‌କୁ ନିଜ ଭୂଖଣ୍ଡ ବୋଲି ଦାବି କରୁଥିବା ଚାଇନା ଏହି ଗସ୍ତକୁ ସାର୍ବଭୌମତ୍ୱ ପ୍ରତି ବିପଦ ଦର୍ଶାଇ କଡ଼ା ବିରୋଧ କରିଛି।

**ଗଣତନ୍ତ୍ର ପାଇଁ ସଙ୍କଟ ଦେଖାଦେଇଛି: ତାଇୱାନ୍ ରାଷ୍ଟ୍ରପତି**



### ଜାତିସଂଘ ପରିସଂଖ୍ୟାନ କମିଶନକୁ ଭାରତ ନିର୍ବାଚିତ

**ଜାତିସଂଘ, ୬।୪**

ଦୁଇ ଦଶନ୍ଧି ପରେ ଭାରତ ଜାତିସଂଘର ଶୀର୍ଷ ପରିସଂଖ୍ୟାନ ସଂସ୍ଥା ୟୁଏନ୍ ଷ୍ଟାଟିଷ୍ଟିକାଲ କମିଶନକୁ ନିର୍ବାଚିତ ହୋଇଛି। ଏହି ନିର୍ବାଚନ ଅତ୍ୟନ୍ତ ପ୍ରତିଦ୍ୱନ୍ଦ୍ୱିତାମୂଳକ ଥିଲା। ଏସିଆ ପ୍ରଶାନ୍ତ ମହାସାଗରୀୟ ରାଷ୍ଟ୍ର ବର୍ଗ ପାଇଁ ଉଦ୍ଦିଷ୍ଟ ଆଉ ଏକ ଆସନ ପାଇଁ ଚାଇନାକୁ ହରାଇ ଦକ୍ଷିଣ କୋରିଆ ବିଜୟୀ ହୋଇଛି। କମିଶନ ଅଫ୍ ନାର୍କୋଟିକ୍ ଡ୍ରଗ୍ସ ଏବଂ ଏଚ୍‌ଆଇଭି/ଏଡ୍ସ ଉପରେ ଯୁଗ୍ମ ଜାତିସଂଘ କାର୍ଯ୍ୟକ୍ରମ (ୟୁଏନ୍‌ଏଆଇଡିଏସ୍)ର ପ୍ରୋଗ୍ରାମ କୋଅର୍ଡିନେଟିଂ ବୋର୍ଡକୁ ମଧ୍ୟ ଭାରତ ନିର୍ବାଚିତ ହୋଇଛି। ଷ୍ଟାଟିଷ୍ଟିକାଲ କମିଶନ ସଦସ୍ୟତା ପାଇଁ ଅନୁଷ୍ଠିତ ନିର୍ବାଚନରେ ଭାରତକୁ ୫୩ରୁ ୪୬ ଭୋଟ ମିଳିଥିଲା। ଏସିଆ-ପାସିଫିକ୍ ରାଷ୍ଟ୍ରବର୍ଗରୁ ଦୁଇଟି ଆସନ ପାଇଁ ଭାରତ ସହ ଦକ୍ଷିଣ କୋରିଆ, ୟୁଏଇ ଏବଂ ଚାଇନା ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ।

### ଭାଜପାରେ ଏ.କେ. ଆଣ୍ଟୋନିଙ୍କ ପୁଅ

**ନୂଆଦିଲ୍ଲୀ, ୬।୪**



ଅନିଲ ଆଣ୍ଟୋନିଙ୍କୁ ଦଳରେ ସ୍ୱାଗତ କରୁଛନ୍ତି ପିୟୂଷ ଗୋୟଲ।

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏ.କେ. ଆଣ୍ଟୋନିଙ୍କ ପୁଅ ଅନିଲ ଆଣ୍ଟୋନି ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ୨୦୦୨ ଗୁଜରାଟ ଦଙ୍ଗା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିବିସି ଡକ୍ୟୁମେଣ୍ଟାରି ବିବାଦ ପରେ ଗତ ଜାନୁୟାରୀରେ ଅନିଲ କଂଗ୍ରେସ ଛାଡ଼ିଥିଲେ। କେରଳର ଏହି ପୂର୍ବତନ କଂଗ୍ରେସ ନେତାଙ୍କୁ ଭାଜପା ନେତା ପୀୟୂଷ ଗୋୟଲ, ଭି. ମୁରଲୀଧରନ ଏବଂ କେରଳ ଭାଜପା ସଭାପତି କେ. ସୁରେନ୍ଦ୍ରନ୍ ଦଳରେ ସ୍ୱାଗତ କରିଛନ୍ତି। ପ୍ରତ୍ୟେକ କଂଗ୍ରେସ କର୍ମୀ ଗୋଟିଏ ପରିବାର ପାଇଁ କାର୍ଯ୍ୟ କରିବାରେ ବିଶ୍ୱାସ କରନ୍ତି। କିନ୍ତୁ ସେ ଦେଶ ପାଇଁ କାର୍ଯ୍ୟ କରିବାରେ ବିଶ୍ୱାସ କରୁଥିବା ଅନିଲ କହିଛନ୍ତି। ବହୁ ଧ୍ରୁବୀୟ ବିଶ୍ୱରେ ଭାରତକୁ ଅଗ୍ରଣୀ ସ୍ଥାନରେ ରଖିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସ୍ପଷ୍ଟ ବୋଲି ସେ ଖବରଦାତାମାନଙ୍କୁ କହିଛନ୍ତି।

ପୁଅ ଭାଜପାରେ ଯୋଗଦେବା ତାଙ୍କୁ ମର୍ମାହତ କରିଛି ବୋଲି ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଏ.କେ. ଆଣ୍ଟୋନି ପ୍ରତିକ୍ରିୟାରେ କହିଛନ୍ତି। ଦେଶକୁ ଭାଗ ଭାଗ କରିବା ସହ ଗଣତନ୍ତ୍ରର ମୂଳଦୁଆକୁ ଦୁର୍ବଳ କରିଦେବାକୁ ଉଦ୍ୟମ ଚଳାଇଥିବା ଭାଜପା ଏବଂ ଏହାର ଆଦର୍ଶଗତ ଗୁରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ସେ କଦାପି ସମର୍ଥନ କରନ୍ତି ନାହିଁ ଏବଂ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ଏହି ନିଷ୍ପତ୍ତିକୁ ବଜାୟ ରଖିବେ ବୋଲି ଆଣ୍ଟୋନି କହିଛନ୍ତି।

### ଅକ୍ସଫାମ୍‌ରେ ସିବିଆଇ ତଦନ୍ତ ନିର୍ଦ୍ଦେଶ

**ଏଫ୍‌ସିଆର୍‌ଏ ଉଲ୍ଲଂଘନ ଅଭିଯୋଗ**

**ନୂଆଦିଲ୍ଲୀ, ୬।୪**

ଅକ୍ସଫାମ୍ ଦ୍ୱାରା ବିଦେଶୀ ପାଣ୍ଠି ଆଇନ ଉଲ୍ଲଂଘନ ହୋଇଥିବା ଅଭିଯୋଗ ପରେ ଏହାର ସିବିଆଇ ତଦନ୍ତ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ବିଦେଶ ଅନୁଦାନ (ନିୟମାବଳୀ) ସଂଶୋଧନ ଆଇନ (ଏଫ୍‌ସିଆର୍‌ଏ) କାର୍ଯ୍ୟକାରୀ ହେବା ପରେ ମଧ୍ୟ ଅକ୍ସଫାମ୍ ଇଣ୍ଡିଆ ବିଦେଶୀ ମୁଦ୍ରାକୁ ବିଭିନ୍ନ ସଂସ୍ଥାକୁ ସ୍ଥାନାନ୍ତର କରିଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ଉକ୍ତ ଆଇନରେ ବିଦେଶୀ ଅନୁଦାନର ଏଭଳି ସ୍ଥାନାନ୍ତରକୁ ନିଷେଧ କରାଯାଇଛି। ଏଫ୍‌ସିଆର୍‌ଏର ବ୍ୟବସ୍ଥାର ଅକ୍ସଫାମ୍ ଇଣ୍ଡିଆ ଅନ୍ୟ ସହଯୋଗୀ କିମ୍ବା ଲାଭକାରୀ କନ୍‌ସଲ୍‌ଟାନ୍ସି ମାଧ୍ୟମ ଦେଇ ଖସିଯିବା ଲାଗି ଯୋଜନା କରିଥିବା ଆୟକର ବିଭାଗ ସର୍ଭେରୁ ସୂଚନା ମିଳିଛି। ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ପଞ୍ଜୀକୃତ ଅକ୍ସଫାମ୍ ଇଣ୍ଡିଆ ସହଯୋଗୀ ଏବଂ କର୍ମଚାରୀଙ୍କ ଜରିଆରେ ପାଣ୍ଠିକୁ ସେଣ୍ଟର ଫର୍ ପଲିସି ରିସର୍ଚ୍ଚକୁ ପଠାଉଥିଲା।

### କାଲିଫର୍ନିଆରେ ଭାରତୀୟ-ଆମେରିକୀୟଙ୍କ ରାଲି




**ୱାଶିଂଟନ, ୬।୪(ପି.ଟି.)**

**ଜାତିଆଣ ଭେଦଭାବ ବିଲ୍‌କୁ ବିରୋଧ**

ଜାତିଭିତ୍ତିକ ପକ୍ଷପାତକୁ ସ୍ପଷ୍ଟ ଭାବେ ନିଷେଧ ଲାଗି ଆମେରିକାର କାଲିଫର୍ନିଆ ଷ୍ଟେଟ୍ ସିନେଟରେ ଡେମୋକ୍ରାଟିକ୍ ସଦସ୍ୟ ଆଣିଥିବା ବିଲ୍‌କୁ ବିରୋଧ କରି ଶତାଧିକ ଭାରତୀୟ-ଆମେରିକୀୟ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସିନେଟକୁ ନିର୍ବାଚିତ ପ୍ରଥମ ମୁସଲମାନ ତଥା ଆଫଗାନ-ଆମେରିକୀୟ ସଦସ୍ୟ ଐଶା ୱାହେବ ଏହି ବିଲ୍ ମାର୍ଚ୍ଚ ୨୨ରେ ଉପସ୍ଥାପନ କରିଥିଲେ। ଆମେରିକାର ସବୁଠୁ ଜନବହୁଳ ରାଜ୍ୟ କାଲିଫର୍ନିଆ ସିନେଟରେ ଯଦି ଏହା ଗୃହୀତ ହୁଏ, ତେବେ ଜାତିଭିତ୍ତିକ ଭେଦଭାବ ବେଆଇନ ଘୋଷଣା କରିବାରେ ଏହା ଆମେରିକାର ପ୍ରଥମ ରାଜ୍ୟ ହେବ। ଏହାକୁ ବିରୋଧ କରି ଉତ୍ତର ଆମେରିକାର ହିନ୍ଦୁ ମେଣ୍ଟ ଦ୍ୱାରା ଏହି ରାଲିର ଆୟୋଜନ କରାଯାଇଥିଲା। ବିଲ୍ କାର୍ଯ୍ୟକାରୀ ହେଲେ ହିନ୍ଦୁ ଏବଂ ଏସୀୟମାନେ ଦୋଷୀସାବ୍ୟସ୍ତ ହେବା ସହ ସେମାନଙ୍କ ପିଲାମାନେ ଘୃଣା ଓ ଟାର୍ଗେଟର ଶିକାର ହେବେ ବୋଲି ଫ୍ରେମଣ୍ଟ ସିଟି ବାସିନ୍ଦା ହର୍ଷ ସିଂ କହିଛନ୍ତି।

### କକ୍‌ପିଟ୍‌ରୁ ସାପ ବାହାରିବା ପରେ ଜରୁରୀ ଅବତରଣ କଲା ବିମାନ

**ଜୋହାନ୍ସବର୍ଗ, ୬।୪**



ରୁଡୋଲ୍ଫ ଇରାସ୍ମସ

ଆମେରିକାର ୱୋରସେଷ୍ଟରରୁ ନେଲ୍‌ସପ୍ରୁଟକୁ ସୋମବାର ଉଡାଣ ଭରିଥିବା କ୍ଷୁଦ୍ର ଏୟାରକ୍ରାଫ୍ଟର କକ୍‌ପିଟ୍‌ରୁ ନାଗସାପ ବାହାରିବା ପରେ ପାଇଲଟ ସତର୍କତାର ସହ ବିମାନର ଜରୁରୀ ଅବତରଣ କରି ଚର୍ଚ୍ଚାକୁ ଆସିଛନ୍ତି। ଦକ୍ଷିଣ ଆଫ୍ରିକୀୟ ପାଇଲଟ୍ ରୁଡୋଲ୍ଫ ଇରାସ୍ମସ୍‌ଙ୍କୁ ନିଜ ବୁଦ୍ଧିମତ୍ତା ପାଇଁ ଲୋକେ ପ୍ରଶଂସା କରିବାରେ ଲାଗିଛନ୍ତି। ବିମାନରେ ମୋଟ ୪ ଜଣ ଯାତ୍ରୀଥିବାବେଳେ ପାଇଲଟ୍‌ଙ୍କ ପଛପାଖ ସିଟ୍‌ରେ କେପ୍ କୋବ୍ରା ଦେଖିଥିଲେ। ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ପାଇଲଟ୍ ବିମାନର ଜରୁରୀ ଅବତରଣ କରିଥିବା କହିଛନ୍ତି। ରବିବାର ମଧ୍ୟାହ୍ନରେ ୱୋରସେଷ୍ଟର ଏୟାର ଫିଲ୍ଡରେ ବିମାନ ୱିଙ୍ଗତଳେ ବିମାନ କର୍ତ୍ତୃପକ୍ଷ ସାପଟିକୁ ଦେଖିଥିଲେ। ସାପକୁ ଧରିବା ପାଇଁ ଚେଷ୍ଟା କରିବା ପରେ ସେ ଇଞ୍ଜିନ୍ କାଓଲିଙ୍ଗରେ ପଶିଯାଇଥିଲା। କର୍ତ୍ତୃପକ୍ଷ ଇଞ୍ଜିନ୍ କାଓଲିଙ୍ଗ ଖୋଲି ଦେଖିବା ପରେ ସାପ ସେଠାରେ ମିଳି ନ ଥିଲା। ସୋମବାର ବିମାନଟି ଜରୁରୀ ଅବତରଣ କରିବା ପରେ ବିମାନ କର୍ତ୍ତୃପକ୍ଷ ସାପଟିକୁ ଖୋଜିଥିଲେ ସୁଦ୍ଧା ତାକୁ ପାଇ ନ ଥିଲେ।

### ମୁଦ୍ରାସ୍ଫୀତି ଲକ୍ଷ୍ୟ ୫.୨%କୁ ହ୍ରାସ କଲା ଆର୍‌ବିଆଇ

**ନୂଆଦିଲ୍ଲୀ, ୬।୪**



ଜଳବାୟୁ ସ୍ଥିତିର ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ୨୦୨୪ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ହାର ୫.୨ ପ୍ରତିଶତ ରହିବ ବୋଲି ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆକଳନ କରିଛି। ଗତ ଫେବୃୟାରୀ ମୁଦ୍ରାନୀତି ଘୋଷଣା ବେଳେ ମୁଦ୍ରାସ୍ଫୀତି ହାର ୫.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ଏହାକୁ ୫.୨ ପ୍ରତିଶତକୁ ହ୍ରାସ କରାଯାଇଛି। ତେବେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କ୍ରମାଗତ ମୂଲ୍ୟ ଅପରିବର୍ତ୍ତିତ ରହିବା, ପ୍ରତିକୂଳ ଜଳବାୟୁ ସ୍ଥିତି ଏବଂ ବିଶ୍ୱ ବଜାରରେ ବିଭିନ୍ନ ସାମଗ୍ରୀର ଦରକୁ ନେଇ ଚିନ୍ତା ପ୍ରକଟ କରିଥିଲେ।

ରବି ଫସଲ ଉତ୍ପାଦନ ଭଲ ହେବ ବୋଲି ଆଶା କରାଯାଉଥିବାରୁ ଖାଦ୍ୟଶସ୍ୟ ଦର ହ୍ରାସ ପାଇବ। ତେବେ ଗ୍ରୀଷ୍ମଋତୁରେ ଯୋଗାଣଠାରୁ ଚାହିଦା ଅଧିକ ରହିବା ସହ ଗୋଖାଦ୍ୟ ଦର ବୃଦ୍ଧି ଯୋଗୁ କ୍ଷୀର ଦର ଉଚ୍ଚା ରହିବ ବୋଲି ଆର୍‌ବିଆଇ କହିଛି। ତୈଳ ରପ୍ତାନିକାରୀ ରାଷ୍ଟ୍ରଗୁଡ଼ିକ(ଓପେକ୍) ଉତ୍ପାଦନ ହ୍ରାସ କରିବା ଲାଗି ହଠାତ୍ ଘୋଷଣା କରିବା ଫଳରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଅଶୋଧିତ ତୈଳ ବ୍ୟାରେଲ ପ୍ରତି ବାର୍ଷିକ ହାରାହାରି ଦର ୮୫ ବିଲିୟନ ଡଲାର ରହିବ ବୋଲି ଆକଳନ କରାଯାଇଛି। ତେବେ ଯଦି ମୌସୁମୀ ସ୍ୱାଭାବିକ ହୁଏ, ତେବେ ଚଳିତ ଆର୍ଥିକ ବର୍ଷରେ ମୁଦ୍ରାସ୍ଫୀତି ୫.୨ ପ୍ରତିଶତରେ ସୀମିତ ରହିବ ବୋଲି ଆର୍‌ବିଆଇ ଗଭର୍ନର କହିଛନ୍ତି। ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ଆର୍ଥିକ ବର୍ଷ ଲାଗି ବାର୍ଷିକ ଖୁଚୁରା ମୁଦ୍ରାସ୍ଫୀତି ୬.୫ ପ୍ରତିଶତ ପୂର୍ବାନୁମାନ କରାଯାଇଥିଲା।




# ଏସ୍‌ବିଆଇ ଡେପୁଟି ମ୍ୟାନେଜର ଗିରଫ

**ଭୁବନେଶ୍ୱର (ବ୍ୟୁରୋ)/ ଫୁଲବାଣୀ ଅଫିସ, ୬।୪**

ଜାଲ୍ ଦସ୍ତାବିଜ୍ ଜରିଆରେ ଷ୍ଟେଟ୍‌ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଫୁଲବାଣୀ ଶାଖାରୁ ୮ କୋଟି ୧ ଲକ୍ଷ ୮୭ ହଜାର ଟଙ୍କାର ଋଣ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ବୁଧବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ବ୍ରାଞ୍ଚର ଡେପୁଟି ମ୍ୟାନେଜର ତଥା ଫିଲ୍ଡ ଅଫିସର ଆଶୁତୋଷ ଆଚାର୍ଯ୍ୟ। ତାଙ୍କୁ ଗୁରୁବାର ଫୁଲବାଣୀ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଆଶୁତୋଷ ୨୦୨୧ରୁ ୨୦୨୨ ମଧ୍ୟରେ ବ୍ୟାଙ୍କ ନିୟମକୁ ଉଲ୍ଲଂଘନ କରି ଏହି ଠକେଇ କରିଥିଲେ। ସେ ଜାଲ୍ ଦସ୍ତାବିଜ ଜରିଆରେ ଚାକିରି କରି ନ ଥିବା ବିଭିନ୍ନ ଲୋକଙ୍କ ନାଁରେ ୫୯ଟି ଏକ୍ସପ୍ରେସ କ୍ରେଡିଟ୍ ଲୋନ କରିଥିଲେ, ଯାହାର ପରିମାଣ ୬ କୋଟି ୭୭ ଲକ୍ଷ ୩୦ ହଜାର ଟଙ୍କା ଥିଲା। ସେହିପରି ସେ ଜାଲ୍ କାଗଜପତ୍ର ଜରିଆରେ ପେନସନ୍ ପାଉ ନ ଥିବା ବିଭିନ୍ନ ଲୋକଙ୍କ ନାଁରେ ୨୬ଟି ପେନସନ୍ ଲୋନ୍ କରିଥିଲେ।

**୮ କୋଟି ଋଣ ଠକେଇ**

- ମୃତ ବାପା, ମା, ଶ୍ୱଶୁରଙ୍କ ନାଁରେ ମଧ ପେନ୍‌ସନ୍ ଲୋନ କରିଥିଲେ
- ଅଡିଟ୍‌ରୁ ଜଣାପଡ଼ିବା ପରେ ରିଜିଓନାଲ୍ ମ୍ୟାନେଜର ଏତଲା ଦେଇଥିଲେ
- ଋଣ ଟଙ୍କାରେ ବ୍ୟବସାୟ, ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇପାରେ ଇଓଡବ୍ଲ୍ୟୁ


ଆଶୁତୋଷ ଆଚାର୍ଯ୍ୟ

ଏହି ଋଣଗୁଡ଼ିକର ପରିମାଣ ୯୯ ଲକ୍ଷ ୮୨ ହଜାର ୭୯୫ ଟଙ୍କା ଥିଲା। ଏପରିକି ଅଭିଯୁକ୍ତ ଆଶୁତୋଷ ତାଙ୍କ ମୃତ ବାପା, ମା' ଓ ଶ୍ୱଶୁରଙ୍କ ନାଁରେ ମଧ ପେନ୍‌ସନ୍ ଲୋନ କରିଥିଲେ। ଏହି ଲୋନଗୁଡ଼ିକ ପାଇଁ ପରବର୍ତ୍ତୀ ସମୟରେ ଆଶୁତୋଷ ନିଜେ ମଧ କିଛି ଇଏମଆଇ ଦେଇଥିଲେ। ତେବେ ଅଡିଟ୍ ବେଳେ ଏହି ବଡ଼ ଠକେଇ ସଂକ୍ରାନ୍ତରେ ଜଣାପଡ଼ିବା ପରେ ଏସ୍‌ବିଆଇର ରିଜିଓନାଲ ମ୍ୟାନେଜର ଇଓଡବ୍ଲ୍ୟୁ ନିକଟରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଏ ନେଇ ମାର୍ଚ୍ଚ ୩ରେ ଏକ ମାମଲା (ନଂ.୧୪/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଜଣାପଡ଼ିଛି, ଆଶୁତୋଷ ନିଜେ ହିଁ ବିଭିନ୍ନ ଜାଲ୍ ଦସ୍ତାବିଜ ଜରିଆରେ ଲୋକଙ୍କ ନାଁରେ ଲୋନ କରାଇଥିଲେ। ପରବର୍ତ୍ତୀ ସମୟରେ ଲୋନ ଯାଇଥିବା ବ୍ୟାଙ୍କରୁ ଆଶୁତୋଷ ନିଜ ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍ କରିଥିଲେ। ପରେ ଏହି ଟଙ୍କାକୁ ସେ ବ୍ୟବସାୟରେ ଲଗାଇଥିଲେ। ତେବେ ଆଶୁତୋଷଙ୍କ ସହ ଅନ୍ୟ କେତେଜଣ ବ୍ୟକ୍ତି ଏହି ଠକେଇ ମାମଲାରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେଣୁ ତାଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବାକୁ ଇଓଡବ୍ଲ୍ୟୁ ପକ୍ଷରୁ ଯୋଜନା କରାଯାଉଥିବା ସୂଚନା ମିଳିଛି।

# ବ୍ୟବସାୟୀଙ୍କୁ ୪୦ଲକ୍ଷ ମୁଣ୍ଡଜାମିନ

## ଷ୍ଟେଶନ ଛକରୁ ଉଦ୍ଧାର, ଅପହରଣକାରୀ ଗିରଫ

**ବାଲେଶ୍ୱର ଅଫିସ, ୬।୪**

ଝାରସୁଗୁଡ଼ାରେ ଟଙ୍କା ପାଇଁ ଜଣେ ନାବାଳକଙ୍କୁ ଅପହରଣ ପରେ ହତ୍ୟା ଘଟଣା ମନରୁ ନ ଲିଭୁଣୁ ଏବେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱର ନିକଟରୁ ବୁଧବାର ଜଣେ ବ୍ୟବସାୟୀଙ୍କୁ ଦୁର୍ବୃତ୍ତମାନେ ଅପହରଣ କରି ୪୦ଲକ୍ଷ ଟଙ୍କା ମୁଣ୍ଡଜାମିନ ରଖିଥିଲେ। ଏଥିରେ ତାଙ୍କ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ସ୍ୱାମୀଙ୍କ ଜୀବନ ବଞ୍ଚାଇବା ଲାଗି ତାଙ୍କ ସ୍ତ୍ରୀ ୫ଲକ୍ଷ ଟଙ୍କା ଓ ୩ଟି ଚେକ୍ ଦେଇଥିଲେ। ଏହାପରେ ମଧ ଅପହରଣକାରୀ ତାଙ୍କ ସ୍ୱାମୀଙ୍କୁ ନ ଛାଡ଼ିବାରୁ ସେ ତାଳସାରୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣା ସମ୍ପର୍କରେ ଏସ୍‌ପି ସାଗରିକା ନାଥ ଜାଣିବା ପରେ ତୁରନ୍ତ ଅପହରଣକାରୀଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଳମ୍ବିତ ରାତିରେ ସହଦେବଖୁଣ୍ଟା ପୋଲିସ ବାଲେଶ୍ୱର ଷ୍ଟେଶନ ଛକରୁ ଅପହୃତ ବ୍ୟବସାୟୀଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ସୁମନ ଦେଙ୍କୁ ଗିରଫ କରିଛି। ତାଙ୍କଠାରୁ ସମସ୍ତ ଟଙ୍କା ଓ ଚେକ୍ ଉଦ୍ଧାର କରାଯାଇଛି। ଅପହୃତ ବ୍ୟବସାୟୀ ହେଲେ ବସ୍ତା ଅଞ୍ଚଳର ଶିବାନନ୍ଦ ପାତ୍ର। ଅପହରଣକାରୀ ସୁମନଙ୍କ ଘର ବାଲେଶ୍ୱର ଟାଉନଥାନା ଅଧୀନ ବାରବାଟୀ ଅଞ୍ଚଳରେ। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ନାଥ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ଶିବାନନ୍ଦଙ୍କୁ ଚନ୍ଦନେଶ୍ୱର ଅଞ୍ଚଳରୁ ଏକ କାର୍‌ରେ ଅପହରଣ କରାଯିବା ପରେ ୪୦ଲକ୍ଷ ଟଙ୍କା ଦେବା ପାଇଁ ତାଙ୍କ ସ୍ତ୍ରୀଙ୍କ ନିକଟକୁ ଫୋନ୍ କଲ୍ ଆସିଥିଲା। ୫ଲକ୍ଷ ଟଙ୍କା ଓ ଚେକ୍ ଦେବା ପରେ ଅପହରଣକାରୀ ଶିବାନନ୍ଦଙ୍କୁ ନ ଛାଡିବାରୁ ତାଙ୍କ ସ୍ତ୍ରୀ ତାଳସାରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ତାଳସାରୀ ଥାନାରେ ମାମଲା (ନଂ. ୩୨/୨୩) ରୁଜୁ କରାଯାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ତାଳସାରୀ ଥାନା ଅଧିକାରୀ ଚମ୍ପାବତୀ ସୋରେନ ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ଟ୍ରାକ କରି ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକଙ୍କ ସହଯୋଗରେ ବୁଧବାର ବିଳମ୍ବିତ ରାତ୍ରିରେ ବାଲେଶ୍ୱର ଷ୍ଟେଶନ ଛକ ନିକଟରୁ ଅଭିଯୁକ୍ତଙ୍କୁ ଗିରଫ କରି ଅପହୃତ ବ୍ୟବସାୟୀଙ୍କୁ ଉଦ୍ଧାର କରିଥିଲେ। ବ୍ୟବସାୟୀଙ୍କୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର ପରେ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଛି। ଘଟଣାରେ କେତେଜଣ ସମ୍ପୃକ୍ତ ଅଛନ୍ତି, କେଉଁଥିପାଇଁ ଅପହରଣ କରାଯାଇଛି, ଅପହରଣ ପଛରେ ପ୍ରକୃତ ରହସ୍ୟ କ'ଣ ରହିଛି ଭଳି ଦିଗକୁ ଲକ୍ଷ୍ୟ ରଖି ପୋଲିସ ତଦନ୍ତ ଜାରି ରଖିଥିବା ଏସ୍‌ପି ସାଗରିକା ନାଥ ଗୁରୁବାର ସୋର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅପହରଣ ଘଟଣା ଜଣାପଡ଼ିବା ପରେ ସାଇବର ଥାନା ଓ ତାଳସାରୀ ଥାନାକୁ ନେଇ ଦୁଇଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ ମୟୂରଭଞ୍ଜ ଓ ଅନ୍ୟଟି ବାଲେଶ୍ୱର ଅଞ୍ଚଳରେ ତଦନ୍ତ ଆରମ୍ଭ କରିଥିଲା।

# ବଦଳିଲେ ଝାରସୁଗୁଡ଼ା ଜିଲାପାଳ


ଆବୋଲି ସୁନୀଲ ନରୱଣେ

**ଭୁବନେଶ୍ୱର,୬।୪(ବ୍ୟୁରୋ)**

ଝାରସୁଗୁଡ଼ା ଉପନିର୍ବାଚନ ପୂର୍ବରୁ ଜିଲାପାଳଙ୍କୁ ବଦଳି କରାଯାଇଛି। ଝାରସୁଗୁଡ଼ାର ବର୍ତ୍ତମାନ ଜିଲାପାଳ ସରୋଜ କୁମାର ସାମଲଙ୍କୁ ଗୁରୁବାର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଆଇଏଏସ୍ ଅଫିସର ଆବୋଲି ସୁନୀଲ ନରୱଣେଙ୍କୁ ନୂଆ ଜିଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ନରୱଣେ ଏବେ ସୁବର୍ଣ୍ଣପୁର ଜିଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କୁ ତୁରନ୍ତ ଦାୟିତ୍ୱ ନେବାକୁ କୁହାଯାଇଛି।

# ଖେଳୁଥିବା ବେଳେ ପିଇଦେଲେ କୀଟନାଶକ

## ଗୁରୁତର ୪ ଶିଶୁ ଡାକ୍ତରଖାନାରେ ଭର୍ତ୍ତି

**ତିହିଡ଼ି, ୬।୪(ଡି.ଏନ.ଏ.)**

ସାମାନ୍ୟ ଅବହେଳାରୁ ବିଲରେ ପଡ଼ିଥିବା କୀଟନାଶକ ପିଇ ୪ପିଲାଙ୍କ ଜୀବନ ଏବେ ସଙ୍କଟାପନ୍ନ। ଏଭଳି ଏକ ଘଟଣା ଘଟିଛି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଝିଙ୍କିରିଆ ଗ୍ରାମରେ। ଜଣେ ଚାଷୀ ବିଲରେ କୀଟନାଶନ ବୋତଲ ଛାଡ଼ି ଦେବାପରେ ଏହାକୁ ନିକଟରେ ଖେଳୁଥିବା ୪ଜଣ ପିଲା ପିଇ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁସାରେ, ଗୁରୁବାର ମଧ୍ୟାହ୍ନରେ ତିହିଡ଼ି ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ଗଣେଶ ମହାଳିକଙ୍କ ପୁଅ ବଜରଙ୍ଗୀ(୪) ଓ ଝିଅ ଗୁଡି(୨), ମୃତ୍ୟୁଞ୍ଜୟ ବେହେରାଙ୍କ ପୁଅ ରୁଦ୍ରନାରାୟଣ(୪) ଓ ଚରମ୍ପାରୁ ଆସିଥିବା ତାଙ୍କ ସମ୍ପର୍କୀୟ ବ୍ରାହ୍ମୀସ୍ୱରୂପା ଦାସ(୨) ସାଙ୍ଗ ହୋଇ ଘର ପାଖ ବିଲରେ ଖେଳୁଥିଲେ। ବିଲରେ ଉକ୍ତ ଗ୍ରାମର ଜଣେ ଚାଷୀ କୀଟନାଶକ ଥିବା ଏକ ବୋତଲକୁ ଫିଙ୍ଗି ଦେଇଥିଲେ। ଖେଳୁଥିବା ସମୟରେ ଶିଶୁମାନେ ବିଲରେ ଉକ୍ତ ବୋତଲ ଆଣି ସମସ୍ତେ ପିଇ ଦେଇଥିଲେ। କିଛି ସମୟ ପରେ ସେମାନେ ଅସୁସ୍ଥ ଅନୁଭବ କରିବା ସହ ସେମାନଙ୍କ ପାଟିରୁ ବାସ୍ନା ଆସିବାରୁ ପରିବାର ଲୋକେ ପିଲାମାନଙ୍କୁ ପ୍ରଥମେ ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ପିଲାମାନେ ସାମାନ୍ୟ ସୁସ୍ଥ ହୋଇଥିବାବେଳେ ସେମାନଙ୍କୁ ନିରୀକ୍ଷଣରେ ରଖାଯାଇଛି। ଶୁକ୍ରବାର ସକାଳେ ପରୀକ୍ଷା କରାଯାଇ ଡିସ୍‌ଚାର୍ଜ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି।


ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଶିଶୁ ଓ ସେମାନଙ୍କ ମା' ବାପା।

# ବିଲ ମଝିରୁ ଚାଷୀଙ୍କ ମୃତଦେହ ଜବତ

ବାଲିଆପାଳ, ୬।୪(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ସାରପଞ୍ଝା ଗ୍ରାମରେ ଗୁରୁବାର ଅପରାହ୍ନରେ ବିଲ ମଝିରୁ ଜଣେ ଚାଷୀଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ବଡ଼ାଶ ପଞ୍ଚାୟତର ସାରପଞ୍ଝା ଗ୍ରାମର ଭାସ୍କର ମାଝି(୬୫)। ଭାସ୍କରଙ୍କ ପୁଅ ପ୍ରଶାନ୍ତଙ୍କ କହିବା ମୁତାବକ ପୂର୍ବାହ୍ନରେ ତାଙ୍କ ବାପା ଭାସ୍କର ବିଲକୁ କୀଟନାଶକ ଔଷଧ ସଞ୍ଚନ କରିବାକୁ ଯାଇଥିଲେ। ମାତ୍ର ସେ ମଧ୍ୟାହ୍ନ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପ୍ରଶାନ୍ତଙ୍କ ମା' ବ୍ୟସ୍ତ ହୋଇ ପୁଅକୁ ଖବର ଦେଇଥିଲେ। ପ୍ରଶାନ୍ତ କାମରୁ ଫେରି ସାଙ୍ଗମାନଙ୍କୁ ନେଇ ବାପାଙ୍କୁ ବହୁ ଖୋଜାଖୋଜି କରିବା ପରେ ବିଲ ମଝିରୁ କୀଟନାଶକ ସିଞ୍ଚନ ଯନ୍ତ୍ର ସହିତ ମୁହଁ ମାଡ଼ି ତଳେ ପଡ଼ିଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସାଙ୍ଗମାନଙ୍କ ସହଯୋଗରେ ବାପାଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଭାସ୍କରଙ୍କ ହାତ ଓ ପିଠିରେ ଚର୍ମ ଉଠି ଯାଇ ବଡ଼ ବଡ଼ କ୍ଷତ ହୋଇଥିବା ଦେଖିବାକୁ ମିଳିଛି। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜଣାପଡିଛି।

# ୫ ବର୍ଷୀୟା ଦିବ୍ୟାଙ୍ଗ ଶିଶୁକନ୍ୟାଙ୍କୁ ବଳାତ୍କାର

## ଭୁବନ ଅଞ୍ଚଳରେ ଚାଞ୍ଚଲ୍ୟ, ଅଭିଯୁକ୍ତ ଫେରାର

**ଭୁବନ, ୬।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ଅଞ୍ଚଳର ଜଣେ ୫ ବର୍ଷୀୟା ମାନସିକ ଅନଗ୍ରସର ଦିବ୍ୟାଙ୍ଗ ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ନୃଶଂସକାଣ୍ଡ ଘଟାଇଥିବା ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ମା' ଆଗରେ ଦୋଷ ସ୍ୱୀକାର କରିଛନ୍ତି। ତେବେ ପୋଲିସ ଗିରଫ କରିବା ପୂର୍ବରୁ ସେ ଫେରାର ହୋଇଯାଇଛନ୍ତି। ଏହି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏ ସଂକ୍ରାନ୍ତରେ ଭୁବନ ଥାନାରେ ନଂ. ୧୧୪/୨୩ ଅନୁଯାୟୀ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ ତଦନ୍ତ ଚଳାଇଛି।

ଏତଲାରେ ଦର୍ଶାଯାଇଛି, ଗୁରୁବାର ସକାଳ ସାଢ଼େ ୬ଟାରେ ଶିଶୁକନ୍ୟାଙ୍କ ମା' ଘରଠାରୁ ଅଳ୍ପ ଦୂରରେ ଥିବା ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ଟିପିଲେଇ ଗ୍ରାମର ବାବୁଲା ବିଦ୍ଧାଣି (୪୫) ରାସ୍ତାରେ ତାଙ୍କୁ ଭେଟିଥିଲେ। ପରିଚିତ ହୋଇଥିବାରୁ କାହିଁକି ଝିଅଙ୍କୁ ଏକୁଟିଆ ଘରେ ଛାଡ଼ିକରି ଆସିଛ ବୋଲି କହିଥିଲେ। କିଛି ସମୟ ପରେ ମହିଳା ଜଣକ ଘରକୁ ଆସିବା ବେଳକୁ ତାଙ୍କ ଝିଅକୁ ବାବୁଲା ବଳାତ୍କାର କରୁଥିବା ଦେଖିଥିଲେ। କାରନାମା ଧରାପଡ଼ିଯାଇଥିବାରୁ ବାବୁଲା ସବୁ ସତ ମାନିଯାଇଥିଲେ ଏବଂ ଘଟଣାସ୍ଥଳରୁ ପଳାଇଥିଲେ। ତେବେ ପୀଡ଼ିତାଙ୍କ ପରିବାର ସଦସ୍ୟ ଫାଣ୍ଡିରେ ଅଭିଯୋଗ କରିବାକୁ ଯାଉଥିବାବେଳେ ଅଭିଯୁକ୍ତ ସେମାନଙ୍କୁ ରାସ୍ତାରେ ଅଟକାଇ ଧମକଚମକ ଦେଇଛନ୍ତି। ଏଭଳି ଅମାନୁଷିକ କାର୍ଯ୍ୟ କରିଥିବା ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଶିଶୁକନ୍ୟାଙ୍କ ମା' ଦାବି କରିଛନ୍ତି।

ମାନସିକ ଅନଗ୍ରସର ହୋଇଥିବାରୁ ପୀଡ଼ିତା ଜଣକ ପୋଲିସ ଆଗରେ କିଛି କହିପାରୁନାହାନ୍ତି। ସମ୍ପୃକ୍ତ ପରିବାର ଅନୁସୂଚିତ ଜାତି ବର୍ଗର ହୋଇଥିବାରୁ ଏହି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇଛି। କାମାକ୍ଷାନଗର ଏସ୍‌ଡିପିଓ ରଞ୍ଜନ କୁମାର ଦେଙ୍କ ନେତୃତ୍ୱରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ଏସ୍‌ଡିପିଓ କୁହନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ଶିଶୁକନ୍ୟାର ଡାକ୍ତରୀମାଇନା କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତ ଧରାପଡ଼ିବେ।



ଗୁରୁବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ଅନ୍ତର୍ଜାତୀୟ କଟକ ବୈଶାଖୀ ବାଣିଜ୍ୟ ମେଳାର ମୁଖ୍ୟ ତୋରଣ ଭାଙ୍ଗିପଡ଼ିଛି।

# ଚୌଦ୍ୱାରରୁ ଜର୍ମାନୀ ଯିବେ ସାଇମୀନାକ୍ଷୀ

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ଥାଙ୍ଗାଭେଲ ଦମ୍ପତି

**କଟକ ଅଫିସ, ୬।୪**

କଟକ ଜିଲା ଚୌଦ୍ୱାରରୁ ଜର୍ମାନୀ ଯିବେ ସାଇମୀନାକ୍ଷୀ। ଜର୍ମାନୀର ଥାଙ୍ଗାଭେଲ ଦମ୍ପତି ଅନାଥ ଶିଶୁକନ୍ୟା ସାଇମୀନାକ୍ଷୀଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଫଳରେ ସାଇମୀନାକ୍ଷୀଙ୍କ ନୂଆ ଠିକଣା ହୋଇଛି ଜର୍ମାନୀର ଲଣ୍ଡୌଏର ଷ୍ଟ୍ରାବେ-୧୦୦। ଏଥିସହ ସାଇମୀନାକ୍ଷୀ ମାତାପିତା, ପରିବାର, ଆବାସ ପାଇବା ସହ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିଚୟ ପାଇପାରିଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଶିଶୁକନ୍ୟା ହସ୍ତାନ୍ତର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଜିଲାପାଳ ଉପରୋକ୍ତ କଥା କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜର୍ମାନୀର ଦମ୍ପତି ସର୍ଭାନନ ସର୍ଭାରନ ଥାଙ୍ଗାଭେଲ ଏବଂ ସୁଭାଷିନୀ ମୁନିଆସାମୀ ଯୋଗଦେଇ ସାଇମୀନାକ୍ଷୀଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଥିଲେ। ଏହି ଅବସରରେ ଥାଙ୍ଗାଭେଲ ଦମ୍ପତି କହିଥିଲେ, ସାଇମୀନାକ୍ଷୀ ସେମାନଙ୍କୁ ଖୁବ୍ ଭଲପାଉଛି। ସେମାନେ ମଧ ତାଙ୍କୁ ଭଲ ପାଉଛନ୍ତି। ସାଇମୀନାକ୍ଷୀଙ୍କ ନୂତନ ଜୀବନ ଯାତ୍ରାରେ ଜିଲାପାଳ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ, ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହଯୋଗ ଓ ଆଶୀର୍ବାଦ ଏକ ନୂତନ ପ୍ରେରଣା ବୋଲି ସେମାନେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ଜୁନ୍ ୨୮ରେ ସାଇମୀନାକ୍ଷୀ ଜନ୍ମଗ୍ରହଣ କରିଥିଲେ। ଏହାପରେ ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ଚୌଦ୍ୱାରସ୍ଥିତ ସର୍ଭ୍ୟାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟିକୁ ଜୁଲାଇ ୧୨ରେ ତାଙ୍କୁ ହସ୍ତାନ୍ତର କରାଯାଇଥିଲା। ଉକ୍ତ ଶିଶୁକନ୍ୟାଙ୍କୁ ଅକ୍ଟୋବର ୨୬ରେ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ପାଇଁ ଜିଲା ଶିଶୁ କଲ୍ୟାଣ ସମିତି ଅନୁମତି ଦେଇଥିଲେ। ଏହାପରେ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସଂସାଧନ ସଂସ୍ଥା ଚଳିତବର୍ଷ ଜାନୁୟାରୀ ୨ରେ ବିନା ଆପତ୍ତିରେ ଜର୍ମାନୀର ଦମ୍ପତିଙ୍କୁ ଶିଶୁକନ୍ୟାକୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିବା ନିମନ୍ତେ ଅନୁମତି ଦେଇଥିଲା। ଇତିମଧ୍ୟରେ ସାଇମୀନାକ୍ଷୀଙ୍କ ପାସ୍‌ପୋର୍ଟ ନିମନ୍ତେ ଭୁବନେଶ୍ୱର ପାସ୍‌ପୋର୍ଟ କାର୍ଯ୍ୟାଳୟକୁ ଆବେଦନ କରାଯାଇଛି। ଏଥିସହ ଭିସା ଉପଲବ୍ଧ କରିବା ପାଇଁ ଦିଲ୍ଲୀରେ ପ୍ରକ୍ରିୟା ଜାରି ରହିଛି ବୋଲି ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଉପସ୍ଥିତିରେ ଥାଙ୍ଗାଭେଲ ଦମ୍ପତି ସାଇମୀନାକ୍ଷୀଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଛନ୍ତି।

# ଦିନରେ ଖରା, ଅପରାହ୍ନରେ ଝଡ଼ବର୍ଷା

**ଭୁବନେଶ୍ୱର,୬।୪(ବ୍ୟୁରୋ)**

**୫ ସହର ତାପମାତ୍ରା ୩୯ ଡିଗ୍ରୀ ଟପିଲା**

**ଆସନ୍ତା ଦୁଇଦିନ ଝଡ଼ବର୍ଷା ଆଶଙ୍କା, ୟେଲୋ ୱାର୍ନିଂ ଜାରି**

ରାଜ୍ୟରେ ଗତ ୨ରୁ ୩ ଦିନ ଧରି ତାତି ବଢ଼ିବାରେ ଲାଗିଛି। ପାଗ ଶୁଷ୍କ ରହିବା ସହ ତାପମାତ୍ରା ବୃଦ୍ଧିପାଇଛି। ଗୁରୁବାର ରାଜ୍ୟର ୨୮ ସହରରେ ପାରଦ ସ୍ୱାଭାବିକଠାରୁ ଅଧିକ ରେକର୍ଡ ହୋଇଥିବାବେଳେ ୧୧ ସହରରେ ପାରଦ ସ୍ୱାଭାବିକଠାରୁ ତଳେ ରହିଥିଲା। ୪ ସହରରେ ପାରଦ ୩୯ ଡିଗ୍ରୀ ତଥା ତା'ଠୁ ଅଧିକ ରେକର୍ଡ କରାଯାଇଛି। ଅନ୍ୟପଟେ ଅପରାହ୍ନରେ ଭୁବନେଶ୍ୱର ସମେତ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ନୂଆପଡ଼ା, କେନ୍ଦୁଝର, ଢେଙ୍କାନାଳ, କଟକ, କଳାହାଣ୍ଡି, ବଲାଙ୍ଗୀର, ଯାଜପୁର ଓ ଅନୁଗୋଳରେ ଝଡ଼ ସହ ପ୍ରବଳ ବର୍ଷା ହୋଇଛି। କଟକରେ ୪.୨ ମିମି, ଭୁବନେଶ୍ୱରରେ ୦.୧ ମିମି, କେନ୍ଦୁଝରରେ ୧ ମିମି, ଯାଜପୁରରେ ୧.୨ ମିମି, ନବରଙ୍ଗପୁରରେ ୧.୪ ମିମି, ଜଗତସିଂହପୁରରେ ୩.୩ ମିମି ଏବଂ କେନ୍ଦ୍ରାପଡ଼ାରେ ୧.୨ ମିମି ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୪ରୁ ୫ଦିନ ମଧ୍ୟରେ ପାରଦ ୧ରୁ ୨ଡିଗ୍ରୀ ଯାଏ ବଢ଼ିପାରେ। ଆସନ୍ତା ସପ୍ତାହ ସାରା ରାଜ୍ୟକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ମୁଖ୍ୟ ଏଚ.ଆର୍. ବିଶ୍ୱାସ କହିଛନ୍ତି।

ଶୁକ୍ରବାର ରାଜ୍ୟର ସମସ୍ତ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ୱାର୍ନିଂ ଦେଇଛି। ଗଜପତି, ଗଞ୍ଜାମ, ରାୟଗଡ଼ା ଓ କନ୍ଧମାଳ ଜିଲାରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ନେଇ ନେଇ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଘଣ୍ଟା ପ୍ରତି ପବନର ବେଗ ୪୦କିମି ଯାଏ ରହିବ। ସମୟ ସମୟରେ ଝଟକା ପବନ ୫୦ କିମି ଯାଏ ରହିବା ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି। ସେହିପରି ଶନିବାର ମଧ ରାଜ୍ୟରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ୟେଲୋ ୱାର୍ନିଂ ଜାରି କରିଛି। ରବିବାରଠାରୁ ରାଜ୍ୟରେ ବର୍ଷା ପ୍ରଭାବ କମିବା ସମ୍ଭାବନା ଥିବାବେଳେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ପାଗ କୋହଲା ରହିବ। ଅନ୍ୟ ସମସ୍ତ ଜିଲାରେ ପାଗ ଶୁଷ୍କ ରହିବା ସହ ତାପମାତ୍ରା ବୃଦ୍ଧପାଇପାରେ। ସେହିପରି ଆସନ୍ତା ୧୨ ତାରିଖଠାରୁ ତାପମାତ୍ରା ବଢ଼ିବ। ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମ୍‌ଡି)ର କିଛି ମଡେଲ ଏନେଇ ପୂର୍ବାକଳନ କରିଛି। ଏପ୍ରିଲ ଦ୍ୱିତୀୟ ସପ୍ତାହ ସରିବା ବେଳକୁ ରାଜ୍ୟରେ ତାତି ସର୍ବାଧିକ ରହିବ। ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ମାଲକାନଗିରିରେ ସର୍ବାଧିକ ପାରଦ ୩୯.୫ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଝାରସୁଗୁଡ଼ାରେ ୩୯.୪, ବୌଦ୍ଧରେ ୩୯.୨ ଓ ରାଉରକେଲାରେ ୩୯ ଡିଗ୍ରୀ ରହିଛି। ସେହିପରି ସମ୍ବଲପୁର ଓ ବାରିପଦାରେ ପାରଦ ୩୮.୪, ଅନୁଗୋଳରେ ୩୮.୧ ଓ ସୁନ୍ଦରଗଡ଼ରେ ୩୮ ଡିଗ୍ରୀ ରେକର୍ଡ ହୋଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଟକ,
ଗଲେ ହୁଅନ୍ତି ଅଟକା**

କଟକ ସହର ସର୍ବପୁରାତନ, ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ପ୍ରିୟ ସହର ବୋଲି ଜଣାଯାଇଥାଏ। ଏହି ସହର ପ୍ରତି ଆଗନ୍ତୁକଙ୍କ ଆକର୍ଷଣ ଚିରକାଳ ଅବ୍ୟାହତ ରହିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୋଶକେ ଫାଙ୍କେ
ନଈକେ ବାଙ୍କେ।**

ଦେଶର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନିୟମ, ପରମ୍ପରା, ଚାଲିଚଳନ ପ୍ରଭୃତି ରହିଥିବାର ଦେଖିବାକୁ ମିଳିଥାଏ। ଯେଉଁଠି ଯେପରି ଚଳଣି ଥାଏ, ସେଠି ବାହାରୁ ଆସିଥିବା ବ୍ୟକ୍ତିଙ୍କୁ ସେଥିରେ ଅଭ୍ୟସ୍ତ ହେବାକୁ ହିଁ ପଡିଥାଏ। ଚଳଣିକୁ ବଦଳାଇ ଦେଇ ହେବ ନାହିଁ ଏବଂ ସ୍ଥାନ ଅନୁସାରେ ଏହାର ସୃଷ୍ଟି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ରେପୋ ରେଟ୍ ୬.୫%ରେ ଅପରିବର୍ତ୍ତିତ ରଖିଲା ଆର୍‌ବିଆଇ

ନୂଆଦିଲ୍ଲୀ, ୬।୪

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି) ଗୁରୁବାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ରେପୋ ରେଟ୍ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏହା ଘୋଷଣା କରିଛନ୍ତି। ଫଳରେ ଋଣଗ୍ରହୀତାମାନେ କିଛିଟା ଆଶ୍ୱସ୍ତ ହୋଇଛନ୍ତି। କାରଣ ଗୃହ ଋଣ ଓ ଅନ୍ୟାନ୍ୟ ଲୋନ୍‌ର ଇଏମ୍‌ଆଇ ନିକଟ ଭବିଷ୍ୟତରେ ବଢ଼ିବ ନାହିଁ। ଗତବର୍ଷ ମେ'ରୁ ରିଜର୍ଭ ବ୍ୟାଙ୍କ କ୍ରମାଗତ ରେପୋ ରେଟ୍ ବଢ଼ାଇ ଚାଲିଥିଲା। ଇତିମଧ୍ୟରେ ଏହା ମୋଟ ୨୫୦ ବେସିସ୍ ପଏଣ୍ଟ ବୃଦ୍ଧି ପାଇଥିବାବେଳେ ଏଥର ମଧ୍ୟ ୨୫ ବେସିସ୍ ପଏଣ୍ଟ ବଢ଼ିବା ନେଇ ଅଧିକାଂଶ ବିଶ୍ଳେଷକ ଆଶାବ୍ୟକ୍ତ କରିଥିଲେ। ଆର୍‌ବିଆଇ ଅନ୍ୟ ବ୍ୟାଙ୍କଗୁଡ଼ିକୁ ରେପୋ ରେଟ ହାରରେ ଋଣ ପ୍ରଦାନ କରିଥାଏ। ଏମ୍‌ପିସି ବୈଠକରେ ଏହି ସୁଧ ହାର ଅପରିବର୍ତ୍ତିତ ରଖିବା ଲାଗି ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଭବିଷ୍ୟତରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆବଶ୍ୟକ ହେଲେ ରେପୋ ରେଟ୍ ପୁନର୍ବାର ବଢ଼ାଇବାକୁ ଏମ୍‌ପିସି କୁଣ୍ଠାବୋଧ କରିବ ନାହିଁ ବୋଲି ଶକ୍ତିକାନ୍ତ କହିଛନ୍ତି।

# ତରଭୁଜ କିଆରିରେ ଟ୍ରାକ୍ଟର ମଡ଼ାଇଲେ

## ଅଦିନିଆଁ ବର୍ଷା ପରେ ଗୁଳୁଗୁଳି

ବରଗଡ଼ ଅଫିସ୍/ପଦ୍ମପୁର, ୬।୪(ଡି.ଏନ.ଏ.)

ଅଦିନିଆଁ ବର୍ଷା ପରେ ଗୁଳୁଗୁଳି ଯୋଗୁ ବରଗଡ଼ ଜିଲାର ତରଭୁଜ ଫସଲ ପ୍ରଭାବିତ ହୋଇଛି। ଫସଲ ନଷ୍ଟ ହେବାରୁ ଜିଲାର ପଦ୍ମପୁର ଉପଖଣ୍ଡ ଜମଲା ପଞ୍ଚାୟତ ଅନ୍ତର୍ଗତ କୁଦୋପାଲି ଗ୍ରାମର ଚାଷୀ କ୍ଷୀରୋଦ୍ର ମୁନା ତାଙ୍କ ତରଭୁଜ କିଆରିରେ ଟ୍ରାକ୍ଟର ମଡ଼ାଇ ଦେଇଛନ୍ତି। ସୂଚନା ଅନୁସାରେ, କୁଦୋପାଲି ଗ୍ରାମର ଚାଷୀ କ୍ଷୀରୋଦ୍ରଙ୍କ ସମୁଦାୟ ୯ଏକର ଚାଷଜମି ରହିଥିବା ବେଳେ



ସବୁ ଅଣଜଳସେଚିତ। କେବଳ ବର୍ଷାଋତୁରେ ସେଥିରେ ଧାନ ଫସଲ କରାଯାଏ। ତେବେ ଚଳିତବର୍ଷ କ୍ଷୀରୋଦ୍ର ପ୍ରଥମଥର ପାଇଁ ୩ ଏକର ଜମିରେ ତରଭୁଜ ଏବଂ ୧ଏକରରେ ମୁଗ ଚାଷ କରିଥିଲେ। ଅବଶିଷ୍ଟ ଜମି ପଡ଼ିଆ ପଡ଼ିଥିଲା। ଗତ କିଛିଦିନ ତଳେ ଅଦିନିଆଁ ବର୍ଷା ଏବଂ ପରେ ଗୁଳଗୁଳି ଅନୁଭୂତ ହୋଇଥିଲା। ଫଳରେ ତାଙ୍କ ଜମିରେ ଫଳିଥିବା ତରଭୁଜ ସବୁ ନଷ୍ଟ ହୋଇଥିଲା। ଫସଲ ଭଲ ହୋଇଥିଲା ଏବଂ ତାଙ୍କୁ କିଛି ଲାଭ ମିଳିବ ବୋଲି ଆଶା ମଧ୍ୟ ରହିଥିଲା। ମାତ୍ର ବର୍ଷା ପରେ ଗୁଳୁଗୁଳି ଯୋଗୁ ମାଟି ସହ ଲାଗି ରହିଥିବା ତରଭୁଜର ତଳ ଅଂଶ ପଚିଯାଇଥିଲା। ନଷ୍ଟ ହୋଇଥିବା ତରଭୁଜ ବିକ୍ରି ଯୋଗ୍ୟ ନ ହେବା ଏବଂ ଆଗକୁ କଖାରୁ (ମାଖନ) ଚାଷ ପାଇଁ କ୍ଷୀରୋଦ୍ର ଉକ୍ତ ଜମିରେ ବୁଧବାର ଟ୍ରାକ୍ଟର ମଡ଼ାଇ ଦେଇଥିଲେ। ସେ ତରଭୁଜ ଚାଷରେ ପ୍ରାୟ ୯୫ ହଜାର ଟଙ୍କା ଧାରକରଜ କରି ଖର୍ଚ୍ଚ କରିଥିଲେ। ଫସଲ ଉଜୁଡ଼ି ଯିବାରୁ ତାଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଛି ବୋଲି କ୍ଷୀରୋଦ୍ର କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ହିକିକୋମୋରି: ଏକାନ୍ତବାସରେ ...

୪୪.୫% ଲୋକ ଚାକିରି ଛାଡ଼ିବା ପରେ ତାଙ୍କ ବ୍ୟବହାର ବଦଳିଯାଇଛି ଏବଂ ୨୦.୬% ଲୋକ କୋଭିଡ୍ ସକାଶେ ନିଜକୁ ସଙ୍ଗରୋଧରେ ରଖିଛନ୍ତି। ଅନ୍ୟପକ୍ଷେ ଲୋକଙ୍କ ମଧ୍ୟରେ ବଢ଼ୁଥିବା ମାନସିକ ଚାପ, ଅବସାଦ, ସୋସିଆଲ ଫୋବିଆ ସାଙ୍ଗକୁ ମର୍ଡନ୍ ସୋସାଇଟିର ଚାପ, ପ୍ରତିଯୋଗିତା, ହାଇ ଏକାଡେମିକ୍ ଏକ୍ସପେକ୍ଟେଶନ୍ ଯୋଗୁ ଯୁବପିଢ଼ି ସମାଜଠାରୁ ନିଜକୁ ଦୂରରେ ରଖିବା ପସନ୍ଦ କରୁଛନ୍ତି। ତେବେ ହିକିକୋମୋରିରୁ ଲୋକଙ୍କ ମଧ୍ୟରେ ମାନସିକ ରୋଗ ବଢ଼ିବା ଆଶଙ୍କା ରହିଛି। ଜାପାନରେ ଏହା ଏକ ସାମାଜିକ ଅସୁବିଧା ଭାବେ ପରିଲକ୍ଷିତ ହୋଇଛି। ହିକିକୋମୋରିରୁ ଲୋକଙ୍କୁ ବାହାର କରିବା ପାଇଁ ଟୋକିଓର ଇଡୋଗାୱା ୱାର୍ଡରେ ଜୁନ୍‌ରୁ ମେଟାଭର୍ସ ସୋସିଆଲାଇଜିଂ ଇଭେଣ୍ଟର ଆୟୋଜନ କରିବାକୁ ଯାଉଛି। ୱାର୍ଡରେ ପାଖାପାଖି ୯ ହଜାର ଲୋକ ବାସ କରୁଥିବାବେଳେ ପାଖାପାଖି ଛାତ୍ରୀଛାତ୍ର ସ୍କୁଲ ଯିବା ବନ୍ଦ କରିଦେଇଥିବା ସର୍ଭେରୁ ଜଣାପଡ଼ିଛି। ତେବେ ହିକିକୋମୋରି କେବଳ ଯୁବପିଢ଼ିଙ୍କୁ ମାନସିକ ରୋଗାକ୍ରାନ୍ତ କରିବ ତା' ନୁହେଁ, ଏଥିଯୋଗୁ ଦେଶରେ ଜନ୍ମହାର କମିବା ଆଶଙ୍କା ଥିବା ବିଶେଷଜ୍ଞମାନେ ଦାବି କରିଛନ୍ତି।

# ଆଇପିଏଲ୍ ବେଟିଂ ଅଭିଯୋଗ, ୬ ଗିରଫ



ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

- **୩ ଲାପ୍‌ଟପ୍ ସହ ୨୦ ମୋବାଇଲ ଜବତ**
- **ମହାରାଷ୍ଟ୍ର ପର୍ଯ୍ୟନ୍ତ ଲମ୍ବିଛି ଚେର**

ରାଉରକେଲା ଅଫିସ,୬।୪

ଷ୍ଟିଲସିଟି ରାଉରକେଲାରେ ଆଇପିଏଲ୍ ମ୍ୟାଚ୍‌କୁ ନେଇ ବେଟିଂ ଚଳାଇଥିବା ଏକ ର୍ୟାକେଟର ୬ଜଣଙ୍କୁ ସୁନ୍ଦରଗଡ଼ ଜିଲା ରଘୁନାଥପାଲି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ଗୋରଖପୁର ଅଞ୍ଚଳର ରବି ସିଂ(୨୨), ଛତିଶଗଡ ରାୟପୁର ଅଞ୍ଚଳର ଶେଖର ଭଦୱାନି(୨୩), ଅନୁରାଗ ଦେହେରିଆ(୨୧), ଦିନେଶ ପ୍ରିତୱାନି(୨୪), ଶଙ୍କର ଗଙ୍ଗୱାନି(୨୨) ଓ ମହାରାଷ୍ଟ୍ର ଦୟାଲନଗର ଅଞ୍ଚଳର ଧୀରଜ ଅଦୱାନି(୨୯)। ଅଭିଯୁକ୍ତମାନଙ୍କଠାରୁ ୨୦ଟି ସ୍ମାର୍ଟଫୋନ, ୩ଟି ଲାପ୍‌ଟପ୍, ୩ଟି ମୋବାଇଲ ଚାର୍ଜର, ୨ଟି ଏକ୍ସଟେନସନ୍ ବୋର୍ଡ ଓ ବିଭିନ୍ନ ବ୍ୟାଙ୍କର ୪ଟି ଏଟିଏମ କାର୍ଡ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୦।୨୩) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତମାନେ ଦୁଇ ସପ୍ତାହ ତଳେ ରାଉରକେଲା ସିଭିଲଟାଉନଶିପ୍ ଅଞ୍ଚଳରେ ଏକ ଘର ଭଡ଼ା ନେଇଥିଲେ ଏବଂ ଗ୍ରାହକମାନଙ୍କ ପାଇଁ ରାଜବୀର ଏକ୍ସଚେଞ୍ଜ ଡଟକମ୍ ନାମରେ ଏକ ସାଇଟ ଖୋଲିଥିଲେ। ଏହି ସାଇଟ୍‌ରେ ଗ୍ରାହକମାନେ ୨ରୁ ୪ଗୁଣା ଅର୍ଥ ପାଇବା ଆଶାରେ ଆଇପିଏଲ ମ୍ୟାଚ୍‌ରେ ନିଜ ମନପସନ୍ଦର ଖେଳାଳି ଓ ଦଳ ଉପରେ ମୂଲ୍ୟ ଲଗାଇ ଖେଳୁଥିଲେ। ଏ ନେଇ କୌଣସି ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଗୁରୁବାର ଭୋର୍ ସମୟରେ ରଘୁନାଥପାଲି ପୋଲିସ ଉକ୍ତ ଘର ଉପରେ ହଠାତ ଚଢ଼ାଉ କରି ୬ ଅଭିଯୁକ୍ତଙ୍କୁ କାବୁ କରିଥିଲା। ପୋଲିସ ସେମାନଙ୍କଠାରୁ ବିଭିନ୍ନ ସାମଗ୍ରୀ ଜବତ କରିଥିଲା। ଏହାସହ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଥିବା ୮ଟି ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଥିବା ବେଳେ ପ୍ରାୟ ଦେଢ଼ କୋଟି ଟଙ୍କା କାରବାର ହୋଇଥିବା ଜଣାପଡିଛି। ଏହାର ଚେର ଛତିଶଗଡ, ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ପର୍ଯ୍ୟନ୍ତ ଲମ୍ବିଥିବା ରଘୁନାଥପାଲି ଥାନାଧିକାରୀ ସୁବ୍ରତ ମେହେର ସୂଚନା ଦେଇଥିଲେ। ଏହି ର୍ୟାକେଟ ରାଉରକେଲା ସହରକୁ କିଭଳି ଆସିଲେ ଏବଂ ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ତଦନ୍ତ ଜାରି ରହିଥିବା ଥାନାଧିକାରୀ ମେହେର ସୂଚନା ଦେଇଛନ୍ତି।

# ସ୍ୱାଭିମାନ ଅଞ୍ଚଳର ପଣସପୁଟକୁ ବସ୍ ସେବା ଆରମ୍ଭ



ଅତିଥିମାନେ ପଣସପୁଟକୁ ବସ୍ ସେବାର ଶୁଭାରମ୍ଭ କରୁଛନ୍ତି।

ମାଲକାନଗିରି/ଚିତ୍ରକୋଣ୍ଡା, ୬।୪(ଡି.ଏନ.ଏ.)

ଦୀର୍ଘ ଦିନ ହେଲା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପଣସପୁଟ, ଯନ୍ତ୍ରୀ, ଗାଜୁଲୁମାମୁଡ଼ି, ଅଣ୍ଡିରାପାଲି ପଞ୍ଚାୟତକୁ ବସ୍ ଚଳାଚଳ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ସେମାନେ ଦୁର୍ଗମ ପଣସପୁଟ ଅଞ୍ଚଳରୁ ମାଲକାନଗିରି ସଦର ମହକୁମା ପର୍ଯ୍ୟନ୍ତ ବସ୍‌ସେବା ଯୋଗାଇ ଦେବାକୁ ୫-ଟି ସଚିବ ଭି.କେ. ପାଣ୍ଡିଆନ, ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଅଞ୍ଚଳକୁ ବସ୍ ସେବା ଯୋଗାଇଦେବାକୁ ୫-ଟି ସଚିବଙ୍କ ସମେତ ଏମ୍‌ପି ମାଝି ଓ ବିଧାୟକ ବାକା ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ସ୍ୱାଭିମାନ ଅଞ୍ଚଳବାସୀଙ୍କୁ ବସ୍ ସେବା ଯୋଗାଇ ଏହି ପ୍ରତିଶ୍ରୁତି ପୂରଣ କରିଛନ୍ତି। ଚିତ୍ରକୋଣ୍ଡା ଛକଠାରେ ନବରଙ୍ଗପୁର ଏମ୍‌ପି ମାଝି, ବିଧାୟକ ବାକା, ବ୍ଲକ ଅଧ୍ୟକ୍ଷା, ମାଲକାନଗିରି ପୂର୍ବତନ ବିଧାୟକ ମାନସ ମାଡ଼କାମି ଓ ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝି ଉପସ୍ଥିତ ରହି ଚିତ୍ରକୋଣ୍ଡାରୁ ପଣସପୁଟକୁ ବସ୍ ସେବା ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ସ୍ୱାଭିମାନ ଅଞ୍ଚଳର ପଣସପୁଟ, ଯନ୍ତ୍ରୀ, ଅଣ୍ଡିରାପାଲି, ଗାଜୁଲୁମାମୁଡ଼ି ଓ ଯୋଡ଼ାମ୍ବ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ। ଏହି ଅବସରରେ ଅଞ୍ଚଳବାସୀ ୫-ଟି ସଚିବ, ଏମ୍‌ପି ମାଝି, ବିଧାୟକ ବାକା ଓ ବ୍ଲକ ଅଧ୍ୟକ୍ଷାଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପାର୍ଲାମେଣ୍ଟ ଚଳାଇଦେଲେନି...

ଆଦାନୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପର୍କ ଏବଂ ଲଣ୍ଡନରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ସଙ୍କଟରେ ଭାରତୀୟ ଗଣତନ୍ତ୍ର' ମନ୍ତବ୍ୟକୁ ନେଇ ଅଧିକାଂଶ ସମୟରେ ଅଚଳାବସ୍ଥା ଦେଖିବାକୁ ମିଳିଥିଲା। ବିରୋଧୀଙ୍କ ବିକ୍ଷୋଭ ଓ ଶାସକଙ୍କ ହଟ୍ଟଗୋଳ ମଧ୍ୟରେ ଉଭୟ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା। ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ଜାନୁୟାରୀ ୩୧ରେ ଆରମ୍ଭ ହୋଇ ଫେବୃୟାରୀ ୧୩ ପର୍ଯ୍ୟନ୍ତ ଚାଲିଥିଲା। ମାର୍ଚ୍ଚ ୧୩ରେ ଆରମ୍ଭ ହୋଇଥିବା ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୬ରେ ଶେଷ ହୋଇଛି। ଏଥିରେ ୨୭ ସିଟିଂ ରହିଥିଲା। ଥିଙ୍କ୍ ଟ୍ୟାଙ୍କ୍ ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ସୂତ୍ରରୁ ହସ୍ତଗତ ତଥ୍ୟାନୁସାରେ ଲୋକ ସଭା ନିର୍ଦ୍ଧାରିତ ସମୟର ମାତ୍ର ୩୪.୨୮% ଓ ରାଜ୍ୟ ସଭା ୨୪% କାର୍ଯ୍ୟକ୍ଷମ ହୋଇପାରିଛି। ନିମ୍ନ ସଦନରେ ପ୍ରଶ୍ନକାଳ ୪.୩୨ ଘଣ୍ଟା ଚାଲିଥିବାବେଳେ ଉଚ୍ଚ ସଦନରେ ୧.୮୫ ଘଣ୍ଟା ଚାଲିଥିଲା, ଯାହାକୁ ସଂସଦୀୟ ଇତିହାସରେ ସବୁଠୁ ନୈରାଶ୍ୟଜନକ ପ୍ରଦର୍ଶନ ବୋଲି କୁହାଯାଉଛି। ୪ ସପ୍ତାହ ଧରି ଚାଲିଥିବା ସମ୍ପୂର୍ଣ୍ଣ ବଜେଟ ଅଧିବେଶନରେ ପ୍ରଶ୍ନକାଳ ବେଳେ ବିଭିନ୍ନ ପ୍ରସଙ୍ଗରେ ସ୍ଲୋଗାନ, ବିକ୍ଷୋଭ, ଧାରଣା ଓ ପରସ୍ପରକୁ କାଦୁଅଫିଙ୍ଗା ଯୋଗୁ ଉଭୟ ସଦନର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ ଗୃହକୁ ବାରମ୍ବାର ମୁଲତବୀ କରାଯାଇଥିଲା। ଅନ୍ୟ ଦିନଗୁଡ଼ିକ ଭଳି ଶେଷ ଦିନରେ ମଧ୍ୟ ବିରୋଧୀ ସଦସ୍ୟମାନେ ଆଦାନୀ ପ୍ରସଙ୍ଗରେ ଜେପିସି ତଦନ୍ତ ଦାବିକରି ଗୃହର ମଧ୍ୟଭାଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିରୋଧୀ ସଦସ୍ୟମାନେ ଧରିଥିବା ପ୍ଲାକାର୍ଡରେ ସେମାନଙ୍କ ଦାବି ଉଲ୍ଲେଖ କରାଯାଇଥିଲା। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କହିଥିଲେ, ବିରୋଧୀ ସଦସ୍ୟଙ୍କ ଆଚରଣ ଗୃହର ମର୍ଯ୍ୟାଦାହାନୀ କରିଛି। ସେମାନେ ବ୍ୟବସ୍ଥିତ ଭାବେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିଛନ୍ତି। ଏପରି ବ୍ୟବହାର ସଂସଦୀୟ ବ୍ୟବସ୍ଥାର ପରିପନ୍ଥୀ, ଯାହାକି ଗୃହ କିମ୍ବା ଦେଶ ପାଇଁ ଆଦୌ ଶୁଭଙ୍କର ନୁହେଁ। ତେବେ ବାଚସ୍ପତିଙ୍କ ପରାମର୍ଶକୁ ବିରୋଧୀ ଅଣଦେଖା କରି ସ୍ଲୋଗାନ ଦେବା ସହ ବିକ୍ଷୋଭ ଜାରି ରଖିଥିଲେ। ଅଧିବେଶନର ଉଦ୍‌ଯାପନୀ ମନ୍ତବ୍ୟରେ ବାଚସ୍ପତି କହିଥିଲେ, ସାଧାରଣ ବଜେଟ ପାଇଁ ଗୃହରେ ୧୪.୪୫ ଘଣ୍ଟା ଧରି ବିତର୍କ ହୋଇଥିଲା। ଏଥିରେ ୧୪୫ ଏମ୍‌ପି ଭାଗନେଇଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କିତ ଆଲୋଚନା ୧୩ ଘଣ୍ଟା ୪୪ ମିନିଟ ଚାଲିଥିବାବେଳେ ଏଥିରେ ୧୪୩ ସଦସ୍ୟ ସାମିଲ ହୋଇଥିଲେ। ଲୋକ ସଭାରେ ୮ଟି ବିଲ୍ ଆଗତ ହୋଇଥିବାବେଳେ ତହିଁରୁ ୬ଟି ଗୃହୀତ ହୋଇଥିଲା। ୨୯ ପ୍ରଶ୍ନର ମୌଖିକ ଉତ୍ତର ଦିଆଯାଇଥିଲା ବୋଲି ବିର୍ଲା ପ୍ରକାଶ କରିଛନ୍ତି। ରାଜ୍ୟ ସଭାରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଆଦାନୀ ପ୍ରସଙ୍ଗ ଉଠାଇଥିଲେ। କଂଗ୍ରେସର ଦିଗ୍‌ବିଜୟ ସିଂ କହିଥିଲେ, ଆଦାନୀ ଦୁର୍ନୀତିର ଜେପିସି ତଦନ୍ତ ପାଇଁ କେନ୍ଦ୍ର ରାଜି ହେଉନାହିଁ। ଅଧ୍ୟକ୍ଷ ଜଗଦୀପ ଧନକର କହିଥିଲେ, ବିରୋଧୀ ସଦସ୍ୟମାନେ କେବଳ ଧଳା ପୋଷାକ ପିନ୍ଧିଥିବାବେଳେ ମୁଁ କଳାବସ୍ତ୍ର ପରିଧାନ କରି ଆସିଛି। ଆଦାନୀ ଗ୍ରୁପ୍ ବିରୋଧରେ ଆସିଥିବା ଗମ୍ଭୀର ଅଭିଯୋଗର ତଦନ୍ତ ଲାଗି ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସର ପ୍ରମୋଦ ତିୱାରୀ ଏବଂ କେ.ସି. ବେଣୁଗୋପାଳଙ୍କଠାରୁ ରୁଲ୍ ୨୬୭ ଅଧୀନରେ ୬ଟି ନୋଟିସ୍ ମିଳିଛି। ଧନକର କଥା ଆଗକୁ ବଢ଼ାଉଥିବାବେଳେ ବିରୋଧୀ ପୁଣି ହଟ୍ଟଗୋଳ କରି ଅଚଳାବସ୍ଥା ସୃଷ୍ଟି କରିଥିଲେ। ଫଳରେ ରାଜ୍ୟ ସଭାକୁ ପ୍ରଥମେ ଅପରାହ୍ନ ୨ଟା ଓ ପରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ରାଜ୍ୟ ସଭାର ୨୫୯ତମ ଅଧିବେଶନର ଉଦ୍‌ଯାପନୀ ଅଭିଭାଷଣରେ ଧନକର କହିଥିଲେ, ବିତର୍କ, ଆଲୋଚନା ଓ ବିଚାରବିମର୍ଶ ବାଧା ଏବଂ ବ୍ୟାଘାତ ଯୋଗୁ ଫଳପ୍ରଦ ହୋଇନାହିଁ। ଏହା ଅତ୍ୟନ୍ତ ଚିନ୍ତାଜନକ। ଅଧିବେଶନ ଶେଷ ହେବା ପରେ ପାର୍ଲାମେଣ୍ଟରୁ ବିଜୟ ଚୌକ ପର୍ଯ୍ୟନ୍ତ ବିରୋଧୀ ନେତାମାନେ 'ତ୍ରିରଙ୍ଗା ମାର୍ଚ୍ଚ' କରିଥିଲେ। କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍‌ରେ ବିରୋଧୀଙ୍କ ପକ୍ଷରୁ ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ଖାର୍ଗେ କହିଥିଲେ, ମୋଦି ସରକାର ଆଲୋଚନାରୁ ପଳାୟନ କରିଛନ୍ତି। ମାତ୍ର ୧୨ ମିନିଟରେ ୫୦ ଲକ୍ଷ କୋଟି ଟଙ୍କାର ବଜେଟକୁ ଗୃହୀତ କରାଇନେଇଛନ୍ତି। ଏହା ଗଣତାନ୍ତ୍ରିକ ସିଦ୍ଧାନ୍ତଗୁଡ଼ିକର ବିରୋଧୀ। ନିଜ ୫୨ ବର୍ଷର ରାଜନୈତିକ କ୍ୟାରିୟରରେ ସେ କେବେ ଏଭଳି ଦେଖି ନ ଥିବା କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ କେନ୍ଦ୍ରକୁ ଟାର୍ଗେଟ କରିଥିଲେ।

## ପାର୍କିଂ, ଦୁର୍ଘଟଣାଗ୍ରସ୍ତ ...

ଗୁରୁବାର କାଞ୍ଜିଆପାଣି ଅଞ୍ଚଳରେ ମଧ୍ୟ ଖରାପ ହୋଇ ୫ଟି ଗାଡ଼ି ପଡ଼ିରହିଛି। ଏ ଦିଗରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ପଇଁତରା ମାରୁଥିବା ଟିମ୍‌କୁ ଏ ସମ୍ପର୍କରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଗାଡିଗୁଡିକୁ ହଟାଯାଇ ନାହିଁ। ଅନୁରୂପ ଭାବେ ଚଣ୍ଡିଖୋଲ ଆର୍‌ଟିଓ ମଧ୍ୟ ସମାନ କାରଣ ଦର୍ଶାଇଛନ୍ତି। ଜାରକା ଅଞ୍ଚଳର ଦେଉଳିଆପାଲି ନିକଟସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ପାଖରେ ଖରାପ ହୋଇ ପଡ଼ି ରହିଥିବା ଗାଡିକୁ ଧକ୍କା ଦେବା ଫଳରେ ୨ ଜଣଙ୍କର ଜୀବନ ଯାଇଛି। ଜାତୀୟ ରାଜପଥରେ ପାଟ୍ରୋଲିଂ କରିବା ସହିତ ରାସ୍ତାରେ ପଡ଼ି ରହୁଥିବା ଦୁର୍ଘଟଣାଜନିତ ଗାଡ଼ି, ଖରାପ ହୋଇ ପଡ଼ିରହୁଥିବା ଗାଡ଼ି ଏବଂ ପଶୁପକ୍ଷୀଙ୍କ ଶବକୁ ହଟାଇବା ପାଇଁ ବିଭିନ୍ନ ଘରୋଇ ସଂସ୍ଥା ସହ ଏନ୍‌ଏଚ୍‌ଏଆଇ ଚୁକ୍ତି କରିଛି। କିନ୍ତୁ ବାସ୍ତବରେ ଏନ୍‌ଏଚ୍‌ଏଆଇ ନିଜ ଦାୟିତ୍ୱ ଠିକ ଭାବେ ତୁଲାଉନାହାନ୍ତି। ଫଳରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢୁଛି। ଦାୟିତ୍ୱରେ ଥିବା ଲୋକଙ୍କ ଅବହେଳା ଯୋଗୁ ମୂଲ୍ୟବାନ ହାନିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯାଇ ପାରିବ ନାହିଁ। ସେଭଳି କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯିବା ଦରକାର।

ଏଭଳି କ୍ଷେତ୍ରରେ ଏନ୍‌ଏଚ୍‌ଏଆଇ ଅଧୀନ ବିଭିନ୍ନ ରାଜପଥର ପ୍ରକଳ୍ପ ଦାୟିତ୍ୱରେ ଥିବା ନିର୍ଦ୍ଦେଶକମାନେ ନିୟମିତ ପାଟ୍ରୋଲିଂ କରିବା ସହ ଖରାପ ହୋଇ ପଡିରହିଥିବା ତଥା ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ତୁରନ୍ତ ହଟାଇବା ପାଇଁ ନିର୍ଦ୍ଦେଶ ଦେବା ସହିତ ବ୍ୟକ୍ତିଗତ ଭାବେ ଏହାକୁ ତଦାରଖ କରିବା ଲାଗି ପରିବହନ ସଚିବ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

## ସିରିଜ୍ ଦୁର୍ଘଟଣା: ୩ ଡ୍ରାଇଭର ....

ଝାରସୁଗୁଡା ଅଭିମୁଖେ ଯାଉଥିଲା। ଅପରପାର୍ଶ୍ୱରୁ ଓଡି୧୫ଏଫ୍-୩୨୩୫ନଂ. ବିଶିଷ୍ଟ ଷୋଳଚକିଆ ହାଇୱା ଦ୍ରୁତଗତିରେ ଆସି ସମ୍ମୁଖ ଭାଗରୁ ଟ୍ରେଲରକୁ ପିଟିଥିଲା। ଏହି ସମୟରେ ହାଇୱା ପଛରେ ଆସୁଥିବା ଟ୍ରକ୍ (ଓଡ଼ି୦୫ଡିଜେ-୯୦୪୩) ହାଇୱାକୁ ଧକ୍କା ଦେଇଥିଲା। ନିମିଷକ ମଧ୍ୟରେ ତିନୋଟିଯାକ ଗାଡିରେ ନିଆଁ ଲାଗି ଜଳିବା ଆରମ୍ଭ କରିଥିଲା। ଚାଳକମାନେ ଗାଡି ଭିତରୁ ବାହାରି ନ ପାରି ଜୀବନ୍ତ ଜଳିଯାଇଥିଲେ। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସଦର ଥାନା ପୋଲିସ କ୍ରେନ୍ ସାହାଯ୍ୟରେ ଗାଡିଗୁଡିକୁ ସ୍ଥାନାନ୍ତର ଉଦ୍ୟମ କରିଥିଲେ। ଦୀର୍ଘ ୫ଘଣ୍ଟା ପରେ ଗୁରୁବାର ସକାଳ ୬ଟା ସମୟରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜି କୃତ୍ତିକା ନକ୍ଷତ୍ରର କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। ବନ୍ଧୁ ପରିଜନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ବିରୋଧ କରିପାରନ୍ତି କିନ୍ତୁ କୌଣସି ଅସୁବିଧା ହେବନାହିଁ।

**ବୃଷ**: ଅବହେଳା କାରଣରୁ ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଦୀର୍ଘ ସମୟଧରି ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହୋଇପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ।

**ମିଥୁନ**: ସାମାଜିକ ସ୍ତରରେ ଅନ୍ୟମାନଙ୍କ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। କର୍ମକ୍ଷେତ୍ରରେ ସଫଳତା ଅଭାବରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ**: ଖାଇବା ପିଇବାରେ ଅବହେଳା କରି ସ୍ୱାସ୍ଥ୍ୟ ପାଇଁ ନିଜେ ହିଁ ବାଧକ ସାଜିବେ। ଅଶ୍ଳେଷା ନକ୍ଷତ୍ର ଘରଲୋକଙ୍କୁ ଅବିଶ୍ୱାସ କରି ପରକଥାକୁ ବିଶ୍ୱାସ କଲେ ହଇରାଣରେ ପଡ଼ିବେ। ସାମାଜିକ ସ୍ତରରେ ସହନଶୀଳତା ଓ ପରୋପକାର ଗୁଣରୁ ପ୍ରଶଂସିତ ହେବେ। କଚେରି ମାମଲା, ଘରୋଇ କଳହର ଟେନ୍‌ସନ ଦୂର ହେବ।

**ସିଂହ**: ଆଜି ଆକସ୍ମିକ ଭାବରେ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ପରିସ୍ଥିତିର ବିଷମତା ରହିଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ମଘା ନକ୍ଷତ୍ର ଜଣେ ବନ୍ଧୁଙ୍କ ଆର୍ଥିକ ସହାୟତାରେ କାମ ହାସଲ କରିପାରିବେ।

**କନ୍ୟା**: ସହକର୍ମୀଙ୍କ ନିକଟରୁ ଅର୍ଥ ପାଇବା ହେତୁ ଅଟକି ରହିଥିବା ଆପଣଙ୍କ କାମ ସୁବିଧାରେ ହୋଇଯିବ। ହସ୍ତା ନକ୍ଷତ୍ର ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। କୌଣସି କାରଣକୁ ନେଇ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ। ସାହିତ୍ୟ, କଳା, କ୍ରୀଡ଼ା, ଚଳଚ୍ଚିତ୍ର ତଥା ରଚନାତ୍ମକ କାମରେ ପ୍ରଶଂସିତ ହେବେ।

**ତୁଳା**: ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଜମା ପଡୁ ନ ଥିବା ଲୋକଙ୍କ କଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। କଳା, ସାହିତ୍ୟ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ। ବିଶାଖା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ନିଷ୍ପତ୍ତି ହଠାତ୍ ବଦଳାଇ ପାରନ୍ତି।

**ବିଛା**: ସାଧାରଣ କଥାରେ ବିରକ୍ତ ହେଲେ ନିଜ ପାଇଁ କ୍ଷତି ହୋଇପାରେ। କୌଣସି ମାଙ୍ଗଳିକ କାମରେ ବନ୍ଧୁମାନଙ୍କୁ ସାହାଯ୍ୟ କଲେ ମଧ୍ୟ ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟୟନ ଓ ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିପାରନ୍ତି।

**ଧନୁ**: ପାରିବାରିକ ସମସ୍ୟା ଲାଗିରହିଥିଲେ ମଧ୍ୟ କାମକୁ ଅଣହେଳା କରି ପାରିବେ ନାହିଁ। ଉତ୍ତରାଷାଢ଼ା ନକ୍ଷତ୍ରର ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମକର**: ଶ୍ରବଣା ନକ୍ଷତ୍ରର ମାନସିକ ସ୍ଥିରତା କେତେକାଂଶରେ ଅକ୍ଷୁଣ୍ଣ ରହିବ। କୌଣସି ବ୍ୟକ୍ତି ନିକଟରେ ବହୁତଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍‌ଜନିତ ରୋଗରେ କଷ୍ଟ ପାଇପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**କୁମ୍ଭ**: ପାରସ୍ପରିକ ସହମତିରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଶତଭିଷା ନକ୍ଷତ୍ର ଭଲ ସମ୍ପର୍କ ରଖୁ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଆଜି ଯଥା ସମ୍ଭବ ଦୂରେଇ ରହିବା ଭଲ। ଅଯଥା ବିରକ୍ତ ନ ହୋଇ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ। ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ।

**ମୀନ**: କର୍ମକ୍ଷେତ୍ରର କୌଣସି ନିକଟତମ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଜମିଜମା ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଉତ୍ତରଭାଦ୍ରପଦ ନକ୍ଷତ୍ରର ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

ଆଜି ବୈଶାଖ କୃଷ୍ଣ ପ୍ରତିପଦା ଯୁକ୍ତ ଦ୍ୱିତୀୟା ଶୁକ୍ରବାର, ଶ୍ରୀମନ୍ଦିରରେ ସେତୁବନ୍ଧ ପ୍ରସ୍ତାବ, ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ଗୁଡ୍ ଫ୍ରାଇଡେ ବା ଇଷ୍ଟର ଶୁକ୍ରବାର, ରାଶି ନକ୍ଷତ୍ର-ଚିତ୍ରା/ତୁଳା, ଦିବା ଘ.୦୧।୩୨ ଗତେ ସ୍ୱାତୀ ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୯ ଗତେ ଘ.୦୬।୨୮ ମଧ୍ୟେ, ଘ.୦୭।୧୭ ଗତେ ଘ.୦୮।୪୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୬ ଗତେ ଘ.୧୧।୪୯ ମଧ୍ୟେ ରାହୁ କାଳ।



ଗୁରୁବାର ଜାପାନ ଟୋକିଓସ୍ଥିତ ନିପନ୍ ଷ୍ଟିଲ୍ ପରିଦର୍ଶନରେ ଯାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।


ନିପନ୍ ଷ୍ଟିଲ୍ ପରିସରରେ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।


ଓଡ଼ିଶାରେ ହେବାକୁ ଥିବା ଷ୍ଟିଲ୍ ପ୍ଲାଣ୍ଟରେ ଗ୍ରୀନ୍ ଟେକ୍ନୋଲୋଜି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରୁଛନ୍ତି।

# ନିପ୍ପନ ଇସ୍ପାତ ପ୍ରକଳ୍ପ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ

## କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁରରେ ପ୍ରକଳ୍ପ ନେଇ ଆଶାବାଦୀ

ଭୁବନେଶ୍ୱର,୬।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଜାପାନର ନିପ୍ପନ ଷ୍ଟିଲ୍ କର୍ପୋରେଶନ ପରିଦର୍ଶନ କରିଛନ୍ତି। ଏହି ସଂସ୍ଥା ଗ୍ରୀନ୍ ଟେକ୍ନୋଲୋଜି ଉପଯୋଗରେ ଷ୍ଟିଲ୍ ଉତ୍ପାଦନରେ ଉଲ୍ଲେଖନୀୟ କାର୍ଯ୍ୟ କରୁଛି। ନିପ୍ପନର ସହଯୋଗରେ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ହେବାକୁ ଯାଉଥିବା ଷ୍ଟିଲ୍ ପ୍ଲାଣ୍ଟକୁ ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ ଅଛନ୍ତି। ରାଜ୍ୟ ସରକାରଙ୍କ ଏକ ପ୍ରତିନିଧି ଦଳ ନିପ୍ପନ ଷ୍ଟିଲ୍ କର୍ପୋରେଶନର କିମିସୁ ଷ୍ଟିଲ୍ ୱାର୍କସ ସେଣ୍ଟର ପରିଦର୍ଶନ କରିଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁରରେ ହେବାକୁ ଥିବା ଷ୍ଟିଲ୍ ପ୍ଲାଣ୍ଟରେ ଗ୍ରୀନ୍ ଟେକ୍ନୋଲୋଜି ଉପଯୋଗ କରିବା ନେଇ ଆଲୋଚନା କରିଛନ୍ତି। ଏହି ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପ ସହ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ସ୍ଥାପନ କରାଯିବ। ଓଡ଼ିଶା ଏବଂ ନିପ୍ପନ ଷ୍ଟିଲ୍ କର୍ପୋରେଶନ ସହଭାଗିତାରେ ରାଜ୍ୟର ପ୍ରାକୃତିକ ସମ୍ବଳ ବିନିଯୋଗ ସହ ଇସ୍ପାତ କ୍ଷେତ୍ରର ବିକାଶ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପ ଲୁହାପଥର ବ୍ୟବହାରକୁ ବୃଦ୍ଧି ସହ ରାଜ୍ୟରେ ଖଣିଜ ପଦାର୍ଥର ମୂଲ୍ୟଯୁକ୍ତ କରିପାରିବ। ନିପ୍ପନ ଷ୍ଟିଲ୍ ପକ୍ଷରୁ ଦିଆଯାଇଥିବା ଉତ୍ତମ ସମ୍ବର୍ଦ୍ଧନାକୁ ନେଇ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ନିପ୍ପନ ଏବଂ ଓଡ଼ିଶା ମଧ୍ୟରେ ଥିବା ସମ୍ପର୍କ ଆହୁରି ସୁଦୃଢ଼ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀ ଓ ପ୍ରତିନିଧି ମଣ୍ଡଳୀ ମେଟାଲ, ଆଇଟି, ପର୍ଯ୍ୟଟନ, ଆଲୁମିନିୟମ, ଟେକ୍ସଟାଇଲ, ଖାଦ୍ୟ ପ୍ରକ୍ରିୟାକରଣ ଓ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ରର ହବ୍ ମଧ୍ୟ ବୁଲିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଓ ଆଇଟି ସଚିବ ମନୋଜ ମିଶ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଓ ଇପିକଲର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଜାପାନ ଗସ୍ତରେ ସାମିଲ ହୋଇଛନ୍ତି। କ୍ଷେତ୍ର ପରିଦର୍ଶନ ସମୟରେ ଜାପାନର ପୁଞ୍ଜିପତିଙ୍କ ସହ ମୁଖ୍ୟମନ୍ତ୍ରୀ ଓ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି। ଜାପାନରୁ ୨୬ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ନେଇ ନିବେଶକମାନେ ଗୁରୁବାର ବିଜ୍‌ନେସ ମିଟ୍‌ରେ ପ୍ରସ୍ତାବ ଦେଇଛନ୍ତି। ଗ୍ରୀନ୍ ହାଇଡ୍ରୋଜେନ, ଗ୍ରୀନ୍ ଆମୋନିଆ, ଗ୍ରୀନ୍ ଏନର୍ଜି, ଆଇଟି କ୍ଷେତ୍ରରେ ନିବେଶ ପାଇଁ ଏହି ପ୍ରସ୍ତାବ ଆସିଛି।

# ଲାଞ୍ଚ ନେଇ ଖଣ୍ଡଗିରି ଥାନା ଏସ୍‌ଆଇ ଗିରଫ

## କମ୍ପ୍ୟୁଟର ଅପରେଟର୍ ମଧ ଧରାପଡ଼ିଲେ

### ମାମଲା ରଫାଦଫା ପାଇଁ ୫୦ ହଜାର ଲାଞ୍ଚ ନେଉଥିଲେ

ଭୁବନେଶ୍ୱର,୬।୪ (ବ୍ୟୁରୋ)

ଏକ ଜମି ଠକେଇ ମାମଲାର ରଫାଦଫା କରିଦେବାକୁ ୫୦ ହଜାର ଟଙ୍କା ଲାଞ୍ଚ ନେବାବେଳେ କମିଶନରେଟ ପୋଲିସର ଖଣ୍ଡଗିରି ଥାନା ସବ୍‌ଇନ୍‌ସପେକ୍ଟର (ଏସ୍‌ଆଇ) ସୁଶାନ୍ତ କୁମାର ସ୍ୱାଇଁ ଏବଂ ଅସ୍ଥାୟୀ ଭାବେ କାର୍ଯ୍ୟରତ କମ୍ପ୍ୟୁଟର ଅପରେଟର ଚିରଞ୍ଜୀବ ବଳଙ୍କୁ ଗିରଫ କରାଯାଇଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୯/୨୦୨୩) ରୁଜୁ ହୋଇଛି। ତେବେ ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ଅଭିଯୁକ୍ତ ସୁଶାନ୍ତଙ୍କ ଭରତପୁର ଥାନା ଘାଟିଆକିଆସ୍ଥିତ ବାସଭବନ ଓ କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ପୈତୃକ ଗ୍ରାମ ଅନୁଜପୁରରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଉଛି। ଅଭିଯୁକ୍ତ ଏସ୍‌ଆଇ ସୁଶାନ୍ତ ଓ ଚିରଞ୍ଜୀବଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଥିବା ବେଳେ ଶୁକ୍ରବାର ଉଭୟଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯିବ। ଏହି ମାମଲାକୁ ଆଧାର କରି କମିଶନରେଟ ପୋଲିସ ପକ୍ଷରୁ ଏସ୍‌ଆଇ ସୁଶାନ୍ତଙ୍କୁ ଦିନେ କିମ୍ବା ୨ଦିନ ମଧ୍ୟରେ ନିଲମ୍ବନ କରାଯିବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବ୍ୟବସାୟୀ ପ୍ରକାଶ ଚନ୍ଦ୍ର ନାୟକ ଚନ୍ଦକା ଶଙ୍କରପୁର ମୌଜାରେ ଏକ ଜମି ଦେବାକୁ କହି ଗଞ୍ଜାମର ଅମିୟ କୁମାର ଶତପଥୀଙ୍କଠାରୁ ୧୬ ଲକ୍ଷ ଟଙ୍କା ନେଇଥିଲେ। ୨୦୧୯ରେ ପ୍ରକାଶ ଏହି ଟଙ୍କା ନେବା ପରେ ଜମି ନ ଦେବାରୁ ଅମିୟ ଏନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୦୨୧ ଜାନୁୟାରୀ ୯ରେ ଏକ ମାମଲା (ନଂ.୨୨/୨୦୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ ଏସ୍‌ଆଇ ସୁଶାନ୍ତ। ତେବେ ଏହି ମାମଲାକୁ ରଫାଦଫା କରିଦେବାକୁ ଅଭିଯୁକ୍ତଙ୍କୁ ଏସ୍‌ଆଇ ସୁଶାନ୍ତ ଲାଞ୍ଚ ମାଗିଥିଲେ। ଏଥିପାଇଁ ପ୍ରକାଶଙ୍କଠାରୁ ସେ ପୂର୍ବରୁ ୪ଲକ୍ଷ ଟଙ୍କା ନେଇଥିବା ମଧ୍ୟ ସୂଚନା ମିଳିଛି। ତେବେ ଆଉ ୨ ଲକ୍ଷ ଟଙ୍କା ଦାବି କରିବାରୁ ଏଥିପାଇଁ ୫୦ ହଜାର ଦେବାକୁ କଥା ଛିଡ଼ିଥିଲା। ତେବେ ପ୍ରକାଶଙ୍କ ଓକିଲ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଟିମ୍ ଏସ୍‌ଆଇ ସୁଶାନ୍ତଙ୍କୁ ଧରିବାକୁ ଯୋଜନା କରିଥିଲା। ଗୁରୁବାର ପ୍ରକାଶଙ୍କ ଓକିଲ ୫୦ ହଜାର ଟଙ୍କା ନେଇ ଥାନାକୁ ଯାଇଥିଲେ। ଏସ୍‌ଆଇ ସୁଶାନ୍ତ ନ ଥିବାରୁ ସେ କହିବା ଅନୁଯାୟୀ ଏହି ଟଙ୍କାକୁ ଚିରଞ୍ଜୀବ ରଖିଥିଲେ। ପରେ ଏହି ଟଙ୍କାକୁ ଚିରଞ୍ଜୀବି ଖଣ୍ଡଗିରିସ୍ଥିତ ନାକା ଗେଟ୍ ନିକଟରେ ଏସ୍‌ଆଇ ସୁଶାନ୍ତଙ୍କୁ ଦେଉଥିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଉଭୟଙ୍କୁ କାବୁ କରିଥିଲା। ଏହି ଲାଞ୍ଚ ଟଙ୍କାରୁ କିଛି ଭାଗ ଥାନାର ବରିଷ୍ଠ ଅଧିକାରୀଙ୍କ ପାଖକୁ ଯାଉଥିବା ସନ୍ଦେହ କରାଯାଉଛି।



ଏସ୍‌ଆଇ ସୁଶାନ୍ତ କୁମାର ସ୍ୱାଇଁ ଏବଂ ଅସ୍ଥାୟୀ କମ୍ପ୍ୟୁଟର ଅପରେଟର ଚିରଞ୍ଜୀବ ବଳ।

# ଓଡ଼ିଆରେ ନାମଫଳକ ଲେଖିବା ବାଧ୍ୟତାମୂଳକ

## ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୬।୪(ବ୍ୟୁରୋ)

ଏଣିକି ରାଜ୍ୟର ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲେଖିବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନ କଲେ ପ୍ରଥମେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୭ଦିନିଆ ନୋଟିସ ପଠାଯିବ। ଏହାପରେ ଅନୁପାଳନ ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ।

ଗୁରୁବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ କର୍ମଚାରୀ ବୀମା ବିଭାଗ, ଶ୍ରମ ଆୟୁକ୍ତ ଏବଂ ଜିଲା ଶ୍ରମ ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପରିବର୍ତ୍ତିତ ଅଧିନିୟମ କଡାକଡ଼ି ଅନୁପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରମ ଆୟୁକ୍ତ ଓ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ ଓଡ଼ିଆରେ ନାମଫଳକ ଲଗାଯିବା ନେଇ କଡ଼ା ନିରୀକ୍ଷଣ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଜିଲା ଶ୍ରମ ଅଧିକାରୀ ଓ ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ସମସ୍ତ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ବାଧ୍ୟତାମୂଳକ କରାଯାଇଥିଲା। ଏଥିନିମିତ୍ତ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ଦ୍ୱାରା ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ ୧୯୫୬ରେ ଆବଶ୍ୟକ ସଂଶୋଧନ କରାଯାଇଛି। ଏଯାବତ ରାଜ୍ୟର ପୌରାଞ୍ଚଳରେ ମୋଟ ୫୨,୦୦୦ ପଞ୍ଜୀକୃତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ମଧ୍ୟରୁ ପ୍ରାୟତଃ ୪୭,୦୦୦ ପ୍ରତିଷ୍ଠାନରେ ଓଡ଼ିଆ ନାମଫଳକ ଲେଖାଯାଇଛି। କେତୋଟି ଖିଲାପକାରୀ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ବିରୋଧରେ ମକଦ୍ଦମା ସହିତ ଜରିମାନା କରାଯାଇଛି। ଚଳିତ ମାସଠାରୁ ଖିଲାପକାରୀଙ୍କୁ ୭ଦିନିଆ ନୋଟିସ ଦିଆଯିବ। ଏହାପରେ ମଧ୍ୟ ଯଦି ଅଧିନିୟମର ଅନୁପାଳନ ନ ହୁଏ, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଜରିମାନା ଆଦାୟ ସହ ଲାଇସେନ୍ସ ରଦ୍ଦ କରାଯିବ। ପ୍ରଥମଥର ଖିଲାପକାରୀଙ୍କୁ ୫ହଜାର ଟଙ୍କା ଏବଂ ଦ୍ୱିତୀୟଥର ୨୫ହଜାର ଟଙ୍କା ଦଣ୍ଡ ଗଣିବାକୁ ପଡ଼ିବ। ଜିଲାସ୍ତରରେ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ଶ୍ରମ ଅଧିକାରୀ, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ, ବଜାର ଦୋକାନ ଓ ବାଣିଜ୍ୟ ସଂଘ ସହିତ ପ୍ରତି ମାସରେ ଏକ ବୈଠକ କରି ଏହାର ସମୀକ୍ଷା କରିବା ସହିତ ଏ ସଂକ୍ରାନ୍ତ ବିବରଣୀ ଶ୍ରମ ଆୟୁକ୍ତ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗଙ୍କୁ ପ୍ରଦାନ କରିବା ନିମିତ୍ତ ନିର୍ଦ୍ଦେଶ ଦିଆଯାଇଛି।

# ଶ୍ରମିକଙ୍କ ମଜୁରି ୧୨ଟଙ୍କା ବଢ଼ିଲା

ଭୁବନେଶ୍ୱର,୬।୪(ବ୍ୟୁରୋ)

ଏପ୍ରିଲ ପହିଲାରୁ ଲାଗୁ

ରାଜ୍ୟ ସରକାର ସବୁବର୍ଗର ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି। ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚ କୁଶଳୀ ଶ୍ରମିକଙ୍କ ଦୈନିକ ମଜୁରିରେ ୧୨ଟଙ୍କା ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମଜୁରି ପିଛିଲା ଭାବେ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ।

ରାଜ୍ୟ ଶ୍ରମ କମିଶନରଙ୍କ ପକ୍ଷରୁ ବୁଧବାର ଜାରି ବିଜ୍ଞପ୍ତି ଅନୁସାରେ, ଅଣକୁଶଳୀ ଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରି ୩୩୩ ଟଙ୍କାରୁ ୩୪୫ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୩୭୩ରୁ ୩୮୫ ଟଙ୍କା, କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରି ୪୨୩ରୁ ୪୩୫ଟଙ୍କା ଓ ଉଚ୍ଚ କୁଶଳୀ ଶ୍ରମିକଙ୍କ ୪୮୩ରୁ ୪୯୫ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ଶେଷଥର ପାଇଁ ୨୦୨୨ ଅକ୍ଟୋବର ୧ରେ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରି ବୃଦ୍ଧି କରିଥିଲେ।

ରାଜ୍ୟ ସରକାର ଶ୍ରମିକମାନଙ୍କ ସ୍ୱାର୍ଥରେ ପ୍ରତି ୬ ମାସରେ ପରିବର୍ତ୍ତନଶୀଳ ମହଙ୍ଗା ଭତ୍ତାକୁ ସଂଶୋଧନ କରିଥାନ୍ତି। ରାଜ୍ୟ ସର୍ବନିମ୍ନ ମଜୁରି ପରାମର୍ଶଦାତା ବୋର୍ଡର ପରାମର୍ଶରେ ସରକାର ଏହି ଦୈନିକ ସର୍ବନିମ୍ନ ମଜୁରି ବୃଦ୍ଧି କରିଛନ୍ତି।

# ଗାଁରୁ ହରିଣ ଉଦ୍ଧାରକଲା ବନ ବିଭାଗ

**ପାଟଣା,୬।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଆହାରପଡ଼ା ଜଙ୍ଗଲରୁ ଗୁରୁବାର ଆହାରପଡ଼ା ଗାଁକୁ ଏକ ହରିଣ ଚାଲିଆସିଥିଲା। ହରିଣକୁ କୁକୁର ଗୋଡ଼ାଇ ଆକ୍ରମଣ କରିଥିଲେ। ଫଳରେ ହରିଣ ବେକରେ କ୍ଷତ ହୋଇଥିଲା। ଖବର ପାଇ ସାହାରପଡ଼ା ବନପାଳ ଭୁପତି ସେଠୀ ପହଞ୍ଚି ହରିଣକୁ ଉଦ୍ଧାର କରିଥିଲେ। ବଡ଼ବିଲ ପ୍ରାଣୀ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବଣ ମହୁଲଡ଼ିହାସ୍ଥିତ ଅଟେଇ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା। ଜଙ୍ଗଲ ନିଆଁ ଲାଗିବା ସହ ତାପମାତ୍ରା ବୃଦ୍ଧି ଯୋଗୁ ବନ୍ୟପ୍ରାଣୀ ଗାଁ ମୁହାଁ ହେଉଥିବା ବନପାଳ କହିଥିଲେ।


OMBADC

By E-mail.

**ODISHA MINERAL BEARING AREAS DEVELOPMENT CORPORATION**
(A SPV of Government of Odisha)
CIN-U75100OR2014NPL018478
E-mail-ombadc@gmail.com, Phone No.- (0674) 2300488
Regd. Off: Aranya Bhawan, GD-2/12, Chandrasekharpur, Bhubaneswar-23, Odisha

No.513 /OMBADC-09/2019 - Dated, Bhubaneswar the 06th April, 2023

**INVITATION NOTICE FOR SELECTION OF COMPANY SECRETARY IN OMBADC**

**APPLICATION FOR SELECTION OF COMPANY SECRETARY IN OMBADC**

Sealed application in plain paper with following information is solicited from qualified Company Secretaries for **Engagement as Company Secretary in OMBADC on Contractual basis**. The educational qualifications, post qualifications experience, period of engagement, remuneration and selection procedure and other terms and conditions can be downloaded from Govt. Website (www.odisha.gov.in) or can be availed from the office of OMBADC.

1. Name of the Applicant
2. Date of Birth
3. Educational Qualification
4. Work Experience.

**Address of two references**

1.
2.

Date Signature

Enclosed a copy of credentials with application. The last date of submission will be on or before 21.04.2023.

**Sd./- Chief Executive Officer**



SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର ୭୫୧୦୦୭

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍‌ଦ୍ୱାରା ନିମ୍ନଲିଖିତ ଋଣଗ୍ରହୀତା/ମୃତ ଋଣଗ୍ରହୀତାଙ୍କ ଆଇନ୍‌ଗତ ଉତ୍ତରାଧିକାରୀଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ସେମାନଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା। ତାହା ମଧ୍ୟରୁ **ମେସର୍ସ ମା ଗୁରୁବାଇ ଟ୍ରେଡର୍ସ** ଏକ ନୋଟିସ୍ ଏବଂ **ମେସର୍ସ ମା ଗୁରୁବାଇ ଡେକର** ର ତିନୋଟି ନୋଟିସ୍ ପ୍ରଦାନ କରାଯାଇନପାରି ଫେରସ୍ତ ଆସିଛି। ତେଣୁ ଏହି କାରଣରୁ ଉକ୍ତ ବିଷୟରେ ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଅବଗତ କରାଗଲା।

| ବାଲୁଗାଁ ଶାଖା/ ଋଣଗ୍ରହୀତା/ ଆଇନ୍‌ଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିଗୁଡ଼ିକର ସବିଶେଷ ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ/ଏନ୍‌ପିଏ ତାରିଖ | ବକେୟା ରାଶି |
|---|---|---|---|
| ଆକାଉଣ୍ଟ ନଂ.: ୩୧୮୭୭୨୨୭୨୭୫ (ସିସି),୩୯୪୪୩୦୨୯୬୯୭ (ଜିଇସିଏଲ) **ଋଣଗ୍ରହୀତା: ମେସର୍ସ ମା ଗୁରୁବାଇ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ଜଗନ୍ନାଥ ପ୍ରଧାନ(ମୃତକ),** ପିତା: ୰ ଖଳି ପ୍ରଧାନ /ଜଗନ୍ନାଥ ପ୍ରଧାନ(ମୃତକ ସ୍ୱତ୍ୱାଧିକାରୀ)ଙ୍କ ଆଇନଗତ ଉତ୍ତରାଧିକାରୀମାନେ : **୧) ଶ୍ରୀମତୀ କାବୁଲି ପ୍ରଧାନ,** ସ୍ୱାମୀ: ୰ ଜଗନ୍ନାଥ ପ୍ରଧାନ, **୨) ଶ୍ରୀ ସଞ୍ଜିବ କୁମାର ପ୍ରଧାନ,** ପିତା: ୰ ଜଗନ୍ନାଥ ପ୍ରଧାନ, **୩) ଶ୍ରୀ ରଞ୍ଜିବ କୁମାର ପ୍ରଧାନ,** ପିତା: ୰ ଜଗନ୍ନାଥ ପ୍ରଧାନ, **୪) ଶ୍ରୀ ବସନ୍ତ କୁମାର ପ୍ରଧାନ,** ପିତା: ୰ ଜଗନ୍ନାଥ ପ୍ରଧାନ, ସମସ୍ତଙ୍କ ଠିକଣା-ସା: ଘୁମୁସରପଦର, ପୋ: ଘିଅଖଳା,ଜିଲ୍ଲା: ଖୋର୍ଦ୍ଧା - ୭୫୨୦୩୦ /**ଗ୍ୟାରେଣ୍ଟିଦାତା: ଶ୍ରୀ ବିରଞ୍ଚି ନାରାୟଣ ପ୍ରଧାନ,** ପିତା: ୰ଖଳି ପ୍ରଧାନ, ଠିକଣା: ସା: ଘୁମୁସରପଦର, ପୋ: ଘିଅଖଳା, ଥାନା: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୩୦ | ୰ ଜଗନ୍ନାଥ ପ୍ରଧାନ ଏବଂ ଶ୍ରୀ ବିରଞ୍ଚି ନାରାୟଣ ପ୍ରଧାନଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଖାତା ନଂ.: ୫୯୪, ମୌଜା: ସାନ୍ତରାପୁର, ଥାନା: ବାଣପୁର, ଥାନା ନଂ.: ୨୯୮, ତହସିଲ: ଚିଲିକା, ଏସ୍‌ଆରଓ: ବାଣପୁର, ପ୍ଲଟ୍ ନଂ.: ୩୧୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ପ୍ଲଟ୍ ନଂ.: ୩୧୫/୧୮୮୮, କ୍ଷେତ୍ର: ଏକର ୦.୦୪୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ଗାନ୍ଧୀ ପାତ୍ର, ପଶ୍ଚିମ: ଦେବେନ୍ଦ୍ର ସୁବୁଦ୍ଧି, ଉତ୍ତର: ରାସ୍ତା, ଦକ୍ଷିଣ: ଭାସ୍କର ପାତ୍ର | ୨୩.୦୧.୨୦୨୩ / ୨୯.୧୦.୨୦୨୨ | ୨୩.୦୧.୨୦୨୩ ସୁଦ୍ଧା ଟ.୪୦,୮୮,୩୮୦/- + ସେବାବଦ ସୁଧ |
| ଆକାଉଣ୍ଟ ନଂ.: ୩୧୬୯୬୨୯୪୭୭୯ (ସିସି),୩୯୫୪୭୧୨୩୮୧୮ (ଜିଇସିଏଲ) **ଋଣଗ୍ରହୀତା: ମେସର୍ସ ମା ଗୁରୁବାଇ ଡେକର, ସ୍ୱତ୍ୱାଧିକାରୀ: ଶ୍ରୀ ବିରଞ୍ଚି ନାରାୟଣ ପ୍ରଧାନ,** ପିତା: ୰ ଖଳି ପ୍ରଧାନ / **ଗ୍ୟାରେଣ୍ଟିଦାତା: ଜଗନ୍ନାଥ ପ୍ରଧାନ (ମୃତକ),** ପିତା: ୰ ଖଳି ପ୍ରଧାନ, ସମସ୍ତଙ୍କ ଠିକଣା: ସା: ଘୁମୁସରପଦର, ପୋ: ଘିଅଖଳା, ଥାନା: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୩୦ / **ଜଗନ୍ନାଥ ପ୍ରଧାନ (ମୃତକ ଗ୍ୟାରେଣ୍ଟିଦାତା)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କାବୁଲି ପ୍ରଧାନ,** ସ୍ୱାମୀ: ୰ ଜଗନ୍ନାଥ ପ୍ରଧାନ, **୨) ଶ୍ରୀ ସଞ୍ଜିବ କୁମାର ପ୍ରଧାନ,** ପିତା: ୰ ଜଗନ୍ନାଥ ପ୍ରଧାନ, **୩) ଶ୍ରୀ ରଞ୍ଜିବ କୁମାର ପ୍ରଧାନ,** ପିତା: ୰ ଜଗନ୍ନାଥ ପ୍ରଧାନ, **୪) ଶ୍ରୀ ବସନ୍ତ କୁମାର ପ୍ରଧାନ,** ପିତା: ୰ ଜଗନ୍ନାଥ ପ୍ରଧାନ, ସମସ୍ତଙ୍କ ଠିକଣା-ସା: ଘୁମୁସରପଦର, ପୋ: ଘିଅଖଳା, ଜିଲ୍ଲା: ଖୋର୍ଦ୍ଧା - ୭୫୨୦୩୦ | ୰ ଜଗନ୍ନାଥ ପ୍ରଧାନ ଏବଂ ଶ୍ରୀ ବିରଞ୍ଚି ନାରାୟଣ ପ୍ରଧାନଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ସମ୍ପତ୍ତି ଯାହାର ଖାତା ନଂ.: ୫୯୪, ମୌଜା: ସାନ୍ତରାପୁର, ଥାନା: ବାଣପୁର, ଥାନା ନଂ.: ୨୯୮, ତହସିଲ: ଚିଲିକା, ଏସ୍‌ଆରଓ: ବାଣପୁର, ପ୍ଲଟ୍ ନଂ.: ୩୧୩, କ୍ଷେତ୍ର: ଏକର ୦.୦୩୦ ଡିସିମିଲି, ପ୍ଲଟ୍ ନଂ.: ୩୧୫/୧୮୮୮, କ୍ଷେତ୍ର: ଏକର ୦.୦୪୨ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ଗାନ୍ଧୀ ପାତ୍ର, ପଶ୍ଚିମ: ଦେବେନ୍ଦ୍ର ସୁବୁଦ୍ଧି, ଉତ୍ତର: ରାସ୍ତା, ଦକ୍ଷିଣ: ଭାସ୍କର ପାତ୍ର | ୨୩.୦୧.୨୦୨୩ / ୧୭.୧୨.୨୦୨୨ | ୨୩.୦୧.୨୦୨୩ ସୁଦ୍ଧା ଟ.୧୩,୯୧,୬୯୭/- + ସେବାବଦ ସୁଧ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଋଣଗ୍ରହୀତା/ ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର **୬୦ଦିନ** ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

**ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

**ସ୍ଥାନ: ଭୁବନେଶ୍ୱର, ତାରିଖ : ୦୬.୦୪.୨୦୨୩** ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 3223/PSC** **Dt.05.04.2023**
**1E-08-2021-22 (DR-III)**

No. D-06: It is for information of all concerned that the Commission have decided to conduct the written examination for recruitment to the post of **Post Graduate Teachers under Science Streams** in Group-B State Service for newly created 10 Nos. of Kalinga Model Residential Schools (KMRSs) & Biju Pattnaik Adarsha Bidyalaya under ST & SC Development Department pursuant to **Advt. No. 21 of 2021-22** to be held **on 30.04.2023 (Sunday)** at Cuttack Zone only. The programme of examination is indicated below:

TIME TABLE

| Date | Session | Time | Subject |
|---|---|---|---|
| 30.04.2023 (Sunday) | **Session - I** (Forenoon) | 09.30 A.M. to 10.30 A.M. Duration - 1 hour | **Part - A (Compulsory Subject)** (i) General English (ii) Computer Aptitude (iii) Pedagogy (iv) General Knowledge |
| | **Session - II** (Forenoon) | 11.30 A.M. to 01.30 P.M. Duration - 2 hour | **Part - B (Concerned Optional Subject)** (i) Physics (ii) Chemistry (iii) Biology (iv) Mathematics (v) Computer Science |

**N.B.: (i)** For **Persons with Disability** candidates who are unable to write and take assistance of scribe will be given **twenty** minutes extra time in each hour i.e. from 09.30 A.M. to 10.50 A.M. in the Session - I and 11.30 A.M. to 2.10 P.M. in the Session - II.
**(ii)** The PwD candidates who will not take assistance of scribe are also allowed to avail extra time of twenty minutes in each sitting.

The Centre of the examination will be published shortly. The candidates are advised to go through the website of the Comission **http://www.opsc.gov.in** from time to time for further information.

**OIPR-12002/11/0001/2324** **Sd./- Secretary**



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 3291/PSC** **Dt.06.04.2023**
**(1R-05-22/23) (DR-V)**

No. D-07: It is for information of all concerned that, pursuant to the Advertisement No. 5 of 2022-2023, **49 (18 - W) Candidates,** bearing following roll numbers have been allowed to appear the V.V. Test to determine their eligibility for recruitment to the post of **Odisha Information Service (SDIPRO, OIS - II)**. The Document Verification and V. V. Test in respect of the following candidates will be held in the office of the Commission at 19, Dr. P.K. Parija Road, Cuttack - 753001 from **19.04.2023 to 21.04.2023** as per the programme mentioned below.

| Date | Time of Document Verification | Time of V. V. Test | Roll No. of Candidates |
|---|---|---|---|
| 19.04.2023 | 9.00 A.M. | 10.45 A.M. | 100005, 100015, 100025, 100043, 100046, 100053, 100060, 100066 & 100084 **= 09 Candidates** |
| | 1.00 P.M. | 3.00 P.M. | 100085, 100116, 100119, 100135, 100146, 100219 & 100220 = **07 Candidates** |
| 20.04.2023 | 9.00 A.M. | 10.45 A.M. | 100246, 100279, 100311, 100324, 100353, 100355, 100360, 100368, 100470 & 100471 = **10 Candidates** |
| | 1.00 P.M. | 3.00 P.M. | 100476, 100481, 100487, 100493, 100528, 100545 & 100553 **= 07 Candidates** |
| 21.04.2023 | 9.00 A.M. | 10.45 A.M. | 100556, 100570, 100591, 100599, 100612, 100634, 100637, 100679, 100760 & 100765 **= 10 Candidates** |
| | 1.00 P.M. | 3.00 P.M. | 100805, 100808, 100811, 1100824, 100835 & 100838 **= 06 Candidates** |

The candidates are required to come with hard-copies of online application forms (indicating their Roll Nos. at the top right corner), four pasport size photographs, self-attested copies of all relevant certificates, documents, proof of identity etc. **with original of the same** as per **Para - 9** of the aforesaid advertisement and duly filled in **"Attestation Form" & "Bio-data Form"** (to be downloaded from the website of the Commission) and submit the same **in person** on the day of verification.

***While submitting the hard copy of online application form the candidates are requested to mask, the mobile No./alternatively Mobile No. and Email ID through blackening.***

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificate/ documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the viva voce test**. The candidates shall be allowed to the viva voce test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**N.B.: The candidates are advised to report at the office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.**

**OIPR-12002/11/0002/2324** **Sd./- Secretary**

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ଛଳକପଟତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚତର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ



# ମାନବୀୟ ଶିକ୍ଷାର ଆଶା



ଆଭ୍ରାମ ଆଲପର୍ଟ

ନିକଟରେ ଜର୍ମାନୀ ଓ ଆମେରିକାର ବିଦ୍ୱାନ ସାହିତ୍ୟିକମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସେଠାରେ ମୁଁ ପରାମର୍ଶ ଦେଇଥିଲି ଯେ, ଯଦି ଆମେ ଛାତ୍ରମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିବା ତେବେ ଆମର ଏହି ଉଚ୍ଚସ୍ତରୀୟ ଆଲୋଚନାର ମହତ୍ତ୍ୱ ରହିବ। ସାହିତ୍ୟ ପଢିବା ଦ୍ୱାରା କିପରି କୌଶଳ ବିକାଶ ହୁଏ ତାହା ଛାତ୍ରମାନଙ୍କୁ କହିବା ଯଥେଷ୍ଟ ହେବ ନାହିଁ, ବରଂ ତାହା କିଭଳି ସେମାନଙ୍କ ଜୀବନର ଅନ୍ୟ କ୍ଷେତ୍ରକୁ ପରିବର୍ତ୍ତନ ହୋଇପାରିବ ତାହା ବୁଝାଇବା ଆବଶ୍ୟକ। ଏହାବାଦ୍ ସେମାନେ ସମସ୍ତେ କିଭଳି ଉତ୍ତମ ବ୍ୟାଖ୍ୟାକାର ହୋଇପାରିବେ ସେଥିପାଇଁ ସାହାଯ୍ୟ କରିବା ଉଚିତ ଯାହାଦ୍ୱାରା ସେମାନେ ଭଲ ବନ୍ଧୁ, ପରିବାର ସଦସ୍ୟ ଏବଂ ନାଗରିକ ହୋଇପାରିବେ। ତେବେ ଶ୍ରେଷ୍ଠ ସାହିତ୍ୟ ପଢିବା ନିଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଯେଉଁ ସଂଶୟ ରହିଛି ତାହାକୁ ଏହି ଯୁକ୍ତି ଦୂର କରିପାରିବ ବୋଲି ମୁଁ ଆଶା କରିଥିଲି। କିନ୍ତୁ ଆଶ୍ଚର୍ଯ୍ୟର କଥା, ମୁଁ ଯାହା ଆଶା କରୁଥିଲି ତାହାଠାରୁ ଅଧିକ ପ୍ରତିକ୍ରିୟା ପ୍ରକାଶ ପାଇଲା। ଏପରିକି ମୁଁ ଏକଛତ୍ରବାଦକୁ ଉପେକ୍ଷା କରୁଥିବା ଅଭିଯୋଗ ଉଠିଲା। ଲୋକେ କେମିତି ଭଲରେ ବଞ୍ଚିବେ ତାହା ସେମାନଙ୍କୁ ଶିକ୍ଷା ଦେବା ଉଚିତ ବୋଲି ଯାହା ମୁଁ କହିଥିଲି ତାହାକୁ ଭୁଲ୍ ବୁଝାଗଲା। କୁହାଗଲା ଯେ, କେମିତି ଭଲରେ ରହିବାକୁ ହେବ ତାହା ଆମେ ନିଜେ ଜାଣିବା ଦରକାର ଏବଂ ଆମ ଦୃଷ୍ଟିକୋଣକୁ ଅନ୍ୟମାନଙ୍କ ଉପରେ ଲଦିଦେବାରେ ଆମର ଅଧିକାର ରହିଛି। ଏଭଳି ଚିନ୍ତାଧାରା ପଛରେ କିଛି ଯୁକ୍ତି ବି ଅଛି। କାରଣ, ଅନେକ ଦେଶରେ ଅତି ଦକ୍ଷିଣପନ୍ଥୀ ରାଜନେତାମାନେ ଏବେ ମଧ୍ୟ ସେମାନଙ୍କ ବିଚାରଧାରାଗୁଡ଼ିକୁ ଲାଗୁ କରିବାକୁ ଚେଷ୍ଟା କରୁଛନ୍ତି। କିଛି ନିର୍ଦ୍ଦିଷ୍ଟ ବିଷୟ ଓ ବହି ଉପରେ ପ୍ରତିବନ୍ଧକ ଲଗାଇ ସେମାନେ ଏହା କରୁଛନ୍ତି। ବାସ୍ତବରେ ଲୋକେ କେମିତି ଭଲରେ ରହିବେ ତାହା ସେମାନଙ୍କୁ କହିବା ପାଇଁ ମୁଁ ବିଶ୍ୱବିଦ୍ୟାଳୟ ଶିକ୍ଷକମାନଙ୍କ ସକାଶେ ଓକିଲାତି କରୁ ନ ଥିଲି। ବରଂ ମୋ ଲକ୍ଷ୍ୟ ଥିଲା ଭିନ୍ନ ଓ ସରଳ। ମୋ କହିବା କଥା ହେଲା,ମହତ୍ତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ମାଧ୍ୟମରେ ଛାତ୍ରମାନଙ୍କ ଦୈନନ୍ଦିନ ଜୀବନ ସହ ଶ୍ରେଣୀଗୃହକୁ ଯୋଡ଼ିବାରେ ଆମେ ସାହାଯ୍ୟ କରିବା ଉଚିତ। କିନ୍ତୁ ମୁଁ ଜୀବନର ମୂଲ୍ୟ ପାଇବାରେ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ କେତେକ ମାନବବାଦୀ କିଭଳି ସେମାନଙ୍କର ଐତିହାସିକ ଦାୟିତ୍ୱରୁ ଓହରିଯାଇଛନ୍ତି ସେ ସମ୍ପର୍କରେ ବହୁ ତଥ୍ୟ ପାଇଥିଲି।

କେମିତି ଭଲରେ ରହିହେବ ସେ ସମ୍ପର୍କିତ ଗମ୍ଭୀର ଆଲୋଚନାରୁ ବର୍ତ୍ତମାନ ସଂଖ୍ୟାଧିକ ଶିକ୍ଷକ ବା ଅଧ୍ୟାପକ ଦୂରେଇ ରହୁଛନ୍ତି। ଭବିଷ୍ୟତରେ ମାନବତାର ବିସ୍ତୃତ ପ୍ରୟୋଗ ସନ୍ଦେହରେ ଥିବାବେଳେ ମାନବବାଦୀମାନେ ଏହା କରିବା ଏକ ବଡ଼ ତ୍ରୁଟି। ଆମେ ଦୀର୍ଘଦିନରୁ ଅନ୍ୱେଷଣ କରୁଥିବା ଏକ ମହତ୍ତ୍ୱପୂର୍ଣ୍ଣ ଜୀବନ ପାଇଁ ମାନବତାକୁ ତୁରନ୍ତ ଶିକ୍ଷା ସହ ଯୋଡ଼ିବା ଦରକାର। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜୀବନ ସମ୍ପର୍କିତ ଗଭୀର ଆଲୋଚନାଭିତ୍ତିକ କେନ୍ଦ୍ର କରାଯିବା ବାଟ ଧୀରେ ଧୀରେ ବନ୍ଦ ହୋଇଯାଇଥିବାରୁ ଲୋକେ ମାନବୀୟ କାର୍ଯ୍ୟକଳାପ ଲାଗି ନିଜର ଫୋରମ୍ ବା ମଞ୍ଚ ଗଢ଼ିଆସୁଛନ୍ତି। କାଥେରାଇନ ପ୍ରୋଜେକ୍ଟ, ନାଇଟ ସ୍କୁଲ ବାର୍ ଏବଂ ପ୍ରିମାଇସ୍ ଭଳି ଗୋଷ୍ଠୀ ଆଦି ଜୀବନ ଓ କଳା ଉପରେ ବ୍ୟାପକ ଆଲୋଚନା କରିବା ଲାଗି ବିଶ୍ୱବିଦ୍ୟାଳୟ ବାହାରେ ଲୋକମାନଙ୍କୁ ଏକାଠି କରୁଛନ୍ତି।



ଦେଖାଯାଏ, ଯେତେବେଳେ ବିଶ୍ୱବିଦ୍ୟାଳୟଗୁଡ଼ିକ ଏହି ପ୍ରକାର କ୍ଲାସ୍ ରଖନ୍ତି ସେତେବେଳେ ଛାତ୍ରମାନେ ଏହାକୁ ଗ୍ରହଣ କରିଥାନ୍ତି। ଯେଲେ ବିଶ୍ୱବିଦ୍ୟାଳୟର ସବୁଠୁ ଜଣାଶୁଣା ତିନୋଟି ବିଷୟ ସୁଖ, ମୃତ୍ୟୁ ଓ ମୂଲ୍ୟବୋଧଭିତ୍ତିକ ଜୀବନ ଜିଇବାର ତରିକା ଉପରେ ଆଧାରିତ। ଦୁଃଖରକଥା, ଏଭଳି ସମ୍ପୂର୍ଣ୍ଣ ନିଆରା ପ୍ରତ୍ୟାଶା ଯାହା ମାନବୀୟ ଆବଶ୍ୟକତାକୁ ପ୍ରମାଣିତ କରୁଛି, ତାହାକୁ ଅନ୍ୟ କ୍ଷେତ୍ରରେ ପ୍ରୟୋଗ କରାଯାଉନାହିଁ। ବିଚାରଶୀଳ ମାର୍ଗଦର୍ଶନ ଅଭାବ ଅଛି। ସାମାଜିକ ବିଜ୍ଞାନ ସମ୍ପର୍କିତ ଗବେଷଣା ଦର୍ଶାଇଛି, ମଣିଷ ଯେତେବେଳେ ଜୀବନର ମୂଲ୍ୟକୁ ଅନୁଭବ କରିବାରୁ ବଞ୍ଚିତ ହୁଏ ସେତେବେଳେ ସେ ଏକଛତ୍ରବାଦୀ ନେତାମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ ହୋଇଯାଏ। ମୁକ୍ତ ଚିନ୍ତାଧାରା ସମ୍ପନ୍ନ ମାନବବାଦୀମାନେ ଏକଛତ୍ରବାଦକୁ ନେଇ ଚିନ୍ତାପ୍ରକଟ କରି ସେମାନେ ଜୀବନର ମୂଲ୍ୟ ହାସଲ ପାଇଁ ଲୋକଙ୍କୁ ସାହାଯ୍ୟ କରିବା ଦରକାର। ଏହାବାଦ୍ ମୂଲ୍ୟବୋଧଭିତ୍ତିକ ଜୀବନର ଅଭାବ ଏକଛତ୍ରବାଦ ଆଡ଼କୁ ବାଟ କଢ଼ାଇ ନେବାର ସମ୍ଭାବନା ଅଧିକ ବୋଲି ଲୋକମାନଙ୍କୁ ଅବଗତ କରାଯିବା ଆବଶ୍ୟକ।

ଏସବୁକୁ ବିଚାର କଲେ ସାମ୍ପ୍ରତିକ ସମୟରେ ମାନବୀୟ ଶିକ୍ଷାର ଅତ୍ୟଧିକ ଆବଶ୍ୟକତା ଅଛି। ହେଲେ ଏଭଳି ଶିକ୍ଷାକୁ ବିଶ୍ୱବିଦ୍ୟାଳୟରେ ସୀମିତ କରି ରଖାଯିବାର କେତେକ କାରଣ ରହିଛି। ଗୋଟିଏ କାରଣ ହେଉଛି, ଏହାପ୍ରତି ବିଦ୍ୱାନମାନଙ୍କ ମଧ୍ୟରେ ଥିବା ଅନାଗ୍ରହ। ଆଧୁନିକ ବିଜ୍ଞାନଭିତ୍ତିକ ଅନୁଧ୍ୟାନଗୁଡ଼ିକ ବିଜ୍ଞାନକୁ ନା କହି ଧର୍ମୀୟ ବିଶ୍ୱାସକୁ ଗ୍ରହଣ କରିବା ଭଳି ପଥଭ୍ରଷ୍ଟ ଚିନ୍ତାଧାରାକୁ ବିରୋଧ କରିଥିଲା। ବିଜ୍ଞାନ ନିଜକୁ ଏଭଳି ସ୍ୱେଚ୍ଛାଚାରୀ ସିଦ୍ଧାନ୍ତରୁ ମୁକ୍ତ କରିଥିଲେ ମଧ୍ୟ ତାହା ଜୀବନର ମୂଲ୍ୟ ଅନ୍ୱେଷଣ କରିବା ଧାରାରୁ ବହୁଦୂରକୁ ଚାଲିଗଲା। ଉତ୍ତମ ଜୀବନ ଜିଇବାର କୌଣସି ଗାଣିତିକ ସୂତ୍ର ନାହିଁ ବୋଲି ବୈଜ୍ଞାନିକମାନେ ଯାହା ବୁଝାଇବାକୁ ଚାହିଁଥିଲେ ତାହା ଏବେ ଗବେଷଣା ସାପେକ୍ଷ। ଅନ୍ୟପକ୍ଷରେ ମାନବବାଦକୁ ସମର୍ଥନ କରୁଥିବା ଗବେଷଣାଗୁଡ଼ିକ ମଧ୍ୟ ଏହି ପଥରୁ ବିଚ୍ୟୁତ ହୋଇଗଲେ। ଉଦାହରଣ ସ୍ୱରୂପ, କେମିତି ବଞ୍ଚିବାକୁ ହୁଏ ସେ ସମ୍ପର୍କରେ କିମ୍ବା ତା' ଆମକୁ କ'ଣ ଶିକ୍ଷା ଦେଇପାରେ, ତାହା ବୁଝାଇବା ଲାଗି ବହୁ ଗବେଷକ ସେମାନଙ୍କ ଚେଷ୍ଟାବନ୍ଦ କରି ଦେଲେ।

ଭଲ ଖବର ହେଉଛି, ଅତୀତର ସମସ୍ୟାଗୁଡ଼ିକୁ ଉଜାଗର ନ କରି ଆମେ ଏହିସବୁ ଜୀବନର ମୂଲ୍ୟ ସମ୍ପର୍କିତ ପ୍ରଶ୍ନଗୁଡ଼ିକରେ ଆମକୁ ଜଡ଼ିତ କରିପାରିବା। ମାନବତା ସମ୍ପର୍କିତ ବଡ଼ ପ୍ରଶ୍ନଗୁଡ଼ିକ ଉପରେ ଶ୍ରେଣୀଗୃହରେ ଉପଦେୟ ଆଲୋଚନା କରାଗଲେ ତାହା ଶିକ୍ଷକ ଓ ଛାତ୍ରମାନଙ୍କୁ ଜୀବନର ମୂଲ୍ୟ ବୁଝିବାରେ ସାହାଯ୍ୟ କରିବ। ତେବେ ମାନବ ଅସ୍ତିତ୍ୱର ଆହ୍ୱାନଗୁଡ଼ିକୁ ସାମ୍ନାକୁ ଆଣିବାରେ ଛାତ୍ରମାନଙ୍କୁ ସାହାଯ୍ୟ କରିବା ଲାଗି ଆଗାମୀ ବର୍ଷଗୁଡ଼ିକରେ ଏକ ନୂତନ ତଥା ପ୍ରମୁଖ ସୁଯୋଗ ମାନବବାଦୀମାନେ ଯୋଗାଇଦେବାର ସମ୍ଭାବନା ଅଛି। ମହାମାରୀ ଆରମ୍ଭ ହେବାଠାରୁ ବିଶ୍ୱର ବହୁ ବିଶ୍ୱବିଦ୍ୟାଳୟ ମାନବୀୟ ଶିକ୍ଷାରେ ଆଗ୍ରହ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ତେବେ ଚଳିତ ଶିକ୍ଷା ବର୍ଷରେ କାଲିଫର୍ନିଆ,ବରକିଲେ ବିଶ୍ୱବିଦ୍ୟାଳୟରେ ମାନବୀୟ ଶିକ୍ଷାକୁ ନେଇ ଯାହା ଘୋଷଣା କରାଯାଇଛି ତାହା ଗତ ବର୍ଷ ତୁଳନାରେ ୧୨୧% ଅଧିକ।

ଏସବୁ ହେଉଛି ପ୍ରାଥମିକ ତଥ୍ୟ। ଆମକୁ ନିଶ୍ଚିତ ହେବାକୁ ପଡ଼ିବ ଯେ ଯଦି ଏହି ଧାରା ଲାଗିରହେ ତେବେ ଆମେ ସଫଳତା ଦେଖିବାକୁ ପାଇବା। କିନ୍ତୁ ଏହି ଧାରାରେ ସାମାନ୍ୟ ଉନ୍ନତି ମାନବତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଆଣିଛି। ଏକଛତ୍ରବାଦୀ ଭାବେ ଆମେ ନିଜର ବିଚାରଧାରାକୁ ଛାତ୍ରମାନଙ୍କ ଉପରେ ଲଦି ଦେବାର ଡାଆଁକୁ ଯେଭଳି ତ୍ୟାଗ କରୁଛେ ସେହିଭଳି ଛାତ୍ରମାନେ କେମିତି ଭଲ ଜୀବନ ଜିଇବେ ତାହା ସେମାନଙ୍କୁ ବୁଝାଇବାରେ ଆମେ ପ୍ରଦର୍ଶନ କରୁଥିବା ବିଫଳତା ଉପରେ ସମାନ ଭାବେ ଚିନ୍ତା ପ୍ରକଟ କରିବା ଉଚିତ। କେବଳ ମାନବୀୟ ଶିକ୍ଷା ତାହା କରିପାରିବ। ଏହା କେମିତି କରାଯାଇପାରିବ ତାହାର ଦାୟିତ୍ୱ ଅଧ୍ୟାପକଙ୍କର। ଆମର ଶ୍ରେଣୀଗୃହ ଏମିତି ହେବା ଦରକାର, ଯେଉଁଠି ଜୀବନର କଠିନ ସମସ୍ୟାଗୁଡ଼ିକ ଉପରେ ବିଚାର, ବିତର୍କ କରାଯାଇପାରିବ। ଏଠାରେ ଜୀବନର ମୂଲ୍ୟ ଓ ଉଦ୍ଦେଶ୍ୟକୁ ପ୍ରତିପାଦିତ କରାଯାଇ ତାହାକୁ ପାଳନ କରାଯାଇପାରିବ। ଏଭଳି ଏକ ଶ୍ରେଣୀଗୃହ ପ୍ରତିଷ୍ଠା କରିବା ଆବଶ୍ୟକ, ଯେଉଁଠି ଜୀବନର ସମ୍ପୂର୍ଣ୍ଣତାକୁ ଗ୍ରହଣ କରାଯିବା ସହ ତାହାକୁ ବୁଝିବା ଲାଗି ସମସ୍ତେ ଏକାଠି କାମ କରିବେ। ଏକ ନୂଆ ଶିକ୍ଷାର ଆଲୋକ ପ୍ରଜ୍ୱଳିତ କରିବା ଆମ ସମସ୍ତଙ୍କ ଉପରେ ନିର୍ଭର କରେ। ସେହିଠାରେ ହିଁ ଆମେ ସମସ୍ତଙ୍କ ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ବିଶ୍ୱ ଗଢିବା ଲାଗି ସମ୍ମିଳିତ ଭାବେ ଆମର ଶ୍ରେଷ୍ଠ ବୈଜ୍ଞାନିକ ବିଦ୍ୟା ସହ ଜ୍ଞାନକୁ ଯୋଡ଼ିପାରିବା।

**ରିସର୍ଚ୍ଚ ଫେଲୋ, ଦି ଇନ୍‌ଷ୍ଟିଚ୍ୟୁଟ, ହମବର୍ଗ ତଥା ଦି ଗୁଡ୍ ଏନଫ୍ ଲାଇଫ୍‌ର ଲେଖକ**

# ଏମାନଙ୍କୁ କ୍ଷମା କର



ହରିଶ୍ଚନ୍ଦ୍ର ଅରିଶଲ୍ୟ

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ୩୨ ଖ୍ରୀଷ୍ଟ ପୂର୍ବ(ଏଡି)ରେ ରୋମୀୟ ସାମ୍ରାଜ୍ୟ ସମୟରେ ତାଙ୍କ ବିରୋଧରେ ରାଜଦ୍ରୋହ ଓ ଅନ୍ୟାନ୍ୟ ମିଥ୍ୟା ଅଭିଯୋଗ ଆଣି ଜଘନ୍ୟ ଅପରାଧୀଙ୍କ ପରି କ୍ରୁଶ ଉପରେ ବର୍ବରୋଚିତ ଭାବରେ ହତ୍ୟା କରାଯାଇଥିବା ଦିନକୁ ''କଳା(ବ୍ଲାକ୍) ଶୁକ୍ରବାର'' ବା ଅନ୍ଧକାର (Dark) ଶୁକ୍ରବାର'' ବୋଲି କହିବା ପରିବର୍ତ୍ତେ '' ଶୁଭ ଶୁକ୍ରବାର'' ରୂପେ ବିଶ୍ୱବ୍ୟାପୀ ପାଳନ କରାଯାଉଛି। ପ୍ରଭୁ ଯିଶୁଙ୍କ କ୍ରୁଶୀୟ ମୃତ୍ୟୁ ଅସାଧାରଣ ଥିଲା। ବିଚାରପତି କିମ୍ବା କୋର୍ଟରେ ଦୋଷ ପ୍ରମାଣିତ ହୋଇ ନ ଥିଲା। କାରଣ ତାଙ୍କର କିଛି ହେଲେ ଦୋଷ ନ ଥିଲା।

ଏହି ବିଶେଷ ଦିନରେ ଯିଶୁ କ୍ରୁଶ ଉପରୁ ଏବଂ ଶାରୀରିକ ମୃତ୍ୟୁ ଭୋଗ କରିବା ପୂର୍ବରୁ ଉଚ୍ଚାରଣ କରିଥିବା ସପ୍ତବାଣୀ ପବିତ୍ର ବାଇବେଲରୁ ଆଲୋକପାତ କରାଯାଇଛି। ସପ୍ତବାଣୀ ହେଲା- ସେହି ଦାରୁଣ ପରିସ୍ଥିତିରେ ଉଚ୍ଚାରିତ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ସପ୍ତବାଣୀ ଆଜି ମଧ୍ୟ ମାନବ ଜାତିକୁ ପ୍ରେରଣା ଓ ଉତ୍ସାହ ଦେଇଥାଏ। ପ୍ରଥମ ବାଣୀ- ହେ ପିତା, ଏମାନଙ୍କୁ କ୍ଷମାକର, କାରଣ ଏମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ। ଦ୍ୱିତୀୟ ବାଣୀ- ମୁଁ ତୁମ୍ଭକୁ ସତ୍ୟ କରୁଛି ଆଜି ତୁମ୍ଭେ ମୋ ସହିତ ପାରଦୀଶରେ ଉପସ୍ଥିତ ହେବ। ତୃତୀୟ ବାଣୀ -ହେ ମୋର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ? ଚତୁର୍ଥ ବାଣୀ- ହେ ପିତା, ତୁମ୍ଭ ହସ୍ତରେ ମୋର ଆତ୍ମା ସମର୍ପଣ କରୁଅଛି। ପଞ୍ଚମବାଣୀ- ଗୋ ନାରୀ, ଏଠାରେ ତୁମ୍ଭର ପୁତ୍ର, ଏଠାରେ ତୁମ୍ଭର ମା'। ଷଷ୍ଠବାଣୀ- ମୋତେ ତୃଷା ଲାଗୁଛି। ସପ୍ତମ ବାଣୀ - ଏହା ସମାପ୍ତ ହେଲା।

ବାଇବେଲ ପ୍ରମାଣେ, ବଳିଦାନ ନିମନ୍ତେ 'ପ୍ରଭୁ ଯିଶୁ ସ୍ୱଇଚ୍ଛାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଯିଶୁ ନିଜ ଜୀବନକୁ ବଳିଦାନ ପାଇଁ ଦେବାକୁ ଉତ୍ସର୍ଗ କରିବାକୁ ପୁଣି ନିଜ ଜୀବନକୁ ଫେରି ପାଇବା ଅଧିକାର ଓ ଆଜ୍ଞା ପରମେଶ୍ୱରଙ୍କଠାରୁ ପାଇଥିଲେ। ଯିଶୁ ପୃଥିବୀ ପାଇଁ ବଳିଦାନ ଦେଇ ପରମେଶ୍ୱରଙ୍କ କ୍ରୋଧରୁ ମାନବଜାତିକୁ

## ଗୁଡ୍ ଫ୍ରାଇଡେ ଉପଲକ୍ଷେ

ରକ୍ଷା କରିଛନ୍ତି। ବାଇବେଲ ପ୍ରମାଣେ, ଏହି ଶୁଭ ଶୁକ୍ରବାର ଘଟଣା ପାଇଁ, ପରମେଶ୍ୱର ଯିଶୁଙ୍କୁ ଜଗତକୁ ପଠାଇଲେ, ଯାହାଦ୍ୱାରା ପରମେଶ୍ୱରଙ୍କ କ୍ରୋଧ ଓ ନ୍ୟାଯ୍ୟ ଆବଶ୍ୟକତା ପୂରଣ ହେଲା। ବାଇବେଲ ପ୍ରମାଣେ, 'ଈଶ୍ୱର ପୃଥିବୀକୁ ଏପରି ପ୍ରେମ କଲେ ଯେ, ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ର ଯିଶୁଙ୍କୁ ପୃଥିବୀକୁ ଦାନ କଲେ, ଏଣୁ ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ'।

ବାଇବେଲ ପ୍ରମାଣେ, (ମନୁଷ୍ୟ ପୁତ୍ର) ଯିଶୁ ସେବା ପାଇବାକୁ ଆସି ନ ଥିଲେ ବରଂ ସେବା କରିବାକୁ ଏବଂ ମାନବଜାତି ନିମନ୍ତେ ନିଜ ଜୀବନ ବଳିକୃତ କରିବାକୁ ଆସିଥିଲେ। ସେହି ସମୟରେ, ପ୍ରଧାନ ଧର୍ମଯାଜକମାନେ ଈର୍ଷାନ୍ୱିତ ହୋଇ ଯିଶୁଙ୍କୁ କ୍ରୁଶବିଦ୍ଧ କରିବା ପାଇଁ ସମର୍ପଣ କରିଥିଲେ। କ୍ରୁଶ ଉପରୁ ଯିଶୁଙ୍କ ପ୍ରଥମବାଣୀ ଆଜି ମାନବ ସମାଜ ପାଇଁ ଗଭୀର ସତ୍ୟ ପ୍ରତିପାଦିତ କରିଛି। କ୍ଷମା କରିବା ଏକ ସାଧାରଣ ବିଷୟ ନୁହେଁ। ସମସ୍ତେ କ୍ଷମା କରିପାରନ୍ତି ନାହିଁ। ସମସ୍ତେ କ୍ଷମା କରିପାରନ୍ତି ନାହିଁ, ବିଶେଷ କରି ଦୋଷ ନ ଥାଇ ମୃତ୍ୟୁଦଣ୍ଡ ପାଇବା ଏବଂ କ୍ଷମା ଦେବା କେବଳ ଈଶ୍ୱରୀୟ ପ୍ରକୃତି ଥିଲେ ବା ଈଶ୍ୱର ହିଁ ନିଜେ କରିପାରନ୍ତି। ଏହା 'ଶୁଭ ଶୁକ୍ରବାର'ର ବିଶେଷ ଅନୁଚିନ୍ତା।

କ୍ଷମାଦେବା ପରେ ଯିଶୁଖ୍ରୀଷ୍ଟ ମାନବ ଓ ପୃଥିବୀ ଇତିହାସରେ ବିରଳ ବ୍ୟକ୍ତିତ୍ୱ ହୋଇ ଈଶ୍ୱରୀୟତ୍ୱ ପ୍ରକାଶ କଲେ। କ୍ଷମାର ସ୍ରଷ୍ଟା ଯିଶୁ ଆମର ଆଦର୍ଶ ଓ ଜୀବନ। କ୍ଷମାର ମହତ୍ତ୍ୱ ଅତୁଳନୀୟ ଓ ଅବର୍ଣ୍ଣନୀୟ। କ୍ଷମାର ମୂଲ୍ୟ ହେଉଛି ଆପଣାର ନିଜର କ୍ଷତିରେ ଅନ୍ୟକୁ ସାହାଯ୍ୟ କରିବା, କ୍ଷମା କରିବା ଏବଂ ରକ୍ଷାକରିବା। ଯିଶୁ ନିଜ ଜୀବନ କ୍ରୁଶ ଉପେର ଜଳାଞ୍ଜଳି ଦେଇ ମାନବ ଜାତିକୁ ପାପରୁ ରକ୍ଷା କଲେ ଏବଂ ପାପ କ୍ଷମାର ମାର୍ଗ ଖୋଲିଦେଲେ। ଈଶ୍ୱର ସେହି ବଳିଦାନରେ ସନ୍ତୁଷ୍ଟ ହେଲେ ଏବଂ କ୍ଷମା କରିଦେଲେ। ଏହା ଯିଶୁଙ୍କ ସାଧନା। ଯିଶୁ ହିଁ କ୍ଷମା ପାଇଁ ବଳିଦାନର ଉତ୍ସ ଓ କ୍ଷମାର ସ୍ରଷ୍ଟା। ଏହି ଶୁଭ ଶୁକ୍ରବାରରେ ପ୍ରଭୁ ଯିଶୁଖ୍ରୀଷ୍ଟ ସମସ୍ତଙ୍କୁ ଅନେକ ଦୟା, କୃପା ଓ ଆଶୀର୍ବାଦ କରି ରକ୍ଷା କରନ୍ତୁ।

**ମୋ-୯୪୯୪୭୮୨୭୭୭**

## ଏଇ ଭାରତରେ

ଏମିତି ବ୍ୟକ୍ତି ଦେଖିଛନ୍ତି ଯିଏ ତାଙ୍କ ସବୁ ସଞ୍ଚିତ ଧନ ଓ ସ୍ତ୍ରୀଙ୍କ ଗହଣା ବିକ୍ରି କରି ଗରିବଙ୍କୁ ଖାଦ୍ୟ ଯୋଗାଉଛନ୍ତି? ହଁ, ଦିଲ୍ଲୀର ପ୍ରବୀଣ ଗୋୟଲ ଏହି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଶ୍ୟାମ ଗୋୟଲ ରୋଷେଇ ମାଧ୍ୟମରେ ଗରିବଙ୍କୁ ୪ ବର୍ଷ ହେଲା ୧ଟଙ୍କାରେ ଖାଦ୍ୟ ଦେଉଛନ୍ତି। ସେ ସବୁଦିନ ଗରିବ ଲୋକଙ୍କୁ ଭାତ, ଡାଲି, ତରକାରି ଏବଂ ରୁଟି ଦେଉଛନ୍ତି। କେବଳ ଗରିବ ନୁହନ୍ତି ବରଂ ସବୁ ଅସହାୟ ବ୍ୟକ୍ତି ବି ଏଠାରେ ଖାଉଛନ୍ତି। ସେ ଥରେ ତାଙ୍କ ବ୍ୟବସାୟିକ କାର୍ଯ୍ୟରେ ବାହାଦୁରଗଡ଼ ଯିବା ସମୟରେ ଏକ ଢାବାରେ ପାଣି ପିଉଥିବାବେଳେ ଜଣେ ଲୋକ ୧୦ ଟଙ୍କାରେ ଖାଦ୍ୟ ମାଗିବାରୁ ଢାବା ମାଲିକ ମନା କରିଦେଲେ। ଏହି ଘଟଣା ପ୍ରବୀଣଙ୍କୁ ପ୍ରଭାବିତ କରିଥିଲା ଓ ସେ ସେହି ଲୋକଙ୍କୁ ଖାଦ୍ୟ ପାଇଁ ୧୦୦ ଟଙ୍କା ଦେଇଥିଲେ। ପ୍ରବୀଣ ସେହିଦିନ ୧ ଟଙ୍କାରେ ଗରିବଙ୍କୁ ଖାଦ୍ୟ ଦେବା ଲାଗି ନିଷ୍ପତ୍ତି ନେଇଥିଲେ। ପରେ ଘରକୁ ଫେରି ପରିବାର ସହ କଥା ହୋଇ ଏହି କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ୧୦ ଟଙ୍କାରେ ମିଲ୍ ଦେବା ଆରମ୍ଭ କରିଥିଲେ ବି ଏବେ ୧ ଟଙ୍କାରେ ତାହା ଯୋଗାଇ ଦେଉଛନ୍ତି। ଏପରି କି କରୋନା ସମୟରେ ବି ଗରିବଙ୍କୁ ଖାଦ୍ୟ ଦେବାରେ ଅବହେଳା କରି ନ ଥିଲେ। ଗରିବ ହେଲେ ବି ସେମାନଙ୍କ ସ୍ୱାଭିମାନକୁ ସମ୍ମାନ ଜଣାଇ ୧ ଟଙ୍କା ନେଉଛନ୍ତି। ଏବେ ଶ୍ୟାମ ଗୋୟଲ ରୋଷେଇ ଏକ ଚାରିଟେବଲ ଟ୍ରଷ୍ଟ ହୋଇଯାଇଛି ଓ ଦେଶରୁ ଅନେକ ଲୋକ ତାଙ୍କ ସହ ଯୋଡ଼ି ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୭ ଏପ୍ରିଲ ୧୯୯୮

- କଂଗ୍ରେସ ସଭାନେତ୍ରୀ ଭାବେ ସୋନିଆ ଗାନ୍ଧୀଙ୍କ ନିଯୁକ୍ତିକୁ ନିଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ସ୍ୱୀକୃତି ପ୍ରଦାନ।
- ବିହାରର ସମସ୍ତିପୁର ଜିଲା ଅନ୍ତର୍ଗତ କେହ ନଦୀର ବରିଆଦି ଘାଟଠାରେ ଏକ ଦେଶୀ ଡଙ୍ଗା ବୁଡ଼ିଯିବା ଫଳରେ ୬୦ ଜଣଙ୍କ ସଲିଳ ସମାଧି।
- ସୁଦାନରେ ବାଧ୍ୟତାମୂଳକ ସାମରିକ ତାଲିମ ଦିଆଯାଇଥିବା ବେଳେ ଏଥିରୁ ଖସି ପଳାଇ ଆସିବାକୁ ଉଦ୍ୟମ କରି ୫୫ ସାମରିକ ପ୍ରଶିକ୍ଷାର୍ଥୀ ମୃତ।

# ଅର୍ଥନୀତି ଉପରେ କ୍ୟାନ୍‌ସର ବୋଝ



ଡା. ପ୍ରଫୁଲ୍ଲ କୁମାର ଦାସ

ଭାରତରେ ସଙ୍କଟ ସୃଷ୍ଟି କରିବାକୁ ଯାଉଛି କ୍ୟାନ୍‌ସର। 'ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ'ର ରିପୋର୍ଟ ଅନୁଯାୟୀ ୨୦୨୪ ସୁଦ୍ଧା ଭାରତରେ କର୍କଟ ରୋଗୀଙ୍କ ସଂଖ୍ୟା ୧୭.୩ ଲକ୍ଷରେ ପହଞ୍ଚିବ। ଏଯାବତ୍ ଭାରତରେ ହୃଦ୍‌ଘାତ ପରେ ଦ୍ୱିତୀୟ ଘାତକ ରୋଗ ହେଉଛି କ୍ୟାନ୍‌ସର। ଆଇସିଏମ୍ଆର୍‌ର ତଥ୍ୟ ଅନୁଯାୟୀ ଭାରତରେ କ୍ୟାନ୍‌ସର ବିଶେଷଜ୍ଞଙ୍କ ସଂଖ୍ୟା ମାତ୍ର ୨୦୦୦ ଯାହାର ଅର୍ଥ ଆମ ଦେଶରେ କର୍କଟ ରୋଗୀ ଓ ଡାକ୍ତରଙ୍କ ସଂଖ୍ୟାର ଅନୁପାତ ହେଉଛି ୧:୫୦୦୦ ଅର୍ଥାତ୍ ପ୍ରତି ୫୦୦୦ ରୋଗୀଙ୍କ ପାଇଁ ଜଣେ କ୍ୟାନ୍‌ସର ବିଶେଷଜ୍ଞ। ୧୯୯୦ ବେଳକୁ ଭାରତରେ କ୍ୟାନ୍‌ସର ମୃତ୍ୟୁ ସଂଖ୍ୟା ୩.୮୨ ଲକ୍ଷ ଥିବାବେଳେ ୨୦୨୩ ବେଳକୁ ଏହା ୮.୧୩ ଲକ୍ଷରେ ପହଞ୍ଚିଛି। ୫୦ ବର୍ଷ ଭିତରେ କ୍ୟାନ୍‌ସର ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟାରେ ୨ଗୁଣ ବଢ଼ିଥିଲେ ମଧ୍ୟ ସେ ତୁଳନାରେ ଭାରତରେ କ୍ୟାନ୍‌ସର ଡାକ୍ତରଖାନାର ସଂଖ୍ୟାରେ ବୃଦ୍ଧି ହୋଇନାହିଁ। କିଛି ଘରୋଇ ମେଡିକାଲ କଲେଜକୁ ଛାଡ଼ିଦେଲେ ସେପରି ସରକାରୀ ଡାକ୍ତରଖାନାରେ କ୍ୟାନ୍‌ସର ଚିକିତ୍ସାର ସୁବିଧା ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରୋଗର ଚିକିତ୍ସାରେ ବ୍ୟୟର ବୋଝ ଏତେ ମାତ୍ରାଧିକ ଯେ ଅର୍ଥାଭାବରୁ ଅନେକ କ୍ୟାନ୍‌ସର ରୋଗୀ ଉପଯୁକ୍ତ ଚିକିତ୍ସା ପାଇପାରି ନ ଥାନ୍ତି। ତେବେ ଆଶ୍ୱାସନାର ପ୍ରସଙ୍ଗ ହେଉଛି ୨୦୨୪ ବେଳକୁ ୨୦୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନ୍ୟାଶନାଲ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଯେଉଁଠି କ୍ୟାନ୍‌ସର ଚିକିତ୍ସା ବିନା ମୂଲ୍ୟରେ କରାଯିବ। ଦେଶର ସବୁଠାରୁ ବଡ଼ କ୍ୟାନ୍‌ସର ହସ୍ପିଟାଲ ହରିୟାଣାର ଝାଜ୍ଜର ଠାରେ ଖୋଲିବାକୁ ଯାଉଛି।

ନିକଟରେ ଏକ ଗବେଷଣା ସନ୍ଦର୍ଭରେ ପ୍ରକାଶ ପାଇଛି ଯେ ବ୍ରିକ୍ସ ରାଷ୍ଟ୍ର ଗୋଷ୍ଠୀ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକା କ୍ୟାନ୍‌ସର ରୋଗ ବୃଦ୍ଧି ଯୋଗୁ ଆର୍ଥିକ ମୂଲ୍ୟରେ ବିଲିୟନ ବିଲିୟନ ଡଲାରର ଉତ୍ପାଦିକା ଶକ୍ତି ହରାଉଛନ୍ତି। ଭାରତ ୨୦୧୨ ରେ ଏଥିଯୋଗୁ ୬.୭ ବିଲିୟନ ଡଲାରର ଉତ୍ପାଦିକା ଶକ୍ତି ହରାଇଥିଲା ଯାହା ଦେଶର ମୋଟ ଆଭ୍ୟନ୍ତରୀଣ ଉତ୍ପାଦନ ୦.୩୬ ପ୍ରତିଶତ। ଭାରତ ସମେତ ସବୁ ଦେଶରେ ଏହା ମଧ୍ୟରେ କର୍କଟରୋଗ ସଂକ୍ରମଣ ବଢ଼ିଯାଇଛି ଓ ଏହାକୁ ଏବେ ଜୀବନଶୈଳୀ ରୋଗ ଭାବେ ଧରାଗଲାଣି। କ୍ୟାନ୍‌ସର ଯୋଗୁ ହେଉଥିବା ଅକାଳ ମୃତ୍ୟୁ କାରଣରୁ ବିପୁଳ ଅର୍ଥନୈତିକ କ୍ଷତି ଘଟୁଛି। ଏଣୁ ଏହାର ନିବାରଣ ତଥା ନିୟନ୍ତ୍ରଣ ପାଇଁ ଯୋଜନା ପ୍ରଣୟନକାରୀମାନେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଭାରତରେ ୪୦ ପ୍ରତିଶତ କ୍ୟାନ୍‌ସର ସମସ୍ୟା ହେଲା ଫୁସ୍‌ଫୁସ୍ ଓ ମୁଖ କର୍କଟ। ଏହା ତମାଖୁ ବ୍ୟବହାର ଯୋଗୁ ଘଟୁଛି। ଆଉ ୨୦ ପ୍ରତିଶତ କ୍ୟାନ୍‌ସରର କାରଣ ହେଲା ହେପାଟାଇଟିସ୍ ବି' ଆଦି ଯୋଗୁ ଘଟୁଥିବା ଲିଭର କ୍ୟାନ୍‌ସର ଓ ମହିଳାଙ୍କ ସର୍ଭିକାଲ କ୍ୟାନ୍‌ସର। ଦେଶରେ ୬୦ ପ୍ରତିଶତ କ୍ୟାନ୍‌ସରକୁ ରୋକାଯାଇପାରିବ। ଏବେ କ୍ୟାନ୍‌ସର ସମେତ



ଅନେକ ରୋଗ ବଢୁଛି। ଏହାର ଅନ୍ୟ କାରଣ ହେଲା ଡାକ୍ତରୀ ଚିକିତ୍ସାର ପ୍ରସାର। କ୍ୟାନ୍‌ସର ଚିହ୍ନଟ ସୁବିଧା ବୃଦ୍ଧି ଯୋଗୁ ରୋଗାକ୍ରାନ୍ତ ଲୋକଙ୍କୁ ଠାବ କରାଯାଇପାରୁଛି। କିନ୍ତୁ କ୍ୟାନ୍‌ସର ବ୍ୟାପିବାର ଅନେକ କାରଣ ମଧ୍ୟ ମନୁଷ୍ୟକୃତ। ତମାଖୁ ବ୍ୟବହାର ବୃଦ୍ଧି ସାଙ୍ଗକୁ ମଦ୍ୟପାନ, ଆଧୁନିକ ପ୍ରୋସେସ୍ ଖାଦ୍ୟ ବ୍ୟବହାର, ପ୍ରଦୂଷଣ ବୃଦ୍ଧି, ମୋଟାପଣ ବୃଦ୍ଧି କ୍ୟାନ୍‌ସର ସଂକ୍ରମଣର ପ୍ରଧାନ କାରଣ। ଆଗରୁ ଧାରଣା ଥିଲା ଯେ ପରିବାରରେ ଏହି ରୋଗ ଥିଲେ ପରବର୍ତ୍ତୀ ବଂଶଧରଙ୍କ ପ୍ରତି ଏହାର ବିପଦ ଥାଏ। ସିଗାରେଟ୍, ବିଡ଼ି, ପାନ, ଗୁଟ୍‌ଖା ବ୍ୟବହାର ଯୋଗୁ ଏହା ଦେଖାଦିଏ। କିନ୍ତୁ ଏବେ ଏସବୁ ସମସ୍ୟା ନ ଥାଇ ବି ଅନେକଙ୍କୁ କ୍ୟାନ୍‌ସର ହେଉଛି।

ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଅଟକଳ ଅନୁସାରେ ୨୦୨୪ ସୁଦ୍ଧା ଦେଶରେ ୧୭.୩ ଲକ୍ଷରୁ ଅଧିକ ନୂଆ କ୍ୟାନ୍‌ସର ରୋଗୀ ବାହାରିବେ ଏବଂ ସେ ସମୟ ସୁଦ୍ଧା ଏଥିରେ ୮.୮ ଲକ୍ଷ ଲୋକ ମୃତ୍ୟୁବରଣ କରିବେ। ଡାକ୍ତରମାନଙ୍କ ମତରେ ଏବେ ଶୀଘ୍ର ରୋଗକୁ ଚିହ୍ନଟ କରାଯାଇପାରିଲେ ୨୫ ପ୍ରତିଶତ କେସ୍‌ରେ ଆରୋଗ୍ୟ ସମ୍ଭବ ହେଉଛି। ପରବର୍ତ୍ତୀ ୫ବର୍ଷ ସମୟ କୌଣସି ସମସ୍ୟା ନ ଉପୁଜିଲେ ଜୀବନକାଳ ମଧ୍ୟରେ ପୁଣି ରୋଗ ଫେରିବାର ଆଶଙ୍କା କମ୍। ଭାରତରେ ଯେପରି ଭାବେ ତମାଖୁ ସେବନ ହେଉଛି ତା' ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଲୋଡ଼ା। କେବଳ ଟିକସ ବୃଦ୍ଧି ଦ୍ୱାରା ଏହି ସମସ୍ୟାକୁ ରୋକିହେବ ନାହିଁ। ରାଜସ୍ୱ ଆଦାୟ ପାଇଁ ସରକାର ତମାଖୁ ବ୍ୟବହାର ଓ ମଦ୍ୟପାନ ପ୍ରତି ଆଖି ବୁଜିଦେଉଛନ୍ତି। ସଚେତନତା ଦ୍ୱାରା ଓ ସରକାରୀ କଟକଣା କରାଯାଇ ତମାଖୁ ବ୍ୟବହାର କମାଯିବା ଦରକାର। କେତେକ ଧରଣର କ୍ୟାନ୍‌ସର ପାଇଁ ଟିକା ବାହାରିଥିବାରୁ ତା'ର ପ୍ରଚଳନକୁ ଉତ୍ସାହିତ କରିବାକୁ ପଡ଼ିବ। ଅନ୍ୟ ଟିକା ପରି ସରକାର ଏହାକୁ ମାଗଣା ଦେବା ଉଚିତ। ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ସଚେତନତା ସୃଷ୍ଟି ମଧ୍ୟ ଆବଶ୍ୟକ। କ୍ୟାନ୍‌ସର ସମସ୍ୟା ସଙ୍କୁଚିତ ହେଲେ ଅର୍ଥନୀତି ଉପରେ ତା'ର ସୁପ୍ରଭାବ ପଡ଼ିବ। ଅନ୍ୟ ରୋଗଗୁଡ଼ିକ ଭଳି କ୍ୟାନ୍‌ସର ଚିହ୍ନଟ ସୁବିଧା ଜିଲା ସବ୍‌ଡିଭିଜନ ହସ୍ପିଟାଲରେ କରାଯିବା ଉଚିତ। ଆଗାମୀ ଦିନରେ କ୍ୟାନ୍‌ସର ସମେତ ଓ ରୋଗ ଢାଞ୍ଚାରେ ପରିବର୍ତ୍ତନଜନିତ ଯେଉଁ ଚାଲେଞ୍ଜ ବଢ଼ିବ ତାକୁ ନିୟନ୍ତ୍ରଣ କରିବା ପାଇଁ ଉପଯୁକ୍ତ କୌଶଳ ଓ କାର୍ଯ୍ୟକ୍ରମ ଭାରତକୁ ଗ୍ରହଣ କରିବାକୁ ହେବ। କ୍ୟାନ୍‌ସର ପରି ଅତ୍ୟନ୍ତ ଜଟିଳ ଓ ବ୍ୟୟବହୁଳ ରୋଗର ନିଦାନ ପାଇଁ କେବଳ ସରକାରୀ ସ୍ତରରେ ନୁହେଁ ବିଭିନ୍ନ ଆଧ୍ୟାତ୍ମିକ ଓ ଦାତବ୍ୟ ସଙ୍ଗଠନଗୁଡ଼ିକ ହସ୍ପିଟାଲ ଖୋଲିବା ପାଇଁ ଆଗେଇ ଆସୁଛନ୍ତି। ଭାରତରେ ଦ୍ରୁତ କ୍ୟାନ୍‌ସର ରୋଗୀଙ୍କ ବୃଦ୍ଧିକୁ ଦେଖି ଏହି ସଙ୍କଟର ମୁକାବିଲା ପାଇଁ କ୍ୟାନ୍‌ସର ବିଶେଷଜ୍ଞଙ୍କ ନିଯୁକ୍ତି ବଢ଼ାଇବା ସହ ଜିଲାସ୍ତରୀୟ ଓ ସରକାରୀ ଡାକ୍ତରଖାନାରେ କ୍ୟାନ୍‌ସର ଚିକିତ୍ସାର ସୁବନ୍ଦୋବସ୍ତ ହେବା ଜରୁରୀ।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ, ଏମ୍ଆର୍ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ**
**ମୋ:୯୪୩୭୦୨୩୪୪୩**

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 3 | | | 4 | | | | | 6 |
| | 2 | 8 | | | | | 1 | |
| | | | | | | 2 | 9 | 3 |
| | | 1 | | 6 | 9 | 4 | | |
| | | | | | 7 | | | |
| | | | | | 1 | 3 | 6 | 9 |
| | 8 | | | | | | | 2 |
| | 7 | 5 | | | | | 8 | |
| | 4 | | | 1 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 6 | 9 | 7 | 2 | 3 | 5 | 8 |
| 7 | 9 | 5 | 3 | 6 | 8 | 2 | 4 | 1 |
| 8 | 3 | 2 | 4 | 1 | 5 | 6 | 7 | 9 |
| 9 | 6 | 8 | 2 | 5 | 4 | 7 | 1 | 3 |
| 1 | 2 | 3 | 7 | 8 | 6 | 5 | 9 | 4 |
| 5 | 7 | 4 | 1 | 3 | 9 | 8 | 6 | 2 |
| 2 | 4 | 7 | 5 | 9 | 3 | 1 | 8 | 6 |
| 3 | 8 | 1 | 6 | 4 | 7 | 9 | 2 | 5 |
| 6 | 5 | 9 | 8 | 2 | 1 | 4 | 3 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜଗନ୍ନାଥ ଦାସଙ୍କ ଜନ୍ମପୀଠକୁ ଆକର୍ଷଣୀୟ କରାଯାଉ

ମହାଶୟ,

ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜନ୍ମପୀଠ ପୁରୀ ଜିଲା ବ୍ରହ୍ମଗିରି କପିଳେଶ୍ୱରପୁର ଗ୍ରାମ। ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ୨୦୧୮ ମସିହାରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଅନାବରଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣର ବିଶେଷ ବ୍ୟବସ୍ଥା କରାଯାଇଥିବାର ଦେଖାଯାଉନାହିଁ। ପ୍ରତିମୂର୍ତ୍ତି ପ୍ରକୋଷ୍ଠ ସମ୍ମୁଖ ପାର୍ଶ୍ୱରେ ପାଚେରୀ ଥିଲେ ମଧ୍ୟ ଉଭୟ ପାର୍ଶ୍ୱରେ କଣ୍ଟାବାଡ଼ ଦିଆହୋଇଛି। ଉଭୟ ପାର୍ଶ୍ୱରୁ ଜବରଦଖଲ ଉଦ୍ୟମ କରାଯାଇ ପୀଠସ୍ଥଳକୁ ସଙ୍କୁଚିତ କରାଯିବାର ଦେଖାଯାଉଛି। ରାସ୍ତା ପାର୍ଶ୍ୱରେ ଅତିବଡ଼ିଙ୍କ ନାମଫଳକ ନ ଥିବାରୁ ଧର୍ମପ୍ରାଣ ବ୍ୟକ୍ତି ଓ ପର୍ଯ୍ୟଟକମାନେ ତାଙ୍କର ପବିତ୍ର ଜନ୍ମପୀଠ ଦର୍ଶନରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ସରକାର ଅତିବଡ଼ି ଜଗନ୍ନାଥ ଦାସଙ୍କ ନାମରେ ଏ ପର୍ଯ୍ୟନ୍ତ ସରକାର ଡାକଟିକେଟ ପ୍ରଚଳନ କରିନାହାନ୍ତି। ଏଭଳି ମହାନ ବ୍ୟକ୍ତିଙ୍କୁ ସରକାର ଭୁଲି ଯିବା ଦୁଃଖର ବିଷୟ। ରାଜ୍ୟର ଅନେକ ଧର୍ମପୀଠକୁ ଆକର୍ଷଣୀୟ କରାଯାଉଥିବା ବେଳେ ଉକ୍ତ ପବିତ୍ର ପୀଠ ଅବହେଳିତ ହୋଇରହିଛି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ଉଚିତ।

**-ନିର୍ମଳ ଚନ୍ଦ୍ର ସାମଲ, ସାମାଜିକ କର୍ମୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାଷ୍ଠ ପାଷାଣ ଗଠିତ ହେ ନିର୍ଜୀବ ଦେବତା-ମୂରତି!
ଏ ଦେଶ-ଶୋଣିତେ ଆଜି ଜାଗ୍ରତ ଯେ ବିଶ୍ୱର କୀରତି,
ମାନବର ଶିଳ୍ପ କଳା କଳ୍ପନା ଘଟିତ
ଯୁଗ ଯୁଗ ଧରି ଯାହା ହୋଇଛି ଗଠିତ,
ମାନବର ହସ୍ତେ ବହି ରୂପ
ଭାଗ୍ୟେ ତା'ର କରୁଛ-ବିଦ୍ରୂପ,
ଅନ୍ତର ଗୁହାରି
ଶୁଣ କି ତାହାରି?
ଶୂନ୍ୟ ପ୍ରାଣ
ହେ ପାଷାଣ! -(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# କେନ୍ଦ୍ରାପଡ଼ା କୁଜି ମେଣ୍ଢା ସଂରକ୍ଷଣରେ ଅଣଦେଖା

- ଫେକବି ଜିନ୍ ଥିବାରୁ ୨୦୧୬ରେ ମାନ୍ୟତା ମିଳିଥିଲା
- ଅଜଣା ଜନ୍ତୁଙ୍କ ଆକ୍ରମଣ ମୃତ୍ୟୁରେ କ୍ଷତିପୂରଣ ମିଳିନି
- ଚାରଣ ଭୂମି କମୁଛି, ସରକାରୀ ପ୍ରୋତ୍ସାହନ ମିଳୁନି

କେନ୍ଦ୍ରାପଡ଼ା ଅଫିସ, ୬।୪


କେନ୍ଦ୍ରାପଡ଼ାର କୁଜି ମେଣ୍ଢା।

କେନ୍ଦ୍ରାପଡ଼ା ଜିଲାର କୁଜି ମେଣ୍ଢାଙ୍କୁ ଦ୍ରୁତଗତିରେ ସନ୍ତାନ ଉତ୍ପାଦ କ୍ଷମତା ପାଇଁ ଜାତୀୟସ୍ତରରେ ମାନ୍ୟତା ମିଳିଛି। ଫେକବି ଜିନ୍ ଥିବା ଏହି ଗୃହପାଳିତ ପଶୁର ସଂରକ୍ଷଣ ସହ ଉଚ୍ଚତର ଗବେଷଣା ଆବଶ୍ୟକ। କେନ୍ଦ୍ରାପଡ଼ା ମେଣ୍ଢା ଜାତୀୟସ୍ତରରେ ୨୦୧୬ରୁ ମାନ୍ୟତା ପାଇଥିବା ବେଳେ ଏହାକୁ ନେଇ ରାଜ୍ୟ ସରକାର ସମ୍ବେଦନଶୀଳ ନୁହନ୍ତି। ସଂରକ୍ଷଣ ଓ ଗବେଷଣା ପାଇଁ ଜାତୀୟସ୍ତରର ମାନ୍ୟତାପ୍ରାପ୍ତ ବିଞ୍ଝାରପୁରୀ ଗାଈ ଓ ବାଛୁରୀଙ୍କୁ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନ ପ୍ରାଣୀ ସମ୍ପଦ ବିଭାଗକୁ ନିଆଯାଇଥିବା ବେଳେ କେନ୍ଦ୍ରାପଡ଼ା ମେଣ୍ଢା ପ୍ରତି ଅଣଦେଖା କରାଯାଇଛି। ଅପରପକ୍ଷରେ ୨୦୨୧ ଓ ୨୦୨୩ରେ ଅଜଣା ଜନ୍ତୁଙ୍କ ଆକ୍ରମଣରେ ୬୦ରୁ ଉର୍ଦ୍ଧ୍ୱ ମେଣ୍ଢାଙ୍କ ଜୀବନ ଯାଇଥିଲେ ମଧ୍ୟ ଚାଷୀଙ୍କୁ କ୍ଷତିପୂରଣ ମିଳିନାହିଁ। ସେହିପରି ଦ୍ରୁତ ଜନସଂଖ୍ୟା ବୃଦ୍ଧି ଫଳରେ ଚାରଣଭୂମି ଏବେ ଜବରଦଖଲକୁ ଚାଲିଯାଉଛି। ସରକାରୀ ପ୍ରୋତ୍ସାହନ ମିଳୁ ନ ଥିବାରୁ କୁଜିମେଣ୍ଢା ଜିଲା ଅର୍ଥନୀତିରେ ସାମିଲ ହୋଇ ପାରୁ ନ ଥିବା ସ୍ଥାନୀୟ ଜିଲାର ଚାଷୀ, ବୁଦ୍ଧିଜୀବୀମାନେ କହିଛନ୍ତି।

ଏ ସମ୍ପର୍କରେ କଂସାର ଗ୍ରାମର ମେଣ୍ଢା ଚାଷୀ ନିରଞ୍ଜନ ପରିଡ଼ା କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିରେ ଛେଳି, ମେଣ୍ଢା, ଗାଈ, କୁକୁଡା ଆଦିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିପଦଆପଦ ସମୟରେ ଏହି ପଶୁପକ୍ଷୀ ସାହା ହୋଇଥା'ନ୍ତି। ଏଥିମଧ୍ୟରୁ ମେଣ୍ଢାଚାଷ ଲାଭଦାୟକ। ତେବେ ସରକାରୀ ପ୍ରୋତ୍ସାହନ ତୃଣମୂଳସ୍ତରରେ ପହଞ୍ଚି ପାରୁନି। ସେହିପରି ଗ୍ରାମାଞ୍ଚଳରେ ପାଳିତ ମେଣ୍ଢାଙ୍କ ବୀମା ନ ଥିବାରୁ ଦୁର୍ଘଟଣାଜନିତ ମୃତ୍ୟୁରେ କ୍ଷତିପୂରଣ ମିଳୁନାହିଁ। ୨୦୨୧ରେ ଡେରାବିଶ ବ୍ଲକ ପରେ ଗତ ସପ୍ତାହରେ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୪୩ଟି ମେଣ୍ଢା ଅଜଣା ଜନ୍ତୁର ଶିକାର ହୋଇଛନ୍ତି। ଜିଲାରେ ଏ ପର୍ଯ୍ୟନ୍ତ ୬୦ରୁ ଉର୍ଦ୍ଧ୍ୱ ମେଣ୍ଢା ମୃତ୍ୟୁ କ୍ଷେତ୍ରରେ କ୍ଷତିପୂରଣ ମିଳି ନ ଥିବା ବେଳେ ଚାରଣଭୂମିର ସମସ୍ୟା ଦେଖାଦେଇଛି। ମେଣ୍ଢାଚାଷ ପାଇଁ ସହଜରେ ବ୍ୟାଙ୍କ ଋଣ ଓ ଚିକିତ୍ସା ସୁବିଧା ମିଳୁ ନ ଥିବା ଚାଷୀ ପରିଡ଼ା କ୍ଷୋଭ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ପ୍ରସନ୍ନ କୁମାର ଧଳ କହିଛନ୍ତି, ପ୍ରାଣୀଧନ ବିକାଶ ପାଇଁ କେନ୍ଦ୍ରର ରାଷ୍ଟ୍ରୀୟ କୃଷି ଯୋଜନା ଓ ରାଜ୍ୟ କୃଷି ବିଭାଗର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କେନ୍ଦ୍ରାପଡ଼ା ଜିଲାରେ ଏହା କାଗଜପତ୍ରରେ ସୀମିତ ହୋଇଛି। ପ୍ରତିବର୍ଷ ପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ୨୦୦୦ ଗଣନା ଅନୁଯାୟୀ ଜିଲାରେ ମୋଟ ୧୪,୮୮୫ ମେଣ୍ଢା ଥିବାବେଳେ ଏବେ ପ୍ରାୟ ୧୨% ହ୍ରାସ ପାଇଛି। ମହାବାତ୍ୟା ପରେ ଜିଲା ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ପ୍ରାୟ ୬୯% ଚାଷକୁ ଆଦରି ଥିବା ବେଳେ ୪୭% କ୍ଷେତ ଓ ଗୃହପାଳିତ ପଶୁପକ୍ଷୀଙ୍କ ଉପରେ ଭରସା ରଖିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ତୃଣମୂଳ ଚାଷୀଙ୍କ ତାଲିମ, ଋଣ, ବଜାର, ମଣ୍ଡି ଆଦି ବ୍ୟବସ୍ଥା କରିପାରିଲେ ମେଣ୍ଢା ଚାଷ ଜିଲାର ଅର୍ଥନୀତିରେ ସହଯୋଗୀ ହୋଇପାରିବ। ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଦେବୀପ୍ରସାଦ ସାହୁ କହିଛନ୍ତି, ୨୦୧୬ରେ କେନ୍ଦ୍ରାପଡ଼ା ମେଣ୍ଢାକୁ ପଶ୍ଚିମବଙ୍ଗର ଗାରୋଲ ମେଣ୍ଢା ପରେ ଫେକବି ଜିନ ଥିବା ଜଣାପଡିଥିଲା। ଏହାପରେ କେନ୍ଦ୍ରାପଡ଼ା କୁଜିମେଣ୍ଢାର ପରିଚୟ ଜାତୀୟସ୍ତରରେ ମିଳିଛି। ଏହି ଜିନ ଯୋଗୁ ଏକକାଳୀନ ୩ରୁ ୪ଟି ସନ୍ତାନ ମିଳିଥାଏ। ଏ ପ୍ରକାର ମେଣ୍ଢା ପ୍ରାୟ ୧୫ ମାସ ମଧ୍ୟରେ ସନ୍ତାନ ଉତ୍ପାଦନ କ୍ଷମତା ହାସଲ କରିଥିବା ବେଳେ ୧୫୦ ଦିନରେ ଛୁଆ ଜନ୍ମ କରିଥାନ୍ତି। ମେଣ୍ଢାଙ୍କ ମାଂସ, ଚମଡ଼ା, ଲୋମ ସହ ହାଡ଼କୁ ବିଭିନ୍ନ ଭାବରେ ଉପଯୋଗ କରାଯାଇଥାଏ। ପ୍ରାପ୍ତ ବୟସ୍କଙ୍କ ଓଜନ ପ୍ରାୟ ୩୦ କେଜି ହୋଇଥିବାରୁ ଚାଷୀଙ୍କ ଆର୍ଥିକ ସ୍ଥିତି ବଦଳାଇବାରେ ସକ୍ଷମ ହୋଇଥାଏ। କୁଜି ମେଣ୍ଢାର ସଂରକ୍ଷଣ ଓ ପ୍ରୋତ୍ସାହନ ସମ୍ପର୍କରେ ସିଡିଭିଓ ଡା. ଦୀପ୍ତି ମହାପାତ୍ରଙ୍କୁ ପଚାରିବାରେ ଜିଲାର କୁଜି ମେଣ୍ଢା ପ୍ରଜାତିକୁ ଜାତୀୟ ମାନ୍ୟତା ମିଳିଛି। ତେବେ ଏହି ପ୍ରଜାତି ସଂରକ୍ଷଣ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ଅଦ୍ୟାବଧି ନାହିଁ। ଗୃହପାଳିତ ପଶୁପକ୍ଷୀଙ୍କ ପାଳନ କ୍ଷେତ୍ରରେ ପ୍ରୋତ୍ସାହନ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଏଥିରେ ବହୁ ଚାଷୀ ସାମିଲ ଥିବା ସେ କହିଛନ୍ତି।

# ୨ ମାସରେ ୧୧ ମୃତ

- କାମରେ ଲାଗୁନି ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ
- ବେଆଇନ ପାର୍କିଂ ମୁଖ୍ୟ କାରଣ

ଯାଜପୁର ଅଫିସ,୬।୪ :



ସାରା ରାଜ୍ୟରେ ଏବେ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ ଅଭିଯାନ ଚାଲିଛି। ଏହାବାଦ୍ ଫେବୃୟାରୀ ପ୍ରଥମ ସପ୍ତାହରୁ ପ୍ରତି ମଙ୍ଗଳବାର ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଜିରୋ ଟଲୋରେନ୍ସ ଡେ ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ହେଲେ ଚଳିତ ସପ୍ତାହରେ ଯାଜପୁର ଜିଲା ଦେଇ ଯାଇଥିବା ୧୬ନଂ. ଜାତୀୟ ରାଜପଥରେ ୩ଟି ପୃଥକ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଫେବୃୟାରୀ ୨୫ ଦୁର୍ଘଟଣାରେ ୭ ଜଣଙ୍କ ଜୀବନ ଯାଇଛି। ଅନ୍ୟପକ୍ଷେ ଫେବୃୟାରୀ ପ୍ରଥମ ସପ୍ତାହରେ ୩ ଦୁର୍ଘଟଣାରେ ଜଣେ ପୂର୍ବତନ ବିଧାୟକଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଅର୍ଥାତ ଜିଲାରେ ୨ ମାସରେ ୧୧ ଜଣଙ୍କ ମୃତ୍ୟୁ ହୋଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ଏକାଧିକ ଯୋଜନା ପ୍ରଣୟନ ହେଉଥିଲେ ହେଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ କେବଳ ସରକାରୀ ଚାକିରି ନିଶା ଏବଂ ଆନ୍ତରିକତାର ଅଭାବ ଯୋଗୁ ଦୁର୍ଘଟଣା ମୃତ୍ୟୁ ହ୍ରାସ ଲକ୍ଷ୍ୟ ସାଧିତ ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି।

ସିଆଇଡି ଏବଂ କ୍ରାଇମବ୍ରାଞ୍ଚ ରିପୋର୍ଟ ଅନୁଯାୟୀ, ୨୦୨୨ ଜାନୁୟାରୀରୁ ନଭେମ୍ବର ମଧ୍ୟରେ ଯାଜପୁର ଜିଲାରେ ୫୨୮ଟି ଦୁର୍ଘଟଣା ଘଟିଛି। ଏଥିରେ ୨୦୦ ଲୋକଙ୍କ ଜୀବନ ଯାଇଥିବାବେଳେ ୩୧୫ ଜଣ ଆହତ ହୋଇଛନ୍ତି। ଅନ୍ୟପକ୍ଷେ ଫେବୃୟାରୀ ପ୍ରଥମ ସପ୍ତାହରେ ୩ ଦୁର୍ଘଟଣାରେ ଜଣେ ପୂର୍ବତନ ବିଧାୟକଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ ଜଣ ଗୁରୁତର ହୋଇଛନ୍ତି। ସମ୍ପ୍ରତି ସମ୍ପ୍ରସାରଣ ଚାଲିଥିବା ଚଣ୍ଡିଖୋଲ-ଦୁବୁରୀ ୫୩ ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି । ଏହାବାଦ୍ ୧୬ ନଂ. ଜାତୀୟ ରାଜପଥରେ ବେଆଇନ ପାର୍କିଂ ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ହୋଇଛି। ରାସ୍ତା କଡରେ ପଡି ରହିଥିବା ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ତୁରନ୍ତ ହଟାଇବା ଏବଂ ବେଆଇନ ପାର୍କିଂ ଗାଡିରୁ ଜରିମାନା ଆଦାୟ କରିବାକୁ ନିକଟରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଗତ ୨୫।୨।୨୦୨୩ରେ ୧୬ନଂ. ଜାତୀୟ ରାଜପଥର ଯାଜପୁର ଜିଲା ନେଉଳପୁର ନିକଟରେ ଛିଡା ହୋଇଥିବା ଏକ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ପଶ୍ଚିମବଙ୍ଗରୁ କଟକ ଅଭିମୁଖେ ଯାଉଥିବା ଏକ ଆଇଚର ଗାଡ଼ି ଧକ୍କା ଦେବାରୁ ୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣା ସଂକ୍ରାନ୍ତରେ ଷ୍ଟେଟ ଟ୍ରାନ୍ସପୋର୍ଟ ଅଥରିଟି(ଏସଟିଏ) ପକ୍ଷରୁ ତଦନ୍ତ କରାଯାଇଥିଲା। ତଦନ୍ତରେ ଜଣାପଡିଛି ଯେ, ଗତ ୨୨।୨।୨୦୨୩ରେ ସେହି ଟ୍ରକ (ନଂ. ଓଡି ୦୪ ୨୭୯୧) ଦୁର୍ଘଟଣାଗ୍ରସ୍ତ ହୋଇ ସେଠାରେ ବିନା କୌଣସି ସୂଚନାରେ ପଡି ରହିଥିଲା। ଯଦି ଉକ୍ତ ଦୁର୍ଘଟଣାଗ୍ରସ୍ତ ଟ୍ରକଟିକୁ ତୁରନ୍ତ ସେଠାରୁ ହଟାଯାଇଥାନ୍ତା ତେବେ ଆଇଚର ଗାଡି ଦୁର୍ଘଟଣା ନ ହୋଇ ୭ ଜଣଙ୍କ ଜୀବନ ବଞ୍ଚି ପାରିଥାନ୍ତା। ତେଣୁ ତୁରନ୍ତ ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ହଟାଇବାକୁ ପରିବହନ ବିଭାଗ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଥିଲା। ଯାଜପୁର ଜିଲାର ୧୬ନଂ., ୫୩ନଂ. ଏବଂ ୨୦ନଂ. ଜାତୀୟ ରାଜପଥ କଡରେ ରାତି ଏବଂ ଦିନରେ ଶତାଧିକ ଗାଡି ରାସ୍ତାକଡରେ ପାର୍କିଂ ହେଉଥିବା ଦେଖିବାକୁ ମିଳିଥାଏ। ଏପରି କି କଳିଙ୍ଗନଗର ଶିଳ୍ପାଞ୍ଚଳର ଯାଜପୁର ରୋଡଠାରୁ ଦୁବୁରୀ ପର୍ଯ୍ୟନ୍ତ ପରିବହନ ଗାଡିଗୁଡିକ ରାସ୍ତା କଡ଼ରେ ଠିଆ ହୋଇଥାଏ। ଜିଲା ପରିବହନ ବିଭାଗ ଏବଂ ପୋଲିସ ପ୍ରାୟ ପାଟ୍ରୋଲିଂ କରୁଥିଲେ ହେଁ ଏହି ବେଆଇନ ପାର୍କିଂ ଉପରେ ନଜର ପଡି ନ ଥାଏ। ଫଳରେ ଜିଲାରେ ଦୁର୍ଘଟଣା କମିବା ପରିବର୍ତ୍ତେ ବୃଦ୍ଧି ପାଉଥିବା ମତପ୍ରକାଶ ପାଇଛି। ଏହି କ୍ରମରେ ଧର୍ମଶାଳା ବ୍ଲକ ଭାଲୁଖାଇ ନିକଟରେ ମଙ୍ଗଳବାର ଭୋର ସମୟରେ ଦୁଇ ଟ୍ରକ ମଧ୍ୟରେ ଏକ ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣାଟି ଏତେ ଜୋର ଥିଲା ଯେ ଟ୍ରକ ସହ ଡ୍ରାଇଭର ମଧ୍ୟ ଘଟଣା ସ୍ଥଳରେ ଜଳି ଯାଇଥିଲେ । ଅନ୍ୟ ଟ୍ରକ ଡ୍ରାଇଭର ଚକା ତଳେ ଚାପି ହୋଇ ବଞ୍ଚିବା ପାଇଁ ଚିତ୍କାର କରୁଥିଲେ ବି କେହି ବଞ୍ଚାଇ ପାରି ନ ଥିଲେ। ସେହିପରି ଜାରକା ବଜାରଠାରେ ବୁଧବାର ରାତି ୯ଟା ସମୟରେ ଆଉ ଏକ ଦୁର୍ଘଟଣା ଦେଖିବାକୁ ମିଳିଥିଲା। ଘଟଣା କ୍ରମେ ପୂର୍ବରୁ ଛିଡା ହୋଇଥିବା ଏକ ଟ୍ରକ ପଛରେ ଗୋଟିଏ ମାଲବାହୀ ଟ୍ରକ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲା। ଏହାର କିଛି ସମୟ ପରେ ଜାରକା ରିଲିଆନ୍ସ ପେଟ୍ରୋଲ ପମ୍ପ ଆର ପଟରେ ଆଉ ଏକ ଦୁର୍ଘଟଣା ଦେଖିବାକୁ ମିଳିଥିଲା। କେବଳ ବେଆଇନ ପାର୍କିଂ, ବ୍ରେକ ଡାଉନ ହେଉଥିବା ଗାଡି ଗୁଡିକ ଅସୁରକ୍ଷିତ ଅବସ୍ଥାରେ ଛିଡା କରିବା, ଭୁଲ ରାସ୍ତାରେ ଗାଡି ଚାଳନା, କ୍ଷୀପ୍ର ଗତି ଆଦି ଏହାର କାରଣ ବୋଲି ମତପ୍ରକାଶ ପାଇଛି।

## ୩୦ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ବାଲିକୁଦା,୬।୪(ସ୍ୱ.ପ୍ର.)


ଫେରାର ଅଭିଯୁକ୍ତ ଗନ୍ଧର୍ବ ବେହେରା

୩୦ ବର୍ଷ ଧରି ଫେରାର୍ ଥିବା ଜଣେ ଅଭିଯୁକ୍ତଙ୍କୁ ବୁଧବାର ବାଲିକୁଦା ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ଫାଣ୍ଡି ଅଧୀନ ବରମୁଣ୍ଡଳୀ ପଞ୍ଚାୟତ ବରଦିଆ (ଫୁଲବେଲାରୀ) ଗାଁର ଗନ୍ଧର୍ବ ବେହେରା(୮୦)। ଗନ୍ଧର୍ବ ୧୯୯୩ରେ ପାରାଦୀପର ଏକ ମାମଲାରେ ଅଭିଯୁକ୍ତ ଥାଇ ଫେରାର୍ ଥିଲେ। ଏ ନେଇ କୁଜଙ୍ଗ କୋର୍ଟ ପକ୍ଷରୁ ଜିଆର କେସ୍ ନମ୍ବର (୮୨/୯୩) ଅନୁଯାୟୀ, ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ଗନ୍ଧର୍ବଙ୍କ ଘର ବାଲିକୁଦା ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ପାରାଦୀପରେ ରହୁଥିଲେ। ତାଙ୍କ ଠିକଣାକୁ ନେଇ ପୋଲିସ ଦ୍ୱନ୍ଦ୍ୱରେ ପଡ଼ିବାରୁ ଏପର୍ଯ୍ୟନ୍ତ ଗିରଫ କରି ପାରି ନ ଥିଲା । ବୁଧବାର ସେ ନିଜ ଘରକୁ (ଫୁଲୁବେଲାରୀ) ଆସିଥିବା ସୂଚନା ପାଇ ଫାଣ୍ଡି ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା।

# ଦରମା ବନ୍ଦ ସହ ଏବିଇଓଙ୍କ ପଦାବନତି

**ଜିଲାପାଳଙ୍କ ଅଡିଟ୍ ରିପୋର୍ଟ ଯାଞ୍ଚ ଘଟଣା**

- ବିଇଓ, କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଏରସମା,୬।୪(ସ୍ୱ.ପ୍ର.):

ଏରସମା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ପକ୍ଷରୁ ହୋଇଥିବା ଅଡିଟ ରିପୋର୍ଟ ଯାଞ୍ଚ ଘଟଣା ଭିନ୍ନ ମୋଡ଼ ନେଇଛି। କାର୍ଯ୍ୟରେ ତ୍ରୁଟି ପରିଲକ୍ଷିତ ହେବାରୁ ବିଇଓଙ୍କ ସମେତ ୩ ଏବିଇଓଙ୍କ ଦରମା ବନ୍ଦ କରାଯାଇଛି। ଏଥିସହ ଜଣେ ଏବିଇଓଙ୍କୁ କାର୍ଯ୍ୟରୁ ପଦାବନତି କରାଯାଇ ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ କରାଯାଇଛି। ପ୍ରକାଶ ଯେ, ଜିଲାପାଳ ପାରୁଲ ପଟୱାରି ମାର୍ଚ୍ଚ ୨୭ରେ ଏରସମା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଡିଟ ଯାଞ୍ଚ କରିଥିଲେ। ଏହି ଅବସରରେ ସେ ଶିକ୍ଷା ବିଭାଗ ଓ ଅଫିସ ଇଷ୍ଟାବ୍ଲିସମେଣ୍ଟ ଉପରେ ବିଭିନ୍ନ ସରକାରୀ କାଗଜପତ୍ର ଦେଖିଥିଲେ। ଏଥିସହ ଜଡ଼ିତ ବିଭିନ୍ନ ତଥ୍ୟ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ମାତ୍ର ବିଇଓଙ୍କ ସହ କାର୍ଯ୍ୟାଳୟର ଏବିଇଓ ଏବଂ କର୍ମଚାରୀମାନେ ଏ ସମ୍ପର୍କିତ ଉତ୍ତର ଦେଇପାରି ନ ଥିଲେ। ସେଥିପାଇଁ ବିଇଓ ଏବଂ ଏବିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିସହ ଏବିଇଓ ଶିବ ଚରଣ ବେହେରାଙ୍କୁ ଗାରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ସ୍ଥାନାନ୍ତର କରାଯାଇଛି। ବେହେରା ଏବିଇଓ ଭାବେ ପଦୋନ୍ନତି ପାଇବା ପୂର୍ବରୁ ଏହି ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ। ଏ ସମ୍ପର୍କରେ ଏରସମା ବିଇଓ ବିଜୟ ସେନାପତିଙ୍କୁ ପଚାରିବାରୁ କାଗଜପତ୍ରରେ ଖିଲାପ ହୋଇଥିବାରୁ ଜିଲାପାଳ ସମସ୍ତ କର୍ମଚାରୀଙ୍କର ଦରମା ବନ୍ଦ କରିଛନ୍ତି। ତ୍ରୁଟି ସଂଶୋଧନ କରି କାଗଜପତ୍ର ଦାଖଲ କରିବା ପରେ ଦରମା ମିଳିବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଭୂତି


@ ମନୋଜ


@ ପ୍ରତିଭା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-11, ତା.30.03.2023ରିଖ

କାର୍ଯ୍ୟର ନାମ : ଅମୃତ ଭାରତ କାର୍ଯ୍ୟ ସମ୍ବନ୍ଧୀୟ ଝାରସୁଗୁଡ଼ା ରୋଡ଼ (ପ୍ଲାଟଫର୍ମ-1ଏବଂ2), ରେଢ଼ାଖୋଲ (ପ୍ଲାଟଫର୍ମ-1,2 ଏବଂ 3), ମୁନିଗୁଡ଼ା (ପ୍ଲାଟଫର୍ମ- 1,2 ଏବଂ 3), ଖରିଆର ରୋଡ଼ (ପ୍ଲାଟଫର୍ମ-3), ହୀରାକୁଦ (ପ୍ଲାଟଫର୍ମ-1,2 ଏବଂ 3), ବରପାଲି (ପ୍ଲାଟଫର୍ମ- 1,2 ଏବଂ 3) ଏବଂ ହରିଶଙ୍କର ରୋଡ଼ (ପ୍ଲାଟଫର୍ମ-2 ଏବଂ 3) ଠାରେ CIB, ଝାରସୁଗୁଡ଼ା ରୋଡ଼ ଠାରେ TIB ଏବଂ ମୁନିଗୁଡ଼ା, ଖରିଆର ରୋଡ଼, ହୀରାକୁଦ, ବରପାଲି ଏବଂ ହରିଶଙ୍କର ରୋଡ଼ ଠାରେ GPS ଘଣ୍ଟା ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ (ଟଙ୍କାରେ) : 3,41,07,978.66, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 3,20,500/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.24.04.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର

PR-23/O/23-24



**MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

Ref: - No. SBP/MCL/IA/2023/02 ତାରିଖ:04.04.2023

MCL ରେ ୨୦୨୩-୨୦୨୪ ବର୍ଷ ପାଇଁ ଅଡିଟର ଏବଂ ଲିଡ୍ ଅଡିଟର (କୋଇଲା ବିକ୍ରୟ ଏବଂ ସ୍ଥାୟୀ ସମ୍ପତ୍ତି ଅଡିଟ୍ ର ଫିଜିକାଲ ଭେରିଫିକେସନ) ନିଯୁକ୍ତି ଏବଂ ୨୦୨୪-୨୫ ଓ ୨୦୨୫-୨୬ ବର୍ଷ ପାଇଁ ପରବର୍ତ୍ତୀ ନବୀକରଣ ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି (EOI) ସମ୍ବନ୍ଧୀୟ

MCLର ବିଭିନ୍ନ କ୍ଷେତ୍ର/ୟୁନିଟ/ହେଡକ୍ୱାର୍ଟର ଏବଂ ଭୁବନେଶ୍ୱର ଅଫିସରେ ୨୦୨୩-୨୪ ବର୍ଷ ଏବଂ କାର୍ଯ୍ୟ ସାଫଲ୍ୟତା ଆଧାରରେ ପରବର୍ତ୍ତୀ ଦୁଇବର୍ଷ ୨୦୨୪-୨୫ ଓ ୨୦୨୫-୨୬ ପାଇଁ ନବୀକରଣ ସୁଯୋଗ ଥିବା ୨ଟି ଲିଡ୍ ଅଡିଟ୍ ଫାର୍ମ ସମେତ ୨୧ (ଏକୋଇଶି) ଟି (କୋଲ ସେଲ୍ ଅଡିଟ୍ ପାଇଁ ୧୧ ଏବଂ ସ୍ଥାୟୀ ସମ୍ପତ୍ତି ଅଡିଟ୍‌ର ଫିଜିକାଲ ଭେରିଫିକେସନ ପାଇଁ ୧୦) ଅଡିଟ୍ ଫାର୍ମଙ୍କ ନିଯୁକ୍ତି ନିମନ୍ତେ ପ୍ରାକ୍ଟିସ୍ କରୁଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କିମ୍ବା କଷ୍ଟ ଆକାଉଣ୍ଟାଣ୍ଟ ଅଥବା ଇନଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ/ଇନଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ସହ ପଞ୍ଜୀକୃତ ହୋଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍/କଷ୍ଟ ଆକାଉଣ୍ଟାଣ୍ଟସ୍ ମାନଙ୍କର ଏକ ଫାର୍ମ/LLPଙ୍କ ଠାରୁ ଆଗ୍ରହର ଅଭିବ୍ୟକ୍ତି (EOI) ଆହ୍ୱାନ କରାଯାଉଛି ।

ଆଗ୍ରହୀ ଫାର୍ମମାନେ ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ CILର ଇ-ପ୍ରକ୍ୟୁରମେଣ୍ଟ ପୋର୍ଟାଲ : https://coalindiatenders.nic.in ଅଥବା ମହାନଦୀ କୋଲଫିଲ୍ଡସ ଲିମିଟେଡର ୱେବସାଇଟ୍ ଦେଖିବାକୁ ପରାମର୍ଶ ଦିଆଯାଉଛି।

| | |
|---|---|
| ବୀଡ୍ ସବମିସନ ଆରମ୍ଭ ତାରିଖ | ୧୧.୦୪.୨୦୨୩ ସକାଳ ୧୦:୦୦ |
| ବୀଡ୍ ସବମିସନ ଶେଷ ତାରିଖ | ୨୬.୦୪.୨୦୨୩ ସଂନ୍ଧ୍ୟା ୦୫:୦୦ |
| ବୀଡ୍ ଖୋଲା ହେବା ତାରିଖ | ୨୮.୦୪.୨୦୨୩ ସକାଳ ୧୧:୦୦ |

ନିଜ ନିଜ ବୀଡ୍ ସବ୍‌ମିଟ୍ କରିବା ପୂର୍ବରୁ କେବଳ ଏହିସବୁ ୱେବସାଇଟ୍‌ରେ କୌଣସି ସୂଚନା ପ୍ରଦତ୍ତ ହୋଇଛି କି ନାହିଁ ଜାଣିବା ପାଇଁ ନିୟମିତ ଉପରଲିଖିତ ୱେବସାଇଟ୍ ଗୁଡ଼ିକୁ ବ୍ରାଉଜ କରିବା ନିମନ୍ତେ ଇଚ୍ଛୁକ ବୀଡରମାନଙ୍କୁ ପରାମର୍ଶ ଦିଆଯାଉଛି।

R-5149



**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-69 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.1970/RE/OSIC Dt.05.04.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of four nos. of works i.e. "Supply, installation and commissioning of weighbridge at SWC Borigumma under Odisha State Warehousing Corporation, Bhubaneswar", "Supply and installation of LED Street light in different blocks of Koraput District under MLA Kotpad for the year 2020-21", "Supply and Fixing of LED street light, solar street light, supply of MS Nut & Bolt & Supply of different items in Hindol NAC" and "Supply & Fixing of 2000 Ltr. Solar Dual Pump system in existing tube well including extension of pipe line in different village under Koraput District". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0002/2324



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-93 **TENDER ALERT**

1)E-Tender Notice No.CPC-01/2023-24: Bids are invited under two part bidding system from the reputed firms/ agencies for providing catering services on contract (outsourced) basis at Transit House, Bhubaneswar, Guest House of Puri, Rourkela & Berhampur under OPTCL for a period of two years.

Complete set of bidding documents are available on:www.tenderwizard.com/OPTCL portal and OPTCL's official website: www.optcl.co.in.

OIPR-04011/11/0002/2324 HIPR-02/2023-24



**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph. No.: 0674-2300654 /2300664

**NOTICE INVITING TENDER**
NIT No: OCPL/SER-152/2023 Date: 07/04/2023

Sealed bids in prescribed format are invited from companies / agencies / firms for the following work:

| Sl. No. | Name of the work | Cost of tender paper | Bid security | Contract period | Issue of tender document | Last date of sale of tender document | Last date of submission / opening of bid |
|---|---|---|---|---|---|---|---|
| 1 | Comprehensive Maintenance Service Contract for OCPL's Rehabilitation & Resettlement (R & R) Colony at Sukhabandh, Hemgir, Sundargarh, Odisha | Rs. 5,900/- (Rupees Five Thousand and Nine Hundred only) including GST. | Rs. 60,000/- (Rupees Sixty Thousand only) | 03 (Three) years | 07.04.2023 | 22.04.2023 | 03.00 P.M. / 03:30 P.M. on 01.05.2023 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- General Manager (C & CA)



**INTEGRATED TRIBAL DEVELOPMENT AGENCY, MALKANGIRI**

**e-Procurement Notice**

Bid Identification No. ITDAMKG-01/2023-24

1. The Project Administrator, ITDA, Malkangiri on behalf of Governor of Odisha invites Percentage Rate Bids through Online Mode in Double Cover System for the type of works given in the table, from the eligible contractors of Class (D Class / C Class / B Class) or of equivalent range registered with the State Governments and Central Government/MES/Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement. The bid should be submitted only online on the website: www.tendersodisha.gov.in.

| | | |
|---|---|---|
| Name/Type of Works | : | Const. of Addl. Classroom, Staff Quarter etc. in different Schools and Hostels running under SSD Department |
| No. of works | : | 28 Nos. (Twenty Eight) |
| Amount put to tender | : | As laid down in the DTCN |
| Tender Paper Cost | : | As laid down in the DTCN |
| E.M.D. Amount Required | : | As laid down in the DTCN |
| Period of Completion | : | As laid down in the DTCN for each work |
| Date & time of availability of bid document in the portal | : | From 3.00 P.M. of 06.04.2023 to 18.04.2023 upto 1.00 P.M. |
| Last date/time for receipt of bid in the portal | : | From 3.00 P.M. of 06.04.2023 to 18.04.2023 upto 1.00 P.M. |
| Last date/time for submission of paper cost & other documents | : | From 10.00 A.M. of 19.04.2023 to 21.04.2023 upto 1.00 P.M. (During office hours in working days) in the tender box kept at ITDA/through Registered Post |
| Date of Opening of Tender | : | 24.04.2023 (At 11.00 A.M.) |

Further details can be seen from the e-procurement portal: www.tendersodisha.gov.in.

Sd./- Project Administrator, ITDA, Malkangiri

# ଜୁଲମ କରୁଛି ବିଦ୍ୟୁତ୍ ବିଭାଗ, ଉପଭୋକ୍ତା ଅତିଷ୍ଠ

**ନୟାଗଡ଼ ଅଫିସ,୬।୪: ନୟାଗଡ଼ ଜିଲାରେ ବିଦ୍ୟୁତ୍ ବିଭାଗର ମନମାନି ବଢ଼ି ଚାଲିଛି। ଏଥିପାଇଁ ଉପଭୋକ୍ତାମାନେ ଆର୍ଥିକ ଓ ମାନସିକସ୍ତରରେ ନିର୍ଯାତିତ ହେଉଛନ୍ତି । ଅଭିଯୋଗ ସତ୍ତ୍ୱେ ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଅଧିକାଂଶ ଉପଭୋକ୍ତା ଅଭିଯୋଗ କରି ଥକିପଡ଼ିବା ପରେ ବାଧ ହୋଇ ନୀରବ ରହୁଛନ୍ତି । ଏମିତି କିଛି ଅଭିଯୋଗକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା...**

### ଅନାବଶ୍ୟକ ଦେୟ ଆଦାୟ



ବିଦ୍ୟୁତ୍ ବିଭାଗ ଉପଭୋକ୍ତାଙ୍କଠାରୁ ଅନାବଶ୍ୟକ ଦେୟ ଆଦାୟ କରି ଚାଲିଛି । ଏମ୍ଏଫ୍ସି, କଷ୍ଟମର ଚାର୍ଜ, ଇଡି, ମିଟର ଚାର୍ଜ ପରି ଅନେକ ଦେୟ ବିଦ୍ୟୁତ୍ ବିଲରେ ଆସୁଛି । ଉପରୋକ୍ତ ଦେୟ ସଂକ୍ରାନ୍ତରେ ମିଟର ରିଡିଂ କର୍ମଚାରୀଙ୍କୁ ପଚାରିଲେ ଉତ୍ତର ମିଳୁନି । ବିଦ୍ୟୁତ୍ ବିଭାଗ ଅଧିକାରୀ ଅଥବା କର୍ମଚାରୀ ଏ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ଉତ୍ତର ଦେଉ ନାହାନ୍ତି। ଉପଭୋକ୍ତାମାନେ କିପରି ନ୍ୟାୟ ପାଇବେ ସେ ନେଇ କୌଣସି ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି ।

–ଧିରେନ ପଟ୍ଟନାୟକ, ନୟାଗଡ଼

### ଶିଡି ଧରି ବୁଲୁଛନ୍ତି ବିଦ୍ୟୁତ୍ କର୍ମଚାରୀ



ଆକାଶରେ କଳାମେଘ ଦେଖିଲେ ଅଥବା ପବନର ଆଭାସ ମିଳିଲେ ଗ୍ରାମାଞ୍ଚଳରେ ବିଦ୍ୟୁତ୍ କାଟ ହୋଇଥାଏ । ସେହିପରି ବିନା ସୂଚନାରେ ବହୁ ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ ଚାଲୁ ରହିଛି । ପୁଣି ଯଦି କେହି ଉପଭୋକ୍ତା ବିଦ୍ୟୁତ୍ ଦେୟ କିଛି ଅସୁବିଧା ବଶତଃ ଦେଇ ପାରି ନାହାନ୍ତି ବିନା ସୂଚନାରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯାଉଛି । ଗାଁ ଗଣ୍ଡାରେ ଓ ସହରରେ ସିଡି ବନ୍ଧା ବିଦ୍ୟୁତ୍ ଗାଡ଼ି ଘୁରି ବୁଲୁଛି। ପୂର୍ବ ସୂଚନା ନ ଦେଇ ବିଦ୍ୟୁତ୍ ବିଚ୍ଛିନ୍ନ ବେଆଇନ ହୋଇଥିଲେ ହେଁ ଏହାକୁ ବିଭାଗ ମାନିବାକୁ ରାଜି ନୁହେଁ ।

–ବିରଞ୍ଚି ନାରାୟଣ ପ୍ରଧାନ, ଜଗନ୍ନାଥ ପ୍ରସାଦ, ଖଣ୍ଡପଡ଼ା।

### ଅଯଥାରେ ବିଲ୍ ବଢ଼ୁଛି



ମିଟର ରିଡିଂ ମାସକୁ ଥରେ ନେବା ପାଇଁ ନିୟମ ରହିଛି। ହେଲେ ଅଧିକାଂଶ ସ୍ଥାନରେ ୧ମାସ ହୋଇ ନ ଥିବ ରିଡିଂ ନିଆଯାଉଛି । ପୁଣି ମାସେ ବିତି ଗଲା ପରେ ରିଡିଂ ନିଆଯାଉଛି। ମାସ ପରେ ମିଟର ରିଡିଂ ନେବା ଯୋଗୁ ଉପଭୋକ୍ତାଙ୍କ ଉପରେ ୟୁନିଟ ପିଛା ଦର ବଢ଼ି ଯାଉଛି । ଉପଭୋକ୍ତା ମାସକୁ ଅଯଥାରେ ୧୦୦ ଟଙ୍କାରୁ ଆରମ୍ଭ କରି ଅଧିକ ଖର୍ଚ୍ଚ କରିବାକୁ ପଡୁଛି। ସେହିଭଳି ବିଦ୍ୟୁତ୍ କାଟିବାର ସୂଚନା ଡାକବାଜି ଯନ୍ତ୍ର ଦ୍ୱାରା ଆଉ ପ୍ରଚାର କରାଯାଉନି । ଟୋଲ ଫ୍ରି ନମ୍ବରରେ ଫୋନ କଲେ ହଇରାଣ ହେବାକୁ ପଡୁଛି ।

–ସନ୍ତୋଷ ଷଡ଼ଙ୍ଗୀ, ଗୋଡିପଡା, ଓଡ଼ଗାଁ।

### ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ



ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଅସୁବିଧା ନିରାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାର ଆବଶ୍ୟକତା ରହିଛି। ହେଲେ ସେଥିପାଇଁ କୌଣସି ବ୍ୟବସ୍ଥା ନାହିଁ । ଫଳରେ ଉପଭୋକ୍ତାମାନେ ଆର୍ଥିକ ଦୃଷ୍ଟିକୋଣରୁ କ୍ଷତିଗ୍ରସ୍ତ ହୋଇ ଚାଲିଛନ୍ତି । ମିଟର ରିଡିଂରେ ଯେଉଁ ବିଲ୍ ଆସୁଛି ସେଥିରେ ମନଇଚ୍ଛା ଦେୟ ପଡୁଛି । ମିଟର ରିଡିଂ ଠିକ୍ ସମୟ ଅନ୍ତରରେ ନିଆଯାଉନାହିଁ । ପ୍ରତିବାଦ କଲେ ବିଦ୍ୟୁତ୍ ସଂଯୋଗ କାଟି ଦେବାର ଧମକ ମିଳୁଛି । ବିକଳ୍ପ ବ୍ୟବସ୍ଥା ନ ଥିବାରୁ ସବୁ ସହିବାକୁ ପଡୁଛି । ଉପଭୋକ୍ତା କମିଟି ନ ଥିବାରୁ ବିଭାଗ ଏହାର ଫାଇଦା ନେଉଛି ।

–ଗୋପବନ୍ଧୁ ଖଣ୍ଡୁଆଳ, ନୂଆଗାଁ ଉପଭୋକ୍ତା ।

### ବିଦ୍ୟୁତ୍ ଉପଭୋକ୍ତା କମିଟି ଦରକାର



ବିଦ୍ୟୁତ୍ ବିଭାଗର ନିର୍ଯାତନା ବଢ଼ି ଚାଲିଛି । ଏଥିରେ ଲଗାମ ଦେବା ପାଇଁ ଗାଁ ଓ ସହରରେ ବିଦ୍ୟୁତ୍ ଉପଭୋକ୍ତା ସଂଘ ଦରକାର । ନୟାଗଡ଼ରେ ବିଦ୍ୟୁତ୍ ଉପଭୋକ୍ତା ସଂଘ ଗଠନ କରାଯାଇଛି । ସଂଘ ଉପଭୋକ୍ତାଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ ଉଦ୍ୟମ ଜାରି ରଖିଛି । ପ୍ରତି ଗାଁରେ ବିଦ୍ୟୁତ୍ ଉପଭୋକ୍ତା ସମିତି ଗଠନ କରି ଅବ୍ୟବସ୍ଥା ବିରୋଧରେ ମୁହଁ ଖୋଲିବାକୁ ପଡିବ । ବିଦ୍ୟୁତ୍ ବିଭାଗ ଯେମିତି ଠକେଇ ଆରମ୍ଭ କରିଛି ତାର ତୁରନ୍ତ ସମାଧାନ ହେବା ଦରକାର ।

–ଅବଦୁଲ ଆରିଫ ଖାନ,ସଭାପତି, ନୟାଗଡ଼ ବିଦ୍ୟୁତ୍ ଉପଭୋକ୍ତା ସଂଘ।

# ଯୁଗ୍ମ ତଦନ୍ତ କଲେ ଓଆର୍ଏସ୍ଏସି,ମାଇନିଂ ଅଫିସର

**ନୟାଗଡ଼ ଅଫିସ,୬।୪**

## ପୁଆଁଣିଆଁ ଟାଙ୍ଗିରି ପାହାଡ଼

- ବେଆଇନ ଖନନ କରି ଜରିମାନା ଦେଲେ ୧୪ ଲକ୍ଷ

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଗୋଡିସାହି ଆରଆଇ ଅଫିସର ପୁଆଁଣିଆଁସ୍ଥ ଟାଙ୍ଗିରି ପାହାଡ଼ ପଥର ଖଣିକୁ ଓଡିଶା ସ୍ପେଶ ଆପ୍ଲିକେଶନ (ଓଆରଏସଏସି)ର ୫ଜଣିଆ ଟିମ୍ ଓ ମାଇନିଂ ଅଫିସର ତଥା ଓଡ଼ଗାଁ ତହସିଲଦାର ଅନୀଲ କୁମାର ଆଚାର୍ଯ୍ୟ ଗୁରୁବାର ପରିଦର୍ଶନ କରିଛନ୍ତି। ଏହି ଖଣିରେ କେତେ ଖଣି ଖନନ କରିବା କଥା, କେତେ ଖନନ ହୋଇଛି ତା'ର ଯୁଗ୍ମ ତଦନ୍ତ କରାଯାଇଛି । ଓଆରଏସ୍ଏସି ଟିମ୍ ଓଡ଼ଗାଁ ତହସିଲଦାରଙ୍କୁ ରିପୋର୍ଟ ଦେବା ପରେ ଏହା ଇସ୍ପାତ୍ ଓ ଖଣି ବିଭାଗକୁ ହସ୍ତାନ୍ତର କରାଯିବ। ତେବେ ବେଆଇନ ଖନନ ନେଇ ୧୪ ଲକ୍ଷ ୪୪ ହଜାର ୯୩୨ ଟଙ୍କା ଫାଇନ ହୋଇଛି । ସୂଚନାଯୋଗ୍ୟ, ରାଜସ୍ୱ ବିଭାଗ ଅଧୀନରେ ଥିବା ସମସ୍ତ ପଥର ଖଣି ଏବେ ଇସ୍ପାତ୍ ଓ ଖଣି ବିଭାଗକୁ ହସ୍ତାନ୍ତର କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ଏପରି ତଦନ୍ତ ହୋଇଛି । ତେବେ ଏହି ଖଣି ଉପରେ ବିଭିନ୍ନ ପ୍ରକାରର ଅଭିଯୋଗ ଥିବାରୁ ଏହାକୁ ପ୍ରଥମେ ତଦନ୍ତ କରାଯାଇଥିବା ଜଣାପଡ଼ିଛି ।

ଅଭିଯୋଗ ଅନୁଯାୟୀ, ପୁଆଁଣିଆଁ ଟାଙ୍ଗିରି ପାହାଡ଼ରେ କ୍ରଶର ଚାଲିବାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରୁଥିବାବେଳେ ପ୍ରଶାସନ ଲୋକଙ୍କ ଅଭିଯୋଗକୁ ଅଣଦେଖା କରିଆସୁଛି । ଏଠାରେ ଯେଉଁ କ୍ରଶର ଚାଲୁଥିଲା ତାର ସମୟ ୨୦୨୩ ମାର୍ଚ୍ଚ ୩୧ଥିଲା । ତେବେ ସମୟ ଅତିକ୍ରମ ପରେ ବି ବି ପୁଆଁଣିଆଁ କ୍ରଶର ଚାଲୁଛି ବୋଲି ଅଭିଯୋଗ ରହିଛି। ପ୍ରତିଦିନ ସନ୍ଧ୍ୟାରେ ମୁଣ୍ଡିଆରେ ବ୍ଲାଷ୍ଟିଂ ହେଉଛି । ବ୍ଲାଷ୍ଟିଂ ଯୋଗୁ ଛାତ ଘରେ ଫାଟ ସୃଷ୍ଟି ହେଲାଣି । ଶସ୍ୟକ୍ଷେତ୍ରରେ ପଥର ଖଣ୍ଡ ପଡି ଫସଲ ନଷ୍ଟ ହେଉଛି । ଗ୍ରାମ ମଧ୍ୟରେ ସବୁବେଳେ ଟ୍ରକ, ହାଇୱା ପରି ଭାରିଯାନ ଯାତାୟାତ ଯୋଗୁ ରାସ୍ତା ନଷ୍ଟ ହୋଇ ମରଣଯନ୍ତା ପାଲଟିଛି । ଅନ୍ୟପକ୍ଷେ ବର୍ଷକୁ ୧୯୮୦ କ୍ୟୁବିକ ମିଟର ଖନନ ପାଇଁ ନିର୍ଦ୍ଦେଶ ଥିବାବେଳେ ମାସକରେ ଏହାକୁ ଶେଷ କରି ଏହାର ୧୨ ଗୁଣା ଖନନ ଶେଷ ହେଲାଣି । ପୁଣି ବେଆଇନ ଭାବେ ରାସ୍ତା ନିର୍ମାଣ କରାଯାଉଛି । ଗଛ କାଟି ଜଙ୍ଗଲରୁ ଅନୁରୂପ ଭାବେ ଜଙ୍ଗଲକୁ ପଦା କରା ଚାଲିଛି ବୋଲି ଅଭିଯୋଗ ହେଉଛି । ଏନେଇ ଓଡ଼ଗାଁ ତହସିଲଦାର ଅନୀଲ କୁମାର ଆଚାର୍ଯ୍ୟ କୁହନ୍ତି, ମାର୍ଚ୍ଚ ମାସରେ ବେଆଇନ ଖନନ ନେଇ ୧୪ ଲକ୍ଷ ୪୪ ହଜାର ୯୩୨ ଟଙ୍କା ଫାଇନ ହୋଇଥିଲା । ଫାଇନ ଟଙ୍କା ଡିପୋଜିଟ୍ ହୋଇଛି । ଓଆରଏସ୍ଏସି ଟିମ୍ର ରିପୋର୍ଟ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ପରବର୍ତ୍ତୀ ପର୍ଯ୍ୟାୟରେ ପଥର ଖଣିକୁ ଇସ୍ପାତ୍ ଓ ଖଣି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।



ପୁଆଁଣିଆଁସ୍ଥିତ ଟାଙ୍ଗିରି ପାହାଡ଼ ପଥର ଖଣିରେ ବିଭାଗୀୟ ଅଧିକାରୀମାନେ ତଦନ୍ତ କରୁଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-11, ତା.30.03.2023ରିଖ

**କାର୍ଯ୍ୟର ନାମ :** ଅମୃତ ଭାରତ କାର୍ଯ୍ୟ ସମ୍ବନ୍ଧୀୟ ଝାରସୁଗୁଡ଼ା ରୋଡ଼ (ପ୍ଲାଟଫର୍ମ-1ଏବଂ2), ରେଢ଼ାଖୋଲ (ପ୍ଲାଟଫର୍ମ-1,2 ଏବଂ 3), ମୁନିଗୁଡ଼ା (ପ୍ଲାଟଫର୍ମ- 1,2 ଏବଂ 3), ଖରିଆର ରୋଡ଼ (ପ୍ଲାଟଫର୍ମ-3), ହୀରାକୁଦ (ପ୍ଲାଟଫର୍ମ-1,2 ଏବଂ 3), ବରପାଲି (ପ୍ଲାଟଫର୍ମ- 1,2 ଏବଂ 3) ଏବଂ ହରିଶଙ୍କର ରୋଡ଼ (ପ୍ଲାଟଫର୍ମ-2 ଏବଂ 3) ଠାରେ CIB, ଝାରସୁଗୁଡ଼ା ରୋଡ଼ ଠାରେ TIB ଏବଂ ମୁନିଗୁଡ଼ା, ଖରିଆର ରୋଡ଼, ହୀରାକୁଦ, ବରପାଲି ଏବଂ ହରିଶଙ୍କର ରୋଡ଼ ଠାରେ GPS କ୍ଲକ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ (ଟଙ୍କାରେ) :** 3,41,07,978.66, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 3,20,500/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.24.04.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର

PR-23/O/23-24



**MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍ସାଇଟ୍ : www.mahanadicoal.in

Ref: - No. SBP/MCL/IA/2023/02 ତାରିଖ:04.04.2023

**MCL ରେ ୨୦୨୩–୨୦୨୪ ବର୍ଷ ପାଇଁ ଅଡିଟର ଏବଂ ଲିଡ୍ ଅଡିଟର (କୋଇଲା ବିକ୍ରୟ ଏବଂ ସ୍ଥାୟୀ ସମ୍ପତ୍ତି ଅଡିଟ୍ ର ଫିଜିକାଲ ଭେରିଫିକେସନ) ନିଯୁକ୍ତି ଏବଂ ୨୦୨୪–୨୫ ଓ ୨୦୨୫–୨୬ ବର୍ଷ ପାଇଁ ପରବର୍ତ୍ତୀ ନବୀକରଣ ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି (EOI) ସମ୍ବନ୍ଧୀୟ**

MCLର ବିଭିନ୍ନ କ୍ଷେତ୍ର/ୟୁନିଟ/ହେଡକ୍ୱାର୍ଟର ଏବଂ ଭୁବନେଶ୍ୱର ଅଫିସରେ ୨୦୨୩–୨୪ ବର୍ଷ ଏବଂ କାର୍ଯ୍ୟ ସାଫଲ୍ୟତା ଆଧାରରେ ପରବର୍ତ୍ତୀ ଦୁଇବର୍ଷ ୨୦୨୪–୨୫ ଓ ୨୦୨୫–୨୬ ପାଇଁ ନବୀକରଣ ସୁଯୋଗ ଥିବା ୨ଟି ଲିଡ୍ ଅଡିଟ୍ ଫାର୍ମ ସମେତ ୨୧ (ଏକୋଇଶି) ଟି (କୋଲ ସେଲ୍ ଅଡିଟ୍ ପାଇଁ ୧୧ ଏବଂ ସ୍ଥାୟୀ ସମ୍ପତ୍ତି ଅଡିଟ୍ର ଫିଜିକାଲ ଭେରିଫିକେସନ ପାଇଁ ୧୦) ଅଡିଟ୍ ଫାର୍ମଙ୍କ ନିଯୁକ୍ତି ନିମନ୍ତେ ପ୍ରାକ୍ଟିସ୍ କରୁଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କିମ୍ବା କଷ୍ଟ ଆକାଉଣ୍ଟାଣ୍ଟ ଅଥବା ଇନଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ/ଇନଷ୍ଟିଚ୍ୟୁଟ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ ସହ ପଞ୍ଜୀକୃତ ହୋଇଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍/କଷ୍ଟ ଆକାଉଣ୍ଟାଣ୍ଟସ୍ ମାନଙ୍କର ଏକ ଫାର୍ମ/LLPଙ୍କ ଠାରୁ ଆଗ୍ରହର ଅଭିବ୍ୟକ୍ତି (EOI) ଆହ୍ୱାନ କରାଯାଉଛି ।

ଆଗ୍ରହୀ ଫାର୍ମମାନେ ସମ୍ପୂର୍ଣ୍ଣ ବିବରଣୀ ଜାଣିବା ପାଇଁ CILର ଇ-ପ୍ରକ୍ୟୁରମେଣ୍ଟ ପୋର୍ଟାଲ : https://coalindiatenders.nic.in ଅଥବା ମହାନଦୀ କୋଲଫିଲ୍ଡସ ଲିମିଟେଡର ୱେବସାଇଟ୍ ଦେଖିବାକୁ ପରାମର୍ଶ ଦିଆଯାଉଛି ।

| | |
|---|---|
| ବୀଡ୍ ସବମିସନ ଆରମ୍ଭ ତାରିଖ | ୧୧.୦୪.୨୦୨୩ ସକାଳ ୧୦:୦୦ |
| ବୀଡ୍ ସବମିସନ ଶେଷ ତାରିଖ | ୨୬.୦୪.୨୦୨୩ ସଂନ୍ଧ୍ୟା ୦୫:୦୦ |
| ବୀଡ୍ ଖୋଲା ହେବା ତାରିଖ | ୨୮.୦୪.୨୦୨୩ ସକାଳ ୧୧:୦୦ |

ନିଜ ନିଜ ବୀଡ୍ ସବ୍ମିଟ୍ କରିବା ପୂର୍ବରୁ କେବଳ ଏହିସବୁ ୱେବସାଇଟ୍ରେ କୌଣସି ସୂଚନା ପ୍ରଦତ୍ତ ହୋଇଛି କି ନାହିଁ ଜାଣିବା ପାଇଁ ନିୟମିତ ଉପରଲିଖିତ ୱେବସାଇଟ୍ ଗୁଡ଼ିକୁ ବ୍ରାଉଜ କରିବା ନିମନ୍ତେ ଇଚ୍ଛୁକ ବୀଡରମାନଙ୍କୁ ପରାମର୍ଶ ଦିଆଯାଉଛି ।

R-5149


## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଭୂତି



@ ଲିଙ୍କନ



@ ମନୋଜ



@ ପ୍ରତିଭା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗାଡ଼ି ଚାଳକଙ୍କୁ ଗୋଲାପ, ଚକୋଲେଟ୍

**ଦଶପଲ୍ଲା,୬।୪ (ଡି.ଏନ୍.ଏ.)**

## ସଡ଼କ ସୁରକ୍ଷା ସପ୍ତାହ ପାଳିତ

ବୁଧବାର ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ତରଫରୁ ଦଶପଲ୍ଲା ମେଡିକାଲ ଛକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ପଥପ୍ରାନ୍ତ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଯେଉଁ ବାଇକ୍ ଆରୋହୀମାନେ ହେଲମେଟ୍ ପରିଧାନ କରିଥିଲେ ସେମାନଙ୍କୁ ଗୋଲାପ ଫୁଲ ଓ ଯେଉଁମାନେ ବିନା ହେଲମେଟ୍ରେ ଗାଡ଼ି ଚାଳନା କରୁଥିଲେ ସେମାନଙ୍କୁ ଚକ୍ଲେଟ୍ ଦେଇ ସଚେତନ କରାଯାଇଥିଲା । ସଡ଼କ ସୁରକ୍ଷା ଓ ହେଲମେଟ୍ ପରିଧାନ କରିବାକୁ ସମସ୍ତ ଗାଡ଼ି ଚାଳକମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଅନୁଷ୍ଠାନର ସଦସ୍ୟମାନେ ସଡ଼କ ସୁରକ୍ଷା ଉପରେ ବିଭିନ୍ନ ପ୍ଲାକାର୍ଡ ଧରି ଧିରେ ଗାଡ଼ି ଚଲାନ୍ତୁ, ଦ୍ରୁତ ଗତି ମହାବିପତ୍ତି ଆଦି ସ୍ଲୋଗାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗୋଲକ ବିହାରୀ, କିଶୋର ଦଳବେହେରା, ଅଜୟ ପୃଷ୍ଟି, ସାମାଜିକକର୍ମୀ ପ୍ରଶନ୍ନ କୁମାର ପଣ୍ଡା, କିଶୋର ଦଳବେହେରା, ପାଣ୍ଡୁ ଚରଣ ବେହେରା, ଆଡଭୋକେଟ ଚିତ୍ତ ରଞ୍ଜନ କର, ମାନସ ସାହୁ, ପ୍ରକାଶ ସାହୁ, ମନୋରଞ୍ଜନ ସାହୁ, ସରୋଜ ପାତ୍ରଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ । ଅନୁଷ୍ଠାନ ତରଫରୁ ମେଡିକାଲ ଛକଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ସାହିତ୍ୟ ଅନୁଷ୍ଠାନର ସମ୍ପାଦକ ପ୍ରକାଶ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ଗାଡ଼ିଚାଳକମାନଙ୍କୁ ଅନୁଷ୍ଠାନର ସଦସ୍ୟମାନେ ସଚେତନ କରୁଛନ୍ତି ।

# ମା' ହେଙ୍ଗୁଳାଙ୍କ ଜନ୍ମୋତ୍ସବ ପାଳିତ

**ଖଣ୍ଡପଡ଼ା,୬।୪ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ହାଟମୁଣ୍ଡପାଟଣାସ୍ଥିତ ମା'ହେଙ୍ଗୁଳା ଦେବୀଙ୍କ ଜନ୍ମୋତ୍ସବ ଗୁରୁବାର ପବିତ୍ର ଚୈତ୍ର ପୂର୍ଣ୍ଣମୀରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଏଠାରେ ହୋମ, ଯଜ୍ଞ ସହିତ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ମହଳା ଓ ପୁରୁଷମାନେ ନୀଳମାଧବ ଜୀଉଙ୍କ ମନ୍ଦିର ତଟଦେଶରେ ପ୍ରବାହିତ ମହାନଦୀରୁ ପବିତ୍ର ଜଳ ସଂଗ୍ରହ କରି କଳସ ଶୋଭାଯାତ୍ରାରେ ଆସି ଯଜ୍ଞସ୍ଥଳରେ ସ୍ଥାପନା କରିଥିଲେ । ହୋମଯଜ୍ଞରେ ପୁରୋଧା ଭାବେ ପ୍ରଦୀପ କୁମାର କର ଦାୟିତ୍ୱ ନିର୍ବାହ କରିଥିଲେ। ଅପରାହ୍ନ ପ୍ରାୟ ୫ଟାରେ ପୂର୍ଣ୍ଣାହୁତି ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ସମାଗମ ହୋଇଥିଲେ। ସନ୍ଧ୍ୟାରେ ମହିଳା ଭାଗବତ ମଣ୍ଡଳୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ଥାନୀୟ ଜନସାଧାରଣ ତଥା ଶ୍ରଦ୍ଧାଳୁମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-69 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.1970/RE/OSIC Dt.05.04.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of four nos. of works i.e. "Supply, installation and commissioning of weighbridge at SWC Borigumma under Odisha State Warehousing Corporation, Bhubaneswar", "Supply and installation of LED Street light in different blocks of Koraput District under MLA Kotpad for the year 2020-21", "Supply and Fixing of LED street light, solar street light, supply of MS Nut & Bolt & Supply of different items in Hindol NAC" and "Supply & Fixing of 2000 Ltr. Solar Dual Pump system in existing tube well including extension of pipe line in different village under Koraput District". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.

Sd/-
GENERAL MANAGER(O)

OIPR-14073/11/0002/2324



**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha

No. CAD-93

**TENDER ALERT**

1)E-Tender Notice No.CPC-01/2023-24: Bids are invited under two part bidding system from the reputed firms/ agencies for providing catering services on contract (outsourced) basis at Transit House, Bhubaneswar, Guest House of Puri, Rourkela & Berhampur under OPTCL for a period of two years.

Complete set of bidding documents are available on:www.tenderwizard.com/OPTCL portal and OPTCL's official website: www.optcl.co.in.

OIPR-04011/11/0002/2324 HIPR-02/2023-24



**ODISHA COAL AND POWER LTD.**
Odisha Coal and Power Limited OCPL
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha, Ph. No.: 0674-2300654 /2300664

**NOTICE INVITING TENDER**

NIT No: OCPL/SER-152/2023 Date: 07/04/2023

Sealed bids in prescribed format are invited from companies / agencies / firms for the following work:

| Sl. No. | Name of the work | Cost of tender paper | Bid security | Contract period | Issue of tender document | Last date of sale of tender document | Last date of submission / opening of bid |
|---|---|---|---|---|---|---|---|
| 1 | Comprehensive Maintenance Service Contract for OCPL's Rehabilitation & Resettlement (R & R) Colony at Sukhabandh, Hemgir, Sundargarh, Odisha | Rs. 5,900/- (Rupees Five Thousand and Nine Hundred only) including GST. | Rs. 60,000/- (Rupees Sixty Thousand only) | 03 (Three) years | 07.04.2023 | 22.04.2023 | 03.00 P.M. / 03:30 P.M. on 01.05.2023 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- General Manager (C & CA)



**INTEGRATED TRIBAL DEVELOPMENT AGENCY, MALKANGIRI**

**e-Procurement Notice**

Bid Identification No. ITDAMKG-01/2023-24

1. The Project Administrator, ITDA, Malkangiri on behalf of Governor of Odisha invites Percentage Rate Bids through Online Mode in Double Cover System for the type of works given in the table, from the eligible contractors of Class (D Class / C Class / B Class) or of equivalent range registered with the State Governments and Central Government/MES/Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under State Government has to register under the State PWD in appropriate class of eligibility before signing of the agreement. The bid should be submitted only online on the website: www.tendersodisha.gov.in.

| | | |
|---|---|---|
| Name/Type of Works | : | Const. of Addl. Classroom, Staff Quarter etc. in different Schools and Hostels running under SSD Department |
| No. of works | : | 28 Nos. (Twenty Eight) |
| Amount put to tender | : | As laid down in the DTCN |
| Tender Paper Cost | : | As laid down in the DTCN |
| E.M.D. Amount Required | : | As laid down in the DTCN |
| Period of Completion | : | As laid down in the DTCN for each work |
| Date & time of availability of bid document in the portal | : | From 3.00 P.M. of 06.04.2023 to 18.04.2023 upto 1.00 P.M. |
| Last date/time for receipt of bid in the portal | : | From 3.00 P.M. of 06.04.2023 to 18.04.2023 upto 1.00 P.M. |
| Last date/time for submission of paper cost & other documents | : | From 10.00 A.M. of 19.04.2023 to 21.04.2023 upto 1.00 P.M. (During office hours in working days) in the tender box kept at ITDA/through Registered Post |
| Date of Opening of Tender | : | 24.04.2023 (At 11.00 A.M.) |

Further details can be seen from the e-procurement portal: www.tendersodisha.gov.in.

Sd./- Project Administrator, ITDA, Malkangiri

## ବଜ୍ରପାତରେ ଗାଈ ମୃତ

ଚଣ୍ଡିଖୋଲ,(ଡି.ଏନ.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ ବାଲିକୁଦା ଗ୍ରାମରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଏକ ଗାଈର ମୃତ୍ୟୁ ହୋଇଛି। ଗାଈପଲ ଜମି ପାଟକୁ ଚରିବାକୁ ଯାଇ ଅପରାହ୍ନ ୪ଟାରେ ଫେରୁଥିଲେ। ଏହି ସମୟରେ ଗୋଟିଏ ଗାଈକୁ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଥିଲା। ମୃତ ଗାଈଟି ବଡ଼ ବାଲିକୁଦା ଗ୍ରାମର ମାଳତୀ ଜେନାଙ୍କର। ମାଳତୀଙ୍କ ଏକମାତ୍ର ପୁତ୍ର ବିନୋଦ ବିହାରୀ ଜେନା ପୂର୍ବରୁ ବଡ଼ ବାଲିକୁଦା ପଞ୍ଚାୟତର ସମିତିସଭ୍ୟ ଥିଲେ। ତାଙ୍କର ଏକ ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ଶାଶୁ ଓ ବିଧବା ବୋହୂ ଗାଈ ପାଳନ କରି ଜୀବିକା ନିର୍ବାହ କରୁଛନ୍ତି।

### ସଂକ୍ଷେପରେ

## ହେଲ୍ପିଂହ୍ୟାଣ୍ଡ୍ ପକ୍ଷରୁ ସେବା ସପ୍ତାହ

ରସୁଲପୁର,୬।୪(ଡି.ଏନ.ଏ.): ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂହ୍ୟାଣ୍ଡ ପକ୍ଷରୁ ସେବା ସପ୍ତାହ ପାଳନ କରାଯାଉଛି। ଅନୁଷ୍ଠାନ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିରରୁ ଏହି ସପ୍ତାହ ଆରମ୍ଭ ହୋଇଛି। ଏହି ଶିବିର ଅନୁଷ୍ଠାନର ଯାଜପୁର ଟାଉନ ଶାଖା ପକ୍ଷରୁ କରାଯାଇଥିଲା। ଏପ୍ରିଲ ୯ରେ ଅନୁଷ୍ଠାନ ତା'ର ବାର୍ଷିକ ଉତ୍ସବ ପାଳନ କରିବ। ପ୍ରତିବର୍ଷ ଭଳି ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ବାର୍ଷିକୋତ୍ସବ ସପ୍ତାହକୁ 'ସେବା ସପ୍ତାହ' ଭାବେ ପାଳନ କରାଯାଇ ଆସୁଛି। ଚାରା ରୋପଣ କରାଯାଇ ସେବା ସପ୍ତାହ ଶେଷ କରାଯିବ।

ଏହାରି ଭିତରେ ରସୁଲପୁର ବ୍ଲକ୍ ଅଧୀନ ସିଂହାପୁର ଶାଖା ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯିବା ସହ ବିଭିନ୍ନ ଶାଖା ପକ୍ଷରୁ ସାମୂହିକ ସଫେଇ, ଡାକ୍ତରଖାନାରେ ରୋଗୀଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ, ବୁଲା ଗୋରୁଙ୍କୁ ଖାଦ୍ୟ ପ୍ରଦାନ ଭଳି ନାନା ସେବା କାର୍ଯ୍ୟ କରାଯିବ ବୋଲି ଅନୁଷ୍ଠାନ ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ଏତଦ୍‌ବ୍ୟତୀତ ବାର୍ଷିକୋତ୍ସବରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୧୦୦ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ଉତ୍ସବରେ ପଦ୍ମଶ୍ରୀ ପ୍ରଭାକର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେବେ। ବାର୍ଷିକୋତ୍ସବ ମଞ୍ଚକୁ ଆକର୍ଷଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ସାମାଜିକ ନାଟକ, ଦିବ୍ୟାଙ୍ଗ ଗ୍ରୁପ୍ ଦ୍ୱାରା ନୃତ୍ୟ ପରିବେଷଣ, ପ୍ରବୀଣା ନୃତ୍ୟାଙ୍ଗନାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ଓ ଦୃଷ୍ଟିହୀନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯିବାକୁ ସ୍ଥିର କରାଯାଇଛି।

# ବ୍ରିଜ୍ ପାଇଁ କାଳ ବାଲିଖାଦାନ

- ତହସିଲଦାରଙ୍କୁ ଗ୍ରାମ୍ୟ ନିର୍ମାଣ ବିଭାଗର ପତ୍ର
- ବ୍ରିଜ ନିକଟରେ ଏକାଧିକ ବାଲି ଖାଦାନ
- ଧନଜୀବନ ହାନି ଆଶଙ୍କା

ଯାଜପୁର ଅଫିସ,୬।୪


ବ୍ରିଜ ତଳୁ ବାଲି ଉଠାଣ ହେଉଛି।

ନିର୍ମାଣ ଓ ଖଣି ପୋତା କାର୍ଯ୍ୟ ପାଇଁ ନଦୀ ବାଲିର ଆବଶ୍ୟକତା ବଢ଼ିଛି। ତେଣୁ ସରକାର ବାଲି ଖାଦାନ ଲିଜ୍ ପ୍ରଦାନ ପାଇଁ ଅନେକ ନୀତି ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ ଏହି ନୀତିନିୟମ ବାଲି ବ୍ୟବସାୟୀ, ଲିଜ୍‌ଧାରୀ ଓ ତହସିଲ କର୍ତ୍ତୃପକ୍ଷଙ୍କ ପାଇଁ କିଛି ଫରକ ପଡୁନାହିଁ। ବରଂ ବାଲି ଉତ୍ତୋଳନରେ ଏମିତି ବେଆଇନ କାର୍ଯ୍ୟ ଚାଲିଛି ଯେ, ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ନଦୀନାଳ ଉପରେ ନିର୍ମାଣ ହୋଇଥିବା ବ୍ରିଜଗୁଡ଼ିକ ବିପଦାପନ୍ନ ହେବାର ସମ୍ଭାବନା ସୃଷ୍ଟି କରିଛି। ଏଠାରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ରାଉତରାପୁରଠାରୁ କୁଣ୍ଡପାଟଣା ରାସ୍ତାର ସାମନ୍ତରାପୁରଠାରେ ନିର୍ମାଣ ହୋଇଥିବା ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ବ୍ରିଜକୁ ଉଦାହରଣ ଭାବେ ନିଆଯାଇପାରେ। ବୈଷୟିକ ଗାଇଡ୍‌ଲାଇନ ଅନୁସାରେ ବ୍ରିଜଠାରୁ ୧ କିମି ଦୂର ମଧ୍ୟରେ କୌଣସି ବାଲି ଖାଦାନକୁ ଅନୁମତି ମିଳିବାର ନିୟମ ନାହିଁ। କିନ୍ତୁ ଏଠାରେ ମାସିକ ଚାନ୍ଦା ଏବଂ ଅନୁମତିଠାରୁ ଢେର ଗୁଣ ଅଧିକ ବାଲି ଚାଲାଣ କାରବାର ଲୋକଙ୍କ ଧନଜୀବନଠାରୁ ଅଧିକ ବୋଲି ମନେ ହେଉଛି। ଜାରକା ଗ୍ରାମ୍ୟ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଏଭଳି ଏକ ସମ୍ବେଦନଶୀଳ ବିଷୟ ଉପରେ ଆଲୋକପାତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ରସୁଲପୁର ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। କେବଳ ସାମନ୍ତରାପୁର ନୁହେଁ ଜିଲାର ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବ୍ରିଜ ନିକଟରେ ବାଲି ଖାଦାନ ଚାଲିଥିବାରୁ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

ରାଜ୍ୟର ନଦୀନାଳ ଭରା ଜିଲା ଭାବେ ଯାଜପୁର ବେଶୀ ପରିଚିତ। ଏହି ଜିଲାରେ ବୈତରଣୀ, ବ୍ରାହ୍ମଣୀ, ଖରସ୍ରୋତା, ବିରୂପା, ବୁଢ଼ା ଆଦି ନଦୀ ରହିଛି। ଏହିସବୁ ନଦୀରେ ଥିବା ବାଲିଘାଟରୁ ବାର୍ଷିକ ୨୫ରୁ ୩୫ ହଜାର ଘନମିଟର ବାଲି ଉତ୍ତୋଳନ କରିବାକୁ ଧାର୍ଯ୍ୟ କରାଯାଇଛି। ସେହି ଅନୁସାରେ ଦିନକୁ ହାରାହାରି ୮୨ ଘନ ମିଟର ବାଲି ଉତ୍ତୋଳନ ହୋଇ ପାରିବ। ତଦନୁସାରେ ସମ୍ପୃକ୍ତ ତହସିଲ ଅଧିକାରୀଙ୍କ ପକ୍ଷରୁ ଟିପି(ଟ୍ରାନଜିଟ ପାସ୍)ଲିଜ୍‌ଧାରୀଙ୍କୁ ପ୍ରଦାନ କରାଯାଉଛି। କିନ୍ତୁ ଜିଲାର ପ୍ରାୟ ସମସ୍ତ ଅନୁମତିପ୍ରାପ୍ତ ବାଲିଘାଟରୁ ଧାର୍ଯ୍ୟ ପରିମାଣଠାରୁ ବହୁଗୁଣରେ ଅଧିକ ବାଲି ଉତ୍ତୋଳନ କରିବାକୁ ଲିଜ୍‌ଧାରୀମାନେ ନକଲି ଟିପିର ଆଶ୍ରୟ ନେଉଛନ୍ତି। ଏହି ନକଲି ଟିପି ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଛପା ଯାଉଥିବା ଏବେ ଚର୍ଚ୍ଚା ଜୋର ଧରିଛି। ଏହି ଜାଲିଆତିରେ ତହସିଲ କର୍ତ୍ତୃପକ୍ଷ, ପୋଲିସ ଓ ପରିବହନ ବିଭାଗୀୟ ଅଧିକାରୀଙ୍କ ଅସାଧୁ ସମ୍ପର୍କ ରହୁଛି। ଏହି କାରଣରୁ ଧାର୍ଯ୍ୟ ପରିମାଣଠାରୁ ଓଭରଲୋଡିଂ ପରିବହନ ହେଉଥିଲେ ହେଁ କେହି ଧରିବାକୁ ସାହାସ ଜୁଟାଇ ପାରୁନାହାନ୍ତି । ଫଳରେ ବାଲି ଉତ୍ସଗୁଡ଼ିକ କ୍ଷତିଗ୍ରସ୍ତ ହେବାକୁ ବସିଛି । ବିଜ୍ଞାନ ବିରୋଧ ବାଲି ଖାଦାନ ଏବଂ ବେଆଇନ ବାଲି ଉଠାଣ କେବଳ ରାଜ୍ୟର ରାଜସ୍ୱ କ୍ଷତି କରୁନାହିଁ ବରଂ ନଦୀର ପ୍ରାକୃତିକ ସମତୁଲ ପ୍ରକ୍ରିୟାକୁ ବ୍ୟାହତ କରୁଛି । ଏହାବାଦ୍ ନଦୀକୂଳ ଗ୍ରାମବାସୀଙ୍କ ଜୀବନଚର୍ଯ୍ୟା ଉପରେ ନକରାତ୍ମକ ପ୍ରଭାବ ପକାଉଛି । ଏହାକୁ ପ୍ରତିହତ କରିବାକୁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକାଧିକ ନିର୍ଦ୍ଦେଶ ଓ ଗାଇଡ୍‌ଲାଇନ ଜାରି କରାଯାଉଥିଲେ ମଧ୍ୟ ବେଆଇନ ବାଲି କାରବାର ବନ୍ଦ ହେଉନାହିଁ । ଏହି ବେଆଇନ କାରବାରରୁ କେତେକ ସରକାରୀ ଅଧିକାରୀ ମାଲାମାଲ ହେଉଥିବାରୁ କୌଣସି ସମ୍ଭାବ୍ୟ ବିପଦ ଉପରେ ମଧ୍ୟ ସେମାନଙ୍କ ଦୃଷ୍ଟି ପଡୁନାହିଁ। ତେଣୁ ବ୍ରିଜ୍ ନିକଟରେ ବାଲି ଉତ୍ତୋଳନ କରିବାକୁ ଅନୁମତି ମିଳୁଛି। ଏହି କ୍ରମରେ ଜେନାପୁର ବ୍ରିଜ ନିକଟରୁ ଜାବରା ବାଲି ଖାଦାନ, ୫୩ନଂ. ଜାତୀୟ ରାଜପଥର ବ୍ରାହ୍ମଣୀ ନଦୀର କବାଟବନ୍ଧ ବ୍ରିଜ, ମାନତିରା, ଜାରକା ଆଦି ବ୍ରିଜ ନିକଟରୁ ବେଆଇନ ଭାବେ ବାଲି ଖାଦାନ ଚାଲିଛି। ସେହିପରି ବୈତରଣୀ ନଦୀର ଆଖୁଆପଦା ବ୍ରିଜ ନିକଟରେ ଧନତ୍ରୀ ଓ ଲିଙ୍ଗେଶ୍ୱର, ମଥୁରାପୁର ଓ ମକୁନ୍ଦପୁର ବ୍ରିଜ, ଷଠିପୁର ବ୍ରିଜ ନିକଟରୁ ଏକାଧିକ ବାଲି ଉତ୍ତୋଳନ ହେଉଛି। ଯାହାକି ଆଗକୁ ବିପଦ ହୋଇପାରେ ବୋଲି ଖୋଦ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ସେଠୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହି ମର୍ମରେ ୩।୪।୨୦୨୩ରେ ସେ ରସୁଲପୁର ତହସିଲଦାରଙ୍କୁ ଚିଠି ଦେଇ ଜଣାଇଛନ୍ତି ଯେ, ସାମନ୍ତରାପୁର ନିକଟରେ ବ୍ରାହ୍ମଣୀ ଉପରେ ଏକ ବ୍ରିଜ ନିର୍ମାଣ କାମ ସରିଛି। ଏହି ବ୍ରିଜ ଲୋକଙ୍କ ଅତି ଜରୁରୀ। ଲୋକଙ୍କ ଚଳାଚଳ ପାଇଁ ଏହି ବ୍ରିଜ ଖୋଲିବାକୁ ଦାବି ହେଉଛି। କିନ୍ତୁ ଏହି ବ୍ରିଜର ଅତି ନିକଟରେ ଏକ ବାଲି ଖାଦାନ ଚାଲିଛି। ଯେଉଁଟା କି ଉକ୍ତ ବ୍ରିଜ ଉପରେ ସିଧାସଳଖ ପ୍ରଭାବ ପକାଇବ। ତେଣୁ ଉକ୍ତ ବାଲି ଖାଦାନ ଉପରେ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ତହସିଦାରଙ୍କୁ ଅନୁରୋଧ କରିଛନ୍ତି।

## ୨ୟ ଦିନରେ ବ୍ୟାସନଗର ନାଗରିକ କମିଟିର ଗଣଧାରଣା

ଯାଜପୁର ରୋଡ,୬।୪(ଡି.ଏନ.ଏ.):

ବ୍ୟାସନଗର ନାଗରିକ କମିଟି ଦ୍ୱାରା ଗଠିତ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ୫ଦଫା ଦାବି ନେଇ ଚାଲିଥିବା ଗଣଧାରଣା ଗୁରୁବାର ୨ୟ ଦିନରେ ପହଞ୍ଚିଛି। ଗଣଧାରଣା ସଭାରେ ନରେନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ହୃଦାନନ୍ଦ ସାମଲ ସଭା ପରିଚାଳନା କରିଥିଲେ। ସର୍ବସମ୍ମତିନିଷ୍ପତ୍ତିକ୍ରମେ ଏକ ୫ ଜଣିଆ କମିଟି ପୌର ପରିଷଦ ଅଧ୍ୟକ୍ଷାଙ୍କୁ ଭେଟି ହୋଲଡିଂ ଟିକସ ବାବଦରେ ଆଲୋଚନା କରିଥିଲେ। ଅଧ୍ୟକ୍ଷା ପାରିଷଦରେ ଆଲୋଚନା କରି ଟିକସ କମ୍ କରିବାକୁ ସରକାରଙ୍କୁ ଅବଗତ କରାଇଛନ୍ତି ବୋଲି ଜଣାଇଥିଲେ। ନାଗରିକ କମିଟି ସଭାପତି ହେମନ୍ତ କିଶୋର ସାହୁ, ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ହୃଷୀକେଶ ସାହୁ, ସୁଧାନିଧି ମହାପାତ୍ର, ଶ୍ରମିକ ନେତା ପ୍ରଫୁଲ୍ଲ ନାୟକ, ପୂର୍ବତନ ଉପନଗରପାଳ ପ୍ରମୋଦ ପରିଡ଼ା, ପଦ୍ମନାଭ ସ୍ୱାଇଁ, ରାଜେନ୍ଦ୍ର ବିଶ୍ୱାଳ, ସୌମେନ୍ଦ୍ର ରାଉତ, ହେମନ୍ତ ଧୀର, ଖବରଦାତା ବାବୁରାମ ଯେନା, ନିରଞ୍ଜନ ବିଶ୍ୱାଳ, ସଦାଶିବ ଦାଶ, ଦେବେନ୍ଦ୍ର ବେହେରା, ଅଭିରାମ ସାହୁ, ଚନ୍ଦ୍ରକାନ୍ତ ନାୟକ, ଅଜୟ ସାହୁ ଓ ସନ୍ତୋଷ ବରାଳ ଯୋଗଦେଇ ଗଣଧାରଣାକୁ ସମର୍ଥନ କରିଥିଲେ। ଶୁକ୍ରବାରରୁ ଛୁଟି ପଡୁଥିବାହେତୁ ଗଣଧାରଣା ସୋମବାରଠାରୁ ପୂର୍ବ ପରି ଚାଲୁରହିବ। ରବିବାର ସନ୍ଧ୍ୟାରେ ରୟାଲ କଳିଙ୍ଗ ହୋଟେଲଠାରେ ସହରର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବେପାରି ସଂଘ, ଯୁବକ ସଂଘ, ଛାତ୍ର ସଂଗଠନ, ମହିଳା ସଂଗଠନକୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି ସମ୍ପାଦକ ରାଉତ ସୂଚନା ଦେଇଥିଲେ।

## ଭୋଟକା ହିଙ୍ଗୁଳା ମହାଯଜ୍ଞ ଆରମ୍ଭ


ମା'ହିଙ୍ଗୁଳାଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ରସୁଲପୁର,୬।୪(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ବଇଁଚ ପଡ଼ିଆଠାରେ ବିଜେ ମା'ହିଙ୍ଗୁଳାଙ୍କ ୬୪ତମ ମହାଯଜ୍ଞ ଗୁରୁବାର ପୂର୍ଣ୍ଣମି ତିଥିରୁ ଆରମ୍ଭ ହୋଇଛି। ଯଜ୍ଞ ଅବସରରେ ପାରମ୍ପାରିକ ରୀତିନୀତି ସେବାଗ୍ରାମର ଘରେ ଘରେ ପାଳିତ ହେଉଛି। ଆରାଧ୍ୟ ଦେବୀ ମା'ହିଙ୍ଗୁଳାଙ୍କ ୩୬ଖଣ୍ଡ ଗ୍ରାମବାସୀଙ୍କ ସହଯୋଗରେ ଯଜ୍ଞ ଉତ୍ସବ ହେଉଛି। ପ୍ରତ୍ୟେକ ଗ୍ରାମର ଭକ୍ତ ଶୁଦ୍ଧପୁତ ଭାବରେ ଯଜ୍ଞ କାର୍ଯ୍ୟରେ ଯୋଗ ଦେଉଛନ୍ତି। ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଯଜ୍ଞରେ ୫ ପଣ୍ଡିତ ଯଜ୍ଞ କାର୍ଯ୍ୟ ପରିଚାଳନା କରୁଛନ୍ତି। ୭ଜଣ କଳସିଆ ଯଜ୍ଞସ୍ଥଳରେ ଉପସ୍ଥିତ ରହିବା ସହ ବ୍ରତଧାରଣ କରିଛନ୍ତି। ମୁଖ୍ୟକଳସିଆ କୈଳାସ ଚନ୍ଦ୍ର ଖୁଣ୍ଟିଆ ଓ ସାବିତ୍ରୀ ଖୁଣ୍ଟିଆ ସସ୍ତ୍ରିକ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଗ୍ରାମବାସୀ ଆମିଷ ବର୍ଜନ କରିଛନ୍ତି। ଗୃହିଣୀ ଅରାନ୍ଧିଆବ୍ରତ ପାଳନ କରୁଛନ୍ତି। ରାତିରେ ଗାଁରେ ଚୁଲି ଜଳୁନାହିଁ। ପଣାପାଣି ଓ ଧୂପ, ଝୁଣା ଆଦି ପୂଜା ଦ୍ରବ୍ୟର ବାସ୍ନାରେ ଗାଁ ଦାଣ୍ଡ ମହକି ଉଠୁଛି। ମହିଳା ଗାଁ ଦାଣ୍ଡକୁ ଗାଈ ଗୋବରରେ ଲେପନ କରି ମନ୍ଦାରଫୁଲ, ଗାଈ କ୍ଷୀର ମିଶ୍ରୀ, କଦଳୀ, ଭୋଗ ଲାଗି କରି ପରିବାରର ମଙ୍ଗଳ ମାନସୁଛନ୍ତି। ୫ ତାରିଖରେ ଅଙ୍କୁରାପୋଣ, ଯଜ୍ଞଶୁଭାଧିବାସ ଅନୁଷ୍ଠିତ ହୋଇଥିଲା। ୬ ତାରିଖରେ ମା'ଙ୍କ ଷୋଡ଼ଷୋ ଉପଚାର ପୂଜା, ବଡ଼ସିଂହାର ବେଶ, ମହାଯଜ୍ଞ, ଚଣ୍ଡିପାଠ ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସକାଶେ ହିଙ୍ଗୁଳା ପୂଜା କମିଟି ପକ୍ଷରୁ ଅନ୍ନଦାନ ବ୍ୟବସ୍ଥା କରାଯାଉଛି। କମିଟି ସଭାପତି ରମାକାନ୍ତ ଦାସ, ସମ୍ପାଦକ ଶଶିଭୂଷଣ ରାଉତ, କାର୍ଯ୍ୟକାରୀ ସଭାପତି ଶିଶିଭୂଷଣ ପରିଡ଼ା, ମନୋଜ ରାଉତ, ଅଶ୍ୱିନୀ ଦାସ, ଅଦ୍ୱୈତ ରାଉତ, ସୁନନ୍ଦ ରାଉତ, ଅମୂଲ୍ୟ ଦାସ ଓ ପୁରୁଷୋତ୍ତମ ଦାସ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଛନ୍ତି।

## ରଜ ପ୍ରତିଯୋଗିତା ଆବେଦନପତ୍ର ଉନ୍ମୋଚିତ



ରଜ ମହୋତ୍ସବ ପ୍ରତିଯୋଗିତା ଆବେଦନପତ୍ରକୁ ଅତିଥି ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୬।୪(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ମହିଳା ବିଜେଡି ପକ୍ଷରୁ ରଜ ମହୋତ୍ସବ ୨୦୨୩ ପ୍ରତିଯୋଗିତା ପାଇଁ ଆବେଦନ ପତ୍ର ଉନ୍ମୋଚନ କରାଯାଇଛି। ବ୍ଲକ ମହିଳା ବିଜେଡି ସଭାପତି ବିଶ୍ୱବନ୍ଦନା ଜେନାଙ୍କ ସଭାପତିତ୍ୱରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ୧୪ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ପ୍ରିୟନାଥ ମହାପାତ୍ର, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ମମତା ଖୁଣ୍ଟିଆ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ, ଅମରେନ୍ଦ୍ର ରାୟ ପ୍ରମୁଖ ଯୋଗ ଦେଇଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀ ମହିଳା ବିଜେଡି ସଭାନେତ୍ରୀ ରେଣୁବାଳା ଶତପଥୀ, ଜିଲା ମହିଳା ବିଜେଡି ଉପସଭାନେତ୍ରୀ ମିନତି ପଣ୍ଡା, ବିଜେଡି ରାଜ୍ୟ ସମ୍ପାଦିକା ମୋନାଲିସା ଦାଶ, ସୁଜାତା ବିଶ୍ୱାଳ, ସୁଜାତା ସାହୁ, ଶାନ୍ତିଲତା ଦାଶ ଓ ବନଜିନୀ ପରିଡ଼ାଙ୍କ ସମେତ ସମସ୍ତ ପଞ୍ଚାୟତର ସଭାପତି, ସମ୍ପାଦକ ଓ କର୍ମୀ ଉପସ୍ଥିତ ଥିଲେ। ଅତିଥି ଓ ଅନ୍ୟମାନେ ଆବେଦନପତ୍ରକୁ ଉନ୍ମୋଚନ କରିଥିଲେ।

ଚଳିତ ବର୍ଷ ରଜଉପଲକ୍ଷେ ମହିଳା ବିଜେଡି ପକ୍ଷରୁ ୫୪ଟି ପଞ୍ଚାୟତସ୍ତରରେ ଶଙ୍ଖଫୁଙ୍କା, ହୁଳହୁଳି, ବକ୍ତୃତା ଓ ରଜଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ। ପଞ୍ଚାୟତସ୍ତରରୁ ଯେଉଁମାନେ କୃତିତ୍ୱ ହାସଲ କରିବେ ସେମାନେ ଜୋନସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସେଠାରୁ କୃତକାର୍ଯ୍ୟ ହୋଇ ରଜ ସମୟରେ ଜାରକାସ୍ଥିତ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇପାରିବେ। ରଜ ମହୋତ୍ସବ ପାଳନ ସମୟରେ ପ୍ରତିଯୋଗୀଙ୍କ ମଧ୍ୟରେ ପୋଡ଼ପୀଠା ଓ ଖିଲିପାନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୩୦ରୁ ୪୫ ବର୍ଷ ପର୍ଯ୍ୟନ୍ତ ମହିଳାମାନେ ଅଂଶଗ୍ରହଣ କରିପାରିବେ।

## ସାଧୁସନ୍ଥଙ୍କ ନଦୀ ପୂଜନ, ସାଇ ସ୍ନାନ

ରସୁଲପୁର,୬।୪(ଡି.ଏନ.ଏ.):

### ୫ମ ଦିବସରେ ମା' ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ

ରସୁଲପୁର ବ୍ଲକ ନଥୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତର ସୀମାନ୍ତବର୍ତ୍ତୀ ଅଞ୍ଚଳ କ୍ଷୀର ନଦୀପଠାରେ ଆୟୋଜିତ ମା'ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ରାଷ୍ଟ୍ରୀୟ ସାଧୁସନ୍ଥ ସମ୍ମିଳନୀ ଗୁରୁବାର ୫ମ ଦିବସର ପହଞ୍ଚିଛି। ଏହି ଦିବସରେ ସାଧୁସନ୍ଥଙ୍କ ନଦୀପୂଜନ ସହ ସାଇ ସ୍ନାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପଡ଼ିଆରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ରାତ୍ର ୧୦ ଘଟିକାରେ ୧୮,୦୦୦ ଘୃତ ଆହୁତି ପ୍ରଦାନ ପର୍ବ ଶେଷ ହୋଇଥିଲା। ମାନସିକଧାରୀ ଯଜ୍ଞକୁଣ୍ଡରେ ଶୁଭଫଳ ପ୍ରଦାନ କରିବା ସହ ଅଗ୍ନିମାତାଙ୍କ ଶାନ୍ତି ନିମନ୍ତେ ପୂର୍ବ ମାନସିକ ଦାନ ପ୍ରଦାନ କରୁଛନ୍ତି। ପ୍ରାତଃ ୭ଘଟିକାରେ ସାଧୁସନ୍ଥ ବ୍ରାହ୍ମଣୀ ନଦୀ ଅଭିମୁଖେ ଯାତ୍ରା କରିଥିଲେ। ଜାବରା ଘାଟରେ ସାଧୁସନ୍ଥଙ୍କ ନଦୀପୂଜନ ହୋଇଥିଲା। ନଦୀକୁ ଜୀବନ ରେଖା ବୋଲି କୁହାଯାଏ। ନଦୀ ପ୍ରବାହ ଯୋଗୁ ଜୀବଜଗତ ସଚଳ ହୋଇପାରୁଛି। ନଦୀଜଳରେ ସ୍ନାନ କଲେ ଅନେକ ରୋଗରୁ ମୁକ୍ତି ମିଳିଥାଏ। ନଦୀଜଳର ଯତ୍ନ ସହ ନଦୀକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ସାମୂହିକ ସ୍ନାନ କରିଥିଲେ। ନଦୀସ୍ନାନ ସାରି ସନ୍ନ୍ୟାସୀଗଣ ଯଜ୍ଞ ସ୍ଥଳକୁ ଫେରିଥିଲେ। ସନ୍ଧ୍ୟାରେ ଯଜ୍ଞ ମଞ୍ଚରେ ମାଳିକା ପୁରୁଷ ଆଚ୍ୟୁତାନନ୍ଦ ପୀଠ ପକ୍ଷରୁ ରାହାସ ଉତ୍ସବ ପାଳିତ ହୋଇଥିଲା। ଶୁକ୍ରବାର ଯଜ୍ଞ ଉଦ୍‌ଯାପିତ ହେବା ସହ ଗ୍ରାମବାସୀଙ୍କ ମଧ୍ୟରେ ଚରୁ ବଣ୍ଟନ ହେବ। ଯଜ୍ଞରେ ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ ବଳ, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସ୍ଥାନୀୟ ଅଞ୍ଚଳରୁ ଯଜ୍ଞରେ ସାମିଲ ଥିବା ୫ ପଞ୍ଚାୟତର ଜନପ୍ରତିନିଧି ଅଂଶଗ୍ରହଣ କରିଥିଲେ।


ମା' ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞରେ ସାଧୁସନ୍ଥମାନେ ନଦୀ ପୂଜନ କରୁଛନ୍ତି ।

## ଦୁର୍ନୀତି ବିରୋଧରେ ଯୁଦ୍ଧ ପାଇଁ ଆହ୍ୱାନ


ଭାଜପା ପ୍ରତିଷ୍ଠା ଦିବସରେ ଯୋଗ ଦେଇଥିବା ନେତା ଓ କର୍ମୀ।

ଧର୍ମଶାଳା,୬।୪(ଡି.ଏନ.ଏ.):

### ଭାଜପାର ୪୪ତମ ପ୍ରତିଷ୍ଠା ଦିବସ

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ବ୍ରାହ୍ମଣୀ ନଦୀତଟରେ ଅବସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଧର୍ମଶାଳା ଭାଜପାର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଚନ୍ଦ୍ରମଣି ପଣ୍ଡିତ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟଅତିଥି ଭାବେ ଧର୍ମଶାଳା ଭାଜପା ନେତା ସର୍ବେଶ୍ୱର ବେହୁରା ଯୋଗଦେଇ ସଂଗଠନକୁ ମଜଭୁତ୍ କରିବା ସହିତ ଦୁର୍ନୀତି ବିରୋଧରେ ଯୁଦ୍ଧ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ କରିଥିଲେ। ୧୪ ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଶରତ ଓଝା ଦଳର ଦିବଂଗତ ନେତାଙ୍କ ବଳିଦାନ ଓ ଦେଶ ଗଠନରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବଳରାମ ଦାସ, ବୁଲୁ ଦାସ, ରାଜକିଶୋର ଗୋଛୟତ, କୀର୍ତ୍ତନ ଜେନା, ଅଞ୍ଜଳି ଘଡ଼େଇ, ରାଜେଶ ମଲ୍ଲିକ, ପ୍ରଭାସ ବରାଳ, ପ୍ରମୋଦ ମହାନ୍ତି, ସଞ୍ଜୟ ଲେଙ୍କା, ନରେନ୍ଦ୍ର ସାହୁ, ବିଷ୍ଣୁଚରଣ ସାହୁ, ମାନସ ଜେନା, ଶୁକଦେବ ସ୍ୱାଇଁ, ସତ୍ୟଭାମା ସାହୁ, ଅଭୟ ସାହୁ, ଅରବିନ୍ଦ ସାହୁ, ମନୋଜ ଭଦ୍ର ଓ ବିକାଶ ରାଉତ ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଯୁବନେତା ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ଯଜ୍ଞ ମଣ୍ଡପ ବୁଲିଲେ ଏମ୍‌ପି, ବିଧାୟକ

ରସୁଲପୁର,୬।୪(ଡି.ଏନ.ଏ.):

ରସୁଲପୁର ବ୍ଲକ ଭୋଟକା ମା'ହିଙ୍ଗୁଳାଙ୍କ ଯଜ୍ଞ ଅବସରରେ ଜନପ୍ରତିନିଧିଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ ବଳ, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ ରାଉତ, ଗନ୍ଧଣ ସରପଞ୍ଚ ରୁଦ୍ରନାରାୟଣ ମହାନ୍ତି, ବଡ଼କଇଞ୍ଚି ସରପଞ୍ଚ ଅଶୋକ ମଲିକ, ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ ସାହୁ ପ୍ରମୁଖ ଯଜ୍ଞ ସ୍ଥଳ ବୁଲିଥିଲେ। ସେମାନେ ମା'ଙ୍କ କୃପା ଲାଭ କରିବା ସହ ବିଭିନ୍ନ ସାଜସଜ୍ଜାକୁ ଉପଭୋଗ କରିଥିଲେ। ମା'ହିଙ୍ଗୁଳା ପରିଚାଳନା କମିଟି ଓ ଜନ ପ୍ରତିନିଧିଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ମା'ଙ୍କ ପୀଠ ଉନ୍ନତିକରଣ ପାଇଁ ପରିଚାଳାନ କମିଟି ପକ୍ଷରୁ କେତେକ ପ୍ରସ୍ତାବ ରଖାଯାଇଥିଲା। ଏମ୍‌ପି ଓ ବିଧାୟକମାନେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି କହିଥିଲେ। ଉପଦେଷ୍ଟା ବିନୋଦ ବିହାରୀ ବେହେରା, କମିଟି ସଭାପତି ରମାକାନ୍ତ ଦାସ, ସମ୍ପାଦକ ଶଶିଭୂଷଣ ରାଉତ, ଅମୂଲ୍ୟ ଦାସ, ମନୋଜ ରାଉତ ଓ ଅଦ୍ୱୈତ ରାଉତ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ।

# ମା'ମହାମାୟାଙ୍କ ଝାମୁଯାତ୍ରା

ଯାଜପୁର ଟାଉନ,୬।୪(ଡି.ଏନ.ଏ.):

ଯାଜପୁର ବ୍ଲକ୍ ଅନ୍ତର୍ଗତ ବରୁହାଁ ପଞ୍ଚାୟତ କେତକିଆଁ ନିକଟରେ ଥିବା ମା' ମହାମାୟା ମନ୍ଦିରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ଯାଜପୁର ଜିଲାର ସର୍ବ ପୁରାତନ ଗଣ ପର୍ବ ହୋଇଥିବାରୁ ଜିଲା ଓ ଜିଲା ବାହାରୁ ଶତାଧିକ ଭକ୍ତ ସାମିଲ ହୋଇଥିଲେ। ଏହି ଯାତ୍ରା ବିଶ୍ୱଗୁରୁ ହରେକୃଷ୍ଣ ସିଂ ଦେଓଙ୍କ ସମୟରୁ ପାରମ୍ପାରିକ ପ୍ରଥା ଅନୁଯାୟୀ ପ୍ରଚଳିତ ହୋଇଆସୁଛି। ପ୍ରତ୍ୟେକ ବର୍ଷ ଚୈତ୍ର ପୂର୍ଣ୍ଣିମାରେ ମା' ମହାମାୟାଙ୍କ ପ୍ରତ୍ୟୁଷରେ ସ୍ନାନପରେ ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ହରେକୃଷ୍ଣ ସିଂ ଦେଓଙ୍କ ପରେ ସଦ୍‌ଗୁରୁ ସ୍ୱର୍ଗତ ବୈଷ୍ଣବ ଚରଣ ଦାସ କାର୍ଯ୍ୟକ୍ରମକୁ ସମ୍ପାଦନା କରୁଥିବାବେଳେ ନୃସିଂହ ଚରଣ ଦାସ ଓ ଗୋଲଖ ବିହାରୀ ନନ୍ଦ ପରିଚାଳନା କରୁଥିଲେ। ଝାମୁଯାତ୍ରାରେ ମାନସିକଧାରୀ ୨୧ ପୁରୁଷ ଓ ୨ ମହିଳା ପାଟୁଆମାନେ ଜ୍ୱଳନ୍ତା ନିଆଁରେ ଚାଲିଥିଲେ। ମା'ମହାମାୟାଙ୍କ ସ୍ୱତନ୍ତ୍ର ରୀତିନୀତି ଅନୁସାରେ ପୂଜା କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନିମନ୍ତେ ସର୍ବରୋଗହାରିଣୀ ପଣା ବଣ୍ଟନ କରାଯିବା ପରମ୍ପରା ରହିଛି ବୋଲି ମନ୍ଦିରର ପୂଜକ ସୂଚନା ଦେଇଛନ୍ତି।


ମାନସିକଧାରୀ ଝାମୁ ନିଆଁରେ ଚାଲୁଛନ୍ତି।

## ଗାୟତ୍ରୀ ମହାଯଜ୍ଞ, ଏକାକ୍ଷର ଜପଯଜ୍ଞ

କୁଜଙ୍ଗ,(ଡି.ଏନ୍.ଏ.)- କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମାଗୋଳ ଗ୍ରାମ ତ୍ରିନାଥ ମଣ୍ଡପ ସନ୍ନିକଟ ଯଜ୍ଞପୀଠରେ ୨୩ତମ ବିଶ୍ୱ କଲ୍ୟାଣ ନିମନ୍ତେ ବେଦ ପାରାୟଣ ଗାୟତ୍ରୀ ମହାଯଜ୍ଞ ଓ ଏକାକ୍ଷର ଜପଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମବେଦ ଭକ୍ତିବାବାଙ୍କ ନିର୍ଦ୍ଦେଶ କ୍ରମେ ୪ରୁ ୬ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ କଳସ ଯାତ୍ରା, ପତାକା ଉତ୍ତୋଳନ, ଯଜ୍ଞାରମ୍ଭ, ସମୂହ ପ୍ରାର୍ଥନା, ଆହୁତି ପ୍ରଦାନ ଓ ପୂର୍ଣ୍ଣାହୁତି ଆଦି ହୋଇଥିଲା। ଉକ୍ତ ଯଜ୍ଞରେ ସମାଗୋଳ ଗ୍ରାମ ସମେତ ଆଖପାଖ ଗ୍ରାମର ଲୋକେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମୁକୁନ୍ଦ ତ୍ରିପାଠୀ, ବିଶ୍ୱନାଥ ପରିଡା, ବସନ୍ତ ସେଣ, ହିମାଦ୍ରି ପରିଡା, କ୍ଷେତ୍ରବାସୀ ପ୍ରଧାନ, ପଦ୍ମନାଭ ଦାଶ, ବାବାଜି ବାରିକ, ବାବୁଲି ନନ୍ଦ, ବାବୁ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜାଗାବାଡ଼ିକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ

ବାଲିକୁଦା,୬।୪(ସ୍ୱ.ପ୍ର.): ଜାଗା ବାଡ଼ିକୁ କେନ୍ଦ୍ର କରି ବାଲିକୁଦା ଥାନା ଅଞ୍ଚଳରେ ଦୁଇ ପରିବାର ମଧରେ ଗଣ୍ଡଗୋଳ ହୋଇଛି। ଏହି ଗଣ୍ଡଗୋଳରେ ଜଣେ ମହିଳା କଟୁରୀରେ ଆକ୍ରମଣରେ ଆହତ ହୋଇଛନ୍ତି। ସମ୍ପୃକ୍ତା ମହିଳା ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ହେବା ପରେ ଘରକୁ ଫେରିଛନ୍ତି। ସେ ହେଲେ ବାଲିକୁଦା ଥାନା ଅଧୀନ ବାଲିସାହି ଗାଁର ବିନୋଦ ବିହାରୀ ଦାସଙ୍କ ସ୍ତ୍ରୀ ସଞ୍ଜିତା ଦାସ (୬୫)। ଏନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ସଞ୍ଜିତାଙ୍କ ଅଭିଯୋଗ ମୁତାବକ, ବିନୋଦଙ୍କ ସହ ପଡ଼ୋଶୀ ବଂଶୀଧର ଦାସଙ୍କ ଜାଗାବାଡ଼ିକୁ ନେଇ ପୂର୍ବରୁ ବିବାଦ ଲାଗିରହିଛି। ବଂଶୀଧରଙ୍କ ଘରକୁ ଯିବାକୁ ଥିବା ରାସ୍ତାରେ ବିନୋଦଙ୍କ କିଛି ଗଛ ରହିଛି। ଏହାର ଲତା ଏବଂ ଡାଳପତ୍ର ରାସ୍ତାକୁ ଲମ୍ବିଛି। ଏନେଇ ଉଭୟ ପରିବାର ମଧରେ ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଏନେଇ ସେମାନେ ପୂର୍ବରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଡାଳ ପତ୍ର କାଟି ରାସ୍ତା ପରିଷ୍କାର କରିବାକୁ ପୋଲିସ ପକ୍ଷରୁ କୁହାଯାଇଥିଲା। ଏନେଇ ବିନୋଦଙ୍କ ପୁଅ ବୁଧବାର ଗଛର ଡାଳ କାଟିଥିଲେ। ସଞ୍ଜିତା ସେତେବେଳେ ଠିଆ ହୋଇଥିଲେ। ଏହି ସମୟରେ ଉଭୟଙ୍କ ପରିବାର ମଧରେ ପୁନର୍ବାର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବଂଶୀଧର ଦାସଙ୍କ ପରିବାର ସଦସ୍ୟ ମିଳିମିଶି ସଞ୍ଜିତାକୁ ମାଡ଼ ମାରିବା ସହ କଟୁରୀରେ ଆକ୍ରମଣ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା (ନଂ.୧୫୬/୨୩ )ରୁଜୁ କରିଛି। ସେହିପରି ବଂଶୀଧରଙ୍କ ନାତୁଣୀ ଅଙ୍କିତା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ସ୍କୁଲ ଯିବା ସମୟରେ ସେହି ଗଛର ଡାଳ ତାଙ୍କ ମୁଣ୍ଡରେ ବାଜିଥିଲା। ଏନେଇ ସେ ମା ଓ ବଡ଼ ମାଙ୍କୁ ଜଣାଇଥିଲେ। ସେମାନେ ସେସବୁ ଡାଳ ହାଣିବାରୁ ବିନୋଦଙ୍କ ସ୍ତ୍ରୀ ଓ ପିଲାମାନେ ଆସି ମା’ ଓ ବଡ଼ ମା’ଙ୍କୁ ମାଡ଼ ମାରିଛନ୍ତି। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୧୫୭/୨୩) ରୁଜୁ ହୋଇଛି। ଏହି ଘଟଣାର ପାଥମିକ ତଦନ୍ତ କରାଯାଇଛି ବୋଲି ପୋଲିସ କହିଛି।

### ଯୁବ ବ୍ୟବସାୟୀ ସୁନା ବ୍ରେସ୍‌ଲେଟ୍ ଫେରାଇଲେ
#### ଏବେବି ମାନବିକତା ବଞ୍ଚିଛି

କୁଜଙ୍ଗ,୬।୪(ଡି.ଏନ୍.ଏ.) : ଏବେବି ମାନବିକତା ବଞ୍ଚିଛି। ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନା ବ୍ରେସ୍‌ଲେଟ୍‌କୁ ହଜିଥିବା ବ୍ୟକ୍ତିଙ୍କୁ ଜଣେ ଯୁବ ବ୍ୟବସାୟୀ ଫେରାଇ ଦେଇଛନ୍ତି। କୁଜଙ୍ଗ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସରେ କ୍ରୀତିରଞ୍ଜନ ଦାସ ଜେରକ୍ସ ଦୋକାନ କରିଛନ୍ତି। ତାଙ୍କ ଦୋକାନକୁ ରଙ୍ଗିଆଗଡ଼ ଗାଁର ବାଳକୃଷ୍ଣ ଜେନାଙ୍କ ପୁଅ ସାଗର ଜେରକ୍ସ କରିବାକୁ ଆସିଥିଲେ। ସେଠାରେ ତାଙ୍କ ହାତରେ ପିନ୍ଧିଥିବା ସୁନାର ବ୍ରେସ୍‌ଲେଟ୍‌ଟି ଗଳି ପଡ଼ିଥିଲା। କିନ୍ତୁ ସାଗର ଏହା ଜାଣି ନ ପାରି ସେଠାରୁ ପଳାଇ ଯାଇଥିଲେ। କ୍ରୀତିରଞ୍ଜନ ଉକ୍ତ ବ୍ରେସ୍‌ଲେଟ୍‌କୁ ପାଇବା ପରେ ଉକ୍ତ ଯୁବକ ସମ୍ପର୍କରେ ଖବର ସଂଗ୍ରହ କରି ତାଙ୍କୁ ନିଜ ଦୋକାନକୁ ଡାକି ପାଇଥିବା ବ୍ରେସ୍‌ଲେଟ୍‌କୁ ଫେରାଇ ଦେଇଛନ୍ତି। ଏହି କାର୍ଯ୍ୟ ପାଇଁ କୀର୍ତ୍ତିରଞ୍ଜନଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

# ସନ୍ଧ୍ୟା ହେଲେ ସହରରେ ଅନ୍ଧାର ଭୟ

- ୫୨୭ ଏଲ୍‌ଇଡି ଲାଇଟ୍ ଜଳୁନି
- ନଗର ଉନ୍ନୟନ ବିଭାଗକୁ ଜିଲାପାଳ ଚିଠି ଲେଖିଥିଲେ ସୁଦ୍ଧା ପ୍ରତିକାର ନାହିଁ
- ହାତ ଟେକିଦେଲା ପୌର ପରିଷଦ

ଜଗତ୍‌ସିଂହପୁର ଅଫିସ, ୬।୪


ଏଲ୍‌ଇଡି ବଲ୍‌ବ ଜଳୁ ନ ଥିବାରୁ ଅନ୍ଧାର ହୋଇଥିବା ରାସ୍ତା ।

ସନ୍ଧ୍ୟା ହେଲେ ଜଗତ୍‌ସିଂହପୁର ସହରରେ ଲୋକଙ୍କୁ ଅନ୍ଧାରୀ ଭୟ ଘାରୁଛି। କାରଣ ସହରର ପାଖାପାଖି ୬୦୦ ଖୁଣ୍ଟରେ ଏଲ୍‌ଇଡି ଲାଇଟ୍ ଜଳୁନି। ରାତିରେ କୌଣସି ଝିଅ, ବୋହୂ ବାହାରକୁ ବାହାରିବାକୁ ଡରୁଛନ୍ତି। ଯଦି କୌଣସି ଜରୁରୀ କାମରେ ଯିବା ଆବଶ୍ୟକ ହେଉଛି ତେବେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡୁଛି। ଅନ୍ୟପକ୍ଷେ ଚୋର, ଅପରାଧୀ ଏପରି କି ମଦ୍ୟପ, ବ୍ରାଉନ ସୁଗାର ଆଦି ନିଶା ସେବନ କରୁଥିବା ବ୍ୟକ୍ତିମାନେ ଏହାର ଭରପୁର ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି। ଏ ପରିସ୍ଥିତିରେ ଜଗତ୍‌ସିଂହପୁର ପୌର ପ୍ରଶାସନ ହାତ ଟେକି ଦେବା ସାଧାରଣରେ ଚିନ୍ତାର କାରଣ ପାଲଟିଛି ।

ପରିଷଦରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ରୁ ରାଜ୍ୟର ସମସ୍ତ ସହରାଞ୍ଚଳରେ ଏଲ୍‌ଇଡି ଲାଇଟ୍ ସ୍ଥାପନ ଓ ମରାମତି ଆଦି ଦାୟିତ୍ୱ କ୍ରମ୍ପଟନ୍ ଓ ଇଇଏସ୍‌ଏଲ୍ ଏଜେନ୍ସିକୁ ୭ ବର୍ଷ ପାଇଁ ଦିଆଯାଇଛି। ଅର୍ଥାତ୍ ସହରାଞ୍ଚଳରେ ଏଲ୍‌ଇଡି ଲାଇଟ୍ ସ୍ଥାପନଠାରୁ ଖରାପ ହେଲେ ମରାମତି ପର୍ଯ୍ୟନ୍ତ ସବୁ କାମ ଉପରୋକ୍ତ ୨ଟି ଏଜେନ୍ସି କରିବେ। ଜଗତ୍‌ସିଂହପୁରରେ ୩୫୬୪ଟି ଷ୍ଟ୍ରିଟ୍ ଲାଇଟ୍ ରହିଛି। ସେଥିମଧ୍ୟରୁ ୫୨୭ଟି ଏଲ୍‌ଇଡି ଲାଇଟ୍ ଗତବର୍ଷ ସେପ୍ଟେମ୍ବରରୁ ଖରାପ ହୋଇଯାଇଛି। କିନ୍ତୁ ପରିଷଦ ପକ୍ଷରୁ ଏହାର ପ୍ରତିକାର କରାଯାଉନାହିଁ। ୨୧।୯।୨୨ରେ ଜିଲାପାଳ ପାରୁଲ ପଟାୱାରି ଚିଠି ନଂ. ୪୪୭୨ରେ ଡିଏମ୍‌ଏ ତଥା ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବଙ୍କୁ ୪୦ ସିସିଏମ୍‌ଏସ୍, ୧୦ କିଲୋମିଟର କେବୁଲ ସାଙ୍ଗକୁ ୫୨୭ଟି ଏଲ୍‌ଇଡି ଏବଂ ଅନୁରୂପ ସଂଖ୍ୟାରେ ଆର୍ମ ପାଇପ ଓ କ୍ଲାମ୍ପ ଆବଶ୍ୟକତା ଥିବା ଦର୍ଶାଇଥିଲେ। ଏଥିରେ ୭୦ ୱାଟ୍‌ର ୩୩୨, ୧୧୦ ୱାଟ୍ ୧୩୫ ଓ ୧୯୦ ୱାଟ୍‌ର ୬୦ଟି ବିଦ୍ୟୁତ୍ ବଲ୍‌ବ ଥିଲା। ୱାର୍ଡ ଅନୁଯାୟୀ ଏହି ଏଲ୍‌ଇଡି ତାଲିକା ଦିଆଯାଇଥିଲା। ପରିଷଦରେ ୨୧ଟି ୱାର୍ଡ ରହିଛି। ସେଥିମଧ୍ୟରେ ୱାର୍ଡ ନଂ. ୮ ପାଇଁ ୧୫, ୧୦ରେ ୪୧, ୧୧ରେ ୪, ୧୨ରେ ୧୪, ୧୪ରେ ୪୯, ୧୫ରେ ୮, ୧୬ରେ ୧୪, ୧ରେ ୧୫, ୨ରେ ୩୧, ୩ରେ ୩୯, ୪ରେ ୧୫, ୫ରେ ୫୨, ୬ରେ ୧୩, ୭ରେ ୧୬, ୮ରେ ୧୯, ୧୭ରେ ୨୨, ୧୮ରେ ୨୧, ୧୯ରେ ୨୬, ୨୦ରେ ୩୧, ୯ରେ ୧୫, ୧୩ରେ ୧୫ ଓ ୨୧ରେ ୨୫ଟି ଏଲ୍‌ଇଡି ଲାଇଟ୍ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ନୂଆ ଏଲ୍‌ଇଡି ଲାଗିପାରିଲା ନାହିଁ। ଏହା ଭିତରେ ଏହି ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିଯୋଗୁ କେବଳ ଲୋକେ ନୁହନ୍ତି ପାରିଷଦମାନେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ନିକଟରେ ଅର୍ଥାତ୍ ପରିଷଦର ୩ୟ ଅଧିବେଶନରେ ଏ ବିଷୟକୁ ଗମ୍ଭୀରତାର ସହ ନିଆଯାଇ ଆବଶ୍ୟକ ସଂଖ୍ୟକ ଏଲ୍‌ଇଡି ବଲ୍ କିଣାଯିବାକୁ ରିଜଲ୍ୟୁଶନ୍ ହୋଇଥିଲା। କିନ୍ତୁ ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ପରିଷଦ ଟଙ୍କାରେ ଏହା କିଣାଯାଇ ପାରିବ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି। ତାଙ୍କ ଯୁକ୍ତି ହେଲା ଯେହେତୁ ନଗର ଉନ୍ନୟନ ବିଭାଗ ୨ଟି ଏଜେନ୍ସିକୁ ସାରା ରାଜ୍ୟର ସହରଗୁଡ଼ିକରେ ଏଲ୍‌ଇଡି ସ୍ଥାପନ ଓ ମରାମତି ଆଦି ଦାୟିତ୍ୱ ଦେଇଛନ୍ତି, ତେଣୁ ପରିଷଦ ଏ ବାବଦରେ ଟଙ୍କାଟିଏ ବି ଖର୍ଚ୍ଚ କରିପାରିବ ନାହିଁ। ଏ ପରିସ୍ଥିତିରେ ସହରବାସୀ ଚିନ୍ତାରେ ପଡିଛନ୍ତି। ଆଗକୁ ସ୍ଥାୟୀ ଭାବେ ଅନ୍ଧାର ଥିବା କେତେକ ଅଞ୍ଚଳରେ ଏଲ୍‌ଇଡି ଲାଗିବା ପାଇଁ ଯୋଜନା ଅଛି। ଏହା ଉପରେ ସର୍ଭେ ହେଲା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। କିନ୍ତୁ ଜଳୁଥିବା ଏଲ୍‌ଇଡି ଫ୍ୟୁଜ ପରେ ଯେଉଁଠି ନୂଆ ଲାଗିପାରୁନି ସେ କ୍ଷେତ୍ରରେ ଏହା ଉପରେ ଆଗକୁ କି ନିଷ୍ପତ୍ତି ନିଆଯାଉଛି ତାହା ସମୟ କହିବ। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଲୋକେ ଟିକସ ଦେଉଛନ୍ତି। କିନ୍ତୁ ସେବା ଦେଲା ବେଳକୁ ପରିଷଦ ନିୟମକାନୁନ୍ ଦେଖାଉଛି। ତେଣୁ ଆଗକୁ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଅନ୍ୟପକ୍ଷେ ସହରରେ ୧୧୫ଟି ସିସିଏମ୍‌ଏସ୍ (ସେଣ୍ଟ୍ରାଲାଇଜ୍‌ଡ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମ୍) ଲଗାଯାଇଛି। ଏହା ଲଗାଯିବାର ଉଦ୍ଦେଶ୍ୟ ହେଉଛି ସକାଳ ୬ଟା ହେଲେ ଷ୍ଟ୍ରିଟ୍ ଲାଇଟ୍ ଆପେ ଆପେ ବନ୍ଦ ହୋଇଯିବ। କିନ୍ତୁ ସେଗୁଡିକ ଖରାପ ହୋଇ ଯିବାରୁ ପୁଣି ସମସ୍ୟା ଦେଖା ଦେଇଥିଲା। ପରେ ନୂଆ ୧୧୫ଟି ସିସିଏମ୍‌ଏସ୍ ଲଗାଯାଇଥିଲେ ସୁଦ୍ଧା ମଝିରେ ମଝିରେ କେତେକ ଖୁଣ୍ଟରେ ଏହା କାମ କରୁନି। ତେଣୁ ଦିନ ଭରି ଏଲ୍‌ଇଡି ଜଳୁଛି। ଏଭଳି ସମସ୍ୟା ମଝିରେ ମଝିରେ ହୁଏ ଏବଂ ତାର ପ୍ରତିକାର କରାଯାଇ ପାରୁଥିବା ପରିଷଦ ପକ୍ଷରୁ କୁହାଯାଇଛି। ଏହା ଉପରେ ପୌରାଧକ୍ଷା ଅର୍ଚ୍ଚନା ସିଂହ କହିଛନ୍ତି, ପାରିଷଦ ଓ ଲୋକମାନଙ୍କ ଅସନ୍ତୋଷ ସତ୍ତ୍ୱେ କୌଣସି ପ୍ରତିକାର ନିଆଯାଇ ପାରୁନାହିଁ। ରାଜ୍ୟ ସରକାରଙ୍କୁ ଜିଲାପାଳ ଅବଗତ କରି ମଧ ଏଜେନ୍ସି କାମ କରୁନାହିଁ। ପାରିଷଦମାନେ ପରିସ୍ଥିତିକୁ ଏଡ଼ାଇବା ପାଇଁ ଏଲ୍‌ଇଡି କିଣିବାକୁ ରିଜଲ୍ୟୁଶନ୍ ଆଣିବା ସତ୍ତ୍ୱେ ନିର୍ବାହୀ ଅଧିକାରୀ ରାଜି ହେଉନାହାନ୍ତି। ତେଣୁ ଆଗକୁ କ’ଣ ହେବ ତାହା କହିହେବ ନାହିଁ ବୋଲି ଅସହାୟତା ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ସହରରେ ୨ଟି ପ୍ରକଳ୍ପ ଯଥା ଗ୍ରୀନଫିଲ୍ଡ (ଖୁଣ୍ଟ ସହ ଏଲ୍‌ଇଡି) ଓ ରେଟ୍ରୋଫିଟ୍ (ଖୁଣ୍ଟ ଅଛି ଏଲ୍‌ଇଡି ନାହିଁ) ଚାଲିଛି। ଏହି ୨ ପ୍ରକଳ୍ପ ଅନୁଯାୟୀ ଷ୍ଟ୍ରିଟ୍ ଲାଇଟ୍ ସେବା ମିଳିପାରୁଛି।

# ଖାତାରେ ଜମା ନାଁରେ ୧୫ ଲକ୍ଷ ଆତ୍ମସାତ୍

**ମହିଳା ଡାକ ଏଜେଣ୍ଟ ଗିରଫ, ୧୨୯ ପାସ୍‌ବୁକ ଜବତ**

ଭୁବନେଶ୍ୱର,୬।୪ (ବ୍ୟୁରୋ)

ଲୋକଙ୍କଠାରୁ ଟଙ୍କା ଆଦାୟ କରି ଜମା ନାଁରେ ୧୫ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ଲିଙ୍ଗରାଜ ଥାନା ପୋଲିସ ଜଣେ ମହିଳା ଡାକ ଏଜେଣ୍ଟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ସ୍ୱର୍ଣ୍ଣଲତା ଦାସ। ତାଙ୍କଠାରୁ ୯୮ ଜଣଙ୍କର ୧୨୯ଟି ଆର୍‌ଡି ପାସବୁକ ଓ ପୋଷ୍ଟାଲ ପାସ୍‌ବୁକ ଜବତ କରାଯାଇଛି। ତେଣୁ ଏହି ଠକେଇ ଟଙ୍କା ବଢ଼ିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଏହି ଘଟଣା ସାମ୍ନାକୁ ଆସିବା ପରେ ସମ୍ପୃକ୍ତ ଏଜେଣ୍ଟଙ୍କ ନାଁରେ ଆଉ ୩ରୁ ୪ ଜଣ ଲୋକ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏଥିସହ ଅଭିଯୁକ୍ତ ମହିଳା କେତେଜଣ ଲୋକଙ୍କ ଘରକୁ ଯାଇ ଦସ୍ତଖତ ଆଣି ଟଙ୍କା ଉଠାଇନେଇଥିବା ପୋଲିସ ଜାଣିବାକୁ ପାଇଛି ।

ସୂଚନାନୁସାରେ, ଭୀମଟାଙ୍ଗୀ ପୋଷ୍ଟ ଅଫିସ୍‌ର ଡାକ ଏଜେଣ୍ଟ ଭାବେ ସ୍ୱର୍ଣ୍ଣଲତା କାମ କରନ୍ତି। ସେ ଜମାଖାତା ଖୋଲିବାକୁ କହି ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ତେବେ ସେହି ଟଙ୍କା ଖାତାରେ ଜମା କରିବା ବଦଳରେ ଆତ୍ମସାତ କରିଦେଉଥିଲେ। ଏପରିକି ଧରା ନ ପଡ଼ିବା ଲାଗି ପାସ୍‌ବୁକ, ପୋଷ୍ଟାଲ ସେଭିଙ୍ଗ୍‌ସ ଆକାଉଣ୍ଟ ଖାତାକୁ ନିଜ ପାଖରେ ରଖୁଥିଲେ। ଗ୍ରାହକ ଯେତେ ମାଗିଲେ ବି ବାହାନା କରି ଦିନ ଗଡ଼ାଇଚାଲିଥିଲେ। ଲିଙ୍ଗରାଜ ମନ୍ଦିରରେ ଅଭଡା ପ୍ରସ୍ତୁତ କରୁଥିବା ଜଣେ ମହିଳା ତାଙ୍କ ଜମାଖାତା ମାଗିବାକୁ ଅଭିଯୁକ୍ତା ଡାକ ଏଜେଣ୍ଟଙ୍କ ପାଖକୁ ଯାଇଥିଲେ। କିନ୍ତୁ ସେ ଖାତା ଦେବା ବଦଳରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। ଏ ନେଇ ସମ୍ପୃକ୍ତ ମହିଳାଙ୍କ ସନ୍ଦେହ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ପୋଲିସ ଅଭିଯୁକ୍ତ ଡାକ ଏଜେଣ୍ଟଙ୍କୁ ପଚରାଉଚରା କରିଥିଲା। ପରେ ପୋଲିସ ତାଙ୍କ ଘରୁ ବହୁ ଲୋକଙ୍କ ପାସବୁକ ଖାତା ଜବତ କରି ତଦନ୍ତ ପାଇଁ ଥାନାକୁ ଆଣିଥିଲା। ଏନେଇ ସେ ଦୋଷ ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା କର୍ମଶାଳା



କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ରାହାମା,୬।୪(ଡି.ଏନ୍.ଏ.)

ଶୂନ୍ ଦୁର୍ଘଟଣାଜନିତ ମୃତ୍ୟୁ ଲକ୍ଷ୍ୟ ରଖି ଜଗତ୍‌ସିଂହପୁର ଜିଲାରେ ଏପ୍ରିଲ ୧ରୁ ସଡ଼କ ସଚେତନା ସପ୍ତାହ କର୍ମଶାଳା ଚାଲିଛି। ଏ ନେଇ ଗୁରୁବାର ଶାରଳା ମହାବିଦ୍ୟାଳୟ ରାହାମା ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ଆଞ୍ଚଳିକ ପରିବହନ ପ୍ରାଧିକରଣ ବିଭାଗ ଓ ଜାତୀୟ ମଦର ଟେରେସା ଫାଉଣ୍ଡେଶନ ଓଡ଼ିଶା ସଙ୍ଗଠନର ଜିଲା ଶାଖାର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାହାମା ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀଛାତ୍ର ଏବଂ କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇଥିଲେ। କର୍ମଶାଳାରେ ଜିଲା ଆଞ୍ଚଳିକ ପ୍ରାଧିକରଣ ପରିବହନର ଟ୍ରାଫିକ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ମହାପାତ୍ର, ପ୍ରତାପ ଚନ୍ଦ୍ର ସ୍ମାରକୀ ସ୍ୱାସ୍ଥ୍ୟ କେନ୍ଦ୍ର ରାହାମାର ସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନଜ୍ୟୋତି ସ୍ୱାଇଁ, ତିର୍ତ୍ତୋଲ ଥାନା ଭାରପ୍ରାପ୍ତ ସହ ଅଧିକାରୀ କିଶୋର କୁମାର ତରାଇ, ସାରଳା ମହାବିଦ୍ୟାଳୟ ରାହାମା ଅଧକ୍ଷ ନରେନ୍ଦ୍ର କୁମାର ଦାସ, ବ୍ୟାସ ଫାଉଣ୍ଡେଶନ ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ, ମଦର ଟେରେସା ଫାଉଣ୍ଡେଶନ ଓଡ଼ିଶା ରାଜ୍ୟ ଅଧକ୍ଷ ସାମାଜିକ କର୍ମୀ ଡ. ସୁନାକର ବେହେରା ପ୍ରମୁଖ ଯୋଗଦେଇଥିଲେ। ୧୮ ବର୍ଷରୁ କମ୍ ବୟସର ପିଲାମାନେ ବାଇକ୍ ନ ଚଳାଇବାକୁ ପରାମର୍ଶ ଦିଆଯାଇଥିଲା। ଶେଷରେ ମହାବିଦ୍ୟାଳୟ ଅଧକ୍ଷ ଦାସ ଧନ୍ୟବାଦ ଦେଇଥିଲେ।

# କଠିନ ପରିଶ୍ରମ ହିଁ ଛାତ୍ରୀଛାତ୍ରଙ୍କ ଭାଗ୍ୟ ନିର୍ଦ୍ଧାରକ



ବାର୍ଷିକ ଉତ୍ସବରେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଓ ଅନ୍ୟ ଅତିଥିମାନେ।

**ବାଲିକୁଦା କଲେଜର ୪୪ତମ ବାର୍ଷିକ ଉତ୍ସବ**

ବାଲିକୁଦା,୬।୪(ସ୍ୱ.ପ୍ର.)

କଠିନ ପରିଶ୍ରମ ହିଁ ଛାତ୍ରୀଛାତ୍ରଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥାଏ। ଶୃଙ୍ଖଳିତ ଜୀବନ ହିଁ ଉତ୍ତମ ଛାତ୍ରର ପରିଚୟ ଦୋଇଥାଏ ବୋଲି ଗୁରୁବାର ବାଲିକୁଦା ମହାବିଦ୍ୟାଳୟରେ ୪୪ ତମ ବାର୍ଷିକ ଉତ୍ସବ ଅବସରରେ ଯୋଗଦେଇ ଅତିଥିମାନେ କହିଛନ୍ତି। ଅଧକ୍ଷ ଦେବେନ୍ଦ୍ର ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରମାନେ ସେମାନଙ୍କ ପରିଚୟ ବଜାୟ ରଖିବାକୁ ହେଲେ ସଞ୍ଚମତା ନିହାତି ଜରୁରୀ ବୋଲି କହିଛନ୍ତି । ମୁଖ୍ୟବକ୍ତା ଭାବେ ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ ଯୋଗଦେଇ ଉନ୍ନତମାନର ଶିକ୍ଷା ସମାଜର ଆଲୋକ ବର୍ତ୍ତିକା ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବାଲିକୁଦା ଥାନାଧିକାରୀ ସଲିଳ ପ୍ରଧାନ, ବିଡିଓ ଜିତେନ୍ଦ୍ର ନାୟକ, କଲେଜ ପରିଚାଳନା ପରିଷଦ ସଭାପତି ନିରଞ୍ଜନ ନାୟକ, ସଦସ୍ୟ ଅଜୟ ଦାସ, ଶିବାନୀ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ବାର୍ଷିକ ଉତ୍ସବର ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପଦ୍ମଜା ସ୍ୱାଇଁ ଓ ସାଥୀ ବେଦ ଆବୃତ୍ତି କରିଥିଲେ। ପ୍ରଫେସର ଆର୍ତ୍ତବନ୍ଧୁ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଭୂତି ଭୂଷଣ ରଥ ଧନ୍ୟବାଦ ଦେଇଥିଲେ। ସୂର୍ଯ୍ୟନାରାୟଣ ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧକ୍ଷ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅନିତା ଦାସ ଫାଉଣ୍ଡେଶନ ପକ୍ଷରୁ ବେଷ୍ଟ ଗ୍ରାଜୁଏଟ ଭାବେ ଭାବେ ପ୍ରଦୀପ୍ତ ମଲ୍ଲିକ, ଯୁକ୍ତ ୩ ବିଜ୍ଞାନରେ ମେରିନା ବିଶ୍ୱାଳ, ବାଣିଜ୍ୟରେ ସୁଦାମ ପୁହାଣ, ଯୁକ୍ତ ୨ କଳାରେ ବିଶ୍ୱଜିତ ସାହୁ, ବାଣିଜ୍ୟରେ ଏସ୍.କେ. ଅଲିମଙ୍କୁ ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ରୂପକ ମଣ୍ଡଳ, ଜୟଶ୍ରୀ ସାହୁ, ସ୍ୱାତୀ ଶୁଭାଶିନୀ ପରିଡ଼ାଙ୍କୁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେହିପରି ବର୍ଷର କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ବାବୁଲି ମହାରଣାଙ୍କୁ ଅତିଥିମାନେ ମାନପତ୍ର, ପୁଷ୍ପ ଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଲେଜର ସମସ୍ତ ଅଧାପିକାଅଧାପକ ଓ କର୍ମଚାରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବାକୁ ଗୁରୁତ୍ୱାରୋପ

**ଭାଜପାର ୪୩ତମ ପ୍ରତିଷ୍ଠା ଦିବସ**

ବାଲିଆ,୬।୪(ସ୍ୱ.ପ୍ର.)

ବିରିଡ଼ି ବ୍ଲକ ଅନ୍ତର୍ଗତ ଅଲାଣ୍ଡ ହାଟ ବଜାର ଭାଜପା କାର୍ଯ୍ୟାଳୟରେ ଗୁରୁବାର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଭାଜପା ନେତା ରାଜ କିଶୋର ବେହେରା ଏହାର ନେତୃତ୍ୱ ନେଇଥିଲେ। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ଦଳର ସ୍ଥିତିକୁ କିପରି ତୃଣମୂଳସ୍ତରରେ ମଜଭୁତ କରାଯିବ ସେ ସମ୍ପର୍କରେ ବେହେରା ଉପସ୍ଥିତ କର୍ମକର୍ତ୍ତା ଓ ଯୁବକର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ କର୍ମକର୍ତ୍ତାମାନଙ୍କ ଦ୍ୱାରା ଅଲାଣ୍ଡ ହାଟ ବଜାରରେ ଏକ ନୂତନ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ହାଜିପୁର ମଣ୍ଡଳ ସଭାପତି ସୁଦର୍ଶନ ପଣ୍ଡା, ପୁରଣ ମଣ୍ଡଳ ସଭାପତି ତରୁଣ କୁମାର ଦାସ, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ଶିଶିର କୁମାର ମହାନ୍ତି, ଯୁବମୋର୍ଚ୍ଚା ସମ୍ପାଦକ ବିଭୁ ପ୍ରସାଦ ଦାଶ, ଯୁବ ସଙ୍ଗଠକ ରାମକୃଷ୍ଣ ପରିଜା, ଦୀପ୍ତି ରଞ୍ଜନ ପରିଜା, ବରିଷ୍ଠ କର୍ମୀ ସୁଧାକର ସ୍ୱାଇଁ, ଲକ୍ଷ୍ମଣ ବେହେରା, ବିଜୟ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ।

# ୩ ମହିଳାଙ୍କ ହାତରେ ମୂଲୁଗାଁ ପାଣି ପଞ୍ଚାୟତ

ବାଲିକୁଦା, ୬।୪(ସ୍ୱ.ପ୍ର.)



ମୂଲୁଗାଁ ୪୨ ନଂ. କାମେଶ୍ୱର ପାଣି ପଞ୍ଚାୟତ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାନେତ୍ରୀ ଭାବେ ଶୁଭଦର୍ଶିନୀ ଶତପଥୀ ଓ କୋଷାଧକ୍ଷା ଭାବେ କୁନିଲତା ପରିଡ଼ା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କେବଳ ସମ୍ପାଦକ ପଦବୀ ନିମନ୍ତେ ସସ୍ମିତା ରଣା ଓ ତ୍ରିଲୋଚନ ପଣ୍ଡା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସସ୍ମିତା ୧୨ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ଜଗତ୍‌ସିଂହପୁର ଜଳ ସମ୍ପଦ କାର୍ଯ୍ୟାଳୟରେ ଏହି ନିର୍ବାଚନ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ କନିଷ୍ଠ ଯନ୍ତ୍ରୀ ନିବେଦିତା ମହାନ୍ତି ଦାୟିତ୍ୱ ବହନ କରିଥିଲେ। ନିର୍ବାଚିତ ପ୍ରତିନିଧିମାନଙ୍କୁ ସରପଞ୍ଚ ଦଧିବାମନ ମଲ୍ଲିକ, ସମିତିସଭ୍ୟା ତୃପ୍ତିମୟୀ ମଲ୍ଲିକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ୪ ବର୍ଷ ପରେ ଆରମ୍ଭ ହେଲା ଆନେକ୍ସ କପ୍

**ଜାତୀୟସ୍ତର ଦିବାରାତ୍ର ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ**

ଜଗତ୍‌ସିଂହପୁର ଅଫିସ, ୬।୪

୪ ବର୍ଷ ପରେ ଜଗତ୍‌ସିଂହପୁରରେ ଜାତୀୟସ୍ତର କ୍ରିକେଟ ଟୁର୍ନାମେଣ୍ଟ ଆନେକ୍ସ କପ୍ ଗୁରୁବାର ଆରମ୍ଭ ହେଉଛି। ଏଥିପାଇଁ ସନ୍ଧ୍ୟାରେ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ଖେଳ ପଡିଆ ଚମକି ଥିଲା। ଫ୍ଲଡ ଲାଇଟ୍ ଯୋଗୁ ମହାବିଦ୍ୟାଳୟ ପରିବେଶ ବେଶ ମନୋରମ ହୋଇ ପଡିଥିଲା। ହିନ୍ଦୁସ୍ତାନ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଏହି ଦିବାରାତ୍ର ଟୁର୍ନାମେଣ୍ଟ ଝଡ, ବର୍ଷା ଯୋଗୁ କିଛି ସମୟ ବିଳମ୍ବରେ ହୋଇଥିଲା। କ୍ରିଜ୍ ଓଦା ହୋଇଯିବା ଆଶଙ୍କାରେ ଜରି ପକାଯାଇ ସୁରକ୍ଷିତ ରଖାଯାଇଥିଲା। ପାଗରେ ସୁଧାର ଆସିଲା ପରେ ଖେଳ ଆରମ୍ଭ ହୋଇଥିଲା। ବଡ କଥା ହେଲା ଏତେ ସତ୍ତ୍ୱେ ଦର୍ଶକଙ୍କ ସଂଖ୍ୟା କମି ନ ଥିଲା। ଅଗ୍ନିଶମ ଓ ଗୃହରକ୍ଷୀ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଅତୀତ କଥା ବଖାଣିଥିଲେ। ସେ ଯେତେବେଳେ ଜଗତ୍‌ସିଂହପୁର ଏସ୍‌ପି ଥିଲେ ସେତେବେଳେ ପଡିଆଟି ଭଲ ସ୍ଥିତିରେ ନ ଥିଲା। କିନ୍ତୁ ଏବେ ପଡିଆଟି ସୁନ୍ଦର ଦିଶୁଥିବାରୁ ଉପାଧ୍ୟ ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଚାଳନା ବୋର୍ଡ ସଭାପତି କମଳାକାନ୍ତ ମହାପାତ୍ର, ଜଗତ୍‌ସିଂହପୁର ଜିଲା ପରିଷଦ ପୂର୍ବତନ ଅଧକ୍ଷ ଦେବୀଦତ୍ତ ମହାନ୍ତି, ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଅଧକ୍ଷ ପ୍ରସନ୍ନ ସ୍ୱାଇଁ, ଜଗତ୍‌ସିଂହପୁର ଜିଲା କ୍ରିକେଟ ଆସୋସିଏଶନ୍ ସମ୍ପାଦକ ଅନିଲ ବିଶ୍ୱାଳ, ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ମନୀନ୍ଦ୍ରନାଥ ମହାନ୍ତି, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଯୁଧିଷ୍ଠିର ସ୍ୱାଇଁ, ହିନ୍ଦୁସ୍ତାନ ସ୍ପୋର୍ଟିଂ ଉପଦେଷ୍ଟା ସୁଶାନ୍ତ ରଞ୍ଜନ ସ୍ୱାଇଁ, ସଭାପତି ସମୀର କୁମାର ଲେଙ୍କା, କୋଷାଧକ୍ଷ ବିଦ୍ୟୁଭୂଷଣ ଦାସ, ସୁନାମଧନ୍ୟ ମ୍ୟାଜିସିଆନ ଆର୍. କେ. ହୀରାଲାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ ଦଳର ଉପଦେଷ୍ଟା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟତମ ଉପଦେଷ୍ଟା ଭାବେ ଅମରେନ୍ଦ୍ର ଦାସ ଅତିଥି ପରିଚୟ ଦେଇଥିଲେ। ଉଦ୍‌ଘାଟନୀ ଦିବସର ପ୍ରଥମ କ୍ୱାର୍ଟର ଫାଇନାଲ କଟକର ସୋଲାର କ୍ରିକେଟ କ୍ଲବ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି।



ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥିମାନେ।

# ବିଜୁବାବୁ, ନେହେରୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଲେ



ପରିତ୍ୟକ୍ତ ସ୍ଥାନରେ ପଡ଼ିଥିବା ୨ ମହାପୁରୁଷଙ୍କ ପ୍ରତିମୂର୍ତ୍ତି

**ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନାବରଣ କରିଥିଲେ**

ପାରାଦୀପ,୬।୪(ସ୍ୱ.ପ୍ର.)

ପାରାଦୀପର ଅଠରବାଙ୍କି ବାଲିଫ୍ଲଟ ମାଛ ଗଦିରେ ଥିବା କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତି ଘର ଉପରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ଜବହାରଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିକୁ ଗୁରୁବାର ସନ୍ଧ୍ୟାରେ ଭଙ୍ଗା ଯାଇଥିବା ଅଭିଯୋଗ ହୋଇଛି। ପାଖରେ ଏକ ପରିତକ୍ତ ଜାଗାରେ ଉକ୍ତ ପ୍ରତିମୂର୍ତ୍ତି ପଡ଼ିଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଘର ମରାମତି କାର୍ଯ୍ୟ ପାଇଁ ଏହି ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇଛି ବୋଲି ସେଠାକାର କାର୍ତ୍ତିକେଶ୍ୱର ମତ୍ସ୍ୟ ସଂଘ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଏହି ପ୍ରତିମୂର୍ତ୍ତିକୁ ୨୦୦୩ ଜାନୁୟାରୀ ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନାବରଣ କରିଥିଲେ।

୧୯୯୭-୯୮ରେ ପାରାଦୀପ ବନ୍ଦର ସମ୍ପ୍ରସାରଣ ପାଇଁ ଘନଗଳିଆ ଉଚ୍ଛେଦ କରାଯାଇଥିଲା। ଘନଗଳିଆରେ ଥିବା ମତ୍ସ୍ୟ ବେପାରୀମାନଙ୍କ ଗଦିକୁ ସେତେବେଳେ ବନ୍ଦର ପ୍ରଶାସନ ଅଠରବାଙ୍କି କାଉଡ଼ିଆ ନଦୀ ପାଖରେ ବାଲି ପକାଇ ପ୍ଲଟ କରି ଥଇଥାନ କରିଥିଲେ। ସେଥିପାଇଁ ଏହାର ନାମ ବାଲିଫ୍ଲଟ ହୋଇଛି। ସେହି ବାଲିଫ୍ଲଟରେ କୈବର୍ତ୍ତମାନଙ୍କ ସଙ୍ଗଠନ କଳିଙ୍ଗ କର୍ଣ୍ଣଧାରଙ୍କୁ ଏକ ଜାଗା ମିଳିଥିଲା। ସେତେବେଳେ ସମିତିର ସଭାପତି ଥିବା ସ୍ୱର୍ଗତ ଶଙ୍ଖ ବେହେରା ଏକ ୩ ମହଲା ବିଶିଷ୍ଟ ଘର କରିଥିଲେ। ଘରର ଛାତ ଉପରେ ସିମେଣ୍ଟ ରଡ଼ ଦ୍ୱାରା ଏକ ଡଙ୍ଗା ତିଆରି ହୋଇଥିଲା। ସେହି ଡଙ୍ଗା ଉପରେ ନେହେରୁ ଓ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନା ହୋଇଥିଲା। କାରଣ ଏହି ୨ ରାଜନେତା ଯୋଗୁ ପାରାଦୀପ ବନ୍ଦର ପ୍ରତିଷ୍ଠା ହୋଇଥିଲା। ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ସେଠାକାର ମତ୍ସ୍ୟଜୀବୀ ସଂଘ ସଭାପତି କେଦାର ଜେନାଙ୍କୁ ପଚାରିବାରେ କୁହନ୍ତି, ଛାତ ଉପରେ ଥିବା ଡଙ୍ଗା ଓ ପ୍ରତିମୂର୍ତ୍ତି ଦୁର୍ବଳ ହୋଇଯାଇ ଥିବାରୁ କଳିଙ୍ଗ କର୍ଣ୍ଣଧାର ସଙ୍ଗଠନ ପକ୍ଷରୁ ତାହାକୁ ଭାଙ୍ଗି ଦିଆଯାଇଛି। ପରେ ଅନ୍ୟ ଜାଗାରେ ସସମ୍ମାନ ସହ ଏହାକୁ ସ୍ଥାପନା ସେମାନେ ସ୍ଥାପନ କରିବେ। କଳିଙ୍ଗ କର୍ଣ୍ଣଧାର ସମିତି ସମ୍ପାଦକ ଅଲେଖ ତରାଇ କୁହନ୍ତି, ସମିତିର ଛାତ ଦୁର୍ବଳ ହୋଇଯାଇଥିଲା। ଏ ନେଇ ସେଠାରେ ଥିବା ଆମ ଲୋକ ଯଦି କିଛି କରିଥିବେ, ତେବେ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚିବା ପରେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### ମନ୍ଦିର କୂଅରୁ କୁଟୁରା ଶାବକ ଉଦ୍ଧାର
### ଚିକିତ୍ସା ପରେ ଜଙ୍ଗଲରେ ଛଡାଗଲା

ଓଡ଼ଗାଁ,୬।୪(ସ୍ୱ.ପ୍ର.)-ଓଡ଼ଗାଁ ବନାଞ୍ଚଳ ଓ ବାହାଡ଼ାଝୋଲା ସେକ୍ସନ ଅନ୍ତର୍ଗତ ବାହାଡ଼ାଝୋଲା ଜଗନ୍ନାଥ ମନ୍ଦିର କୂଅରେ ପଡିଯାଇଥିବା ଏକ କୁଟୁରା ଛୁଆକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଦିଆଯାଇଛି । କୁଟୁରା ଶାବକଟି ଦଳ ଛାଡି ଗାଁ ଭିତରକୁ ପଶି ଆସିଥିଲା । ତାକୁ ଦେଖି ବୁଲା କୁକୁରମାନେ ଗୋଡାଇବାରୁ ସେ ପ୍ରାଣ ବିକଳରେ ଦୌଡିବା ବେଳେ ଏକ ଗଭୀର କୂଅରେ ଖସିପଡି ଥିଲା । ଏନେଇ ବନ ବିଭାଗ ସୂଚନା ପାଇ କୁଟୁରା ଛୁଆଟିକୁ ଉଦ୍ଧାର କରି ଆବଶ୍ୟକ ଚିକିତ୍ସା ପରେ ନାରିଆମ୍ବା ଡିପିଏଫ୍ ଜଙ୍ଗଲରେ ଛାଡି ଦେଇଥିବା ବନାଞ୍ଚଳ ଅଧିକାରୀ ନିଖିଲେଶ ମଲ୍ଲିକ ଓ ବନପାଳ ସନାତନ ସ୍ୱାଇଁ ସୂଚନା ଦେଇଛନ୍ତି ।

### ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୬।୪- କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଗୁରୁବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି । ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ତାହା ଏବେ ତଦନ୍ତ ପରିସରଭୁକ୍ତ ରହିଛି । ମୃତ ଯୁବକ ହେଲେ ଫିରିଙ୍ଗିଆ ପଞ୍ଚାୟତ ସଖିପଡ଼ା ଗାଁର ଲିପକ ପ୍ରଧାନ (୨୨) ।
ସୂଚନା ଅନୁସାରେ ବୁଧବାର ଫିରିଙ୍ଗିଆରେ ପଞ୍ଚୁଦଣ୍ଡ ମହାମିଳନ ଚାଲିଥିଲା । ସକାଳେ ଉପରୁପଡ଼ା କେନ୍ଦୁପଡ଼ି ନିକଟରେ ଏକ ମହୁଲ ଗଛରେ ଲିପକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଗାଁ ଲୋକେ ଦେଖି ଫିରିଙ୍ଗିଆ ପୋଲିସକୁ ଖବର ଦେଇଥିଲେ । ମୃତକଙ୍କ ବଡ଼ଭାଇ ଦୀପକ ଏ ନେଇ ଥାନାରେ ଏତଲା ଦେଇଛନ୍ତି । ଲିପକଙ୍କୁ ହତ୍ୟା କରାଯାଇ ମହୁଲ ଗଛରେ ଝୁଲା ଯାଇଥିବା ଅଭିଯୋଗ କରାଯାଇଛି । ଥାନାରେ ୫୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ତପନ କୁମାର ନାହାକ ସୂଚନା ଦେଇଛନ୍ତି ।

### କଞ୍ଚୁରୁ ହାଇସ୍କୁଲରେ ଯୁକ୍ତ ୨ କଳା ଖୋଲିଲା

ହିଞ୍ଜିଳିକାଟୁ ୬।୪(ଡି.ଏନ୍.ଏ): ୨୦୨୩-୨୪ ଶିକ୍ଷାବର୍ଷରୁ ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ କଞ୍ଚୁରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ କଳା ପାଠ୍ୟକ୍ରମ ଆରମ୍ଭ ହେବ । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୀକୃତି ଲାଭ କରିଛି । ଗୁରୁବାର ସ୍କୁଲ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷୟିତ୍ରୀ ଏଲ ଗୌରୀଆଚାରୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଗିରିଧର ବିଦ୍ୟାଳୟର ପରିଚାଳନା ସଭାପତି ଜୟସେନ ମହାନ୍ତି, କଞ୍ଚୁରୁ ସରପଞ୍ଚ ମଦନ ମୋହନ ସେଠୀ, ମହନ୍ତ ହରିହର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଚଳିତ ବର୍ଷ ଯୁକ୍ତ ୨ରେ ପିଲାମାନଙ୍କୁ ନାମ ଲେଖା ନିମନ୍ତେ ଉତ୍ସାହିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ଖୋଲିବ ଏନ୍‌ସିସି ଟ୍ରେନିଂ କମ୍ପ୍ଲେକ୍ସ, ୨ ବାଟାଲିୟନ

## ଜମି ଚିହ୍ନଟ ଲାଗି ପୁଣି ଆସିଲା ଚିଠି

**ଛତ୍ରପୁର,୬।୪(ଡି.ଏନ୍.ଏ):**

ଗଞ୍ଜାମ ଜିଲା ବ୍ରହ୍ମପୁରରେ ଏନ୍‌ସିସି ଟ୍ରେନିଂ କମ୍ପ୍ଲେକ୍ସ, ଗ୍ରୁପ ହେଡକ୍ୱାର୍ଟର ଏବଂ ୨ ବାଟାଲିୟନ ପାଇଁ ଜମି ଚିହ୍ନଟ ବିଳମ୍ବ ହେଉଛି । ଏନେଇ ପୁଣି ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଆସିଛି । ଏନ୍‌ସିସି ଟ୍ରେନିଂ କମ୍ପ୍ଲେକ୍ସ ପ୍ରତିଷ୍ଠା ହେଲେ ଶିକ୍ଷାର୍ଥିମାନଙ୍କୁ ଉଚ୍ଚମାନର ତାଲିମ ମିଳିପାରିଥାନ୍ତା । ଜିଲାର ବିଭିନ୍ନ ସ୍କୁଲ ଓ କଲେଜରେ ଏନସିସି ଗ୍ରୁପ ରହିଛି । ଏମାନଙ୍କ ପାଇଁ ଆବଶ୍ୟକୀୟ ତାଲିମ ସୁବିଧା ହୋଇପାରିବ । ଏଥିସହ ଏନସିସିର ୨ଟି ବାଟାଲିୟନ ପ୍ରତିଷ୍ଠା ସହ ଜମି ଆବଶ୍ୟକ ରହିଛି । ଏନସିସି ଗ୍ରୁପ ହେଡକ୍ୱାର୍ଟରର ସ୍ଥାୟୀ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ମଧ ଜମି ଆବଶ୍ୟକତା ରହିଛି । ପୂର୍ବରୁ ଏ ସମ୍ପର୍କରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ନିକଟକୁ ଚଠି ଆସିଥିଲା । ଏହା ଉପରେ ପଦକ୍ଷେପ ନିଆଯାଇନି । ପୁଣି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପ୍ରିନ୍ସପାଲ ସେକ୍ରେଟାରୀଙ୍କ ଠାରୁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଆସିଛି । ଏହାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଚିଠିରୁ ମିଳିଥିବା ସୂଚନା ଅନୁସାରେ ବ୍ରହ୍ମପୁରରେ ଏନ୍‌ସିସି ଟ୍ରେନିଂ କମ୍ପ୍ଲେକ୍ସ ପାଇଁ ୫ ଏକର ଜମି ଆବଶ୍ୟକତା ରହିଛି । ୨୦୨୨ ଅଗଷ୍ଟ ୨୬ରେ ରାଜ୍ୟ ପରାମର୍ଶଦାତା କମିଟି ବୈଠକ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ଜମି ଦେବାକୁ ଉକ୍ତ ବୈଠକରେ ନିଷ୍ପତି ହୋଇଥିଲା । ଏହି ପରିପ୍ରେକ୍ଷୀରେ ୨୦୨୨ ଡିସେମ୍ବର ୨୧ରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଚିଠି ଆସିଥିଲା । ପୁଣି ଚଳିତ ମାସ ୪ ତାରିଖରେ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ପ୍ରିନ୍ସପାଲ ସେକ୍ରେଟାରୀ ବିଷ୍ଣୁପଦ ସେଠୀଙ୍କ ଠାରୁ ଏକ ଚିଠି ଜିଲାପାଳଙ୍କ ନିକଟକୁ ଆସିଛି । ଆହୁରି ଜଣାଯାଇଛି ଯେ ବ୍ରହ୍ମପୁରରେ ଏନସିସି ଗ୍ରୁପ ହେଡକ୍ୱାର୍ଟର ଓ ୨ଟି ବାଟାଲିୟନ ପ୍ରତିଷ୍ଠା ପାଇଁ ଜମି ଆବଶ୍ୟକତା ରହିଛି । ୨୦୧୭ ଫେବୃୟାରୀ ୨୩ରେ ରାଜ୍ୟସ୍ତରୀୟ କମିଟି ବୈଠକରେ ଏନେଇ ମଞ୍ଜୁରୀ ମିଳିଥିଲା । ଏଥିପାଇଁ ସଂପ୍ରସାରିତ ବ୍ରହ୍ମପୁର ଷ୍ଟାଡିୟମରେ ଜମି ଦେବାକୁ କୁହାଯାଇଥିଲା । ବ୍ରହ୍ମପୁର ଷ୍ଟାଡିୟମରେ ସ୍ଥାନ ଅଭାବ ଥିଲେ ନିକଟରେ ଏଥିପାଇଁ ଜମି ଯୋଗାଇବାକୁ କୁହାଯାଇଛି ।

### ତାମ୍ପରାରେ ନେଭାଲ ୟୁନିଟ୍‌ର ବୋଟ ବ୍ୟବସ୍ଥା

ଗଞ୍ଜାମ ଜିଲା ଛତ୍ରପୁର ନିକଟ ହୁମୁରୀ ତାମ୍ପରା ଠାରେ ପର୍ଯ୍ୟଟକଙ୍କ ପାଇଁ ବୋଟିଂ ସୁବିଧା ରହିଛି । ଏଥିସହ ସେଠାରେ ଲେକ୍ ଭ୍ୟୁ ପାର୍କ ରହିଛି । ଏଥିଲାଗି ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଏଠାକୁ ଛୁଟୁଛି । ଅପରପକ୍ଷରେ ନେଭାଲ ୟୁନିଟ୍‌ର ବୋଟ ରହିବାକୁ ତାମ୍ପରା ହ୍ରଦ କୂଳରେ ଜମିର ଆବଶ୍ୟକତା ପଡିଛି । ଏଥିପାଇଁ ୩୦୦ ବର୍ଗ ମିଟର ଜମି ଆବଶ୍ୟକ ପଡୁଛି । ନେଭାଲ ୱିଙ୍ଗ୍ ର ନିଜସ୍ୱ ତାଲିମ ତାମ୍ପରାରେ କରିବା ପାଇଁ ବୋଟ ଏଠାରେ ରହିବ । ଏହି ଜମି ନେଭାଲ ୱିଙ୍ଗକୁ ଦେବା ପାଇଁ ୨୦୨୨ ଅଗଷ୍ଟ ୨୬ରେ ରାଜ୍ୟ ପରାମର୍ଶଦାତା କମିଟି ବୈଠକରେ ନିଷ୍ପତି ହୋଇଥିଲା । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ର ପ୍ରିନ୍ସପାଲ ସେକ୍ରେଟାରୀଙ୍କ ପକ୍ଷରୁ ୪ ତାରିଖରେ ଗଂଜାମ ଜିଲାପାଳଙ୍କୁ ଏକ ଚିଠି (ନଂ–୧୪୦୭୯) ଆସିଛି ।

# ଇଗ୍ନୋ ବିଏଡ୍ ଛାତ୍ର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ



ଚିତ୍ରସେନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବର୍ଦ୍ଧିତ କରୁଛନ୍ତି ।

ଭଞ୍ଜନଗର,୬।୪(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା (ବିଏଡ୍) କଲେଜକୁ ଇତିମଧ୍ୟରେ ଦୁଇଟି ସଫଳତା ମିଳିଛି । ପ୍ରଥମଟି ହେଲା ଚଳିତ ଶିକ୍ଷା ବର୍ଷରୁ କଲେଜରେ ପୂର୍ବଭଳି ୧୦୦ ଛାତ୍ରୀଛାତ୍ର ନାମ ଲେଖାଇବେ । ଏନେଇ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଏନସିଟିଇ ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇଛି । ସେହିଭଳି ମହାବିଦ୍ୟାଳୟରେ ଖୋଲିଥିବା ଇଗ୍ନୋ ବିଏଡ୍ ଷ୍ଟଡ଼ି ସେଣ୍ଟର ଛାତ୍ର ଚିତ୍ରସେନ ବେହେରା ୨୦୨୧–୨୨ରେ ଦେଶରେ ସର୍ବଶ୍ରେଷ୍ଠ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ତେଣୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ୩ ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ଇଗ୍ନୋର ୩୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚିତ୍ରସେନଙ୍କୁ ସ୍ୱର୍ଣ୍ଣ ପଦକ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ଚିତ୍ରସେନଙ୍କ ଘର ହେଉଛି ପୋଲସରା ବ୍ଲକ କଳମ୍ବ ନିକଟସ୍ଥ ରୁଖାକଣା । ସେ ସେନାବାହିନୀରେ ୨୦୦୩ରେ ଯୋଗ ଦେଇଥିଲେ । କିନ୍ତୁ ବାପା ମା'ଙ୍କ ଶାରୀରିକ ଅସୁସ୍ଥତା ହେତୁ ସେ ଚାକିରିରୁ ୨୦୧୯ରେ ଅବସର ନେଇଥିଲେ । ଏହାପରେ ସେ ଷ୍ଟାଫ୍ ସିଲେକ୍ସନ ପରୀକ୍ଷା ଦେଇ ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ବର୍ତ୍ତମାନ ଗଣିତ ଅଧ୍ୟାପକ ଭାବେ କାର୍ଯ୍ୟରତ ଅଛନ୍ତି ।

**କେଏସ୍‌ୟୁବି ବିଏଡ୍ କଲେଜକୁ ପୁନଃ ନାମଲେଖା ପାଇଁ ଅନୁମତି ମିଳିଲା**

# ୧୫ ସରକାରୀ ସ୍କୁଲକୁ ସ୍ଥାୟୀ ପଟ୍ଟା ପ୍ରଦାନ


ଜଣେ ପ୍ରଧାନଶିକ୍ଷକଙ୍କୁ ତହସିଲଦାରଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରୁଛନ୍ତି ।

**ଓଡ଼ଗାଁ,୬।୪(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଅଧୀନ ୧୫ ସରକାରୀ ବିଦ୍ୟାଳୟକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି । ସେଥିମଧ୍ୟରୁ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ, କୁରାଳକୁ ନିକଟରେ ପଟ୍ଟା ପ୍ରଦାନ କରାଯାଇଥିବା ବେଳେ ଅନ୍ୟସବୁ ବିଦ୍ୟାଳୟକୁ ଗୁରୁବାର ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ସ୍ଥାୟୀ ପଟ୍ଟା ପ୍ରଦାନ କରିଛନ୍ତି । ସରକାରୀ ଅପଗ୍ରେଡ ଉଚ୍ଚ ବିଦ୍ୟାଳୟ ଝାଡ଼ସାହି, ରାହାସ ବିଦ୍ୟାପୀଠ ସାକେରୀ, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ, କୁରୁମବାଙ୍କତରା, ନନ୍ଦିଘୋର ବାଳିକା ଉଚ୍ଚ ବିଦ୍ୟାଳୟ, ନନ୍ଦିଘୋର, ନନ୍ଦିଘୋର ବାଳିକା ଉଚ୍ଚ ବିଦ୍ୟାଳୟ ନନ୍ଦିଘୋର(ଓଡ଼ିଆ), ଗୋପୀନାଥ ଉଚ୍ଚ ବିଦ୍ୟାଳୟ, ଗୋଡିପଲ୍ଲୀ, ଅପଗ୍ରେଡ ଉଚ୍ଚ ବିଦ୍ୟାଳୟ, ବରସାହି, ସୋଲପଟ୍ଟା ନୋଡାଲ ହାଇସ୍କୁଲ ସୋଲପଟା, ଆନନ୍ଦ ସାହୁ ବାଳିକା ନୋଡାଲ ହାଇସ୍କୁଲ କୁରାଳ, ଲୋକ ନୋଡାଲ ବିଦ୍ୟାପୀଠ ପଞ୍ଚରିଡା ମାନପୁର, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ, ଗମ୍ଭାରିଡିହି, କୋମଣ୍ଡ ହାଇସ୍କୁଲ କୋମଣ୍ଡ, ସୁନାମୁହିଁ ହାଇସ୍କୁଲ ସୁନାମୁହିଁ ଓ ଗୁଆନ୍ଦ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୁଆନ୍ଦଙ୍କୁ ତହସିଲଦାର ସ୍ଥାୟୀ ପଟ୍ଟା ପ୍ରଦାନ କରିଛନ୍ତି । ସରକାରୀ ନିୟମାନୁସାରେ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କୁ ସେମାନଙ୍କ ବିଭାଗୀୟ ମୁଖ୍ୟଙ୍କ ମାର୍ଫତରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଥିବା ତହସିଲଦାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

# ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

**ଭାପୁର,୬।୪(ଡି.ଏନ୍.ଏ.)**

ଭାପୁର ପଞ୍ଚାୟତ ସମିତି ସଭାଗୃହରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯିବା ସହ ୨୦୨୩–୨୪ ଆର୍ଥିକ ବର୍ଷ ପାଇଁ ଅନୁମୋଦିତ ହୋଇଥିବା ବିଭିନ୍ନ ପ୍ରକଳ୍ପ ଖୁବ୍ ଶୀଘ୍ର ଶେଷ କରିବା ଓ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ବିଭାଗୀୟ ଯନ୍ତ୍ରୀ, ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗୁରୁବାର ପୂର୍ବାହ୍ନ ୧୦ଟାରେ ଭାପୁର ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ବ୍ଲକର ଏମ୍‌ଜିଏନ୍‌ଆରଇଜିଏସ୍, ଅମୃତ ସରୋବର, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନା ଅନୁମୋଦିତ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅର୍ଜିତା ପ୍ରିୟଦର୍ଶିନୀ ଯୋଗଦେଇ ଥିଲେ । ଏହି ଅବସରରେ ଭାପୁର ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ପ୍ରଶାସନର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ କରିଥିଲେ ।

# ଆଦର୍ଶ ଗ୍ରାମ ପଞ୍ଚାୟତରେ ଅର୍ଥ ହରିଲୁଟ

## ବିଡ଼ିଓଙ୍କୁ ଫେରାଦ ହେଲେ ପଞ୍ଚାୟତବାସୀ

**ଭାପୁର,୬।୪(ଡି.ଏନ୍.ଏ.)**

ସାଂସଦ ଆଦର୍ଶ ଗ୍ରାମ ଯୋଜନାରେ ଭାପୁର ବ୍ଲକ କରବର ପଞ୍ଚାୟତକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ । ଲକ୍ଷ ଥିଲା ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ସହ ଲୋକଙ୍କ ଉନ୍ନତି । ମାତ୍ର ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଅର୍ଥ ହରିଲୁଟ ହୋଇଥିବା ବେଳେ ଅନେକ ପ୍ରକଳ୍ପ ଆଦୌ ନିର୍ମାଣ ହୋଇ ନ ଥିବା ଅଭିଯୋଗ ହୋଇଛି । ଆଉ ପ୍ରକଳ୍ପ ବାବଦରେ ଗ୍ରାମବାସୀ ସୂଚନା ଅଧିକାର ଆଇନ ମାଧ୍ୟମରେ ଜାଣିବାକୁ ପାଇଥିଲେ ଏଭଳି କୌଣସି କାର୍ଯ୍ୟ ଆଦୌ ହୋଇ ନ ଥିବା ଜଣାପଡିଛି । ଏବାବଦରେ ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିବା ନେଇ ସୂଚନା ମିଳିଛି । କରବର ନଦୀକୂଳ ଗାଧୁଆ ତୁଠ ଓ ଲୁଗା ବଦଳାଇବା ଗୃହ, କରବର ଆଗୁଆ ସାହି ଗାଧୁଆ ତୁଠ ଓ ଲୁଗା ବଦଳାଇବା ଗୃହ, ମାଣିତ୍ରୀର ନଦୀତୁଠ ଓ ଲୁଗା ବଦଳାଇବା ଗୃହ, କରବର ମଠ ତୋଟା , ବଡବର ନଦୀତୁଠ , ଗୁଡୁପଡା ନଦୀକୂଳ ତୁଠ , କରବର ମାଳିସାହି ଗାଧୁଆ ତୁଠରେ ଲୁଗା ବଦଳାଇବା ଗୃହ ପାଇଁ ଆସିଥିବା ମୋଟ ୮ ଲକ୍ଷ ଟଙ୍କାକୁ ଆଦୌ ଗୃହ ନିର୍ମାଣରେ ବିନିଯୋଗ କରା ନ ଯାଇ ଫଲସ ବିଲ କରାଯାଇଛି । ସେହିପରି ଗ୍ରାମପଞ୍ଚାୟତର ପ୍ରାଚୀର ଗ୍ରୀଲ ଓ ମରାମତି ପାଇଁ ତଥା ଉନ୍ନତିକରଣ ପାଇଁ ୪ ଲକ୍ଷ ଟଙ୍କା ଫଲସ ବିଲ କରାଯାଇଛି । ଷ୍ଟ୍ରିଟ୍ ଲାଇଟ ମରାମତି ନାମରେ ପ୍ରତିବର୍ଷ ୫୦ ହଜାର ଟଙ୍କା ଲେଖାଏଁ ଫଲସ ବିଲ କରାଯାଇଛି । କରବର ମର୍ତ୍ତଣ୍ଡ କ୍ଲବ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନାମରେ ୨ ଲକ୍ଷ ଟଙ୍କା ଫଲସ ବିଲ କରାଯାଇଛି । ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ମରାମତି ପାଇଁ ୪ଲକ୍ଷ ଟଙ୍କା ଫଲସ ବିଲ । ପିଠା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୫ହଜାର , ଦ୍ୱିତୀୟ ପର୍ଯ୍ୟାୟରେ ୫୦ହଜାର, ତୃତୀୟ ପର୍ଯ୍ୟାୟରେ ୮୬ହଜାର ୫୨୦ ଟଙ୍କା ଫଲସ ବିଲ କରାଯାଇଛି । ନଣ୍ଡାବର ହରିଜନ ସାହି ରାସ୍ତା ଓ ଡ୍ରେନେଜ ନିର୍ମାଣ ନ କରି ଫଲସ ବିଲ କରାଯାଇଛି । କରବର ପ୍ରାଥମିକ ବିଦ୍ୟାଳୟ ମରାମତି ନାମରେ ୫୦ ହଜାର ଟଙ୍କା, ଟିଏମ୍‌ସି କେନ୍ଦ୍ର ଉନ୍ନତି କରଣ ବାବଦରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଫଲସ ବିଲ ହୋଇଥିବା ନେଇ ଶତାଧିକ ପଞ୍ଚାୟତବାସୀ ଗୁରୁବାର ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ । ଏଥିସହିତ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତି ଅନାବରଣ

**ରମ୍ଭା,୬।୪**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମ ପଞ୍ଚାୟତର ସାମାଜିକ କର୍ମୀ ବୃନ୍ଦାବନ ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଓ ମୂଳିଆ ବେହେରାଙ୍କ ପ୍ରତିମୂର୍ତ୍ତି ଅନାବରଣ ଅନୁଷ୍ଠିତ ହୋଇଯାଇଛି । ସୁବଳୟା ପଞ୍ଚାୟତର ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତିଷ୍ଠାତା ସଦସ୍ୟ ଥିଲେ । ସେ କଳିଙ୍ଗ ପାଠାଗାର ଓ ସମବାୟ ସମିତି ସଭାପତି ଭାବେ ନିଜ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଥିଲେ । ମୂଳିଆଙ୍କ ପ୍ରତିମୂର୍ତ୍ତି ଅନାବରଣ ସହ ଏକ ସ୍ମୃତି ସଭା ବିଜୟ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଇସ୍କନ ପ୍ରବଚକ ରାଜେନ୍ଦ୍ର ପ୍ରଭୁ ମହାରାଜ(କୁଲାଡ଼ ଆଶ୍ରମ) ଯୋଗ ଦେଇ ଧର୍ମୀୟ ଚେତନା ସୃଷ୍ଟି କରି ସତ୍ୟ, ଧର୍ମ, ନିଷ୍ଠା ଓ ବଳିଦାନ ଦ୍ୱାରା ମନୁଷ୍ୟତ୍ୱ ପ୍ରାପ୍ତି ହୁଏ ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବାଳକୃଷ୍ଣ ମହାରଣା, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ସୁଦର୍ଶନ ସାହୁ, ଅଧ୍ୟାପକ ରୋହିତ ସାହୁ, ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ଅରୁଣ ବେହେରା, ବାପି ବେହେରା ଓ ଜାମାତା ପ୍ରତାପ ବିଶ୍ୱାଳ ଯୋଗ ଦେଇଥିଲେ । ଶିକ୍ଷକ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପଜିଲାପାଳଙ୍କ ତଦନ୍ତ ଆରମ୍ଭ

## କେନ୍ଦୁପଲ୍ଲୀ ପଞ୍ଚାୟତରେ ଦୁର୍ନୀତି


ଉପଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି ।

**ଭାପୁର, ୬।୪(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ କେନ୍ଦୁପଲ୍ଲୀ ପଞ୍ଚାୟତରେ ଦୁର୍ନୀତି ସୀମା ଟପିଥିବା ବେଳେ ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରିଛି ଜିଲା ପ୍ରଶାସନ । ଗୁରୁବାର ଅପରାହ୍ନରେ ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ନେତୃତ୍ୱରେ ଜିଲା ପଞ୍ଚାୟତ ଅଧିକାରୀ ମଧୁସୂଦନ ମହାରଣା, ସହକାରୀ ଜିଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଗାୟତ୍ରୀ ଖଟୁଆ, ଜିଆରଏସ୍ ସଙ୍ଗୀତା ଦଳେଇ, ପିଇଓ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତନାଘନା କରିଥିଲେ । କେନ୍ଦୁପଲ୍ଲୀ ପଞ୍ଚାୟତ ଅଧୀନ ମାରଡା ଓ କେନ୍ଦୁପଲ୍ଲୀ ଗ୍ରାମରେ ଅଭିଯୋଗ ହୋଇଥିବା ପ୍ରକଳ୍ପ ଦେଖିଥିବା ବେଳେ ହନୁମନ୍ତପ୍ରସାଦ ଗ୍ରାମକୁ ଏଥିରୁ ବାଦ୍ ଦେଇଥିଲେ । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ୨୦୧୭ରୁ ଅନେକ ଆର୍ଥିକ ଅନିୟମିତତା ସହ ଏକାଧିକ ପ୍ରକଳ୍ପ ବାବଦରେ ଜାଲ ବିଲ କରାଇନେଇଥିବା ଅଭିଯୋଗ ହୋଇଆସୁଛି । ଏବବାଦରେ ପଞ୍ଚାୟତବାସୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । କିନ୍ତୁ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଖାଲିସେତିକି ନୁହେଁ ପଞ୍ଚାୟତର ନିଜସ୍ୱ ଗୃହ ନିମନ୍ତେ ୨୦୧୭ରୁ ମୁଖ୍ୟମନ୍ତ୍ରୀ ୩୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇଦେଇଥିଲେ ମଧ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ସରପଞ୍ଚ ଗୃହ ନିର୍ମାଣ ନ କରିବା ଜନ ଅସନ୍ତୋଷକୁ ତୀବ୍ର କରିଛି । ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ ।

# ବର୍ଷାଦିନ ପୂର୍ବରୁ ଡ୍ରେନ୍, ରାସ୍ତା ମରାମତି ଦାବି

**ବ୍ରହ୍ମପୁର ଅଫିସ୍,୬।୪**

ବ୍ରହ୍ମପୁର ସହରରେ ଅବ୍ୟବସ୍ଥିତ ଡ୍ରେନ୍ ଯୋଗୁ ସାମାନ୍ୟ ବର୍ଷା ହେଲେ ନାଳ ପାଣି ଘରେ ପଶୁଛି । ରାସ୍ତାରେ ମଧ ଘଣ୍ଟା ଘଣ୍ଟା ଧରି ନର୍ଦ୍ଦମା ପାଣି ଜମି ରହୁଛି । କେଉଁଠି ଡ୍ରେନ୍ ନାହିଁ କି ସ୍ଲାବ ନାହିଁ । ବର୍ଷା ଯଦି ୧୦ ରୁ ୧୫ ମିନଟ କିମ୍ବା ଅଧ ଘଣ୍ଟା ହେଉଛି ସହରର ଅବସ୍ଥା ଶୋଚନୀୟ ହୋଇପଡୁଛି । ଏ ନେଇ ଗୁରୁବାର ସାମାଜିକକର୍ମୀ ବିନୋଦ କୁମାର ସାବତ ଓ କେତେକ ସହରବାସୀଙ୍କ ପକ୍ଷରୁ ଦାବିପତ୍ର ଡେପୁଟି କମିଶନର ବିନୋଦ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଥିଲା । ସହରର ହରିଡ଼ାଖଣ୍ଡି, ଗୋଷାଣୀନୂଆଗାଁ, ବିଜିପୁର, ଗାନ୍ଧୀନଗର, ପ୍ରେମନଗର, ଗେଟ ବଜାର, ଅଶୋକ ନଗର, ଗଜପତି ନଗର ଅଞ୍ଚଳରେ ସାମାନ୍ୟ ବର୍ଷା ହେଲେ ୩ରୁ ୪ ଫୁଟର ବର୍ଷାପାଣି ଲହଡି ମାରୁଛି । ଯାହାଦ୍ୱାରା ଆଣ୍ଠୁଏ ନାଳ ପାଣିରେ ଜନସାଧାରଣ ଯାତାୟାତ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାନ୍ଧୀନଗରର ୯ମ ଲେନରେ ଡ୍ରେନ୍ ନିର୍ମାଣ ହୋଇ ନ ଥିବାରୁ ଦୀର୍ଘଦିନ ଧରି ବର୍ଷା ପାଣି ମୁଖ୍ୟ ରାସ୍ତାରେ ଭାସୁଛି । ସେହିଭଳି ରାଉତପେଣ୍ଠ ସାହିରେ ଡ୍ରେନ୍ ନିର୍ମାଣ ପାଇଁ ନିଗମ ପକ୍ଷରୁ ୨୦୨୨ରେ ଶୁଭ ଦିଆଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ । ସହରର ନୀଳକଣ୍ଠେଶ୍ୱର ମନ୍ଦିର ରାସ୍ତା, ବିଜିପୁର ବନ୍ଧ ରାସ୍ତା, ଗାନ୍ଧୀ ନଗର ରାସ୍ତା ଦୀର୍ଘ ବର୍ଷ ହେବ ମରଣଯନ୍ତା ଥିଲେ ମଧ କୌଣସି ମରାମତି କରାଯାଉ ନାହିଁ । ମୌସୁମୀ ବର୍ଷା ପୂର୍ବରୁ ୨ ମାସ ମଧ୍ୟରେ ସହରର ସମସ୍ତ ଡ୍ରେନ୍ ଓ ରାସ୍ତା କାମ ଶେଷ କରିବା ପାଇଁ ଦାବି ହୋଇଛି । ଦାବି ପତ୍ର ପ୍ରଦାନ ସମୟରେ ରାହୁଲ କୁମାର ସେଠୀ, ସିଦ୍ଧାର୍ଥ ପାଣିଗ୍ରାହୀ, ମାନସ ପାତ୍ର, ରୋହିତ ଭୂୟାଁ, ରାଜେଶ ପାଣିଗ୍ରାହୀ, କାମେଶ୍ୱର ବେହେରା ଓ ଦିଲୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।


ଡେପୁଟି କମିଶନରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ସରକାରୀ ଜାଗାରୁ ଗଛକଟାକୁ ନେଇ ଉତ୍ତେଜନା

ବଡ଼ଚଣା,୬।୪(ଡି.ଏନ୍.ଏ.):ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁର ପଞ୍ଚାୟତ ସୁର୍ଖାଦେଇପୁର ଗ୍ରାମର ସରକାରୀ ଜମିରୁ ବହୁ ପୁରୁଣା ଗଛକୁ ଗ୍ରାମର କେତେଜଣ ଲୋକ କାଟି ଦେଇଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ଘଟଣା ସମ୍ପର୍କରେ କିଛି ଗ୍ରାମବାସୀ ଦର୍ପଣ ତହସିଲଦାର ଓ ବାଇଶିମୌଜା ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇବା ପରେ ରାଜସ୍ୱ ନିରୀକ୍ଷକ ପହଞ୍ଚି ଗ୍ରାମର ପୋଖରୀ ହୁଡ଼ା ଓ ଗ୍ରାମଦେବତୀ ନିକଟରୁ ୫-୬ଟି ଗଛ କଟାଯାଇଥିବା ଦେଖି ସେଗୁଡ଼ିକୁ ଜବତ କରିଛନ୍ତି। ତହସିଲଦାରଙ୍କ ସହ ପରାମର୍ଶ କରି ସରକାରୀ ଜାଗାରୁ ବିନା ପରାମର୍ଶରେ ଗଛକାଟିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ରାଜସ୍ୱ ନିରୀକ୍ଷକ କହିଛନ୍ତି। ଦୀର୍ଘ ବର୍ଷର ଗଛଗୁଡ଼ିକୁ କୌଣସି କାରଣ ନ ଥାଇ କାଟି ଦେଇଥିବାରୁ ଗ୍ରାମରେ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି। ଗଛ କାଟିଥିବା ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି।

### ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇ ୨ଲକ୍ଷ ଠକେଇ: ଖେଳାଳି ଗିରଫ

ଭୁବନେଶ୍ୱର,୬।୪ (ବ୍ୟୁରୋ): ମୋବାଇଲ ବିକ୍ରି ପାଇଁ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇ ୨ ଲକ୍ଷରୁ ଅଧିକ ଟଙ୍କା ଠକିନେଇଥିବା ଜଣେ କଲେଜ ଛାତ୍ର ତଥା ଅଣ୍ଡର-୧୯ କ୍ରିକେଟ୍ ଦଳର ଖେଳାଳିଙ୍କୁ ସାଇବର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଖଣ୍ଡଗିରି ଥାନା ଅଞ୍ଚଳରେ ରହୁଥିବା ଯାଜପୁରର ଆଶିଷ କୁମାର ଜେନା ଓରଫ ସିଧୁ। ତାଙ୍କଠାରୁ ଠକେଇ ଟଙ୍କା ଜବତ ହୋଇ ନ ଥିବାବେଳେ ଏକ ମୋବାଇଲ ଜବତ କରାଯାଇଥିବା ସାଇବର ଥାନା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନାମରେ ସାଇବର ଥାନାରେ ଦୁଇଟି ମାମଲା ଏବଂ ନୟାପଲ୍ଲୀ ଥାନାରେ ଗୋଟିଏ ମାମଲା ରହିଛି। ସେହିଭଳି ସେ କେତେଜଣ ଦୋକାନୀଙ୍କୁ ଢାଲ କରିଥିବା ତଦନ୍ତ ବେଳେ ଜଣାପଡ଼ିଛି। ଏହି ମାମଲାର ଅଧିକ ତଦନ୍ତ ଚାଲୁ ରହିଛି।

ସୂଚନାନୁସାରେ କିଛିଦିନ ତଳେ ଅଭିଯୋଗକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଏକ ଫୋନ କଲ ଆସିଥିଲା। ଏକ ସେକେଣ୍ଡ ହ୍ୟାଣ୍ଡ୍ ମୋବାଇଲ ଫୋନ କିଣିବା ଲାଗି ଅଭିଯୁକ୍ତ ଆଶିଷ ତାଙ୍କୁ ପ୍ରବାର୍ତ୍ତାଇଥିଲେ। ସିଦ୍ଧାର୍ଥ ମୋବାଇଲ ଫୋନ କିଣିବା ଲାଗି ରାଜି ହେବା ସହିତ ଇନଫୋସିଟି ଅଞ୍ଚଳକୁ ଯାଇ ଆଶିଷଙ୍କ ନିକଟରେ ଥିବା ଫୋନ ଯାଞ୍ଚ କରିଥିଲେ। ଏହାପରେ ଫୋନ କିଣିବା ଲାଗି ସିଦ୍ଧାର୍ଥ ୟୁପିଆଇ ଆଇଡିରେ ୭୫ହଜାର ଟଙ୍କା ପଠାଇ ଥିଲେ। କିନ୍ତୁ ପରେ ଉକ୍ତ ନମ୍ବରରେ ଯୋଗାଯୋଗ କରିବାରୁ ତାହା ସୁଇଚ୍ ଅଫ ଥିବା ଜଣାପଡ଼ିଥିଲା। ସିଦ୍ଧାର୍ଥ ଠକାମିର ଶିକାର ହୋଇଥିବା ଜାଣିପାରି ସାଇବର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଆଶିଷ ଆଉ ଦୁଇଜଣଙ୍କୁ ମଧ ଏଭଳି ତରିକାରେ ଠକିଥିବା ପୋଲିସ ଜାଣିବାକୁ ପାଇଛି।



# ପାଇପ୍‌ବିଛା ନାଁରେ ଟଙ୍କା ଚଳୁ ଉଦ୍ୟମ

- ବିନା ଟେଣ୍ଡରରେ ୧୮ ଲକ୍ଷ ଟଙ୍କାର କାମ
- ୩ ଫୁଟ ପରିବର୍ତ୍ତେ ୧.୫ ଫୁଟରେ ପୋତାଯାଉଛି ପାଇପ

କୋରେଇ,୬।୪(ଡି.ଏନ.ଏ.):

ଯାଜପୁର ଜିଲା କୋରେଇ ବ୍ଲକ ଅଧୀନରେ ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗ (ଆର୍‌ଡବ୍ଲ୍ୟୁଏସ୍‌ଏସ୍)ରେ ଦୁର୍ନୀତି ବଢ଼ି ଚାଲିଛି। କେତେଜଣ ଅଧିକାରୀ ଠିକାଦାରଙ୍କ ସ୍ୱାର୍ଥରେ ମାତି ସରକାରୀ ତହବିଲରୁ ବିପୁଳ ଟଙ୍କା ହରିଲୁଟ କରୁଛନ୍ତି। ନିର୍ମାଣ ହେଉଥିବା ପ୍ରକଳ୍ପଗୁଡ଼ିକରେ ବ୍ଲକର କିଛି ପ୍ରଭାବଶାଳୀ ନେତାଙ୍କ ହାତ ରହୁଥିବାରୁ ଉଚ୍ଚ ପଦସ୍ଥ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବକୁ ଭୟ କରୁଥିବା ଆଲୋଚନା ହେଉଛି। ଏଠାରେ ବ୍ଲକ ଅଧୀନ ପଛିକୋଟ ପଞ୍ଚାୟତ କଡ଼ମା ଗ୍ରାମରେ ଚାଲୁଥିବା ପାଇପ୍ ବିଛା କାର୍ଯ୍ୟକୁ ଉଦାହରଣ ଭାବେ ନିଆଯାଇଛି।

କଡ଼ମା-କାମୁଡେଇ ରାସ୍ତା ସମ୍ପ୍ରସାରଣ ନିମନ୍ତେ ସାଇଡ୍ ଫିଲିଂ ପାଇଁ ଠିକାଦାର ରାସ୍ତା କଡ଼ରୁ ୧ ଫୁଟ୍ ଲେଖାଏ ଖନନ କରିଥିଲେ। ଏହାଦ୍ୱାରା ୪ଟି ଗ୍ରାମକୁ ଜଳ ଯୋଗାଣ ପାଇଁ ରଗଡ଼ି ଛକର ମା' କାମୁଡେଇ ନିକଟରେ ଥିବା ବସୁଧା ଯୋଜନା ଓଭରହେଡ୍ ପାଣିଟାଙ୍କିରୁ କଡ଼ମା ଗ୍ରାମକୁ ବିଛାଯାଇଥିବା ପାଇପଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଫଳରେ କଡ଼ମା ଗ୍ରାମର ଆଇଚିପୁର, ମାଦଳା, ଉଆସପୋଖରୀ ଆଦି ୪ଟି ବସ୍ତିର ପ୍ରାୟ ୪୮୦ ପରିବାରର ପାଖାପାଖି ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ୨ ମାସ ହେବ ଜଳକଷ୍ଟ ଭୋଗୁଛନ୍ତି। ଏନେଇ ଧରିତ୍ରୀରେ 'କଡ଼ମାରେ ଜଳସଂକଟ ଉତ୍କଟ' ଶୀର୍ଷକ ଖବର ପ୍ରକାଶ ପରେ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏହାର ମରାମତି ତଥା ପାଇପ ବିଛାଇବା ପାଇଁ ୧୮ ଲକ୍ଷ ଟଙ୍କାର ଅନୁଦାନ ବରାଦ କରାଯାଇଛି।

ମାତ୍ର ବିନା କୌଣସି ଟେଣ୍ଡରରେ ବ୍ଲକର ଜଣେ ପ୍ରଭାବଶାଳୀ ନେତାଙ୍କ ପାଖ ଠିକାଦାର ଏହାର କାର୍ଯ୍ୟାଦେଶ ପାଇ କାମକୁ ଆଗେଇ ନେଉଛନ୍ତି। ବିଡ଼ମ୍ବନାର ବିଷୟ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଯେନତେନ ପ୍ରକାର କାମ କରି ଠିକାଦାର ଆବଣ୍ଟିତ ଅର୍ଥରାଶି ହରିଲୁଟ କରିବାକୁ ବସିଥିବା ଆଲୋଚନା ହେଉଛି। ନିୟମ ଅନୁଯାୟୀ କୌଣସି କାମ ହେଉନାହିଁ। ଏଷ୍ଟିମେଟ ଅନୁଯାୟୀ ପାଇପ୍ ବ୍ୟବହାର ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ମାଟିରୁ ୩ ଫୁଟ୍ ତଳେ ପାଇପ ପୋତିବାକୁ ଅନୁମତି ରହିଥିଲେ ହେଁ ଠିକାଦାର ନିଜ ମନମୁତାବକ ୧ ଫୁଟରୁ ୧.୫ ଫୁଟ ମଧ୍ୟରେ ପାଇପ ବିଛାଇ ମାଟି ଢାଙ୍କି ଦେଉଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଫଳରେ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଭିତିରି ବୁଝାମଣା ହୋଇଥିବା ଚର୍ଚ୍ଚା ହେଉଛି।

ବ୍ଲକର ଏକାଧିକ ଗ୍ରାମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ସମ୍ପ୍ରସାରଣ ଓ ମେଗା ପ୍ରକଳ୍ପ ନିର୍ମାଣ ପାଇଁ ଠିକାଦାର ପାଇପଗୁଡ଼ିକ ତାଡ଼ି ନଷ୍ଟ କରିଥିବାରୁ ଜଳଯୋଗାଣ ବନ୍ଦ ରହିଥିବା ସୂଚନା ମିଳିଛି। ଆରଡବ୍ଲ୍ୟୁଏସ୍‌ଏସ୍ ପକ୍ଷରୁ ପାଇପଗୁଡ଼ିକ ୩ ଫୁଟ ତଳେ ପୋତିବାକୁ ଅନୁମତି ରହିଛି। ପୂର୍ବରୁ ପ୍ରକଳ୍ପ ନିର୍ମାଣ ସମୟରେ ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତୁରାରେ କାମ ହୋଇଥିଲା। କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଯନ୍ତ୍ରୀଙ୍କୁ ହାତକରି ଠିକାଦାର ଏକାଧିକ ପ୍ରକଳ୍ପରେ କେଉଁଠି ୧ ଫୁଟ ତ କେଉଁଠି ମାଟି ଉପରେ ପାଇପ ବିଛାଇ ଅନେକ କୋଟି ଟଙ୍କାର ଅର୍ଥ ଆତ୍ମସାତ କରିଥିଲେ। ଫଳରେ ଏବେ ଏକାଧିକ ପଞ୍ଚାୟତରେ ବସୁଧା ପ୍ରକଳ୍ପ ଥିଲେ ମଧ ପାଇପ ଗୁଡ଼ିକ ନଷ୍ଟ ହୋଇ ଅନେକ ଗ୍ରାମକୁ ଜଳଯୋଗାଣ ବନ୍ଦ ରହିଛି। ସାଧାରଣ ଲୋକ ଜଳକଷ୍ଟ ଭୋଗୁଛନ୍ତି। ଏଥିପ୍ରତି ସଜାଗ ନ ହେଲେ ଆଗକୁ ମଧ ଏହିପରି ଅସୁବିଧା ଭୋଗିବାକୁ ପଡ଼ିବ ବୋଲି ମତପ୍ରକାଶ ପାଇଛି। ଏ ସମ୍ପର୍କରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ସୁଧାକର ପଣ୍ଡାଙ୍କୁ ପଚାରିବାରେ ସେ ଏଥିପ୍ରତି ଦୃଷ୍ଟି ଦେବା ସହ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।



ପାଇପ୍ ବିଛା କାର୍ଯ୍ୟ ଚାଲିଛି।

## ପୂର୍ବ ବିବାଦରୁ ମାରପିଟ: ୩ ଗିରଫ

ପାଣିକୋଇଲି,୬।୪(ଡି.ଏନ.ଏ.): ପୂର୍ବ ବିବଦାରୁ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବାପରେ ପୋଲିସ ୨ଟି ମାମଲା ରୁଜୁ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ମୁତାବକ, ପାଣିକୋଇଲି ଥାନା ଅନ୍ତର୍ଗତ ବ୍ୟାସନଗର ପୌରାଞ୍ଚଳ ସନ୍ତରା ଗ୍ରାମର ବୈଷ୍ଣବ ରାଉତଙ୍କ ପୁଅ ଦୁଃଶାସନ ରାଉତ ଓ ରାମ ଓଝାଙ୍କ ପୁଅ ହେମନ୍ତ ଏବଂ ଶିଶିରଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିଥିବା ବେଳେ ଏହାର ସମାଧାନ କରାଯାଇଥିଲା। କିନ୍ତୁ ଶତ୍ରୁତା ବଢ଼ି ଏହା ଉଗ୍ର ରୂପ ନେବା ସହ ଉଭୟ ପକ୍ଷ ମାରପିଟ ଲାଗି ଆହତ ହୋଇଥିଲେ। ଏନେଇ ଥାନାରେ ଦୁଇଟି ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ନଂ.୬୪/୨୩, ୬୫/୨୩ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଏହି ଦୁଇ ମାମଲାରେ ପୋଲିସ ଗ୍ରାମର ହେମନ୍ତ, ଶ୍ରୀଧର ମାଝି ଓ ଦୁଃଶାସନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଅମିୟ କୁମାର ବେହେରା ସୂଚନା ଦେଇଛନ୍ତି।

# ପୂର୍ତ୍ତ ବିଭାଗର ତ୍ରୁଟିପୂର୍ଣ୍ଣ ନାମଫଳକ




ବାଲିଚନ୍ଦ୍ରପୁର-କଳାଶ୍ରୀ ରାସ୍ତା ପାର୍ଶ୍ୱରେ ଲାଗିଥିବା ଦୁଇ ତ୍ରୁଟିପୂର୍ଣ୍ଣ ନାମଫଳକ।

ଚଣ୍ଡିଖୋଲ,୬।୪(ଡି.ଏନ୍.ଏ.):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତାରେ ପୂର୍ତ୍ତ ବିଭାଗ ତରଫରୁ ତ୍ରୁଟିପୂର୍ଣ୍ଣ ନାମଫଳକ ଲଗାଯାଇଛି। ଏପ୍ରିଲ ୧ ଓଡ଼ିଶା ଦିବସରେ ଏହି ଫଳକକୁ ଦେଖି ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କ ଓଡ଼ିଆ ଭାଷା ପ୍ରୀତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ସୂଚନା ଅନୁଯାୟୀ, ଚାରବାଟିଆ ପୂର୍ତ୍ତ ବିଭାଗ ଡିଭିଜନର ବଡ଼ଚଣା ସବ୍‌ଡିଭିଜନ୍ ଅଧୀନରେ ଏହି ରାସ୍ତାଟି ନିର୍ମାଣ କରାଯାଇଛି। ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବିଭାଗ ତରଫରୁ ଫଳକ ଲଗାଯାଇଛି। ଆମ୍ବସୌରୀ ଗ୍ରାମ ନିକଟରେ ଲାଗିଥିବା ଫଳକରେ 'ଆମ୍ବସୋରୀ' ଓଡ଼ିଆରେ ଲେଖାଯାଇଥିବାବେଳେ ପତରାଜ ପୁରଠାରେ ସିଂହ ସାହି ବଦଳରେ 'ସିଙ୍ଘସାହି' ବୋଲି ଉଲ୍ଲେଖ ହୋଇଛି। ଇଂଲିଶରେ ବନାନ ଠିକ୍ ଲେଖାଯାଇଥିବାବେଳେ ଓଡ଼ିଆରେ ବନାନ ସମ୍ପୂର୍ଣ୍ଣ ଭୁଲ ହୋଇଛି। ଏଥି ସହିତ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ବ୍ଲୁ ରଙ୍ଗର ସାଇନ୍ ବୋର୍ଡରେ ଧଳା ଅକ୍ଷରରେ ଲେଖାଯିବାର ନିୟମଥିବାବେଳେ ଏହା ମଧ ତ୍ରୁଟିପୂର୍ଣ୍ଣ ହୋଇଛି। ଜାତୀୟ ରାଜପଥରେ ନୀଳ ରଙ୍ଗର ସାଇନ୍‌ବୋର୍ଡରେ ଧଳାଅକ୍ଷର ଲେଖାଯିବାର ନିୟମ ଥିବାବେଳେ ଏହାକୁ ପୂର୍ତ୍ତ ବିଭାଗ ଭୁଲବଶତଃ ଆପଣେଇ ନେଇଛି। ସାଇନ୍ ବୋର୍ଡର ରଙ୍ଗ ପରିବର୍ତ୍ତନ ସହିତ ଓଡ଼ିଆ ଭାଷାର ସଂଶୋଧନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରେ ସେ ତ୍ରୁଟି ସ୍ୱୀକାର କରିବା ସହ ଖୁବ୍‌ଶୀଘ୍ର ଏହାର ସଂଶୋଧନ କରାଯିବ ବୋଲି କହିଛନ୍ତି।

## ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ଛତୁଚାଷ

କାଳିଆପାଣି,୬।୪(ଡି.ଏନ.ଏ.):

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଗାଁସୋଳ ମହିଳା ମହାସଂଘର ବିଜୟଲକ୍ଷ୍ମୀ ଏସ୍‌ଏଚ୍‌ଜି ଓ କିଚକେଶ୍ୱରୀ ଏସ୍‌ଏଚ୍‌ଜିର ମହିଳାମାନେ ଏକ ମାସ ହେବ ଛତୁଚାଷ କରୁଛନ୍ତି। ସେମାନେ ଛତୁଚାଷ ପାଇଁ ପାଣିକୋଇଲିସ୍ଥିତ ଏକ ସଂସ୍ଥାଠାରୁ ବିହନ ଆଣୁଛନ୍ତି। ଚାଷ ପାଇଁ ଆବଶ୍ୟକ ନଡ଼ା କିଣୁଥିବାବେଳେ ବିହନ ମଧ କିଣିବାକୁ ପଡୁଛି। ମହିଳାମାନେ ଛତୁ ଚାଷରୁ ବେଶ କିଛି ରୋଜଗାର କରୁଛନ୍ତି। ବବିତା ମହାନ୍ତଙ୍କ ନେତୃତ୍ୱରେ ସାବିତ୍ରୀ ମହାନ୍ତ, ସୀମାରାଣୀ ମହାନ୍ତ, ମଞ୍ଜୁଲତା ମହାନ୍ତ ପ୍ରମୁଖ ୨୦ଜଣ ମହିଳା ଛତୁ ଚାଷ କରି ସ୍ୱାବଲମ୍ବୀ ହୋଇଛନ୍ତି। ଏକ ବିହନ ମଞ୍ଜି ବୋତଲରୁ ୯୦୦ ଗ୍ରାମରୁ ୧ କିଲୋ ପର୍ଯ୍ୟନ୍ତ ବାହାରୁଥିବା ମହିଳାମାନେ ପ୍ରକାଶ କରିଛନ୍ତି। ବଜାର ଦର ଅନୁଯାୟୀ, ପ୍ରତି କିଲୋ ଛତୁକୁ ୧୮୦ରୁ ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି। ସରକାରୀ ସହାୟତା ମିଳିଲେ ଅଧିକ କିଛି ରୋଜଗାର କରିବାରେ ସକ୍ଷମ ହୋଇପାରନ୍ତେ ବୋଲି ମହିଳା ଆଶାବ୍ୟକ୍ତ କରିଛନ୍ତି। ଏବେ ସେମାନେ କିଛିକାଂଶରେ ପରିବାରର ଆର୍ଥିକ ସହାୟତାରେ ସହଯୋଗ କରୁଥିବା ଦେଖିବାକୁ ମିଳିଛି।

## ମହିଶରା ହିଙ୍ଗୁଳା ଯାତ୍ରା ଉଦ୍‌ଯାପିତ

ଚଢେଇଧରା,୬।୪(ଡି.ଏନ.ଏ.) :

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମହିସରା ଗ୍ରାମରେ ୫୫ ତମ ହିଙ୍ଗୁଳା ଯାତ୍ରା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଶୁଭାଦିବସ, କଳସ ଯାତ୍ରା, ଭଜନ କୀର୍ତ୍ତନ, ଗୋ ଓ ସୂର୍ଯ୍ୟପୂଜା ଆଦି ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ବିଧି ରକ୍ଷା ନିମିତ୍ତ ମା'ଙ୍କ ରୀତିକାନ୍ତ ହୋଇଥିଲା। ପ୍ରତ୍ୟେକ ଦିନ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ଅପେରା ପାର୍ଟିର ମଜା ମଧ ଶ୍ରଦ୍ଧାଳୁମାନେ ଉଠାଇଥିଲେ। ପଣ୍ଡିତ ଦାମୋଦର ରଥ, ହରିହର ମିଶ୍ର, ନିରୁଆ ରଥ ଓ ସାଥିମାନେ ପୂଜାର୍ଚ୍ଚନା କରିଥିଲେ। ୫ ଦିନ ବ୍ୟାପୀ ଅଞ୍ଚଳରେ ଆମିଷ ଭୋଜନ ଏବଂ ରାତିରେ ପାକ ନିଷେଧ ହୋଇଥିଲା। ଜେନାପୁର ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୃତୟନ କରାଯାଇଥିଲା।

## କଳଣ ବଜାରରେ ଖୋଲିଲା ଜଳଛତ୍ର



ଅତିଥି ଜଳଛତ୍ରକୁ ଉଦ୍‌ଘାଟନ କରୁଛନ୍ତି।

ରସୁଲପୁର,୬।୪(ଡି.ଏନ.ଏ.):

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ଏକତା ମଞ୍ଚ ପକ୍ଷରୁ ରସୁଲପୁର ବ୍ଲକ ଅନ୍ତର୍ଗତ କଳଣ ବଜାରରେ ଜଳଛତ୍ର ଖୋଲାଯାଇଛି। ଅନୁଷ୍ଠାନର ସହଯୋଗୀ ତଥା ପ୍ରମୁଖ ନିର୍ଦ୍ଦେଶିକା ଲଳିତା ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଗ୍ରୀଷ୍ମ ପ୍ରବାହ ଜାରି ପର୍ଯ୍ୟନ୍ତ ଜଳଛତ୍ର ଖୋଲା ରହିବ। ଅନୁଷ୍ଠାନର ସ୍ୱେଚ୍ଛାସେବୀ ଆଗନ୍ତୁକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାରେ ସହାୟତା ପ୍ରଦାନ କରିବେ ବୋଲି ମୁଖ୍ୟଅତିଥି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କମଳାକାନ୍ତ ସାହୁ, କହ୍ନେଇ ସାହୁ, ବୃଷଭାନୁ ସାହୁ, ଶ୍ରୀନାଥ ସାହୁ, ଜଗବନ୍ଧୁ ସାହୁ, ଭବାଶିଷ ମହାପାତ୍ର, ରବୀନ୍ଦ୍ର ପାତ୍ର, ସତ୍ୟକାମ ପାତ୍ର, ଜନ୍ମେଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା, ବିଜୟ ନାୟକ, ସୁମନ୍ତ ଶତପଥୀ, ରଞ୍ଜନ ସାହୁ, ଶ୍ରୀଧର ବାରିକ ଓ ସୋମନାଥ ବାରିକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅନୁଷ୍ଠାନ ପକ୍ଷରୁ ବ୍ଲକର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ, ରାସ୍ତା ପାର୍ଶ୍ୱ, ଧାର୍ମିକ ଅନୁଷ୍ଠାନ, ଛକ ବଜାର ଆଦି ସ୍ଥାନରେ ଜଳଛତ୍ର ଖୋଲିବାକୁ ନିଷ୍ପତ୍ତି ହୋଇଛି। ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଜଳଛତ୍ର ପରିଚାଳନା କରାଯିବ ବୋଲି ଫାଉଣ୍ଡେଶନ ସଭାପତି ଅଭିମନ୍ୟୁ ସାହୁ ପ୍ରକାଶ କରିଛନ୍ତି।

# ୪୫ ୱାର୍ଡସଭ୍ୟ ପଦ ପାଇଁ ୭୫ ପ୍ରାର୍ଥୀପତ୍ର ଦାଖଲ

ଧର୍ମଶାଳା,୬।୪(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅଞ୍ଚଳରେ ଖାଲିପଡ଼ିଥିବା ୨୯ ପଞ୍ଚାୟତର ୪୫ ୱାର୍ଡ ସଭ୍ୟ ଆସନ ପାଇଁ ମେ' ୨ରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଗୁରୁବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ସୁଦ୍ଧା ୪୫ ୱାର୍ଡ ପଇଁ ୭୫ଜଣ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୨୬ ୱାର୍ଡରେ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ୧୯ ୱାର୍ଡରେ ୧ରୁ ଅଧିକ ନାମାଙ୍କନପତ୍ର ଦାଖଲ ହୋଇଛି। ବ୍ଲକ୍ ଅଧୀନ ଅଭୟପୁର ପଞ୍ଚାୟତର ୱାର୍ଡ ନଂ.୧୨, ଅଞ୍ଜିରା ପଞ୍ଚାୟତର ୮ନଂ., ଅଣ୍ଡିଆ

**ଧର୍ମଶାଳା ବ୍ଲକ**

ପଞ୍ଚାୟତର ୧୨ନଂ., ଅରାବଳ ପଞ୍ଚାୟତର ୧୩ ଓ ୧୫, ଆରୁହାର ୧, ୪, ୧୦, ବଡ଼କାଏମାର ୨ ଓ ୧୬, ବୃନ୍ଦାଦେଇପୁରର ୩, ଚହଟାର ୧୦, ଚୋରମୁହାଁର ୬, ଚକ୍ରଧରପୁରର ୫ ଓ ୧୧, ଦେଓଦାର ୧୦ନଂ.ୱାର୍ଡସବ୍ୟ ପାଇଁ ନିର୍ବାଚନ ହେବ।

ସେହିପରି ଗଙ୍ଗାଧରପୁର ପଞ୍ଚାୟତର ୭ ଓ ୮, ହରିଦାସପୁରର ୭, ୧, ୧୪ ଓ ୧୬, ଜାରକାର ୩ ଓ ୪, କମାଗଡ଼ର ୮, କ୍ଷେତ୍ରପାଳର ୬, କୋଟପୁରର ୧୦, କୁମାରୀର ୪, ମଧୁପୁରଗଡ଼ର ୩, ମଙ୍ଗଳପୁରର ୧୦, ମର୍ଜାଦାପୁରର ୧୮, ନେଉଳପୁରର ୧୨, ପାଖରର ୬, ପରୁଣିଆର ୭, ପୁରୁଣାବଉଳମାଳର ୨, ୫, ୭, ୯, ୧୦ ଓ ୧୩, ରାଇଛନ୍ଦାର ୧୨, ସୁନ୍ଦୁରିଆର ୬, ତରଞ୍ଜିଆର ୪ ଓ ଥାନୁଆଳ ପଞ୍ଚାୟତର ୧୦ନଂ. ୱାର୍ଡ ସଭ୍ୟ ପଦବୀ ପାଇଁ ଭୋଟ୍ ଗ୍ରହଣ କରାଯିବ। ଏଥିରୁ ୪୪ ୱାର୍ଡରେ ସଂରକ୍ଷିତ କାରଣରୁ ପ୍ରତିଦ୍ୱନ୍ଦ୍ୱୀ ନ ମିଳିବାରୁ ଏହି ଆସନଗୁଡ଼ିକ ଖାଲିପଡ଼ିଥିଲା। ୱାର୍ଡଗୁଡ଼ିକୁ ଅସଂରକ୍ଷିତ କରାଯାଇ ନିର୍ବାଚନ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅନ୍ୟପଟେ ବଡ଼କାଏମା ପଞ୍ଚାୟତର ୧୬ ନଂ.ୱାର୍ଡ ସଭ୍ୟଙ୍କ ମୃତ୍ୟୁ ଯୋଗୁ ଖାଲିପଡ଼ିଥିବା ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଆସନ୍ତା ୧୦ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୨ ତାରିଖ ଅପରାହ୍ନ ୩ଟାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ପରେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ମେ'୨ ତାରିଖ ସକାଳ ୭ରୁ ଦିନ ଗୋଟାଏ ମଧ୍ୟରେ ଭୋଟ ଗ୍ରହଣ କରାଯିବ। ମେ'୪ ତାରିଖ ସକାଳ ୮ଟାରେ ବ୍ଲକ କର୍ଯ୍ୟାଳୟରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ ବିଡିଓ ଦେବେନ୍ଦ୍ର କୁମାର ବଳ ସୂଚନା ଦେଇଛନ୍ତି।

# ମୂଲ୍ୟବାନ୍ ଗଛ କାଟିନେଲେ

**ଜଙ୍ଗଲ ବିଭାଗ, ରସୁଲପୁର ତହସିଲ ଓ କୁଆଖିଆ ଥାନାରେ ଅଭିଯୋଗ**

ରସୁଲପୁର,୬।୪(ଡି.ଏନ.ଏ.):

ରସୁଲପୁର ତହସିଲ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ସଡ଼ମ୍ବା ଗ୍ରାମ ଦେଇ ଯାଇଥିବା ପୁରୁଣା ଜାତୀୟ ରାଜପଥ ପାର୍ଶ୍ୱରୁ ଗ୍ରାମର ୨ ବ୍ୟକ୍ତି ରାତି ଅଧିଆ ମୂଲ୍ୟବାନ ଜଙ୍ଗଲି ଗଛଗୁଡ଼ିକୁ କାଟି ନେଇଛନ୍ତି। ଏନେଇ ଗ୍ରାମର ବୀରବର ପଲେଇ ଚଣ୍ଡିଖୋଲ ଜଙ୍ଗଲ ବିଭାଗ, ରସୁଲପୁର ତହସିଲଦାର ଓ କୁଆଖିଆ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ଜାଣି ଗଛକଟାରେ ସମ୍ପୃକ୍ତ ବ୍ୟକ୍ତି ବୀରବରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଉଛନ୍ତି ବୋଲି ଅଭିଯୋଗ ହୋଇଛି। କଟା ଯାଇଥିବା ଗଛଗୁଡ଼ିକ ବୀରବରଙ୍କ ନିଜସ୍ୱ ଜମିରେ ରହିଥିଲା ବୋଲି ସେ ଦାବି କରିଛନ୍ତି। ବୁଧବାର ରାତିରେ ଗଛ କଟାଯାଇଥିଲା। ଗୁରୁବାର ସକାଳେ ଗଛ ଗରିଣ୍ଡାଗୁଡ଼ିକୁ ଗଛକଟାଳି ଖଣ୍ଡଖଣ୍ଡ କରୁଥିବା ସମୟରେ ବୀରବର ପହଞ୍ଚି ବିରୋଧ କରିଥିଲେ। ଗଛ କଟାଳି ଜଗନ୍ନାଥ ସଡ଼କ ପାର୍ଶ୍ୱରେ ଥିବା ଗଛ କାଟିଛନ୍ତି ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଅଭିଯୋଗ କଲେ ସେମାନେ ବୀରବରଙ୍କୁ ଗଛ କାଟିବା ଭଳି କାଟି ଖଣ୍ଡ ଖଣ୍ଡ କରି ଦେବେ ବୋଲି ଧମକ ଦେଇଥିଲେ। ଅନ୍ୟପକ୍ଷରେ ଅଭିଯୋଗ ପରେ ବାରବାଟୀ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଘଟଣାସ୍ଥଳରେ ପଡ଼ିଥିବା କଟା ଗଛର ଅଂଶବିଶେଷକୁ ଓ କଟା ଯାଇଥିବା ଗଛର ମୂଳ ଗୁଡିକର ସ୍ଥାନକୁ ବୁଲି ଦେଖିଥିଲେ। ପରିବେଶ ପ୍ରଦୂଷଣ ଏକ ବଡ଼ ଚାଲେଞ୍ଜ ହୋଇପଡି ଥିବାବେଳେ ବ୍ୟାପକ ଚାରାରୋପଣ ପାଇଁ ଜନସଚେତନତା ସୃଷ୍ଟି କରାଯାଉଛି। ଅପରପକ୍ଷରେ କାଠ ବ୍ୟବସାୟୀ, ଚୋରାଚାଲାଣକାରୀ ଓ କାଠ ମାଫିଆଙ୍କ ଦ୍ୱାରା ବ୍ୟାପକ ଗଛ କଟା ଯାଉଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଗଛ କାଟିବା ଉପରେ ରୋକ ଲଗାଯିବା ଉପରେ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।



ପୁରୁଣା ଜଗନ୍ନାଥ ସଡ଼କ ଜମିରୁ ବେଆଇନ ଭାବେ କଟାଯାଇଥିବା ଗଛ।

# ବରୀ ଠେଙ୍ଗଡ଼କୁ ୨ୟ ଶ୍ରେଣୀ ଷ୍ଟେଶନ ମାନ୍ୟତା ଦାବି

ଛତିଆ. ୬।୪(ଡି.ଏନ.ଏ )

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବରୀ ଠେଙ୍ଗଡ଼ଠାରେ ୪୯ ପୂର୍ବେ ଅଞ୍ଚଳବାସୀଙ୍କ ସୁବିଧା ନିମନ୍ତେ ଗଢ଼ି ଉଠିଥିଲା ବରୀ ଠେଙ୍ଗଡ଼ ପାସେଞ୍ଜର ହଲ୍ଟ। ଆଖପାଖ କୋଡ଼ିଏରୁ ଉର୍ଦ୍ଧ୍ୱ ପଞ୍ଚାୟତର ଜନସାଧାରଣ ଦୈନିକ ବିଭିନ୍ନ ସ୍ଥାନକୁ ଏହିଠାରୁ ଯାତାୟାତ କରନ୍ତି। ୨୦୧୫-୧୬ରେ ଏହାକୁ ପାସେଞ୍ଜର ହଲ୍ଟରୁ ତୃତୀୟ ଶ୍ରେଣୀ ଷ୍ଟେଶନ ମାନ୍ୟତା ଦିଆଯାଇଥିଲା।

ଗତ ନଭେମ୍ବରରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବଙ୍କୁ ଭେଟି ଏହାକୁ ୨ୟ ଶ୍ରେଣୀ ଷ୍ଟେଶନ ମାନ୍ୟତା ଦେବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ରେଳ ମନ୍ତ୍ରୀ ମଧ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାକୁ ଏବେ ତୃତୀୟ ଶ୍ରେଣୀରୁ ପୁଣି ପାସେଞ୍ଜର ହଲ୍ଟ କରିବା ପାଇଁ ମସୁଧା କରି ଷ୍ଟେଶନର ଉନ୍ନତିମୂଳକ କାର୍ଯ୍ୟ ସ୍ଥଗିତ କରାଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଏହି ଷ୍ଟେଶନକୁ ତୃତୀୟରୁ ୨ୟ ଶ୍ରେଣୀ ମାନ୍ୟତା ଦେବା ପାଇଁ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ରେଲୱେ କର୍ତ୍ତୃପକ୍ଷଙ୍କୁ ଗୁରୁବାର ଦାବିପତ୍ର ପ୍ରଦାନ କରାଯାଇଛି। ଗୁରୁବାର ସକାଳୁ ଶହଶହ ସଂଖ୍ୟାରେ ଜନସାଧାରଣ ଷ୍ଟେଶନ ନିକଟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପୂରଣ ନ ହେଲେ ଆଗାମୀ ଦିନରେ ରେଳରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି। କ୍ରିୟାନୁଷ୍ଠାନ କମିଟି ସଭାପତି ପ୍ରଦ୍ୟୁତ୍ତ ପ୍ରତାପ, ସମ୍ପାଦକ ଉମେଶ ରାଉତ, ସ୍ଥାନୀୟ ସରପଞ୍ଚ ସମୀର ରାଉତ, ପୂର୍ବତନ ସରପଞ୍ଚ ଦୀପକ ପ୍ରତାପଙ୍କ ସମେତ ଆଖପାଖ ଗ୍ରାମର ଶତାଧିକ ଜନସାଧାରଣ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



ଲୋକେ ଷ୍ଟେଶନ ମାଷ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଛନ୍ତି।

## ଯୁବମୋର୍ଚ୍ଚା ପକ୍ଷରୁ ଭାଜପାର ପ୍ରତିଷ୍ଠା

ରାଜକନିକା, (ଡି.ଏନ.ଏ.): ରାଜକନିକା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ହସ୍ପିଟାଲ ଛକସ୍ଥିତ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବ୍ଲକ ଯୁବମୋର୍ଚ୍ଚା ସଭାପତିର ଶ୍ରେୟସ ଦାସଙ୍କ ପୌରୋହିତ୍ୟରେ ୨୮ନଂ. ଜୋନ ସଭାପତି ରାଜେନ୍ଦ୍ର ବେହେରା, ଦଳୀୟ ପତାକା ଉତ୍ତୋଳନ କରିଥିବା ବେଳେ, ବରିଷ୍ଠ ନେତା ପ୍ରାଧାପକ ବୈକୁଣ୍ଠନାଥ ପରିଡ଼ା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ୨୭ ନଂ. ଜୋନ ସଭାନେତ୍ରୀ ଅନୁରାଧା ସାମଲ, ସଭ୍ୟ ବେଣୁଧର ପରିଡ଼ା, ସ୍ମୃତିଭୂଷଣ ବିଶ୍ୱାଳ, ପ୍ରକାଶ ନାୟକ, ପ୍ରୀତିରଞ୍ଜନ ନାୟକ, ସଚ୍ଚିନ୍ ଦାସଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ରହି ଭାଜପାର ଆଭିମୁଖ୍ୟ ଉପରେ ଆଲୋକପାତ କରି କରିଥିଲେ। ପ୍ରତିପ୍ରଜ୍ଞା ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆକସ୍ମିକ ମୃତ୍ୟୁ

ପାଟକୁରା, ୬।୪(ଡି.ଏନ.ଏ.)

ଗରଦପୁର ବ୍ଲକ କୁଦାନଗରୀ ଥାନା ଅନ୍ତର୍ଗତ ବଙ୍ଗାଳପୁର ପଞ୍ଚାୟତର ବନ୍ଧସାହି ଗାଁର ରଶ୍ମି ରଞ୍ଜନ ସାମଲ(୪୪) ଗୁରୁବାର ଆକସ୍ମିକ ମୃତ୍ୟୁ ହୋଇଛି। ସେ ଖରାବେଳେ ଖଳାରେ ମୁଗ ଅମଳ କରୁଥିବା ବେଳେ ହଠାତ ଅସୁସ୍ଥ ହେବା ସହ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କର ଅଂଶୁଘାତ ନାଁ ସାଧାରଣ ମୃତ୍ୟୁ ତାହା ସ୍ପଷ୍ଟ ହେବ ବୋଲି ଡାକ୍ତର କହିଛନ୍ତି। ମୃତ ରଶ୍ମିଙ୍କ ପତ୍ନୀ ଝୁନଲତା, ଝିଅ ଅର୍ପିତା (୧୪) ଓ ପୁତ୍ର ସାଇ ସତ୍ୟମ୍ (୮) ଅଛନ୍ତି। ତାଙ୍କ ମୃତ୍ୟୁ ଖବରପାଇ ପଞ୍ଚାୟତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ସରପଞ୍ଚ ଅମିୟ କୁମାର ଜେନା, ସମିତିସଭ୍ୟା ମହେଶ୍ୱତା ସାମଲ, ମଥୁରାନନ୍ଦ ସ୍ୱାଇଁ, ତରୁଣ ସାମଲ, ବିଶ୍ୱ ରଞ୍ଜନ ସ୍ୱାଇଁ, ଶିବାଶିଷ ସାମଲ, ସରୋଜକାନ୍ତ ସାମଲଙ୍କ ସମେତ ଚଅଁପୁର ହାଟର ବ୍ୟବସାୟୀ ସଂଘର କର୍ମକର୍ତ୍ତାମାନେ ଶୋକ ପ୍ରକାଶ କରିଛନ୍ତି।

### ମହିଳା, ଶିଶୁ, ଭିନ୍ନକ୍ଷମଙ୍କ ସୁରକ୍ଷାକୁ ପ୍ରାଥମିକତା



ମାର୍ଶାଘାଇ,୬।୪(ଡି.ଏନ୍.ଏ.): ମାର୍ଶାଘାଇ ବ୍ଲକ ପରକୁଳା ଗାଁର ବାତ୍ୟା ଆଶ୍ରୟସ୍ଥଳରେ ୫ଦିନ ଧରି ଚାଲିଥିବା ଆଶ୍ରୟସ୍ଥଳସ୍ତରୀୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ଫୁଲ୍ଲଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମାର୍ଶାଘାଇ ତହସିଲଦାର ଭାନୁମତୀ ମାଝି, ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଅତିରିକ୍ତ ତହସିଲଦାର ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ, ସରପଞ୍ଚ ଦୀପ୍ତିରଞ୍ଜନ ମହାପାତ୍ର, ଭୁବନେଶ୍ୱର ଓସ୍‌ଡମାର ସିଭିଲ ଡିଫେନ୍ସରୁ ଆସିଥିବା ଗୌରହରି ନନ୍ଦ, ଓସ୍‌ଡମା ଡିପିଓ ସନ୍ତୋଷ ବେହୁରା ଓ ଟ୍ରେନର ବଶିଷ୍ଠ ପରିଡ଼ା ଯୋଗ ଦେଇଥିଲେ। ସେମାନେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମହିଳା, ଶିଶୁ ଓ ଭିନ୍ନକ୍ଷମମାନଙ୍କୁ ପ୍ରାଥମିକତା ଭିତ୍ତିରେ କିପରି ସାହାଯ୍ୟ କରିବେ, ବିପର୍ଯ୍ୟୟ ସତର୍କ ସୂଚନା ଆସିବା ପରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯିବ, ସେମାନଙ୍କର କିପରି ପ୍ରାଥମିକ ଚିକିତ୍ସା କରାଯାଇପାରିବ ତଥା ବିପର୍ଯ୍ୟୟ ପରେ ଭାଙ୍ଗି ପଡ଼ିଥିବା ଗଛଡାଳକୁ ସଫା କରିବା ପାଇଁ ଥିବା ଯନ୍ତ୍ରପାତିର ପରିଚାଳନା ଉପରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ସହ ମୂଲ୍ୟବାନ୍ ପରାମର୍ଶ ଦିଆଯାଇଥିଲା। ପରେ ୭୩ ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସର୍ବେଶ୍ୱର ଦାସ, ପ୍ରଦୀପ ପଣ୍ଡା, ରଞ୍ଜିତ ମହାପାତ୍ର, ରମେଶ ଦାସ, ସୁଧାକର ବେହେରା, ଗୌରାଙ୍ଗ ପଣ୍ଡା, ମାଧବ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଘରୋଇ ବିଦ୍ୟାଳୟ ଆରଟିଇ ନିୟମ ମାନୁନାହାନ୍ତି

### ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଚଢ଼ାଦରରେ ବହି ବିକ୍ରି ଅଭିଯୋଗ

ରାଜନଗର,୬।୪(ଡି.ଏନ.ଏ.)

ଶିକ୍ଷା ଅଧିକାର ଆଇନ (ଆରଟିଇ)କୁ ଶିକ୍ଷାକୁ ବ୍ୟବସାୟରେ ପରିଣତ କରିଥିବା କେତେଗୋଟି ଘରୋଇ ବିଦ୍ୟାଳୟ ମାନୁନାହାଁନ୍ତି। ଘରୋଇ ବିଦ୍ୟାଳୟଗୁଡିକରେ ଆର୍ଥିକ ଅନଗ୍ରସର ପିଲାଙ୍କୁ ମାଗଣାରେ ପାଠ ପଢ଼ାଇବାର ନିୟମ ଥିବାବେଳେ ରାଜନଗରର କୌଣସି ଘରୋଇ ବିଦ୍ୟାଳୟ ୧୦ବର୍ଷ ଭିତରେ ଏହାକୁ ପାଳନ କରି ନ ଥିବାର ଗୁରୁତର ଅଭିଯୋଗ ହୋଇଛି। ବିଶେଷକରି ରାଜନଗରଠାରେ ଥିବା ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ଆର୍ଥିକ ଅନଗ୍ରସର ପିଲାଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ରହିଛି। କେବଳ ଆର୍ଥିକ ଅନଗ୍ରସର ପିଲା ନୁହଁନ୍ତି, ସବୁବର୍ଗର ଛାତ୍ରୀଛାତ୍ରଙ୍କୁ ଆଡମିଶନ ଫିସ୍ ବାଦ ଅନ୍ୟ ଦେୟ ଓ ବିଶେଷକରି ବହି, ଖାତା, ୟୁନିଫର୍ମକୁ ମାର୍କେଟଠାରୁ ଚଢ଼ାଦରରେ ବିକ୍ରି କରୁଛନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ନ୍ୟାଶନାଲ କାଉସିଲ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି) ଦ୍ୱାରା ଧାର୍ଯ୍ୟ ପାଠ୍ୟ ପୁସ୍ତକ ବଦଳରେ ଏହି ଘରୋଇ ବିଦ୍ୟାଳୟରେ ଅନ୍ୟ ପୁସ୍ତକ ପିଲାଙ୍କୁ ବିକ୍ରି କରାଯାଉଛି। କେଉଁ ବହି କେଉଁ ଶ୍ରେଣୀରେ ପଢ଼ାଯିବ, ତାର ତାଲିକା ଅଭିଭାବକଙ୍କୁ ଦିଆ ନ ଯାଇ ବିଦ୍ୟାଳୟରୁ ଚଢ଼ା ଦରରେ ନେବାକୁ ବାଧ୍ୟ କରାଯାଉଛି। ଏହି ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲରେ ମଣ୍ଟେଶ୍ୱରୀ ୧, ୨ ଛାତ୍ରୀଛାତ୍ରଙ୍କ ପାଇଁ କେବଳ ବହି ବାବଦକୁ ୨୫ଶହ ଟଙ୍କା ଦେବାକୁ ପଡୁଛି। ଏହାବାଦେ ଖାତା, ଡ୍ରେସ, ଟାଏ ପାଇଁ ମଧ୍ୟ ୨ହଜାରରୁ ଅଧିକ ଟଙ୍କା ଦେବାକୁ ପଡୁଛି। ଘରୋଇ ବିଦ୍ୟାଳୟରେ ପାଠପଢ଼ା ବ୍ୟତିତ କୌଣସି ବହିଖାତା କିମ୍ବା ଡ୍ରେସ୍ ବିକ୍ରି କରାଯାଇପାରିବ ନାହିଁ ବୋଲି ସରକାରୀ ନିୟମ ରହିଛି। ମାତ୍ର ଏହି ବିଦ୍ୟାଳୟର ପରିଚାଳକ ମନମାନି କରି ଜୋର ଜବରଦସ୍ତ ବିଦ୍ୟାଳୟରୁ ବହି ନେବାକୁ ଅଭିଭାବକମାନଙ୍କୁ ବାଧ୍ୟ କରୁଛନ୍ତି। ଷ୍ଟାଣ୍ଡାର୍ଡ ୫ରେ ପଢୁଥିବା ଆୟୁଶ ମିଶ୍ର ଓ ଷ୍ଟାଣ୍ଡାର୍ଡ ୨ରେ ପାଠ ପଢୁଥିବା ଆରାଧ୍ୟା ମିଶ୍ରଙ୍କ ବାପାଙ୍କ କହିବା କଥା ହେଲା ବହି ବିଦ୍ୟାଳୟରୁ ଦେଉଛନ୍ତି, ହେଲେ ରସିଦ ଦେଉନାହାଁନ୍ତି। ଆମେ ପଚାରିବାରୁ ଆମେ ଜାଣିନୁ, କ୍ଲାସ ଟିଚର ବହି ଯୋଗାଉଛନ୍ତି ବୋଲି ସଫେଇ ଦେଉଛନ୍ତି। ବଳିଗଣ୍ଡର ଓମପ୍ରିୟା ମହାନ୍ତିଙ୍କ ଅଭିଭାବକଙ୍କ କହିବା କଥା ହେଲା ଆମକୁ ବହି ପାଇଁ ୩୯୦୦ ଟଙ୍କା ପଡ଼ିବ ବୋଲି କହିଲେ। ମାତ୍ର ଆମଠାରୁ ଜୋର ଜବରଦସ୍ତ ୪୪୦୦ ଟଙ୍କା ନେଲେ। ଆମେ ପର୍ସନାଲ ବହି ଦେଉଛୁ କହି ରସିଦ୍ ଦେଉନାହାଁନ୍ତି। ରସିଦ ମାଗିଲେ ମଧ୍ୟ ଦେଉନାହାଁନ୍ତି ବୋଲି ଅଭିଯୋଗ କରୁଛନ୍ତି। କେବଳ ଏହି ୨ ଅଭିଭାବକ ନୁହଁନ୍ତି, ଏହି ବିଦ୍ୟାଳୟରେ ପଢୁଥିବା ୪ଶହରୁ ଅଧିକ ଛାତ୍ରୀଛାତ୍ର ଏଭଳି ଶୋଷଣର ଶିକାର ହେଉଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟର ସହକାରୀ ଅଧକ୍ଷ ବ୍ରଜ କିଶୋର ପ୍ରଧାନଙ୍କୁ ପଚାରିବାରୁ କ୍ଲାସ୍ ଟିଚର ଅର୍ଡର ନେଇ ବହି ଦେଉଛନ୍ତି। ମଣ୍ଟେଶ୍ୱରୀ-୧ରୁ ଦଶମ ଯାଏ ଏଠାରେ ପଢା ହେଉଛି। ଗତବର୍ଷ ଯେଉଁ ପବ୍ଲିକେଶନର ବହି ପଢ଼ା ହେଉଥିଲା, ଏ ବର୍ଷ ବହି ବଦଳିଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ଏହି ଘରୋଇ ବିଦ୍ୟାଳୟ ବହି ବିକ୍ରି ନାଁରେ ଶୋଷଣ କରୁଥିବା ନେଇ ଅଭିଭାବକମାନେ ଅଭିଯୋଗ କରୁଥିଲେ ମଧ୍ୟ ଶିକ୍ଷାବିଭାଗର ନିରବତା ସନ୍ଦେହ ସୃଷ୍ଟି କରିଛି। କେବଳ ଏହି ବିଦ୍ୟାଳୟ ନୁହେଁ, ରାଜନଗରରେ ଛତୁ ଫୁଟିବା ଭଳି ଗଢି ଉଠିଥିବା ଘରୋଇ ବିଦ୍ୟାଳୟଗୁଡିକ ବହି ଓ ଖାତା ବିକ୍ରି କରୁଥିବା ଅଭିଯୋଗ ହେଉଛି।



ରାଜନଗରଠାରେ ଥିବା ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ।

# ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ, ବିଜେଡି କର୍ମୀ ଭାଜପାରେ ମିଶିଲେ




ରାମଚଣ୍ଡୀ ପୀଠରେ ଭାଜପା ପ୍ରତିଷ୍ଠା ଦିବସରେ ଉପସ୍ଥିତ ନେତାମାନେ।

ମହାକାଳପଡ଼ା, ୬।୪(ଡି.ଏନ.ଏ.)

ମହାକାଳପଡା ବ୍ଲକ ମା' ରାମଚଣ୍ଡୀ ପୀଠରେ ଭାଜପା ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ୫୦ରୁ ଅଧିକ ବଡ଼କୂଳ, କରଞ୍ଜି ପଞ୍ଚାୟତର ବିଜେଡି ଓ କଂଗ୍ରେସ ଦଳର ମହିଳାପୁରୁଷ କର୍ମୀ ଭାଜପାରେ ସାମିଲ୍ ହୋଇଥିଲେ। ଏହି ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଯୁବ ଭାଜପା ନେତା ସୌଭାଗ୍ୟ କୁମାର ପରିଡ଼ା ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଏକ ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳର କାର୍ଯ୍ୟକର୍ତ୍ତାମାନେ ସାମିଲ ହୋଇଥିଲେ। ପ୍ରତିଷ୍ଠା ଦିବସରେ ବରିଷ୍ଠ ଯୁବ ଭାଜପା ନେତା ପରିଡ଼ାଙ୍କ ନେତୃତ୍ୱରେ ବହୁ ମହିଳାଙ୍କ ସମେତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଭାଜପା ପ୍ରତିଷ୍ଠାରେ ଅନେକ ନେତୃମଣ୍ଡଳୀମାନେ ବହୁ କଠିନ ପରିଶ୍ରମ କରି ଦଳକୁ ଗଢ଼ିଥିଲେ। ଡା. ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଦିନ ଦୟାଲ ଉପାଧ୍ୟାୟଙ୍କ ଭଳି ବରେଣ୍ୟ ନେତାମାନେ ଦଳ ଗଢ଼ିବାରେ ସକ୍ରିୟ ଭୂମିକା ନେଇଥିଲେ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ମିଳିତ ଭାବେ ସଂକଳ୍ପବଦ୍ଧ ହେବା ନେଇ ଶପଥ ନେବା ଦରକାର ବୋଲି କୁହାଯାଇଛି। ଅପରପକ୍ଷରେ ପ୍ରତିଷ୍ଠା ଦିବସରେ କେତେଜଣ ଦଳୀୟ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ଦେଖା ମିଳି ନ ଥିଲା। ଏଥିରେ କେବି ଦାଣ୍ଡୁଆ ପଞ୍ଚାୟତ ସମିତି ସଭ୍ୟ ରାମଚନ୍ଦ୍ର ରାଉତ, ବଟିଘର ପଞ୍ଚାୟତ ସମିତି ସଭ୍ୟ କୃଷ୍ଣପାଦ ମଣ୍ଡଳ, ପ୍ରତାପ ତ୍ରିପାଠୀ, କିଶୋର ସ୍ୱାଇଁ, ଲଲାଟେନ୍ଦୁ ରାଉତ, ପ୍ରଭାତ ରାଉତରାୟଙ୍କ ସମେତ କେତେକ ଯୁବନେତା ଯୋଗଦେଇଥିଲେ।

# ସଙ୍ଗଠିତ କାର୍ଯ୍ୟକ୍ରମରେ ଭାଜପା ସରକାରକୁ ଆସିବ

କେନ୍ଦ୍ରାପଡ଼ା ଅଫିସ, ୬।୪

କେନ୍ଦ୍ରାପଡ଼ା ଜିଲା ଭାଜପା ପକ୍ଷରୁ ପ୍ରତିଷ୍ଠା ଦିବସ ଗୁରୁବାର ପାଳନ କରାଯାଇଛି। ଦୁହୁରିଆସ୍ଥିତ କାର୍ଯ୍ୟାଳୟଠାରେ ଏଥିପାଇଁ ଅନୁଷ୍ଠିତ ସଭାରେ ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଗଠିତ କାର୍ଯ୍ୟକ୍ରମରେ ରାଜ୍ୟରେ ଆସନ୍ତା ସାଧାରଣ ନିର୍ବାଚନରେ ସରକାର ଗଠନ କରିପାରିବ ବୋଲି ମତ ଦେଇଥିଲେ। ବରିଷ୍ଠ ନେତା ସୁନାକର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉମାକାନ୍ତ ପଟ୍ଟନାୟକ, ଉପିନ କୁମାର ରାଉତ, କଳ୍ପନା ମଲ୍ଲିକ, ଅଭିମନ୍ୟୁ ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ କହିଥିଲେ, ଭାଜପାର ଦେଶ ପାଇଁ ଏଜେଣ୍ଡା ଓ କେନ୍ଦ୍ର ସରକାର ଗଠନରେ ବିଶ୍ୱ ପାଇଁ ସର୍ବବୃହତ୍ ରାଜନୈତିକ ଦଳ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ଏକ ଉଦାହରଣ ବ୍ୟବସ୍ଥାପକ ଭାବେ ସାରା ବିଶ୍ୱରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ସର୍ବଦା ନିଜକୁ ଦେଶର ସେବକ ଭାବେ ଉପଯୋଗ କରିଆ'ନ୍ତି। ଭାଜପାର ଆଦର୍ଶ ଓ କାର୍ଯ୍ୟ ଏବେ ଦେଶର ତୃଣମୂଳସ୍ତରରେ ପହଞ୍ଚିଛି। କେନ୍ଦ୍ରାପଡ଼ା ଜିଲାରେ ତୃଣମୂଳସ୍ତରରେ ବହୁ ସମସ୍ୟା ଅଛି। ଏହାକୁ ଲୋକଲୋଚନକୁ ଆଣି ସମାଧାନ କରିପାରିଲେ ଆସନ୍ତା ସାଧାରଣ ନିର୍ବାଚନରେ ଭାଜପା ରାଜ୍ୟରେ ସରକାର ଗଠନ କରିପାରିବ। ଏଥିପାଇଁ ତୃଣମୂଳ କାର୍ଯ୍ୟକର୍ତ୍ତାଙ୍କୁ କଠୋର ପରିଶ୍ରମ କରିବାକୁ ପଡିବ। ବୁଥ୍ ଲେଭୁଲକୁ ସଙ୍ଗଠିତ କରିବା, କେନ୍ଦ୍ରୀୟ ଯୋଜନାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଭାଜପାର ପ୍ରତ୍ୟେକ କର୍ମୀ ଓ କର୍ମକର୍ତ୍ତାଙ୍କ ଦାୟିତ୍ୱ ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବୁଥସ୍ତରୀୟ କାନ୍ଥ ଲିଖନର ଉଦ୍‌ଘାଟନ ହୋଇଥିଲା।



ଦୁହୁରିଆସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ ଭାଜପା ନେତା ଓ କର୍ମୀମାନେ।

# କଂଗ୍ରେସର ସଂକଳ୍ପ ସତ୍ୟାଗ୍ରହ

ଆଳି,୬।୪(ଡି.ଏନ୍.ଏ.)

କଂଗ୍ରେସର ପୂର୍ବତନ ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଷଡ଼ଯନ୍ତ୍ର କରି କେନ୍ଦ୍ର ସରକାର ତାଙ୍କ ଲୋକ ସଭା ସଭ୍ୟ ପଦ ରଦ୍ଦ କରିବା, ତାଙ୍କୁ ତୁରନ୍ତ ସରକାରୀ ବଙ୍ଗଳା ଛାଡ଼ିବା ଆଦି ପ୍ରତିବାଦରେ ସାରା ଭାରତ ବର୍ଷରେ କଂଗ୍ରେସ ପକ୍ଷରୁ ସଂକଳ୍ପ ସତ୍ୟାଗ୍ରହ ଆରମ୍ଭ ହୋଇଛି। ଏହି କ୍ରମରେ ବୁଧବାର କଟକ-ଚାନ୍ଦବାଲି ରାସ୍ତାର ନିଆଳ ହାଟ ଛକଠାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ସଂକଳ୍ପ ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେମାନେ କେନ୍ଦ୍ରର ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଭାରତବର୍ଷରେ ଏବେର ସରକାର ଲୋକମାନଙ୍କ ହିତରେ ନାହାନ୍ତି। ଆଚ୍ଛା ଦିନର ନାରା ଦେଇ କ୍ଷମତା ଆହରଣ କରିଥିବା ଭାଜପା ସରକାର ଲୋକମାରଣ ସରକାରରେ ପରିଣତ ହୋଇଛି। ସେମାନଙ୍କ ଦୁର୍ନୀତିକୁ ଯେଉଁମାନେ ବିରୋଧ କରୁଛନ୍ତି ସରକାର ସେମାନଙ୍କ ବିରୋଧରେ ସିବିଆଇ, ଇଡି ଲଗାଇ ହଇରାଣ କରୁଛନ୍ତି। ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ଦୁର୍ନୀତିର ପର୍ଦ୍ଦାଫାଶ କରିବାକୁ ସ୍ୱର ଉତ୍ତୋଳନ କରିବାରୁ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରି ତାଙ୍କର ସଭ୍ୟ ପଦ ରଦ୍ଦ କରିବାକୁ ଯୋଜନା କରିଛନ୍ତି। ଏଥିରେ କମ୍ୟୁନିଷ୍ଟ ନେତା କୃଷ୍ଣଚନ୍ଦ୍ର ମଲ୍ଲିକ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଦର୍ପ ସାହୁ, ସର୍ବେଶ୍ୱର ସାମଲ, ରାଜମୋହନ ସ୍ୱାଇଁ, ନକୁଳ ପରିଡ଼ା, ମାନଗୋବିନ୍ଦ ଦାସ, ସାଧୁ ସାମଲ, ପର୍ଶୁରାମ ରାଉତରାୟ, ପ୍ରଫୁଲ୍ଲ ଦାସ, ଅଜୟ ଦାସ, ଦୁର୍ଯ୍ୟୋଧନ ମହାନ୍ତି, କାଶୀନାଥ ବେହେରା ଓ ମଙ୍ଗୁଳି ବେହେରା ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇଥିଲେ।

# ହାତିନାରେ ୩୪ତମ ମହିମା ମହୋତ୍ସବ

ରାଜନଗର,୬।୪(ଡି.ଏନ.ଏ.)

ରାଜନଗର ବ୍ଲକ ହାତିନା ଗାଁରେ ୩୪ତମ ମହିମା ମହୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଗାଁ ପରିକ୍ରମା ସହ ମହିମା ସାଧୁମାନେ ବିଦାୟ ନେଇଛନ୍ତି। ଚଳିତମାସ ୩ ତାରିଖ ବ୍ରାହ୍ମମୁହୂର୍ତ୍ତରୁ ଅଖଣ୍ଡ ବ୍ରହ୍ମଧୂନୀ ସ୍ଥାପନ, ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳନ ଓ ନାମ ଭଜନ, ୪ ଓ ୫ ତାରିଖରେ ଘୃତାହୁତି, ନାମ ଭଜନ ଓ ଧର୍ମସଭା ଏବଂ ଗୁରୁବାର ବ୍ରାହ୍ମମୁହୂର୍ତ୍ତରେ ପୂର୍ଣ୍ଣାହୁତି ଦିଆଯାଇଛି। ୨ଦିନ ଧରି ବ୍ରହ୍ମ ଅବଧୂତ ବାବା ନଟବର ଦାସ, ବାବା ସୁବ୍ରତ ଦାସ, ବାବା ଦୁଷ୍ମନ୍ତ ଦାସ, ସାଧୁ କଳ୍ପତରୁ ଦାସ, ସାଧୁ ପରିକ୍ଷୀତ ଦାସ ଯୋଗଦେଇ ମହିମା ଧର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ହାତିନା ଗ୍ରାମବାସୀ ସହଯୋଗ କରିଥିଲେ।

# ଦୁର୍ଘଟଣା ରୋକିବା ନେଇ ନେତାଜୀ କ୍ଲବର ଅଭିନବ ପ୍ରୟାସ



ଦୁର୍ଘଟଣା ପ୍ରବଣ କଟକ- ଚାନ୍ଦବାଲି ରାଜ୍ୟ ରାଜପଥ।

ରାଜକନିକା, ୬।୪ (ଡି.ଏନ୍.ଏ)

ରାଜକନିକା ବ୍ଲକ କନ୍ଦାଁର ନେତାଜୀ କ୍ଲବ ଦୁର୍ଘଟଣା ରୋକିବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛି। କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ରାଜକନିକା ସଦର ମହକୁମା ଦେଇ ଭଦ୍ରକ ଜିଲାକୁ ସଂଯୋଗ କରୁଥିବା କଣ୍ଟପଡ଼ା ବଜାରର ଷ୍ଟ୍ରକଚର ଛକ, ଆରସା ଛକ ଓ ନେତାଜୀ ଛକଠାରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ଘଟୁଛି। ଏହାକୁ ରୋକିବାକୁ ରମ୍ବଲର୍ସ କରାଯିବା ଓ ରେଡିୟମ୍ ସାଇନ୍ ବୋର୍ଡ଼ ଲଗାଯିବା ନେଇ ୨୦୨୨ ଡିସେମ୍ବର ୧୭ତାରିଖରେ କନିକା ତହସିଲଦାରଙ୍କ ଜରିଆରେ କେନ୍ଦ୍ରପଡ଼ା ଜିଲାପାଳଙ୍କ ସମେତ ରାଜ୍ୟ ରାଜପଥ ସହ ଜଡ଼ିତ ବିଭିନ୍ନ ବିଭାଗର କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହେଲେ, ଏହା ମଧ୍ୟରେ ୩ ମାସ ବିତି ଯାଇଥିଲେ ମଧ୍ୟ ଏ ବାବଦରେ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ନ ମିଳିବାରୁ ପୁନର୍ବାର ବୁଧବାର ଏକ ଦାବିପତ୍ର କନିକା ତହସିଲଦାରଙ୍କୁ କ୍ଲବର ସମ୍ପାଦକ ସୁବର୍ଣ୍ଣ କେଶରୀ ଦଳାଇ, ପୂର୍ବତନ ସମ୍ପାଦକ ସୁଭ୍ରଜିତ୍ ବିଶ୍ୱାଳ ଓ ରାଜେଶ ବିଶ୍ୱାଳଙ୍କ ସମେତ ସଭ୍ୟମାନେ ପ୍ରଦାନ କରିଥିଲେ। ସେମାନେ ଦାବି କରିଛନ୍ତି, ଯଦି ଆସନ୍ତା ୩ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ଏ ବାବଦରେ କୌଣସି ତତ୍ପରତା ଦେଖିବାକୁ ନ ମିଳେ, ତେବେ ଶନିବାର ଦିନ କଟକ-ଚାନ୍ଦବାଲି ରାସ୍ତାର ତରାସ ନେତାଜୀ ଛକଠାରେ ଗଣଧାରଣା ଦିଆଯିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ନିବେଦନ କରିଛନ୍ତି କି, ଏହା ଆମ ଅଞ୍ଚଳର ସାମୁହିକ ସ୍ୱାର୍ଥ ରକ୍ଷା ତଥା ଧନ ଜୀବନ ରକ୍ଷା କରିବା ଉଦ୍ଦେଶ୍ୟରେ ପ୍ରୟାସ ଆରମ୍ଭ କରୁଛୁ। ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି ତଥା ଜନସାଧାରଣଙ୍କ ପୂର୍ଣ୍ଣ ସହଯୋଗ କାମନା କରୁଛୁ।

# ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ବିଦ୍ୟାଳୟ ଖୋଲିବ

### ଶିକ୍ଷକଙ୍କ ବଦଳିକୁ ନେଇ ୪ ଦିନ ସ୍କୁଲ ଫାଟକରେ ତାଲା ପଡ଼ିଥିଲା

ରାଜକନିକା, ୬।୪(ଡି.ଏନ୍.ଏ)

ଶିକ୍ଷକ ବଦଳି ନେଇ ଦୀର୍ଘ ୪ଦିନ ହେବ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପଡ଼ିବା ପରେ ରାଜକନିକା ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ପରେ ସୋମବାରଠାରୁ ଖୋଲିବ। ରାଜକନିକା ବ୍ଲକ ଅଧୀନ ହାଟସାହି ପଞ୍ଚାୟତର ଗୋପୀନାଥପୁର ସରକାରୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ୪ଦିନ ହେବ ଶିକ୍ଷକ ବଦଳିକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଥିଲେ। ଗୁରୁବାର ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ, ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ପ୍ରତିଶ୍ରୁତି ପରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପରିଲକ୍ଷିତ ହୋଇଛି। ସୋମବାରଠାରୁ ବଦଳି ହୋଇଥିବା ଶିକ୍ଷକ ବିଦ୍ୟାଳୟରେ ଶିକ୍ଷାଦାନ କରିବେ ଏବଂ ସେହିଦିନ ଠାରୁ ସ୍ୱାଭାବିକ ଭାବେ ବିଦ୍ୟାଳୟ ଚାଲିବ ବୋଲି ଶିକ୍ଷାଧିକାରୀ ଦଳାଇ କହିଛନ୍ତି। ଏହି ବିଦ୍ୟାଳୟରେ ୩ ଶହରୁ ଊର୍ଦ୍ଧ୍ୱ ପିଲା ପଢୁଛନ୍ତି। ଆବଶ୍ୟକ ଶିକ୍ଷକ ଅଭାବରୁ ଠିକ୍ ଢଙ୍ଗରେ ପାଠପଢା ହେଉ ନାହିଁ। ଏଠାରେ ଥିବା ଶିକ୍ଷକଙ୍କୁ ବାରମ୍ବାର ଅନ୍ୟତ୍ର ବଦଳି କରିବା ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶିକ୍ଷକଙ୍କ ବଦଳିକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟର ଫାଟକରେ ତାଲା ପକାଇ ବଦଳିକୁ ବାତିଲ ପାଇ ଦାବି କରିଥିଲେ।



ଆନ୍ଦୋଳନରତ ଛାତ୍ରୀଛାତ୍ର ଓ ଅଭିଭାବକମାନେ।

# ବୀଣାପାଣି କଳା ନିକେତନର ବାର୍ଷିକ ଉତ୍ସବ

ରାଜନଗର,୬।୪(ଡି.ଏନ.ଏ.)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଦନପୁରରେ ଥିବା ବୀଣାପାଣି କଳା ନିକେତନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଥାକାର ପ୍ରଦୀପ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୟ ଓ ଆମ ରୁଚିର ପରିବର୍ତ୍ତନ ସହ ତାଳଦେଇ ଆମ ଉତ୍କଳର ପ୍ରାଚୀନ କଳା, ସଂସ୍କୃତି ଓ ପରମ୍ପରାକୁ ପରିବର୍ଦ୍ଧନ କରିବା ନିମନ୍ତେ ସବୁସ୍ତରରୁ ଉଦ୍ୟମ ହେବା ଜରୁରୀ ବୋଲି କହିଥିଲେ। ଖବରଦାତା ଭାସ୍କର ରାଉତରାୟ, କବି ପ୍ରମୋଦ କୁମାର ସେଠୀ, ପୂର୍ଣ୍ୟତୋୟା ବି ଦ୍ୟା ମ ନ୍ଦି ର ର ପ୍ରଧାନ ଆଚାର୍ଯ୍ୟା ସୁଜାତା ନାୟକ, ସ ମି ତି ସ ଭ୍ୟ ପର୍ଶୁରାମ ବେହେରା, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କବି ସୁଶାନ୍ତ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେଶ କୁମାର ଲେଙ୍କା ବାର୍ଷିକ ବିବରଣୀ ପାଠ କରିବା ସହ ଶିକ୍ଷାନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ଦୀପକ କୁମାର ସାହୁ, ଚିତ୍ରଗୁରୁ ରମେଶ ଚନ୍ଦ୍ର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ଇପ୍‌ସିତା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ସିନ୍ଦରର ଅଧିକାର ସିରିୟଲର ଶିଶୁ କଳାକାର ପେଜ ତନ୍ମୟୀ ମଞ୍ଚରେ ଅଭିନୟ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମଦନପୁର ମହାବୀର ୟୁଥ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।




କଳା ନିକେତନର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଅବ୍ୟବସ୍ଥା ଘେରରେ ମା' ରାମଚଣ୍ଡୀ ପୀଠ

### ଝାମୁଯାତ୍ରା ପୂର୍ବରୁ ମନ୍ଦିରର ରଙ୍ଗ, ପୋଖରୀ ପଙ୍କୋଦ୍ଧାର, ଶୌଚାଳୟ ପାଇଁ ଦାବି

ମହାକାଳପଡ଼ା,୬।୪(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ଶକ୍ତିପୀଠ ଦରିଆପାରି ମା' ରାମଚଣ୍ଡୀଙ୍କ ବିଜେସ୍ଥଳୀ ମହାକାଳପଡ଼ା ବ୍ଲକ ରାମନଗରଠାରେ ଆସନ୍ତା ମହାବିଷୁବ ସଂକ୍ରାନ୍ତିରେ ଝାମୁଯାତ୍ରା ଅନୁଷ୍ଠିତ ହେବ। ରାଜ୍ୟ ଓ ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହେବ। ଦୂରଦୂରାନ୍ତରୁ ଆସୁଥିବା ବ୍ୟବସାୟୀଙ୍କ ଘରକରଣା ଜିନିଷଠୁ ଆରମ୍ଭ କରି ଭଳିକି ଭଳି ବିଭିନ୍ନ ଦୋକାନ ବଜାର ପସରା ମେଳିବ। ଦୁଃଖ ଓ ପରିତାପର ବିଷୟ, ମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଓ ପ୍ରଶାସନ ପକ୍ଷରୁ ମନ୍ଦିରର ରଙ୍ଗ, ପୋଖରୀ ପଙ୍କୋଦ୍ଧାର, ପାନୀୟ ଜଳ ଓ ଶୌଚାଳୟ ନିର୍ମାଣକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏହି ଝାମୁଯାତ୍ରାରେ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହେବ। ଏହାକୁ ଦୃଷ୍ଟିରେ ରଖି ପାନୀୟ ଜଳଯୋଗାଣ, ପରିମଳ, ବିଦ୍ୟୁତ୍, ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଟ୍ରାଫିକ୍, ଅଗ୍ନି ନିରାପତ୍ତା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ। ଚଳିତବର୍ଷ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ମନ୍ଦିର ପରିସର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ମନ୍ଦିର ବେଢ଼ା ଚାରିପାଖେ ଉଚ୍ଚ କ୍ଷମତାସମ୍ପନ୍ନ ଆଲୋକ ସଜ୍ଜା ସହ ମା'ଙ୍କ ମନ୍ଦିରରେ ରଙ୍ଗଲେପନ ହୋଇପାରିଲା ନାହିଁ। ବେଢ଼ା ପରିସରରେ ଥିବା ପୋଖରୀରେ କୁଢ଼ କୁଢ଼ ଆବର୍ଜନା, ଅପରିଷ୍କାର ଜଳ ରହିଛି। ଏହାକୁ ପରିଷ୍କାର କରିବାରେ ପରିଚାଳନା କମିଟି ବ୍ୟର୍ଥ ହୋଇଛି। ସ୍ୱଳ୍ପ ଜଳ ପଙ୍କୋଦ୍ଧାର ନ ହେବା ଯୋଗୁ ଅପରିଷ୍କାର ହୋଇ ରହିଛି। ଏହାକୁ ନିଷ୍କାସନ କରି ସ୍ୱଚ୍ଛ ଜଳ ଭରିବାର ବ୍ୟବସ୍ଥା କରାଯାଇ ନାହିଁ। ଅନ୍ୟପକ୍ଷରେ ଝାମୁଯାତ୍ରା ଅନୁଷ୍ଠିତ ପୂର୍ବରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଅସ୍ଥାୟୀ ଦୋକାନଗୁଡ଼ିକୁ ସ୍ଥାନ କିଏ ବଣ୍ଟନ କରିବ ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ମନ୍ଦିର ପରିଚାଳନା କମିଟି ୨ବର୍ଷ ପୂର୍ବରୁ ଅବଧି ସରିଯାଇଛି। ଦାୟିତ୍ୱ ଥିବା ଅସ୍ଥାୟୀ ଟ୍ରଷ୍ଟିଙ୍କ ମନ୍ଦିର ପରିଚାଳନାରେ ତ୍ରୁଟି ରହିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରତିବର୍ଷ ଝାମୁଯାତ୍ରାରେ ଲକ୍ଷାଧିକ ଟଙ୍କା ଆୟ ହେଉଥିବା ବେଳେ ତାହାର କୌଣସି ହିସାବ ନାହିଁ। ମା'ଙ୍କ ପୀଠରେ କେତେଜଣ ଦଲାଲ ରାତିଅଧିଆ ନାବାଳିକାଙ୍କ ବିବାହ କରାଉଛନ୍ତି। ଏ ନେଇ ପୋଲିସ, ପ୍ରଶାସନ ଅଗୋଚରରେ ସମ୍ପନ୍ନ ହେଉଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଅପରପକ୍ଷରେ ଏହି ପୀଠରେ କେତେଜଣ ନାବାଳିକାଙ୍କ ଆଧାର କାର୍ଡକୁ ଏଡିଟିଂ କରାଯାଇ ବୟସ ବଢ଼ାଇ ବିବାହ କରାଯାଉଛି ବୋଲି ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ବିଭିନ୍ନ ସମୟରେ ମା'ଙ୍କ ମନ୍ଦିରରେ ଅଳଙ୍କାର ଚୋରି ହୋଇଥିଲେ ମଧ୍ୟ ଏ ନେଇ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ପୀଠର ସୁରକ୍ଷା ପାଇଁ ମା'ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ସିସିଟିଭି ଫୁଟେଜ ଓ ସୁରକ୍ଷା କର୍ମୀଙ୍କୁ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି। ଅପରପକ୍ଷରେ ମା'ଙ୍କ ପୀଠରେ ୭ ଦିନ ପର୍ଯ୍ୟନ୍ତ ମେଳା ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଭିଡ଼ ପରିଲକ୍ଷିତ ହେବାକୁ ଥିବାରୁ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା କରାଯାଇ ନାହିଁ। ବେଢ଼ା ପରିସରରେ ଅସ୍ଥାୟୀ ନଳକୂପ ଖନନ, ସୁଲଭ ଶୌଚାଳୟ, ପୋଖରୀରୁ ପଙ୍କୋଦ୍ଧାର କରି ବିଶୁଦ୍ଧ ଜଳ ଭର୍ତ୍ତି କରିବା, ମନ୍ଦିର ରଙ୍ଗ ଆଦି କାର୍ଯ୍ୟ ଝାମୁଯାତ୍ରା ପୂର୍ବରୁ ସମାପନ କରିବାକୁ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ବିଡିଓ ଦେବାଶିଷ ରାଉତଙ୍କୁ ଭେଟି ମା' ରାମଚଣ୍ଡୀ ଆଞ୍ଚଳିକ ସେନାର କର୍ମକର୍ତ୍ତା କଳ୍ପତରୁ ସାମଲ, ଅଶୋକ କୁମାର ସ୍ୱାଇଁ, ସୁବାସ ସ୍ୱାଇଁ, ବିରଞ୍ଚି ନାରାୟଣ ଦାସ, ହେମନ୍ତ ସ୍ୱାଇଁ, ସମୀର ମିସ୍ତ୍ରି, ସୁବାସ ବିଶ୍ୱାସ, ପବିତ୍ର ବେହେରା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ତ୍ରିପାଠୀଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଟ୍ରଷ୍ଟି ମଥୁରି ଚରଣ ସେନାପତିଙ୍କୁ ପଚାରିବାରେ ସମସ୍ୟା ପ୍ରତି ଦୃଷ୍ଟି ଦିଆଯିବା ସହ ଝାମୁଯାତ୍ରା ପୂର୍ବରୁ ସମସ୍ତ ଅବ୍ୟବସ୍ଥାର ସମାଧାନ କରାଯିବ ବୋଲି ସେ କହିଛନ୍ତି।




ମହାକାଳପଡ଼ା ବ୍ଲକ ରାମନଗରଠାରେ ଥିବା ରାମଚଣ୍ଡୀ ମନ୍ଦିର ପ୍ରବେଶ ପଥ ଗେଟ।

## ସଂକ୍ଷେପରେ

### ମେମୁ ଟ୍ରେନ ଇଞ୍ଜିନ ଅଚଳ

ନୟାଗଡ଼ ଅଫିସ,୬।୪: ଭୁବନେଶ୍ୱର ଭାୟା ନୟାଗଡ଼ ଦେଇ ନୂଆଗାଁକୁ ଚଳାଚଳ କରୁଥିବା ସେବା ଏକ୍ସପ୍ରେସର ମେମୁ ଟ୍ରେନର ୨ଟି ଇଞ୍ଜିନ ଅଚଳ ହେବା ପରେ ଟ୍ରେନ ଚଳାଚଳ ବିଳମ୍ବ ହୋଇଛି । ଅନ୍ୟ ଏକ ସ୍ୱତନ୍ତ୍ର ଇଞ୍ଜିନ ଯୋଗେ ଟ୍ରେନ ଚାଲଚଲ କରିବା ପରେ ଯାତ୍ରୀ ହଇରାଣ ହୋଇଛନ୍ତି । ଟ୍ରେନ ୧ ଘଣ୍ଟା ବିଳମ୍ବରେ ଚାଲିଛି ।

### ପଦୋନ୍ନତି ପାଇଲେ ନୟାଗଡ଼ ଏସ୍‌ପି

ନୟାଗଡ଼ ଅଫିସ,୬।୪: ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି ଶୁକ୍ରବାର ସୁପରସ୍କେଲରୁ



ସିନିୟର ଏସ୍‌ପି ର୍ୟାଙ୍କକୁ ପଦୋନ୍ନତି ହୋଇଛନ୍ତି । ଗୃହ ବିଭାଗର ଚିଠି ନଂ. ୧୬୪୪୫ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବଙ୍କ ସ୍ୱାକ୍ଷରରେ ଗୁରୁବାର ପଦୋନ୍ନତି ବିଜ୍ଞପ୍ତି ପ୍ରକାଶ ପାଇଛି ।ତେବେ ସେ ନୟାଗଡ ଏସ୍‌ପି ଭାବେ କାର୍ଯ୍ୟ କରିବେ ।

### ଅଧାପନ୍ତରିଆ ଖଳିସାହି କଲ୍ୟାଣ ମଣ୍ଡପ

ଖଣ୍ଡପଡ଼ା,୬।୪(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହିଠାରେ ଏକ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇଥିଲା । ଖଣ୍ଡପଡ଼ା ବ୍ଲକ ପ୍ରଶାସନର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗତ ୨ ବର୍ଷ ତଳୁ ଆରମ୍ଭ ହୋଇଥିବା ଉକ୍ତ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡି ରହିଛି । ବ୍ଲକ ପ୍ରଶାସନର ଉଦାସୀନତା ଯୋଗୁଁ କଲ୍ୟାଣ ମଣ୍ଡପ ନିର୍ମାଣ କାମ ଆଗେଇ ପାରୁ ନ ଥିବା ବେଳେ ଅଦ୍ୟାବଧି ୬ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ବ୍ଲକ ପ୍ରଶାସନ ସୁତ୍ରରୁ ଜଣାପଡିଛି । ଅଧପନ୍ତରିଆ ଅବସ୍ଥାରେ ପଡି ରହିଥିବା ଏହି କଲ୍ୟାଣ ମଣ୍ଡପଟିକୁ ପୂର୍ଣ୍ଣାଙ୍ଗ କରିବା ନିମନ୍ତେ କେହି ହେଲେ ଆନ୍ତରିକତା ପ୍ରକାଶ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୪କି.ମି. ଦୂରରେ ଅବସ୍ଥିତ ଖଳିସାହି କଲ୍ୟାଣ ମଣ୍ଡପ ନିର୍ମାଣ କାମ ଅଧପନ୍ତରିଆ ଭାବେ ପଡି ରହିଥିବାରୁ ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

### ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ଜଳାଭିଷେକ



ନୟାଗଡ଼ ଅଫିସ,୬।୪: ନୟାଗଡ଼ ସହରର ସ୍ୱପ୍ନେଶ୍ୱର ମହାଦେବଙ୍କ ପୀଠରେ ବ୍ରାହ୍ମଣ ସମାଜ ପକ୍ଷରୁ ଗୁରୁବାର ଜଳାଭିଷେକ ଆରମ୍ଭ ହୋଇଛି । ଏହି ଜଳାଭିଷେକ ବୈଶାଖ ମାସ ଆରମ୍ଭରୁ ପୁରା ୧ମାସ ପର୍ଯ୍ୟନ୍ତ କରାଯାଇ ପୂର୍ଣ୍ଣିମାରେ ଶେଷ କରାଯିବ ।

# ଇଂଲିଶ୍ ନୁହେଁ, ଓଡ଼ିଆରେ ଆସିବ ବିଦ୍ୟୁତ୍ ବିଲ୍

ନୟାଗଡ଼ ଅଫିସ,୬।୪



ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଉପଭୋକ୍ତା ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

- ବିଦ୍ୟୁତ୍ କାଟ ପୂର୍ବରୁ ଡାକବାଜି ଯନ୍ତ୍ରରେ ହେବ ପ୍ରଚାର
- ନୋଟିସ୍ ପରେ ଦେୟ ନ ଦେଲେ ହେବ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ
- ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ୍ ପରେ ପରିବର୍ତ୍ତନ ଆଭାସ

ବିଦ୍ୟୁତ୍ ଗ୍ରାହକଙ୍କ ପାଇଁ ଖୁସି ଖବର । ଏଣିକି ବିଦ୍ୟୁତ୍ , ବିଲ୍ ଆଉ ଇଂଲିଶରେ ନ ଆସି ଓଡିଆରେ ଗ୍ରାହକଙ୍କ ପାଖକୁ ଆସିବ । ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବାକୁ ଥିଲେ ଲାଲ ରଙ୍ଗରେ ଲେଖା ଥାଇ ନୋଟିସ୍ ଆସିବ । ଏହି ନୋଟିସ୍ ବିଦ୍ୟୁତ୍ ବିଲ୍‌ରେ ରହିବ । ନୋଟିସ୍ ପାଇବା ପରେ ଦେୟ ନ ଦେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ । ବିନା ନୋଟିସ୍‌ରେ ଆଉ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ନାହିଁ । ସେହିପରି ଅଘୋଷିତ ବିଦ୍ୟୁତ୍ କାଟ କରାଯିବ ନାହିଁ । ବିଦ୍ୟୁତ୍ ସରଞ୍ଜାମ ମରାମତି ଅଥବା ଯେ କୌଣସି କାରଣରୁ ବିଦ୍ୟୁତ୍ କାଟ ପୂର୍ବରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯିବ । ବିଦ୍ୟୁତ୍ କାଟ୍ କେତେ ସମୟ ହେବ ସେନେଇ ଉପଭୋକ୍ତାଙ୍କୁ ଜଣାଇ ଦିଆଯିବ । ସେହିଭଳି ମାସର ନିର୍ଦ୍ଦିଷ୍ଟ ତାରିଖରେ ମିଟର ରିଡିଂ ନିଆଯିବ । ଯେଉଁମାନେ ମିଟର ରିଡିଂ ଓ ବିଦ୍ୟୁତ୍ ଦେୟ ଆଦାୟ କରିବାକୁ ବିଦ୍ୟୁତ୍ ଗ୍ରାହକଙ୍କ ଘରକୁ ଯିବେ ସମ୍ପୃକ୍ତ କର୍ମଚାରୀମାନେ ବେକରେ ଆଇ କାର୍ଡ ପକାଇ ଯିବେ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ଗୁରୁବାର ଗଣମାଧ୍ୟମ ପ୍ରତିନିଧି ସମ୍ମୁଖରେ କୁହାଯାଇଛି । ଆର୍ଥିକ ଓ ମାନସିକ ନିର୍ଯାତନାରୁ ରକ୍ଷା ପାଇଁ ଜିଲା ସଦର ମହକୁମାରେ ଗଢ଼ି ଉଠିଥିବା ବିଦ୍ୟୁତ୍ ଉପଭୋକ୍ତା ସଂଘ ଗୁରୁବାର ଟିପିଏସ୍‌ଓଡିଏଲର ନୟାଗଡ଼ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମହାପାତ୍ରଙ୍କୁ ଭେଟି ଆଲୋଚନା କରିବା ପରେ ବିଦ୍ୟୁତ୍ ବିଭାଗରେ ପରିବର୍ତ୍ତନର ଆଭାସ ମିଳିଛି । ଏହାକୁ ଖୁବ୍‌ଶୀଘ୍ର ଲାଗୁ କରାଯିବାକୁ ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ୍ ଉପଭୋକ୍ତା କମିଟି ଓ ଗଣମାଧ୍ୟମର ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

ନୟାଗଡ଼ ଜିଲାରେ ବିଦ୍ୟୁତ୍ ବିଭାଗରେ ଅବ୍ୟବସ୍ଥା ଓ ମନମାନୀ ବଢ଼ିବା ପରେ ବିଦ୍ୟୁତ୍ ଉପଭୋକ୍ତାମାନେ ଏକ କମିଟି ଗଠନ କରି ପରିବର୍ତ୍ତନ ଆଣିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି । ଜିଲାସ୍ତରରେ ଗଢ଼ି ଉଠିଥିବା ଏହି କମିଟିର ନାମ ନୟାଗଡ଼ ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ରଖା ଯାଇଛି । ଏହାର କର୍ମକର୍ତ୍ତା ମନୋନୀତ ହେବା ସହ ବାରମ୍ବାର ବୈଠକ ବସି କେଉଁ ଦାବି ବିଦ୍ୟୁତ୍ ବିଭାଗକୁ ଅବଗତ କରାଯିବ ସେନେଇ ମତାମତ ନିଆଯାଇଥିଲା । ଏହି ଅବସରରେ ବୁଧବାର ଏକ ଖବରଦାତା ସମ୍ମିଳନୀ କରାଯାଇ ବିଦ୍ୟୁତ୍ ବିଭାଗର ମନମାନୀ ବିରୋଧରେ କୁହାଯାଇଥିଲା । ଗୁରୁବାର ବିଦ୍ୟୁତ୍ ଉପଭୋକ୍ତା ସଂଘ ବିଦ୍ୟୁତ୍ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ୫ଦଫା ଦାବି ପତ୍ର ଦେବାକୁ ନିଷ୍ପତ୍ତି ନେଇଥିଲେ । ଗୁରୁବାର ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଅଘୋଷିତ ପାୱାର କାଟ, ଇଂରାଜୀ ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ମିଟର ରିଡିଂ ବ୍ୟବସ୍ଥା, ବିଦ୍ୟୁତ୍ ବିଚ୍ଛିନ୍ନ ପୂର୍ବରୁ ଆଗୁଆ ନୋଟିସ୍, ବିଦ୍ୟୁତ୍ ବିଲ୍‌କୁ ଓଡ଼ିଆରେ କରିବା, ପାୱାର କାଟ୍ ପୂର୍ବରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରିବା, ମଟିର ରିଡିଂ ଓ ଦେୟ ଆଦାୟ ସମୟରେ ବିଦ୍ୟୁତ୍ କର୍ମଚାରୀ ଆଇ କାର୍ଡ ପକାଇ ଯିବା ପରି ଦାବି ରଖି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ତେବେ ନିର୍ବାହୀଯନ୍ତ୍ରୀ ୫ ଦଫା ଦାବିରୁ ୪ ଦାବି ପୂରଣ କରିଥିବାବେଳେ ଆଉ ଏକ ଦାବି ପୂରଣ କରି ପାରିବେ ନାହିଁ କହିଥିଲେ । ନୟାଗଡ଼ ବିଦ୍ୟୁତ୍ ଉପଭୋକ୍ତା ସଂଘର ସଭାପତି ଅବଦୁଲ ଆରିଫ ଖାନ, ସମ୍ପାଦକ ବିମଳ ପଟ୍ଟନାୟକ, ଧୀରେନ୍ ପଟ୍ଟନାୟକ, ଗଣମାଧ୍ୟମର ପ୍ରତିନିଧମାନେ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏନେଇ ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ମହାପାତ୍ର କୁହନ୍ତି, ୫ ଦଫା ଦାବିରୁ ଓଡିଆରେ ବିଦ୍ୟୁତ୍ ବିଲ୍ ଆସିବା, ବିଦ୍ୟୁତ୍ କାଟ ପୂର୍ବରୁ ନୋଟିସ୍ ଦେବା, ପାୱାର କାଟ୍ ପୂର୍ବରୁ ଡାକବାଜି ଯନ୍ତ୍ରରେ ଦ୍ୱାରା ପ୍ରଚାର କରିବା, ମିଟର ରିଡିଂ ଓ ଦେୟ ଆଦାୟ ବେଳେ କର୍ମଚାରୀ ପରିଚୟ ପତ୍ର ପକାଇ ଯିବା ପରି ୪ଟି ଦାବି ପୂରଣ କରାଯାଇଛି । ତେବେ ଏମ୍‌ଫସି, କଷ୍ଟ ଚାର୍ଜ ଓ ଇଡି ଚାର୍ଜ ପରି ସମସ୍ୟା ଆମେ ସମାଧାନ କରି ପାରିବୁ ନାହିଁ । ବିଦ୍ୟୁତ୍ ଉପଭୋକ୍ତା ସଂଘର ସମ୍ପାଦକ ବିମଳ ପଟ୍ଟନାୟକ କୁହନ୍ତି, ନିର୍ବାହୀ ଯନ୍ତ୍ରୀ ୫ ଦାବିରୁ ୪ ଦାବି ପୂରଣ କରିଛନ୍ତି । ଅନ୍ୟ ଦାବି ଆମେ ସରକାର ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇ ସମାଧାନ କରାଇବାକୁ ପଦକ୍ଷେପ ନେବୁ ।

# ୫ଦିନରେ ଦୁର୍ଘଟଣା ମୃତ୍ୟୁ ଶୂନ୍ୟ




ଜଣେ ଗୁଡ୍ ସାମରିଟିଆନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ନୟାଗଡ଼ ଅଫିସ, ୬।୪

ଦୁର୍ଘଟଣା ଜନିତ ମୃତ୍ୟୁ ଚିନ୍ତାର କାରଣ ପାଲଟିବା ପରେ ସରକାର ଓଡିଶା ଦିବସରୁ ୭ ଦିନ ଅର୍ଥାତ୍ ଏପ୍ରିଲ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରୁଛନ୍ତି । ଇତିମଧ୍ୟରେ ୬ଦିନ ବିତି ଯିବାକୁ ବସିଥିବାବେଳେ ଗତ ୧ରୁ ୫ ତାରିଖ ପର୍ଯ୍ୟନ୍ତ ସଡ଼କ ଦୁର୍ଘଟଣାରେ ନୟାଗଡ଼ ଜିଲାରେ କେହି ପ୍ରାଣ ହରାଇ ନାହାନ୍ତି । ଦୁର୍ଘଟଣା ଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ ଅବସରରେ ହେଲମେଟ, ମଦ୍ୟପାନ କରି ଗାଡି ଚାଳନା, ସିଟ୍‌ବେଲ୍ଟ ଧରପଗଡ, ଓଭର ସ୍ପିଡ୍ , ଓଭରଲୋଡ୍, ନାବାଳକ ଗାଡ଼ି ଚାଳନା, ଗାଡି ଚାଳନାବେଳେ ମୋବାଇଲରେ କଥାବାର୍ତ୍ତା ଧରପଗଡକୁ କରାଯାଇଥିବା ବେଳେ ଗଣମାଧ୍ୟମର ରିପୋର୍ଟ ଭଲ କାମ କରିଛି ବୋଲି ଜିଲାପାଳଙ୍କ ସଦ୍ ଭାବନା କକ୍ଷରେ ଆୟୋଜିତ ଗୁଡ୍ ସାମରିଟିଆନ ସମ୍ବର୍ଦ୍ଧନା ଉତ୍ସବରେ ମତ ପ୍ରକାଶ ପାଇଛି ।

### ୧୬ ଗୁଡ୍ ସାମରିଟିଆନଙ୍କୁ ସମ୍ବର୍ଦ୍ଧନା

ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଉତ୍ସବ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଓ ଡାକ୍ତର ନୌସଦ ଅଲ୍ଲୀ ଖାଁ ଯୋଗ ଦେଇଥିଲେ । ଆରଟିଓ ପ୍ରଶାନ୍ତ ପରିଡ଼ା ଉପସ୍ଥିତ ଥିଲେ । ଏଥିରେ ୧୬ଜଣ ଗୁଡ୍ ସାମରିଟିଆନ ବିପିନ ନାୟକ, ବିଜୟ କୁମାର ମହଲ, ସୌମ୍ୟରଞ୍ଜନ ରଥ, ପ୍ରତାପ ଲେଙ୍କା, ଝୁନି ଖିଲାର, କରୁଣାକର ପରିଡା, ଅନ୍ତର୍ଯ୍ୟାମୀ ସାହୁ, ଲକ୍ଷ୍ମୀଧର ନାୟକ, ରଜତ କୁମାର ପ୍ରଧାନ, ବିଭୂତି ଭୂଷଣ ପଣ୍ଡା, ବିରଞ୍ଚି ନାରାୟଣ ବେହେରା, କୃଷ୍ଣଚନ୍ଦ୍ର ସେନାପତି, ସତ୍ୟବାଦୀ ସାହୁ, ଦିଲ୍ଲୀପ କୁମାର ସାହୁ, ବିକ୍ରମ କୁମାର ଦାଶ, ସୁରେଶ କୁମାର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧନାରେ ୨ ହଜାର ଟଙ୍କା, ଉପଢ଼ୌକନ ଓ ମାନପତ୍ର ଦିଆଯାଇଛି । ପୋଲିସ ଓ ଆଞ୍ଚଳକି ପରିବହନ ବିଭାଗର ମିଳିତ ସହଯୋଗରେ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ଓ ଆରଟିଓ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିଛି । ତେବେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ବୁଗୁଡା, ଟାକେରା, ଏସ.ଆର. ପେଟ୍ରୋଲପମ୍ପ ଓ ସୁବଳୟା, ନୂଆଗାଁ ଥାନାର ଲୁଣିସରା ଓ ସମ୍ପଡା, ନୟାଗଡ଼ ସଦର ଥାନାର ଶିମଳିସାହି, ଇଟାମାଟି ଥାନାର ଇଟାମାଟି ସିନେମାହଲ ଛକଠାରୁ ଖୁସି ଢ଼ାବା ପର୍ଯ୍ୟନ୍ତ ଓ ପଣ୍ଡୁସରଠାରୁ ହରେକୃଷ୍ଣପୁର ପର୍ଯ୍ୟନ୍ତ ୯ଟି ବ୍ଲାକ ସ୍ପଟ(କଳାଦାଗ କ୍ଷେତ୍ର)ରେ ଚଢ଼ାଉ ଜୋରଦାର ହୋଇଛି । ପୋଲିସ ୭ ଲକ୍ଷ ୬୨ହଜାର ୫୦୦ ଟଙ୍କା ଜରିମାନା ଅଦାୟ କରିଛି । ୨ଜଣ ନାବାଳକଙ୍କ ବାଇକ୍ ରଖାଯାଇ ଫାଇନ ୨୫ ହଜାର ଲେଖାଏଁ ୫୦ ହଜାର ଫାଇନ ଆଦାୟ ହୋଇଛି ।

## ଦଶପଲ୍ଲା ବାର୍ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ

ଦଶପଲ୍ଲା,୬।୪(ଡି.ଏନ୍.ଏ.)

ବୁଧବାର ଦଶପଲ୍ଲା ବାରର ନୂତନ କର୍ମକର୍ତ୍ତାମାନଙ୍କ ଦାୟିତ୍ୱ ଗ୍ରହଣ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଜିଲା ଜଜ ପ୍ରଜ୍ଞାପରମିତା ମହାପାତ୍ର ,ଦଶପଲ୍ଲା ଜେଏମ୍‌ଏଫ୍‌ସି ସୌମ୍ୟ ରଞ୍ଜନ ପୃଷ୍ଟି ,ତହସିଲଦାର ଶ୍ରୀକୁମାର ରଥ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟଅତିଥି କହିଲେ ଜଣେ ଓକିଲ ପ୍ରତିଦିନର ଘଟଣାକୁ ତର୍ଜମା କରିବା ଉଚିତ୍ । କେଉଁ ଘଟଣାରେ କିଭଳି ତର୍କ କରାଯାଉଛି, କ'ଣ ଜଜମେଣ୍ଟ ହେଉଛି ସେସବୁ ପଢିଲେ ନିଜର ଜ୍ଞାନ ବୃଦ୍ଧି ହେବ । କେବଳ ନିଜପାଇଁ ପଇସା ରୋଜଗାର ନ କରି ସମାଜ ପାଇଁ କିଛି କଲେ ଲୋକେ ତୁମକୁ ମନେ ରଖିବେ । ଆଇନଜୀବୀ ପ୍ରହ୍ଲାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, କୋଷାଧକ୍ଷ ଲଗ୍ନଜିତ୍ ମିଶ୍ର, ଲାଇବ୍ରେରୀ ସମ୍ପାଦକ ବ୍ରଜେନ୍ଦ୍ର କୁମାର ବେହେରା, ହାଡିବନ୍ଧୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ଆଇନଜୀବୀ ଶୈଳେନ୍ଦ୍ର ଦେଓ ସମସ୍ତଙ୍କୁ ଶପଥପାଠ କରାଇଥିଲେ । ବିରେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ବେଣୁଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ମାନବିକତା ଦେଖାଇଲା ଡ୍ରାଇଭର ମହାସଂଘ

ଭାପୁର, ୬।୪ (ଡି.ଏନ୍.ଏ.)

### ଦୁର୍ଘଟଣାରେ ୨ ଡ୍ରାଇଭର ଜଳିଯିବା ଘଟଣା

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ୨ ଡ୍ରାଇଭର ଦୁର୍ଘଟଣାରେ ଜୀବନ୍ତ ଦଗ୍ଧ ହେବା ଘଟଣା ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଏହି ପରିପ୍ରେକ୍ଷୀରେ ଡ୍ରାଇଭର ମହାସଂଘ ପକ୍ଷରୁ ଏକ ଶୋକସଭା ଆୟୋଜନ କରାଯାଇ ଉଭୟ ଡ୍ରାଇଭରଙ୍କ ଅମର ଆତ୍ମର ସଦ୍‌ଗତି କାମନା କରାଯାଇଛି । ଏଥିସହିତ ସେମାନଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ପ୍ରଦାନ କରାଯାଇଛି ।

ସୂଚନାଯୋଗ୍ୟ, ଯାଜପୁର ଜିଲା ଧର୍ମଶାଳା ଥାନା ଜାରକା ନିକଟ ଦେଉଳି ଗାଁ ସାମ୍ନା ଜାତୀୟ ରାଜପଥ ଗଲିପୋଲ ଉପରେ ମଙ୍ଗଳବାର ଭୋର ସମୟରେ ଏକ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ୨ଗାଡ଼ି ଜଳିଯାଇଥିବା ବେଳେ ଏଥିରେ ଦୁଇ ଡ୍ରାଇଭର ଜୀବନ୍ତଦଗ୍ଧ ହୋଇଥିଲେ । ମୃତକଦ୍ୱୟ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ବାଉଁଶବାଟି ପଞ୍ଚାୟତ ନଟବରପୁର ଗ୍ରାମର ଟ୍ରଲର ଚାଳକ ପୀତବାସ ଭୋଳ (୨୫) ଓ ଟ୍ରକ ଚାଳକ ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ମହୁଲବେରଣା ଗାଁର ତୋଫାନ କୁମାର ଧଳ (୪୨) ।

କଟକରୁ ପାଣିକୋଇଲି ଅଭିମୁଖେ ଯାଉଥିବା ଲୁହାରଡ଼ ବୋଝେଇ ଟ୍ରକ (ନଂ.ଓଡି୦୯କେ୦୨୩୮)ଅଚଳହେବାରୁ ରାସ୍ତା ପାର୍ଶ୍ୱରେ ଅଟକିଥିଲା । ଗାଡ଼ିର ହେଲପର ଓହ୍ଲାଇ ପଛ ଚକ ଖୋଲୁଥିଲେ । ଏହି ସମୟରେ ଦ୍ରୁତଗତିରେ ବାଲେଶ୍ୱରରୁ ଆସୁଥିବା ଲୁହାରଡ଼ ବୋଝେଇ ଟ୍ରଲର (ନଂ.ଓଆର୍୧୪ୱ।ଇ୪୬୧୭) ଭାରସାମ୍ୟ ହରାଇ ଅଚଳ ଟ୍ରକ ପଛକୁ ଧକ୍କା ଦେଇ ଜଳିଯାଇଥିଲା । ଉଭୟ ଗାଡ଼ିର ଚାଳକ ଚାପି ହୋଇ ରହିଯିବାରୁ ପଦାକୁ ଆସି ପାରି ନ ଥିଲେ । ଫଳରେ ସେମାନେ ଗାଡ଼ି ସହ ଜଳିଯାଇଥିଲେ । ଏହି ଘଟଣା ପ୍ରଚାରିତ ପରେ ଭାପୁର ଡ୍ରାଇଭର ମହାସଂଘର କେତେଜଣ ସଦସ୍ୟ ଦୁର୍ଘଟଣାସ୍ଥଳକୁ ଯାଇଥିଲେ । ପରେ ଫତେଗଡ଼ ଥାନା ଅନ୍ତର୍ଗତ ପୈତୃକ ଗାଁ ସମେତ ନିକଟସ୍ଥ ବିଜିପୁର ଛକରେ ଭାପୁର ଡ୍ରାଇଭର ମହାସଂଘର ସଭାପତି ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଶତାଧିକ ଡ୍ରାଇଭର ଉଭୟଙ୍କ ମୃତଦେହକୁ ଶୋଭାଯାତ୍ରାରେ ଆଣି ଶ୍ମଶାନରେ ପହଞ୍ଚାଇଥିଲେ । ସୂଚନା ଅନୁଯାୟୀ ମୃତ ପୀତବାସ ଭୋଳ ନଟବରପୁର ଗ୍ରାମର ଶବର ଭୋଳଙ୍କ ଏକମାତ୍ର ରୋଜଗାରକ୍ଷମ ପୁଅ ଥିଲେ । ରୋଜଗାରକ୍ଷମ ପୁଅକୁ ହରାଇ ତାଙ୍କ ପରିବାର ସର୍ବସ୍ୱାନ୍ତ ହୋଇପଡିଛନ୍ତି । ସେହିପରି ଧାନଚାଙ୍ଗେଡା ପଞ୍ଚାୟତ ମହୁରବେରଣା ଗ୍ରାମର ସ୍ୱର୍ଗତ ଆନନ୍ଦ ଧଳଙ୍କ ପୁଅ ତୋଫାନ ଧଳଙ୍କ ଘରେ ତାଙ୍କର ସ୍ତ୍ରୀ ଓ ୨ପୁଅ ଅଛନ୍ତି ।

# ଅବକ୍ଷୟମୁଖୀ ଚଇତି ଘୋଡ଼ାନାଚ

ଖଣ୍ଡପଡ଼ା,୬।୪(ସ୍ୱ.ପ୍ର.)

- ଗୁରୁବାର ଥିଲା ଚଇତି ପର୍ବର ପ୍ରଥମ ଦିନ
- ୮ଦିନ ବଦଳରେ ପାଳିତ ହେଉଛି ୩ ଦିନ
- ସରକାରୀ ପ୍ରୋତ୍ସାହନର ଅଭାବ
- ଟିଭି,ସିନେମା ଓ ଅପେରା ଯୋଗୁ ସମସ୍ୟା

ବୃତ୍ତି ସହ ପର୍ବର ସମ୍ପର୍କ ଭିତରେ ଉଜ୍ଜୀବିତ ଆମର ପରମ୍ପରା । କୈବର୍ତ୍ତ ସମ୍ପ୍ରଦାୟର ଲୋକଙ୍କ ଆରାଧ୍ୟ ହେଉଛନ୍ତି ମା'ବାସୁଳୀ । ଘୋଡ଼ାନାଚ ବାସୁଳୀ ପୂଜାର ଅଂଶ ବିଶେଷ । ଆମ କଳା ସଂସ୍କୃତିକୁ ପରିପୁଷ୍ଟ କରିବା ଦିଗରେ ଘୋଡ଼ାନାଚର ବହୁ ଅବଦାନ ରହିଛି । ଚଇତି ଆସିଲେ ଏହି ଲୋକନାଟରେ ମୁଖରିତ ହୋଇଉଠେ ଓଡ଼ିଶାର ପୁରପଲ୍ଲୀ । କଣ୍ଟିଲୋ ଅଞ୍ଚଳ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ମହାଆଡମ୍ବର ସହକାରେ ପାଳନ କରିଥାନ୍ତି ଏହି ପର୍ବ । ବାସୁଳୀ ଅର୍ଥାତ୍ ଘୋଡ଼ାକୁ ଲୋକେ ପୂଜା କରିବା ପରେ ପାରମ୍ପରିକ ଘୋଡ଼ାନାଚ ମାଧ୍ୟମରେ ଏହି ପର୍ବର ମହାତ୍ମ୍ୟ ପ୍ରଚାର କରିଥାନ୍ତି । ପ୍ରାଚୀନ କଳା ସଂସ୍କୃତିର ଏହି ଘୋଡ଼ା ନାଚ ସମୟର ପରିବର୍ତ୍ତନ ଧାରାରେ ଏବେ ଅବକ୍ଷୟମୁଖୀ ।

ଗୁରୁବାର ଚୈତ୍ର ପୂର୍ଣ୍ଣିମୀ ତିଥିରେ କଣ୍ଟିଲୋ ଫକୀର ଅତବୁଦ୍ଧି ପାଟଣା ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ଗାଁରେ ଥିବା ବରୁଣଦେବ ମନ୍ଦିରକୁ ଯାଇ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ । ସେହିପରି ସିଧାମୂଳା ତଳ କେଉଟ ସାହି ଓ କଣ୍ଟିଲୋ କଂସାରୀ ସାହି ପାଟଣା ଗ୍ରାମର କୈବର୍ତ୍ତମାନେ ଦାଣ୍ଡଦୁଆରେ ଏକ ଘୋଡ଼ା ମୁଣ୍ଡକୁ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ । ଶକ୍ତି ରୁପିଣୀ ବାସୁଳୀଙ୍କ ପୂଜା ସହ ପାଳିତ ହୋଇଥାଏ ଏହି ସମ୍ପ୍ରଦାୟର କୌଳିକ ପର୍ବ ଚଇତି । ସବୁ ଲୋକନାଟକ ପରି ଘୋଡ଼ାନାଚ ତିନୋଟି ଭାବଧାରା ସହ ସଂଯୁକ୍ତ । ବିଶ୍ୱାସ, ଆନୁଷ୍ଠାନିକ ପୂଜା ପାର୍ବଣ ଓ ମନୋରଞ୍ଜନ । ଘୋଡାନାଚ ଏକ ସାମ୍ପ୍ରଦାୟିକ ଲୋକନାଚ ଦୃଷ୍ଟିରୁ ଏହାର ଆଧ୍ୟାତ୍ମିକ ଭିତ୍ତି ସେହି ସମ୍ପ୍ରଦାୟ ମଧ୍ୟରେ ସୀମିତ । କିନ୍ତୁ ମନୋରଞ୍ଜନ ଦିଗଟି ସର୍ବ ଲୋକାଦୃତ । କାର୍ତ୍ତିକ ମାସ ପୂର୍ଣ୍ଣମୀରେ ସୋଲରେ ନିର୍ମିତ ଛୋଟ ଡ଼ଙ୍ଗାଟି ଯେମିତି ମନେ ପକାଇ ଦିଏ ସାଧବ ପୁଅ ତଥା ଗୋଟିଏ ଜାତିର ଗୌରବମୟ ଅତୀତକୁ । ସେହିପରି ଘୋଡ଼ାନାଚର ଲୌକିକତା ଅନ୍ତରାଳରେ ମୂର୍ତ୍ତିମନ୍ତ ହୋଇ ଉଠେ କୈବର୍ତ୍ତ ସମ୍ପ୍ରଦାୟର ଗୌରବମୟ ଅତୀତ ସ୍ମୃତିପଟ । ଗୋଟିଏ ମାତ୍ର ଗୀତରୁ ଏ ଜାତିର ପୌରାଣିକ ଓ ଐତିହାସିକ ପ୍ରସିଦ୍ଧ ସମ୍ପର୍କରେ ଜାଣିହୁଏ । 'ବଟ ବୃକ୍ଷ ମୂଳେ ଜନମ ହୋଇଲି ସିଂହଳ ଦ୍ୱୀପରେ ଘର, ସିଦ୍ଧ ବାସୁଳୀକୁ କାନ୍ଧରେ ବୋହିଛି, ସିପାହୀରେ କୈବର୍ତ୍ତ ନାମଟି ମୋର' । କୈବର୍ତ୍ତମାନେ ଏକାଠି ହୋଇ ବାସୁଳୀଙ୍କ ପ୍ରତୀକ ଅଶ୍ୱ ମୁଖାକୁ ସଜାଇ ଏକ ବେଦୀ ଉପରେ ରଖି ପୂଜା କରିବା ସମୟରେ ମା'ବାସୁଳୀକୁ ଭୋଗ



ମଧ୍ୟରେ ଫଳମୂଳ ସହିତ ଅଣ୍ଡା, ମାଛ ଓ କୁକୁଡ଼ାକୁ ବଳି ଦେଇଥିଲେ । ଅପରାହ୍ନ ପ୍ରାୟ ୨ଟା ସମୟରେ ଢୋଲବାଦ୍ୟ ତାଳେ ତାଳେ ବାସୁଳୀ(କାଷ୍ଠ ନିର୍ମିତ ଅଶ୍ୱ ମୁଣ୍ଡ)ଠାକୁରାଣୀଙ୍କୁ ଫୁଲମାଳରେ ସଜ୍ଜିତ କରି ବାଉଁଶରେ ନିର୍ମିତ ଘୋଡ଼ାକୁ ବେଶ କରି ଗ୍ରାମ ମଧ୍ୟରେ ପୂଜା ଓ ବନ୍ଦାଣ ପାଇଁ ବିଜେ କରା ଯାଇଥିଲା । ଏହି ପର୍ବ ଚୈତ୍ର ପୂର୍ଣ୍ଣମୀଠାରୁ ୮ ଦିନ ବ୍ୟାପୀ ଅନୁଷ୍ଠିତ ହେବାର ପରମ୍ପରା ଥିଲେ ମଧ୍ୟ ଏଠାରେ ମାତ୍ର ୩ ଦିନ ପାଳନ କରାଯାଇଥାଏ । ଗୁରୁବାର ଥିଲା ଚଇତି ପର୍ବର ପ୍ରଥମ ଦିବସ । ଏହି ଅବସରରେ ମା'ବାସୁଳୀଙ୍କୁ ଏକପାଟ ପଟୁଆରରେ ଗ୍ରାମ ପରିକ୍ରମା କରି ପ୍ରଥମେ ବାସୁଳୀ ରହୁଥିବା ମାନସ ଖଟୁଆଙ୍କ ଦୁଆରେ ପୂଜାର୍ଚ୍ଚନା କରାଯାଇ ଚାଚେରୀ ଖାଇଥିଲେ । ପରେ ବାସୁଳୀଙ୍କୁ ଗାଁ କୋଠ ଘରକୁ ବିଜେ କରାଯାଇଥିଲା । ସନ୍ଧ୍ୟାରେ ବାସେଲୀଙ୍କୁ ନୀଳମାଧବ ମନ୍ଦିର ସିଂହଦ୍ୱାରକୁ ବିଜେ କରାଯାଇ ପୂଜା କରାଯାଇଥିଲା । ସେହିପରି କଂସାରୀ ସାହି ପାଟଣା ନିଆଳୀ କୈବର୍ତ୍ତ ସମ୍ପ୍ରଦାୟର ଲୋକମାନେ ପାଟ ପଟୁଆରରେ ଠାକୁରାଣୀଙ୍କୁ ଗ୍ରାମ ପରିକ୍ରମା କରିବା ପରେ ମା'ବାସୁଳୀଙ୍କ ନିଜ କୋଠିକୁ ଆଣି ସ୍ଥାପନା କରାଯାଇଥିଲା ।

ସୂଚନାଯୋଗ୍ୟ,ଏହି ପର୍ବରେ ଅଶ୍ୱକୁ ବେଶ କରାଯାଇ ଦ୍ୱାର ଦ୍ୱାର ବୁଲି ଭୋଗ ଖାଇଥାନ୍ତି । ଘୋଡ଼ା ସବାର ହୋଇଥିବା ବ୍ୟକ୍ତିଙ୍କୁ ରାଉତ କୁହାଯାଏ । ରାଉତଙ୍କ ୨ ସହଧର୍ମିଣୀ ଘୋଡାନାଚ ଢୋଲବାଦ୍ୟ ତାଳେ ତାଳେ ବାସୁଳୀ ଠାକୁରାଣୀଙ୍କ ମହିମା ସମ୍ପର୍କରେ ରାଉତଙ୍କ ପ୍ରଶ୍ନର ଉତ୍ତର ପାରମ୍ପରିକ ଗୀତ ମାଧ୍ୟମରେ ବର୍ଣ୍ଣନା କରିଥାନ୍ତି । ପୌରାଣିକ ଯୁଗରୁ ଏହି କୈବର୍ତ୍ତ ସମ୍ପ୍ରଦାୟ ବିଭିନ୍ନ ବୃତ୍ତି ଭିତ୍ତିରେ ନିଆଳୀ କୈବର୍ତ୍ତ,ଶିଉଳୀ କୈବର୍ତ୍ତ,ଜାଲିଆ କେଉଟ, ନାଉରୀ କେଉଟ ଚୂଡ଼ାକୁଟା କେଉଟ ଆଦି ଭାବେ ଆପଣା ବୃତ୍ତିରେ ଲିପ୍ତ । ଓଡ଼ିଶାର ଲୋକନାଟ୍ୟ ପରମ୍ପରାରେ ଚଇତି ଘୋଡ଼ାନାଚ ଅନ୍ୟତମ । ଏହା ଦ୍ୱାରା ଆଧ୍ୟାତ୍ମିକତା, ଧର୍ମ, ଦର୍ଶନ, ଇତିହାସ ସର୍ବୋପରି ଗୋଟିଏ ଜାତିର ଜୀବନ ଗାଥା ପରିପ୍ରକାଶ ପାଇଥାଏ । ଘୋଡ଼ା ନାଚ ସମ୍ପର୍କରେ କଂସାରୀ ସାହି ପାଟଣା ଗ୍ରାମର କଳାକାର ଭୀମସେନ ମହାପାତ୍ର, ସନ୍ତୋଷ କୁମାର ବେହେରା, ଫକୀର ଅତବୁଦ୍ଧି ପାଟଣା ଗ୍ରାମର ସଭାପତି ପ୍ରମୋଦ କୁମାର ଦଳେଇ, ସମ୍ପାଦକ ରବିନ୍ଦ୍ର କୁମାର ବେହେରା, ପୂର୍ବତନ ସଭାପତି ଶତ୍ରୁଘ୍ନ ବେହେରା, ଦୟାନିଧି ବେହେରା, ସଭ୍ୟ ହରିହର ନାୟକ ଓ ସୁରେଶ ଚନ୍ଦ୍ର ଦଳେଇ କୁହନ୍ତି, ମନୋରଞ୍ଜନ ପାଇଁ ବିଭିନ୍ନ ଚ୍ୟାନେଲ, ସିନେମା, ଯାତ୍ରା ଦଳ ରହିଥିବାରୁ ଘୋଡାନାଚ ତା'ର ପ୍ରଭୁତ୍ୱ ବିସ୍ତାର କରିପାରୁନାହିଁ । ଏଥିପାଇଁ ସରକାରୀ ପ୍ରୋତ୍ସାହନ ବି ମିଳୁ ନାହିଁ ।

**ଉପସ୍ଥାପନା-ଅଜୟ କୁମାର ମହାରଣା**

## ଭାଜପା ପ୍ରତିଷ୍ଠା ଦିବସ ପାଳିତ

ଖଣ୍ଡପଡ଼ା,୬।୪(ସ୍ୱ.ପ୍ର.)

ଗୁରୁବାର ଖଣ୍ଡପଡା ନିକଟ ବାହାଡାସ୍ଥିତ ମା'ବାହାଡାଶୁଣୀ ମନ୍ଦିରରେ ଭାଜପା ଯୁବ ନେତା ଅଭିଳାଷ ପଣ୍ଡାଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଭଜପା କାର୍ଯ୍ୟକର୍ତ୍ତା ପ୍ରଦୀପ୍ତ ପଟ୍ଟନାୟକଙ୍କ ଉପସ୍ଥିତରେ ବନ୍ଦେ ମାତରମ ସଙ୍ଗୀତ ଗାନ କରାଯାଇ ସଭା ଆରମ୍ଭ କରାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଦସ୍ୟ ରବିନ୍ଦ୍ର କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଭାଜପା ନେତା ଭରତ କୁମାର ବିଶ୍ୱାଳ, ରବିନ୍ଦ୍ର କୁମାର ପ୍ରଧାନ, ବଂଶୀଧର ପଣ୍ଡା, ସୁରେଶ ରାଉତ, ଅନନ୍ତ ପ୍ରଧାନ, ପ୍ରଦୀପ୍ତ ମହାନ୍ତି, ଯୁବ ନେତା ପରମେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଥିବା ବେଳେ ପଣ୍ଡା ଜନସଂଘର ପ୍ରତିଷ୍ଠାର ସମସ୍ତ ରାଜନୈତିକ ସଂଘର୍ଷ ଭାରତୀୟ ଜନତା ପାର୍ଟି ଭାବେ ଏହାର ପୁନର୍ଜନ୍ମ ଏବଂ ବର୍ତ୍ତମାନ ସରକାରର ଉପଲବ୍ଧି ବିଷୟରେ ଆଲୋକପାତ କରିଥିଲେ । ପଣ୍ଡା ଏହି ଅବସରରେ ମିସ୍‌ଡ କଲ୍ ମାଧ୍ୟମରେ ସଦସ୍ୟତା ବିଷୟରେ ଆଲୋକପାତ କରିବା ପରେ ଅନେକ ଯୁବକ ଏହି ଦଳରେ ସଦସ୍ୟତା ଗ୍ରହଣ କରିଥିଲେ । ବନମାଳୀପୁର ପୂର୍ବତନ ସରପଞ୍ଚ ପ୍ରସନ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କମ୍ପ୍ୟୁଟର ଲାବ୍‌ର ୩୩ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୬।୪

ରାଜ୍ୟର ପ୍ରମୁଖ ଘରୋଇ ଆଇଟି କମ୍ପାନୀ କମ୍ପ୍ୟୁଟର ଲାବ୍‌ର ୩୩ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଇନ୍‌ଫୋସିସ୍ କ୍ୟାମ୍ପସ ପରିସରରେ ଥିବା କମ୍ପାନୀର ମୁଖ୍ୟାଳୟଠାରେ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜଗତସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରଘୁନାଥ ସାହୁ, ଓକାକ୍‌ର ଏମ୍‌ଡି ମାନସ ରଞ୍ଜନ ପଣ୍ଡା,ଡ. ପ୍ରଭାକର ପଣ୍ଡା, ଟି. ରାମଚନ୍ଦ୍ର ଏବଂ ବିପ୍ଳବ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ କମ୍ପାନୀର ସିଇଓ ସନ୍ତୋଷ କୁମାର ସାହୁ କହିଥିଲେ, ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ହେବ ରାଜ୍ୟବାସୀଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଆସୁଛୁ। ଗ୍ରାହକଙ୍କ ସେବାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହିତ ଗୁଣାତ୍ମକ ସେବା ଯୋଗାଇବା ଆମର ମୂଳ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ଓ ସେବା ଯୋଗାଇଥିବା ୩ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏପରିକି ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଶରତ କୁମାର ସାହୁଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ଦିଆଯାଇଥିବା ବେଳେ ଡ. ଦୀନ୍‌ଦୟାଲ ସ୍ୱାଇଁ ଓ ବଳରାମ ତରାଇଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ କମ୍ପାନୀ ପକ୍ଷରୁ ଦିଆଯାଇଥିଲା।

# ଭୁବନେଶ୍ୱରରେ ଫିଜିକ୍ସ ୱାଲାର ଶାଖା ଉଦ୍‌ଘାଟିତ

## ପିଡବ୍ଲ୍ୟୁର ନ୍ୟୁ ବିଦ୍ୟାପୀଠ ସେଣ୍ଟର

ଭୁବନେଶ୍ୱର,୬।୪

ଦେଶର ପ୍ରମୁଖ ଏଡ୍‌ଟେକ୍ ପ୍ଲାଟ୍‌ଫର୍ମ ଫିଜିକ୍ସ ୱାଲା (ପିଡବ୍ଲ୍ୟୁ)ର ନ୍ୟୁ ବିଦ୍ୟାପୀଠ ସେଣ୍ଟର ବୁଧବାର ଭୁବନେଶ୍ୱରସ୍ଥିତ ବୁଦ୍ଧେଶ୍ୱରୀ କଲୋନି ଖୁସି ଟାୱାରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡବ୍ଲ୍ୟୁର ଆଞ୍ଚଳିକ ମୁଖ୍ୟ ସଡାଫ୍ ଆଫ୍ରିନ ଖାନ୍, ସେଣ୍ଟର ହେଡ୍ ସୁହୁଜା ଅହମ୍ମଦ ଏବଂ ବାଣିଜ୍ୟିକ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ଛୋଟରାୟଙ୍କ ସମେତ ଭୁବନେଶ୍ୱର ସେଣ୍ଟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷ କରି ଏହି ସେଣ୍ଟର ଉଭୟ ମେଡିକାଲ ଓ ଇଞ୍ଜିନିୟରି ପାଠ୍ୟକ୍ରମର କୋଚିଂ ସାଙ୍ଗକୁ ଫାଉଣ୍ଡେଶନ କୋର୍ସ ଓ ଅନ୍ୟାନ୍ୟ କୋର୍ସରେ ମଧ୍ୟ ଆବଶ୍ୟକ ଶିକ୍ଷା ଅଭିଜ୍ଞ ଶିକ୍ଷାବିତ୍ ଓ ଦକ୍ଷ କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରାଯିବ ବୋଲି ସେଣ୍ଟର ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ପିଡବ୍ଲ୍ୟୁ ସାରା ଦେଶରେ ତା'ର ଶାଖା ସମ୍ପ୍ରସାରଣ କରିବା ସହ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଓ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ଆବଶ୍ୟକ କୌଶଳ ପ୍ରଦାନକୁ ଗୁରୁତ୍ୱାରୋପ କରାଯାଉଛି। ବର୍ତ୍ତମାନ ସମୟରେ ଦେଶରେ ୧୧ଟି ସେଣ୍ଟର ଉପଲବ୍ଧ ରହିଛି।




ଫିଜିକ୍ସ ୱାଲାର ଶାଖା ଉଦ୍‌ଘାଟନୀ ଉତ୍ସବରେ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ପିଡବ୍ଲ୍ୟୁର ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

# ସବ୍ୟସାଚୀ, ଅର୍ଚ୍ଚିତା ଜିସିଏର ବ୍ରାଣ୍ଡ୍ ଆମ୍ବାସାଡର




ଭୁବନେଶ୍ୱର,୬।୪

ରାଜ୍ୟର ପ୍ରମୁଖ ଘରୋଇ ଉତ୍ପାଦନ ସଂସ୍ଥା ଗ୍ଲୋବ୍ କୁକ୍‌ୱେର ଆଣ୍ଡ ଆପ୍ଲିଆନ୍ସ (ଜିସିଏ) ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ କମ୍ପାନୀର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଉଭୟ ସବ୍ୟସାଚୀ ଓ ଅର୍ଚ୍ଚିତା ସେମାନଙ୍କର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ଏ ସମ୍ପର୍କରେ ଜିସିଏର ନିର୍ଦ୍ଦେଶକ ପ୍ରଶାନ୍ତ ଅଗ୍ରୱାଲ କହିଥିଲେ, ଆମେ ଦୀର୍ଘ ୫୦ ବର୍ଷ ହେବ ରାଜ୍ୟରେ କାରବାର କରୁଛୁ। ବିଶେଷକରି ଗୁଣାତ୍ମକ ସାମଗ୍ରୀ ଓ ସବୁ ବର୍ଗଙ୍କୁ ସୁହାଇଲା ଭଳି ଉତ୍ପାଦ ବଜାରରେ ଉପଲବ୍ଧ କରାଇ ଗ୍ରାହକଙ୍କର ପ୍ରିୟଭାଜନ ହୋଇପାରିଛୁ। ବର୍ତ୍ତମାନ କମ୍ପାନୀ ଓଡ଼ିଶା ସମେତ ଦେଶର ପ୍ରମୁଖ ବଜାରରେ କାରବାର କରିବା ପାଇଁ ଆଗ୍ରହୀ ଅଛୁ। ଏପରିକି ବ୍ରାଣ୍ଡ୍‌ର ପ୍ରଚାରପ୍ରସାର ପାଇଁ ଲୋକପ୍ରିୟ ଓଡ଼ିଆ ଅଭିନେତା ସବ୍ୟସାଚୀ ଏବଂ ଅଭିନେତ୍ରୀ ଅର୍ଚ୍ଚିତାଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛୁ। ଉକ୍ତ ସମ୍ମିଳନୀରେ କମ୍ପାନୀର ବରିଷ୍ଠ ଅଧିକାରୀ ଅପୂର୍ବ ଅଗ୍ରୱାଲ ଓ ଅଂଶୁଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ଲୋବାଲ ଏନ୍‌ସିଏପି ପରୀକ୍ଷଣରେ ସ୍କୋଡାର ସଫଳତା

ନୂଆଦିଲ୍ଲୀ,୬।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆକୁ ନିକଟରେ ଏକ ଅନ୍ତଃରାଷ୍ଟ୍ରୀୟ ସ୍ୱୀକୃତି ଓ ସଫଳତା ପ୍ରଦାନ କରାଯାଇଛି। ଏପରିକି ଭାରତ ବଜାରରେ ବ୍ରାଣ୍ଡ୍ ନିରାପତ୍ତା ଏବଂ କ୍ରାସ୍ ଯୋଗ୍ୟ ପ୍ରବୃତ୍ତି ସ୍ଥିତିରେ ବିକାଶ ଧାରା ଜାରି ରଖିଛି। ବିଶେଷକରି ସ୍କୋଡା ସ୍ଲାଭିଆ ସେଡାନ ଗ୍ଲୋବାଲ ନ୍ୟୁ କାର୍ ଆସେସ୍‌ମେଣ୍ଟ ପ୍ରୋଗ୍ରାମ (ଗ୍ଲୋବାଲ ଏନ୍‌ସିଏପି) କ୍ରାସ୍ ଟେଷ୍ଟରେ ୫ରୁ ୫ ରେଟିଂ ହାସଲ କରିଛି। ବିଶ୍ୱସ୍ତରୀୟ ଏନ୍‌ସିଏପି ଦ୍ୱାରା ପରୀକ୍ଷିତ ହୋଇ ସ୍ଲାଭିଆ ସୁରକ୍ଷିତ କାର୍‌ରେ ପରିଣତ ହୋଇଛି। ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ୍ ନିର୍ଦ୍ଦେଶକ ପିଟର ସୋଲ୍‌କ କହିଛନ୍ତି, ବ୍ରାଣ୍ଡ୍ ରଣନୀତିର ଏକ ଅଂଶ ଭାବେ ଆମେ ଆମର ଗ୍ରାହକଙ୍କ ସୁରକ୍ଷା ଉପରେ କୌଣସି ଆପୋସ ବୁଝାମଣା କରି ନ ଥାଉ। ଏପରିକି ଆମର ଦ୍ୱିତୀୟ ଇଣ୍ଡିଆ ୨.୦ କାର୍ ସ୍ଲାଭିଆ ଗ୍ଲୋବାଲ ଏନ୍‌ସିଏପି ସୁରକ୍ଷା ପରୀକ୍ଷଣରେ ୫ ଷ୍ଟାର ରେଟିଂ ହାସଲ କରିଛି। ବିଶେଷକରି ଆମେ ଆମର ଗ୍ରାହକମାନଙ୍କୁ ଆନ୍ତରିକତାର ସହ ପ୍ରଶଂସା କରୁଛୁ, ଯେଉଁମାନେ ସ୍କୋଡାର ଉତ୍ପାଦ କିଣିବାକୁ ସ୍ଥିର କରିଛନ୍ତି ଏବଂ ଆମେ ସେମାନଙ୍କୁ ବଜାରରେ ସୁରକ୍ଷିତ କାର୍ ପ୍ରଦାନ କରିପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ।

# ଗାଡ଼ି ବିକ୍ରିରେ ଅଭିବୃଦ୍ଧି

ନୂଆଦିଲ୍ଲୀ,୬।୪

କୋଭିଡ୍ ପରିବର୍ତ୍ତୀ ସମୟରେ ଦେଶର ଗାଡି ବିକ୍ରି କ୍ରମାଗତ ଭାବେ ବୃଦ୍ଧି ଘଟିଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୨,୨୧,୫୦,୨୨୨ ୟୁନିଟ ଗାଡି ସର୍ବଭାରତୀୟସ୍ତରରେ ବିକ୍ରି ହୋଇଥିଲା। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରାୟ ୨୧% ( ୨୦.୮୬) ଅଭିବୃଦ୍ଧି ଘଟିଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୧, ୮୩ , ୨୭, ୩୨୬ ୟୁନିଟ ଗାଡ଼ି ବିକ୍ରି ହୋଇଥିଲା।

ଏପରିକି ୨୦୨୨ ଏପ୍ରିଲ ୧ରୁ ୨୦୨୩ ମାର୍ଚ୍ଚ ୩୧ ମଧ୍ୟରେ ଉକ୍ତ ସଂଖ୍ୟାର ଗାଡି ବିକ୍ରି ହୋଇଥିବା ଫେଡରେଶନ ଅଫ ଅଟୋମୋବାଇଲ୍ ଡିଲର୍ ଆସୋସିଏଶନ (ଫାଡା) ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ

## ସକାରାତ୍ମକ ମାନସିକତା ଓ ସୁସ୍ଥ ଶରୀର

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ସୁସ୍ଥ ରହିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାର ସମୟ ଆସିଛି। କାରଣ ଗତ କିଛିବର୍ଷ ଧରି କରୋନା ମହାମାରୀ ଭୟାବହତା ଆମକୁ ଅନେକ ଶିକ୍ଷା ଦେଇଛି। ତେବେ ଜଣେ ସୁସ୍ଥ ରହିବା ପଛରେ ଏକ ସରଳ କଥାର ଆବଶ୍ୟକତା ରହିଛି। ତାହା ହେଲା ସକାରାତ୍ମକ ମାନସିକତା। ଯଦି ଆମର ମାନସିକତା ଖୁସି ରହେ ତେବେ ଆମେ ନିଜ କାମକୁ ସୁଚାରୁ ରୂପେ ସମ୍ପାଦନ କରିପାରିବା। କେବଳ ସେତିକି ନୁହେଁ, ନିଜକୁ ସୁସ୍ଥ ରଖିବା ଅନ୍ତରାଳରେ ସକାରାତ୍ମକ ମାନସିକତାର ଭୂମିକା ରହିଛି ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ସର୍ଭେ ସମୟରେ ଯେଉଁମାନଙ୍କର ମାନସିକତା ସକାରାତ୍ମକ ଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତି ସୁସ୍ଥ ଥିବା ଜଣାପଡିଥିଲା। ତେବେ ଏ ନେଇ ଜଣେ ସଚେତନ ରହିବା ବଡ଼ କଥା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସୁସ୍ୱାସ୍ଥ୍ୟ ଲାଗି ଯୋଗ



ଶରୀରକୁ ସୁସ୍ଥ ରଖିବାକୁ ହେଲେ ଯୋଗକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ କିଛି ସମୟ ଯୋଗ କରନ୍ତୁ। କାରଣ ଆଜିକାଲି ନିଜକୁ ଫିଟ୍ ରଖିବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୋଗ କରିବା ଦ୍ୱାରା ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ। ଏଥିସହ ଏହା ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପ, ମଧୁମେହ, ହୃଦ୍‌ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟାରୁ ଯୋଗ କେତେକାଂଶରେ ଉପଶମ ଦେଇଥାଏ। କେବଳ ସେତିକି ନୁହେଁ, ସୁନିଦ୍ରା ପାଇଁ ଯୋଗ ବେଶ୍ ଉପଯୋଗୀ। ମାନସିକ ଚାପରୁ ଏହା କେତେକାଂଶରେ ମୁକ୍ତି ଦେଇଥାଏ। ମାନସିକ ଭାରସାମ୍ୟ ଠିକ୍ ରଖିବା ଓ ସ୍ମରଣ ଶକ୍ତି ବଢ଼ାଇବା ଦିଗରେ ମଧ୍ୟ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଯୋଗ ବିଷୟରେ ଜାଣିବା ପାଇଁ ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ କରନ୍ତୁ। ଆଉ ତାଙ୍କ ପରାମର୍ଶ ଅନୁସାରେ ଯୋଗାଭ୍ୟାସ କରନ୍ତୁ।

# ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ




ସୁସ୍ଥ ମଣିଷ ହେଉଛି ଦେଶ ଓ ସମାଜର ସମ୍ବଳ। ଜଣେ ଅସୁସ୍ଥ ରହିଲେ ସେ କାର୍ଯ୍ୟକ୍ଷମ ହୋଇ ନ ଥାନ୍ତି। ପୁଣି ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଅନ୍ୟମାନେ କାମ କରିଥାଆନ୍ତି ଏବଂ ତାଙ୍କର ଚିକିତ୍ସା ବି ଆବଶ୍ୟକ ହୋଇଥାଏ। ତେବେ ଜଣେଲୋକ ରୋଗରେ ପଡ଼ିଲେ ତାଙ୍କର ଦୁଇଗୁଣ କ୍ଷତି ହୋଇଥାଏ, ଅର୍ଥାତ୍ ସେ କାମ କରିପାରନ୍ତି ନାହିଁ ଏବଂ ତାଙ୍କ ପାଇଁ ଖର୍ଚ୍ଚ କରିବାକୁ ପଡ଼ିଥାଏ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ବିଚାର କଲେ ଆମେ ନିମ୍ନ ଚାରି ପ୍ରକାର ଅବସ୍ଥା ପାଇବା। ପ୍ରଥମତଃ ଯେଉଁମାନେ ସମ୍ପୂର୍ଣ୍ଣ ସୁସ୍ଥ, ତାଙ୍କର କୌଣସି ଚିକିତ୍ସା ଆବଶ୍ୟକତା ନ ଥାଏ। ମାତ୍ର ସେମାନେ ରୋଗ ନ ହେବା ପାଇଁ ସତର୍କ ରହିବା ଦରକାର। ଦ୍ୱିତୀୟତଃ ଯେଉଁମାନେ ସାଧାରଣ ଅଣଗୁରୁତର ରୋଗରେ ପୀଡ଼ିତ, ଯାହାର କି ଚିକିତ୍ସା ସହଜ ଓ ଆରୋଗ୍ୟ ମଧ୍ୟ ହୋଇଥାଏ। ତୃତୀୟ ପ୍ରକାରର ରୋଗ ଦୀର୍ଘକାଳିକ ଓ ପ୍ରାୟ ଜୀବନ ସାରା ଚିକିତ୍ସା ଦରକାର କରୁଥିବା ରୋଗ ସମୂହ। ଯାହାକି ଆଜିକାଲି ବହୁଳ ପରିଲକ୍ଷିତ ହେଉଛି। ତେବେ ଏହି ରୋଗ ପାଇଁ ପ୍ରଥମରୁ ଯାଞ୍ଚ କରିବା ଆବଶ୍ୟକ। ରୋଗ ନିର୍ଣ୍ଣୟ ପରେ ନିୟମିତ ଭାବରେ ଔଷଧ ଖାଇବା ଓ ପୁଣି ଯାଞ୍ଚ କରିବା ଦରକାର। ସାଧାରଣତଃ ଉଚ୍ଚ ରକ୍ତଚାପ, ମଧୁମେହ-୨, ଥାଇରଏଡ ନ୍ୟୂନତା, ମାନସିକ ଅବସାଦ, ହୃଦ୍‌ରୋଗ ଓ କେତେଗୁଡିଏ ସ୍ନାୟୁଜନିତ ରୋଗ ତଥା କେତେକ କ୍ଷେତ୍ରରେ କ୍ୟାନ୍‌ସର ଓ ରକ୍ତରୋଗ ସାରା ଜୀବନ ଚିକିତ୍ସାର ଆବଶ୍ୟକ ହୋଇଥାଏ। ଏହି ରୋଗଗୁଡିକ ପାଇଁ ସାଧାରଣତଃ ଡାକ୍ତରଖାନାରେ ଆଡ୍‌ମିଶନ ହୋଇ ସେଭଳି ଚିକିତ୍ସାର ଦରକାର ପଡି ନ ଥାଏ। ମାତ୍ର ଚତୁର୍ଥ ଓ ଶେଷ ପ୍ରକାର ରୋଗ ପାଇଁ ଡାକ୍ତରଖାନାରେ ରହି ଚିକିତ୍ସା ହେବାକୁ ପଡିଥାଏ। ଦୁର୍ଘଟଣା, ହାର୍ଟଆଟାକ୍, ଷ୍ଟ୍ରୋକ୍, ରେନାଲ ଫେଲ୍ୟୁର, ମଧୁମେହ ଜଟିଳତା, ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ, ବିଭିନ୍ନ ପ୍ରକାରର ଅସ୍ତ୍ରୋପଚାର (ଅପରେଶନ) ଦ୍ୱାରା ହେଉଥିବା ଚିକିତ୍ସା ଓ ଆହୁରି ଅନେକ ରୋଗ ପାଇଁ ହସ୍ପିଟାଲରେ ଆଡମିଶନ ଦରକାର ପଡିଥାଏ। ସେହି ଅନୁସାରେ ହସ୍ପିଟାଲଗୁଡିକରେ ଆବଶ୍ୟକ ଶଯ୍ୟା ବ୍ୟବସ୍ଥା, ଆଇସିୟୁ, ଭେଣ୍ଟିଲେଟର ତଥା ଅନେକ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବସ୍ଥା ଥାଏ। ତା' ସହ ଉଚ୍ଚ ଶିକ୍ଷା ଓ ତାମିଲପ୍ରାପ୍ତ ଡାକ୍ତର, ବିଶେଷଜ୍ଞ ଓ ସେବିକାମାନେ ଥାଆନ୍ତି।

ମଣିଷ ଅସୁସ୍ଥ ହେଲେ ସ୍ୱାସ୍ଥ୍ୟ କଥା ଚିନ୍ତା କରେ ଅର୍ଥାତ୍ 'Health is remembered when it is lost.'। ସବୁ ରୋଗର ଯେ ପ୍ରତିରୋଧ କରାଯାଇପାରିବ ତାହା ନୁହେଁ, ମାତ୍ର ସତର୍କ ରହି ପ୍ରଥମରୁ ଚିକିତ୍ସା କଲେ ସୁସ୍ଥ ଜୀବନ ଯାପନ ଲାଗି ପଥ ସହଜ ହୋଇଥାଏ।

ଏଥିପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରତିବର୍ଷ ଏପ୍ରିଲ ୭ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ'। ଚଳିତ ବର୍ଷ ଏହି ଦିବସ ଅବସରରେ ଘୋଷିତ ସ୍ଲୋଗାନଟି ହେଲା 'ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ' (Health for all)। ଏଥିନିମନ୍ତେ ସାତ ଗୋଟି ଓ ଆଉ ପାଞ୍ଚ ଗୋଟି-ଏହିପରି ୧୨ଟି ପ୍ରସଙ୍ଗରେ ଅବତାରଣା କରାଯାଇଛି।

**ଅନ୍ତିମ ଲକ୍ଷ୍ୟ-ସୁସ୍ଥ** ରହିବା ମଣିଷର ଏକ ଆବଶ୍ୟକତା ଓ ଅଧିକାର। ଏଥିପାଇଁ ପ୍ରାୟତଃ ଯତ୍ନ ଜାରି ରହିବା ଆବଶ୍ୟକ। ପ୍ରକୃତରେ ଅନେକ ମାରାତ୍ମକ ରୋଗର ବିଲୋପ, ଶିଶୁ ମୃତ୍ୟୁ ଓ ମାତୃ ମୃତ୍ୟୁ ହାରରେ କ୍ରମଶଃ ହ୍ରାସ ଏବଂ ମଣିଷର ବଞ୍ଚି ରହିବାର ଆୟୁ ବୃଦ୍ଧି ଏହା ଦର୍ଶାଉଛି ଯେ ଚିକିତ୍ସା ବିଜ୍ଞାନର ଉପଯୋଗ ଦ୍ୱାରା ଏସବୁ ହାସଲ କରାଯାଇପାରିଛି।

**ଭୟାନକ ରୋଗଗୁଡ଼ିକର ମୂଳୋତ୍ପାଟନ:** ବସନ୍ତ, ପୋଲିଓ ରୋଗ ସମ୍ପୂର୍ଣ୍ଣ ଲୋପ ପାଇଥିବା ବେଳେ ଟିଟାନସ୍, ମିଳିମିଳା, ମମ୍ପସ ଏବଂ ହାଡଫୁଟି ଇତ୍ୟାଦି ମଧ୍ୟ ଆମ ଦେଶରେ ପ୍ରାୟ ନିଶ୍ଚିହ୍ନ ହେବା ସ୍ତରରେ ପହଞ୍ଚିଲାଣି। ମ୍ୟାଲେରିଆ ଓ ଯକ୍ଷ୍ମା (ଟିବି) ମଧ୍ୟ ଅଧିକ ମାତ୍ରାରେ ହ୍ରାସ ପାଇଛି।

**ମହାମାରୀରୁ ସୁରକ୍ଷା:** ଗତ ତିନିବର୍ଷ ପାଖାପାଖି ସାରା ବିଶ୍ୱ କରୋନା ଦ୍ୱାରା ପ୍ରଭାବିତ ହୋଇଥିଲା ଏବଂ ଅନେକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ମାତ୍ର ସତର୍କତା ଓ ନିରବଚ୍ଛିନ୍ନ କାର୍ଯ୍ୟଧାରା ମୃତ୍ୟୁର ପରିମାଣ ଓ ଭୟାବହତାକୁ ବହୁ ମାତ୍ରାରେ ହ୍ରାସ କରିପାରିଛି। ଟିକା ପ୍ରଦାନ ଏ ଦିଗରେ ଆଉ ଏକ ସଫଳତା।

**ସ୍ୱାସ୍ଥ୍ୟ ପାଇଁ ଶାନ୍ତି, ଶାନ୍ତି ଲାଗି ସ୍ୱାସ୍ଥ୍ୟ:** ଯୁଦ୍ଧ ସମାଜ ପାଇଁ ଏକ ଅଭିଶାପ। ଏହାର ବିଭୀଷିକା ମାନବକୃତ ଓ ସାଧାରଣ ଜନତା ଏହାର କାରଣ ନୁହନ୍ତି। ସେମାନେ ଏହାର ପୀଡ଼ିତ। ସବୁ ସ୍ତରରେ ଯୁଦ୍ଧ ବନ୍ଦ ଏବଂ ଶାନ୍ତି ପ୍ରତିଷ୍ଠା ବାଞ୍ଛନୀୟ।

**ସ୍ୱାସ୍ଥ୍ୟ ନୀତି ଓ ମାନାଙ୍କ ନିମନ୍ତେ ଦିଗ୍‌ଦର୍ଶନ:** ଅନେକ ବିଷୟ ଯଥା- ଫର୍ମୁଲା ଶିଶୁ ଖାଦ୍ୟ, ତମାଖୁ, ରକ୍ତହୀନତାର ପ୍ରତିକାର, କ୍ଷତିକାରକ ଫ୍ୟାଟ୍, ଉଚ୍ଚ ରକ୍ତଚାପ, ମଧୁମେହ-୨, ହେପାଟାଇଟିସ୍ ଇତ୍ୟାଦି ସମ୍ବନ୍ଧରେ ଅନେକ ନିର୍ଣ୍ଣାୟକ ପଦକ୍ଷେପ ନିଆଯାଇଛି। ଆମ ସରକାରଙ୍କର ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

**ଟିକା ପ୍ରଦାନ ଦ୍ୱାରା ରୋଗ ନିୟନ୍ତ୍ରଣ:** ପ୍ରାୟ ୨୦ ପ୍ରକାରର ଜୀବନ ରକ୍ଷାକାରୀ ଟିକା ପ୍ରଚଳନ ଦ୍ୱାରା ଅନେକ ଜୀବନହାନିକାରୀ ରୋଗ କବଳରୁ ସୁରକ୍ଷା ପ୍ରଦାନ କରାଯାଇପାରୁଛି। ସେଥିମଧ୍ୟରୁ ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ୬ଟି ରୋଗ ଅନ୍ୟତମ।

**ଜଳବାୟୁ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟା:** ଏହା ମାନବ ସମାଜ ଓ ସ୍ୱାସ୍ଥ୍ୟ ଦିଗରୁ ସର୍ବବୃହତ ସମସ୍ୟା ଭାବେ ପରିଗଣିତ। ବାୟୁର ମାନ, ନିରାପଦ ପିଇବା ପାଣି, ଉପଯୁକ୍ତ ଖାଦ୍ୟ, ସ୍ୱଚ୍ଛତା ଓ ବାସଗୃହ ସହିତ ଆହୁରି ଅନେକ ବିଷୟ ଏହାର ଅନ୍ତର୍ଭୁକ୍ତ।

**ମା' ଓ ଶିଶୁଙ୍କ ଜୀବନ ରକ୍ଷା:** ଆମ ରାଜ୍ୟ ତଥା ଦେଶରେ ମାତୃ ଓ ଶିଶୁ ମୃତ୍ୟୁ ହାର ଯଥେଷ୍ଟ ହ୍ରାସ ପାଇଛି।

**ଯେଉଁମାନେ ଆମର ଯତ୍ନ ନେଉଛନ୍ତି ସେମାନଙ୍କର ଯତ୍ନ ନେବା:** ଜଟିଳ ଓ ଭୟାବହ ସଂକ୍ରାମକ ରୋଗ ସହିତ ରୋଗୀମାନଙ୍କର ଯତ୍ନ ନେଉଥିବା ଡାକ୍ତର, ସେବିକା, ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ଏ ସମ୍ପର୍କରେ ସରକାରୀ ସ୍ତରରେ ମଧ୍ୟ ଉଚିତ ପଦକ୍ଷେପ ନେବା ଜରୁରୀ। ସେମାନେ ଭଲରେ ରହିଲେ ଆମେ ଭଲରେ ରହିବା।

**ଅତି ସଂକ୍ରାମକ ରୋଗ ଏବଂ ମାନସିକ ରୋଗ ଚିହ୍ନଟ ଓ ଚିକିତ୍ସା:** ଏଥିପାଇଁ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ହୋଇଛି।

**ଆଣ୍ଟିବାୟୋଟିକ୍‌ର ଅନିୟନ୍ତ୍ରିତ ବ୍ୟବହାର:** ଏହାଯୋଗୁ ଜୀବାଣୁମାନଙ୍କର ପ୍ରତିରୋଧ ଶକ୍ତି ବୃଦ୍ଧି ଏକ ଗୁରୁତର ସମସ୍ୟା। ଏଥିପାଇଁ ସତର୍କତା ଓ ନିୟନ୍ତ୍ରଣର ଆବଶ୍ୟକତା ରହିଛି।

**ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ତଥା ନୂତନ ଚିନ୍ତାଧାରାର ଉପଯୋଗ:** ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କେବଳ ସ୍ୱାସ୍ଥ୍ୟ ବିଭାଗ, ଡାକ୍ତର, ସେବିକା ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା କରାଯାଇ ପାରିବ ନାହିଁ। ଏଥିପାଇଁ ଅନ୍ୟ କ୍ଷେତ୍ରର ସହଯୋଗ ଲୋଡ଼ା। ଖାଦ୍ୟ, ବିଶୁଦ୍ଧ ପାନୀୟଜଳ, ଗମନାଗମନ ବ୍ୟବସ୍ଥା, ବାସଗୃହ, ସ୍ୱାସ୍ଥ୍ୟକର ପରିବେଶ, ଦୁର୍ଘଟଣା (ବିଶେଷ ଭାବରେ ଯାନବାହନ) ନିୟନ୍ତ୍ରଣ, ଟିକାକରଣ, ରୋଗ ଯାଞ୍ଚ, ଉପଯୁକ୍ତମାନର ଔଷଧ, ବିଶୁଦ୍ଧ ବାୟୁ ଓ ଆହୁରି ଅନେକ ଉପାଦାନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ।

-ଡା. ରାମଚନ୍ଦ୍ର ରାଉତ
ମୋ: ୯୪୩୭୭୪୨୪୯୯






## ଚୋରି ଅଭିଯୋଗରେ ୪ ଗିରଫ

ବୈଶିଙ୍ଗା,୬।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଙ୍ଗାରଗଡ଼ିଆସ୍ଥିତ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ବିଦ୍ୟାଳୟରୁ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ବୈଶିଙ୍ଗା ପୋଲିସ। ତଦନ୍ତ ପରେ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ୮ଟି ଏଲପିଜି ସିଲିଣ୍ଡର ସମେତ ବହୁ ମୂଲ୍ୟବାନ ବ୍ୟାଟେରି, ଇନଭର୍ଟର, ଫ୍ୟାନ, କଂସା ପିତ୍ତଳ ବାସନ,ଚାଉଳ,ଖେଳ ସାମଗ୍ରୀ, ୭ଟି ବାଇକ୍ ଆଦି ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ବଡ଼ମିରିଗା ଗ୍ରାମର କମଳାକାନ୍ତ ଗୋଛାୟତ, ପଣସିଆ ଗ୍ରାମର ଅଶୋକ ସିଂ ଏବଂ ବଡ଼ସାହି ଥାନା ଅନ୍ତର୍ଗତ ଡେନ୍ତୁଲିମୁଣ୍ଡା ଗ୍ରାମର ଜୟନ୍ତ ଦେହୁରୀ ଓ ଭିମଦା ଗ୍ରାମର ଶିବଶଙ୍କର ଗିରି। ଗୁରୁବାର ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସ୍ଥାପନ ହେବ ନବକୃଷ୍ଣଙ୍କ ଭବ୍ୟ ପ୍ରତିମୂର୍ତ୍ତି

- ଅନୁଗୋଳରେ ସ୍ଥାନ ଦେଖିଲେ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ
- ଉନ୍ନତୀକରଣ ସହ ବାଜି ରାଉତ ଛାତ୍ରାବାସ ହେବ ଶିକ୍ଷଣୀୟ ସ୍ଥାନ

ଅନୁଗୋଳ ଅଫିସ, ୬।୪

ଅନୁଗୋଳ ସହରସ୍ଥିତ ଗୋପବନ୍ଧୁ ଉଦ୍ୟାନରେ ବିଶିଷ୍ଟ ଗାନ୍ଧିବାଦୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବିବାଦ ସୃଷ୍ଟି ହେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଗୁରୁବାର ଅନୁଗୋଳ ଗସ୍ତରେ ଆସିଥିଲେ। ଉକ୍ତ ଟିମ୍ ଗୋପବନ୍ଧୁ ଉଦ୍ୟାନ ଓ ବାଜି ରାଉତ ଛାତ୍ରାବାସ ପରିଦର୍ଶନ କରିବା ସହ ବିବାଦ ନେଇ ନବକୃଷ୍ଣଙ୍କ ଝିଅ ତଥା ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ଓ ଅନ୍ୟ ଗାନ୍ଧିବାଦୀଙ୍କ ସହିତ ଆଲୋଚନା କରିଥିଲେ। ବାଜି ରାଉତ ଛାତ୍ରାବାସର ବିଭିନ୍ନ ସମସ୍ୟା ଅନୁଧ୍ୟାନ କରିଥିଲେ। ସହରର ଏକ ଉପଯୁକ୍ତ ସ୍ଥାନରେ ନବକୃଷ୍ଣଙ୍କ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିସହ ବାଜି ରାଉତ ଛାତ୍ରାବାସର ଉନ୍ନତୀକରଣ କରାଯାଇ ଏହାକୁ ଏକ ଶିକ୍ଷଣୀୟ ସ୍ଥାନର ରୂପ ଦିଆଯିବ ବୋଲି ଟିମ୍‌ର ନେତୃତ୍ୱ ନେଉଥିବା ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାଶ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆସିଥିବା ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଅନୁଗୋଳରେ ପହଞ୍ଚିବା ପରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ସହରରେ ହୋଇଥିବା ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ, ବ୍ଲାକ ଡାଇମଣ୍ଡ, ଗୋପବନ୍ଧୁ ପାର୍କ ଓ ବାଜି ରାଉତ ଛାତ୍ରାବାସ ଯାଇ ସ୍ଥିତି ପରଖିଥିଲେ। କିଭଳି ଭାବେ ନବକୃଷ୍ଣ ଚୌଧୁରୀଙ୍କ ଭବ୍ୟ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ସହ ଛାତ୍ରାବାସର ପୁନରୁଦ୍ଧାର କରାଯାଇପାରିବ ସେ ବିଷୟରେ ଛାତ୍ରାବାସ ପରିଚାଳକ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତିଙ୍କ ସହ ସଂସ୍କୃତିବିଭାଗ ନିର୍ଦ୍ଦେଶକ, ସଂସ୍କୃତିବିଭାଗ ଓ ଓବିସିସିର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଆର୍କିଟେକ୍ଟର ଅକ୍ଷୟ ଗେରୁଆ, ଶିଳ୍ପୀ ଜୟନ୍ତ ଦାସ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ବାଜି ରାଉତ ଛାତ୍ରାବାସ ସଭାପତି ଶୈଳେଜ ରବି, ସୂର୍ଯ୍ୟନାରାୟଣ ନାଥ, ମାନସ ପଟ୍ଟନାୟକ, ଆଦ୍ୟଶ୍ଳୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଛାତ୍ରାବାସ ପରିଚାଳକ କ୍ରିଷ୍ଣା ମହାନ୍ତି କହିଛନ୍ତି, ସମସ୍ତ ଅଭାବ ଅସୁବିଧା ସମ୍ପର୍କରେ ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ଅବଗତ କରାଯାଇଛି। ସବୁକିଛି ଧୀରେ ଧୀରେ ହେବ। ଏ ନେଇ ଆଶା ସଞ୍ଚାର ହୋଇଛି। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦାଶ କହିଛନ୍ତି, ସହରର ଉନ୍ନୟନମୂଳକ କାର୍ଯ୍ୟ ସହ ଛାତ୍ରାବାସ, ପ୍ରତିମୂର୍ତ୍ତି ସ୍ଥାପନ ସ୍ଥଳ ବୁଲି ଦେଖିଲୁ। ଛାତ୍ରାବାସରେ ଥିବା ଅସୁବିଧା ସମ୍ପର୍କରେ ଅବଗତ ହେଲୁ। ଏହାର ଉନ୍ନତୀକରଣ ନେଇ ବିଭିନ୍ନ ପ୍ରସ୍ତାବ ଛାତ୍ରାବାସ ପକ୍ଷରୁ ପାଇଛୁ। ସେସବୁ ତର୍ଜମା କରିବା ପରେ ବିକାଶର ଏକ ନକ୍ସା ପ୍ରସ୍ତୁତ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦନ କରାଯିବ। ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ପରିବର୍ତ୍ତନ କରିଦିଆଯାଇଛି। ଯେଉଁମାନଙ୍କ ଅବହେଳା ଯୋଗୁ ଏସବୁ ହୋଇଛି, ସେମାନଙ୍କ ବାବଦରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ। ନବକୃଷ୍ଣଙ୍କ ଏକ ଭବ୍ୟ ପ୍ରତିମୂର୍ତ୍ତି ଉପଯୁକ୍ତ ସ୍ଥାନରେ ସ୍ଥାପନ କରାଯିବ। ବାଜି ରାଉତ ଛାତ୍ରାବାସର ଉନ୍ନତୀକରଣ ସହ ଏହାକୁ ଏକ ଶିକ୍ଷଣୀୟ ସ୍ଥାନ କରିବାକୁ ପଦକ୍ଷେପ ନିଆଯିବ।

# ବନ୍ଧୁକ ଦେଖାଇ ବ୍ୟାଙ୍କ ଲୁଟ୍ ଉଦ୍ୟମ ପଣ୍ଡ

ବାରଙ୍ଗ,୬।୪(ଡି.ଏନ୍.ଏ.)

ବାରଙ୍ଗ ଥାନା ଅଧୀନ ତ୍ରିଶୂଳିଆ ଛକ ନିକଟ ଫକୀରପଡାଠାରେ ଥିବା ଆଇସିଆଇସିଆଇ ବ୍ୟାଙ୍କରେ ଗୁରୁବାର ବନ୍ଧୁକ ଦେଖାଇ କରାଯାଇଥିବା ଲୁଟ ଉଦ୍ୟମ ବିଫଳ ହୋଇଛି। ୩ଜଣ ଯୁବକ ମୁଣ୍ଡରେ ହେଲମେଟ୍ ଲଗାଇ ବ୍ୟାଙ୍କ ଭିତରେ ପଶି ବନ୍ଧୁକ ଓ ଛୁରି ଦେଖାଇ ଲୁଟ୍ ଉଦ୍ୟମ କରିଥିଲେ ମଧ୍ୟ ହଠାତ୍ ବ୍ୟାଙ୍କ ସାଇରନ ବାଜିବାରୁ ଭୟଭୀତ ହୋଇ ଲୁଟେରାମାନେ ଆଣିଥିବା ପଲସର ଗାଡ଼ିରେ ପଳାଇଯାଇଥିଲେ। ଏହି ସମୟରେ ଉତ୍ତୋଳନ ହୋଇଥିବା ଏକ ଭିଡିଓ ବ୍ୟାଙ୍କରେ ଲାଗିଥିବା ସିସିଟିଭିରେ କଏଦ ହୋଇଛି। ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକାଶ ଯେ, ସବୁଦିନ ଭଳି ଗୁରୁବାର ସକାଳ ପାଖାପାଖି ସାଢ଼େ ୯ରେ ଆଇସିଆଇସିଆଇ ବ୍ୟାଙ୍କ କର୍ମଚାରୀମାନେ ବ୍ୟାଙ୍କରେ ପହଞ୍ଚି କାମ ଆରମ୍ଭ କରୁଥିଲେ। ହେଲେ ୯ଟା ୫୦ ପାଖାପାଖି ସମୟରେ ହଠାତ୍ ୩ଜଣ ଯୁବକ ମୁଣ୍ଡରେ ହେଲମେଟ୍ ପିନ୍ଧି ବ୍ୟାଙ୍କ ଭିତରକୁ ପଶିଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ଅଚାନକ ୩ ଦୁର୍ବୃତ୍ତ ବନ୍ଧୁକ ଓ ଛୁରି ଦେଖାଇ ବ୍ୟାଙ୍କ କର୍ମଚାରୀମାନଙ୍କୁ ଭୟଭୀତ କରି ଗୋଟିଏ ସ୍ଥାନକୁ ନେଇଯାଇ ଟଙ୍କା କେଉଁଠି ଅଛି ବୋଲି ପଚାରିଥିଲେ। ହେଲେ ଏହି ସମୟରେ କୌଶଳକ୍ରମେ ବ୍ୟାଙ୍କର ଜଣେ କର୍ମଚାରୀ ସତର୍କ ଘଣ୍ଟି(ସାଇରନ) ବଜାଇଦେବାରୁ ହଡ଼ବଡ଼େଇ ହୋଇ ୩ ଲୁଟେରା ବ୍ୟାଙ୍କରୁ ପଳାଇଯାଇଥିଲେ। ଫଳରେ ଏକ ବଡ଼ଧରଣର ଅଘଟଣରୁ ବ୍ୟାଙ୍କ କର୍ତ୍ତୃପକ୍ଷ ବର୍ତ୍ତିଯାଇଛନ୍ତି। ଖବରପାଇ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ଯିବା ସୁଦ୍ଧା ଏ ନେଇ ବ୍ୟାଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।



ବ୍ୟାଙ୍କ ପରିସର ଭିତରେ ଅଭିଯୁକ୍ତଙ୍କ ଲୁଟ୍ ଉଦ୍ୟମ ଦୃଶ୍ୟ ସିସିଟିଭିରେ କଏଦ।

**ସାଇରନ ବାଜିବାରୁ ଭୟରେ ପଳାଇଲେ ୩ ଲୁଟେରା**

# ରେଳ ଫାଟକ ଜଗୁଆଳି ନିଲମ୍ବିତ

## ଗେଟ୍ ନ ପକାଇ ଶୋଇପଡ଼ିବା ଘଟଣା

ବୈଶିଙ୍ଗା, ୬।୪(ଡି.ଏନ.ଏ.)

ଦାୟିତ୍ୱହୀନ କାର୍ଯ୍ୟ ପାଇଁ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଉପକଣ୍ଠ ଯୁଗପୁରା ଷ୍ଟେଶନ ନିକଟ ରେଳ ଫାଟକ ଜଗୁଆଳି ରତ୍ନାକର ମହାନ୍ତଙ୍କୁ ରେଲୱେ ପକ୍ଷରୁ ନିଲମ୍ବନ କରାଯାଇଛି। ଟ୍ରେନ୍ ଆସିବା ବେଳେ ଗେଟ୍ ନ ପକାଇ ସେ ନିଘୋଡ଼ ନିଦରେ ଶୋଇ ପଡ଼ିଥିଲେ। ଟ୍ରେନ୍ ଡ୍ରାଇଭରଙ୍କ ଅଭିଯୋଗକ୍ରମେ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ପୂର୍ବାହ୍ନ ୯ଟା ବେଳେ ବାଙ୍ଗିରିପୋଷି-ରୂପ୍‌ସା ମେମୁ ଟ୍ରେନ୍ ଯୁଗପୁରା ଷ୍ଟେଶନ ଛାଡ଼ିବା ବେଳକୁ ଅନତି ଦୂରରେ ଥିବା ଫାଟକ ପଡ଼ି ନ ଥିଲା। ଉକ୍ତ ରାସ୍ତାରେ ଯାଉଥିବା ଶତାଧିକ ଲୋକ ଭୟଭୀତ ହୋଇପଡ଼ିବା ସହ ଦୁଇ ପାର୍ଶ୍ୱରେ ଅଟକି ରହିଥିଲେ। ତେବେ ଫାଟକ ନ ପଡ଼ିବା ଦେଖି ଡ୍ରାଇଭର ଟ୍ରେନ୍‌ର ଗତିକୁ ନିୟନ୍ତ୍ରଣ କରି ଫାଟକ ପୂର୍ବରୁ ଟ୍ରେନ୍‌କୁ ଛିଡ଼ା କରିଦେଇଥିଲେ। ଟ୍ରେନ୍‌ରୁ ଓହ୍ଲାଇ ଆସି ଫାଟକ ଦାୟିତ୍ୱରେ ଥିବା ଜଗୁଆଳି ଶୋଇପଡ଼ିଥିବା ସେ ଦେଖିବାକୁ ପାଇଥିଲେ। ପରେ ଲୋକୋ ପାଇଲଟ ଆସି ସିଗ୍‌ନାଲ ଦେଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଗେଟ୍ ପକାଇବାରୁ ମେମୁ ଟ୍ରେନ୍ ଆଗକୁ ବଢ଼ିଥିଲା।

# ମହିଳା ଖବରଦାତାଙ୍କ ବିରୋଧରେ ଅଭିଯୋଗ କଲେ ଏସ୍ଆଇଙ୍କ ଭଉଣୀ

**ଯୌନ ନିର୍ଯାତନା ଦେଇ ଏସ୍ଆଇ ଗିରଫ ଘଟଣା**

ଭଦ୍ରକ ଅଫିସ, ୬।୪

ଯୌନ ନିର୍ଯାତନା ମାମଲାରେ ଭଦ୍ରକ ଜିଲା ଚୂଡ଼ାମଣି ମେରାଇନ ଥାନାର ସବ୍‌ଇନ୍ସପେକ୍ଟର ତପସ୍ୱିନୀ ମହାପାତ୍ର ଗତ ୨ ତାରିଖରେ କାର୍ଯ୍ୟରୁ ନିଲମ୍ବନ ସହ ଗିରଫ ହୋଇଥିଲେ। ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ ଏକ ୱେବ୍ ଚ୍ୟାନେଲର ଜଣେ ମହିଳା ଖବରଦାତା। ଅନ୍ୟପକ୍ଷେ ଉକ୍ତ ମହିଳା ଖବରଦାତାଙ୍କ ବିରୋଧରେ ଏସ୍ଆଇଙ୍କ ବଡ଼ ଭଉଣୀ ମୀନାକ୍ଷୀ ମହାପାତ୍ର ଗୁରୁବାର ଭଦ୍ରକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି ଯେ, ଏସ୍ଆଇ ତପସ୍ୱିନୀ ବାସୁଦେବପୁରରେ ରହୁଥିବା ଭଡ଼ାଘରୁ ମେଡିକାଲ ଓ ସରକାରୀ କାଗଜପତ୍ର ନେଇ ସେ ତାଙ୍କ ଘର ଯାଜପୁର ଯିବା ପାଇଁ ଭଦ୍ରକ ନୂଆ ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ଏହି ସମୟରେ ଉକ୍ତ ମହିଳା ଖବରଦାତା ତାଙ୍କ ବାପାଙ୍କ ସହ ୩/୪ ଜଣ ଲୋକ ଆଣି ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ତାଙ୍କୁ ମାଡ଼ ମାରି ଭ୍ୟାନିଟି‌ରେ ଥିବା କାଗଜପତ୍ର ଓ ନଗଦ ୨୦ ହଜାର ଟଙ୍କା ଛଡ଼ାଇ ନେଇଛନ୍ତି। ଘଟଣାଟି ୩ ତାରିଖରେ ଘଟିଛି। ଆକ୍ରମଣ ଯୋଗୁ ଭୟଭୀତ ହୋଇପଡ଼ିଥିଲେ। ଏଣୁ ବିଳମ୍ବରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୧୯୯/୨୩) ରୁଜୁ ହୋଇଛି। ସୂଚନାଥାଉ କି, ଗିରଫ ହୋଇଥିବା ଏସ୍ଆଇ ମହାପାତ୍ର ଗତ ୩ ତାରିଖରେ ଜାମିନରେ ଆସିଛନ୍ତି।

## ଚାକିରି ନାଁରେ ଠକେଇ ମାମଲା

# ମୁଖ୍ୟ ଅଭିଯୁକ୍ତଙ୍କ ପ୍ରେମିକା ଗିରଫ

**ବାଲେଶ୍ୱର ଅଫିସ, ୬।୪:** ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୋଲିସ ଚାକିରି କରାଇଦେବାକୁ କହି ଲକ୍ଷାଧିକ ଟଙ୍କା ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ପ୍ରେମିକା ମଲ୍ଲିକାଶପୁର ଅଞ୍ଚଳର ବର୍ଷା ବର୍ଣ୍ଣାଳି ଦାସ (୩୨)ଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ବାଲେଶ୍ୱର ସଦର ଥାନା ଅଧୀନ ସୁନ୍ଦରୀ ଗ୍ରାମର ସଞ୍ଜୀବ ପଣ୍ଡା ଚାକିରି କରିଦେବା ଆଳରେ ବେକାର ଶିକ୍ଷିତ ଯୁବତୀଯୁବକଙ୍କୁ ଚାକିରି କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ଲୁଟିଥିବା ଅଭିଯୋଗ ହେବା ପରେ ଠକେଇ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୧୩୧/୨୩) ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ଏହି ମାମଲାରେ ଗତ ୪ ତାରିଖରେ ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଏଯାବତ୍ ମୁଖ୍ୟ ଅଭିଯୁକ୍ତ ଫେରାର ରହିଛି।

---

**boyanika**

**TENDER CALL NOTICE**

**No. 994** | **No. PP-01:** | **Dt. 04.04.2023**

Name of the work :- **Construction of stalls, gates, PH, electrification works & other allied services for proposed Special/State/District Level Handloom Expos & other events to be organized by Boyanika.** The last date and time of submission of tender :- **28.04.2023 at 2.00 P.M.** Refer website for details- **www.boyanika.com**. All the information on this tender notice will be available in the above website.

The authority reserves the right to accept or reject any or all the tenders without assigning any reason thereof

Sd/-
Managing Director, Boyanika

OIPR-31004/11/0002/2324

---

## "e" Procurement Notice for Building Works

No.i-16:

**Identification No. Online Tender/06/PSK/2022-23**

1. Name of the Work : Construction of New Sub centre building at Aranga under Khordha Block in the District of Khordha.
2. Total Number of Works : 01 No.
3. Estimated Cost : Rs.33.18 Lakhs
4. Class of Contractor : C & Equivalent
5. Period of Completion : 06 Calendar Months
6. Availability of Tender Online for Bidding : Dt.06.04.2023 at 11.00 A.M. dt.13.04.2023 at 5.00 P.M.
7. Last Date & Time of seeking Tender Clarification : Dt.11.04.2023 at 5.00 PM
8. Date & Time of Opening of Tender : Dt.15.04.2023 at 11.00 A.M.

Further details can be seen from the website www.tenderodisha.gov.in.

**Sd./- Block Development Officer**
**Khordha**

OIPR-19215/11/0001/2324

---

**Government of Odisha, e-Procurement Notice**

## INVITATION FOR BIDS (IFB)

**Bid Identification No.C.C.E.Dkl (R&B)26/2022-23**
**E-mail Id:sedklpwd@gmail.com**
**Letter No.1084/Dt.31.03.2023**

**No.B-29:** The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate Bids in double cover system to be received in ONLINE MODE from eligible contractors for construction of Road/ Bridge works as detailed below:

1. Name of the Work : Road/ Bridge Works
2. No. of Works : 04 (Four) Nos.
3. Estimated Cost : Rs.8,27,35,985/- to Rs.3,81,30,349/- (as given in column No.03 of table)
4. Cost of Tender Paper : Rs.10,000.00
5. Class of Contractor : 'A', & 'Special' Class (as given in column No.07 of table)
6. Period of Completion of Work : 07 (Seven) to 11 (eleven) Calendar Months (as given in column No.08 of table)
7. Date and time of availability of bid document in the website : From Dt.11.04.2023 to 5.30 P.M. of Dt.25.04.2023
8. Date of Opening of Bid : Dt.26.04.2023 at 11.30 hours

The bidders have to participate in ONLINE bidding only, further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle, Dhenkanal**

OIPR-34132/11/0001/2324

---

**Government of Odisha**

## OFFICE OF THE SUPERINTENDING ENGINEER KANTABANJI (R&B) DIVISION

**e-mail ID : eerbkbj@rediffmail.com Tel/FAX No. : 06657-220216**
**Bid Identification No.11 / KBJ / 2022-2023**

**No.B-25:** The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate composite bid in double cover system in ONLINE MODE for the construction of works detailed in the table below from B & A Class Contractors registered with the State Governments and Contractors of equivalent Grade/ Class registered with Central Government/ MES/ Railways for execution of civil works. The proof of registration from the appropriate authority shall be enclosed along with the bid.

1) No. of work : 02 Nos. (Double Cover Composite Bid)
2) Nature of work : Building work
3) Class of contractor : B & A
4) Approximate value of work : Between Rs.218.48 Lakh to Rs.273.94 Lakh
5) Tender cost : Rs.10,000/- (for Double Cover)
6) Date and time of vailability of Bid documents in online : From Dt. 08.04.2023, 10.00 A.M. to Dt.23.04.2023 upto 05.00 P.M.
7) Date of Opening of Technical Bid (Cover-I) in online :- Dt.24.04.2023 at 11.00 A.M.
8) Other details can be seen in the bidding documents from the e-procurement portal "www.tendersodisha.gov.in"
9) The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd/-ARJUNA BEHERA**
**Superintending Engineer,**
**Kantabanji (R&B) Division**

OIPR-34099/11/0001/2324

---

## The Odisha Small Industries Corporation Ltd.

**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in

**No. CAD-36:** OSIC GST No. 21AAACO2101M1Z1

### e-Procurement Notice for Building works

**Tender Notice No.1937** **Date: 04.04.2023**

**Identification No. Online Building OSIC/Constn./2023-2024/001**

**(A)** 1. Name of the work

i) Construction, repair & renovation of BVD Koida. at Sundergarh.

ii) Construction of boundary wall, road and drain at KMRS (Jharanaghati) Nilagiri,Balasore.

2. Total No of works : 02 Nos.

3. Estimated cost :

i) **Rs.68,50,754/-(approx),** ii) **Rs.1,23,22,800/-(approx)**

4. Class of Contractor:

i) B & A Class as per illegibility criteria online.(ii) B & A Class as per illegibility criteria online.

5. Period of completion : i) Six calendar months ii) Three calendar months.

**(B) Other details**

| Procurement online | Bid Identification No | Availability of tender online for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 001 of 2023-2024 | 06.04.23 | 20.04.23 | 21.04.23 11.00 A.M |

Further details can be seen from the website **www.tendersodisha.gov.in** .Any amendment corrigendum, cancellation or re-tender may please be referred to the website.

Sd/-
GENERAL MANAGER(O)
OSIC Ltd., Cuttack.

OIPR-14073/11/0001/2324

---

**GOVERNMENT OF ODISHA** No. O-15

## "e" PROCUREMENT NOTICE

**Bid Identification No. Online-AGL-01 of 2023-2024**

1. Name of the Work : Building Work
2. Estimated Cost : Rs.230.00 Lakhs
3. Period of Completion : 06 (Six) Calendar Months
4. Date & time of availability of Bid Document in the Portal : From 06.04.2023 to 14.04.2023 upto 5.00 P.M.
5. Last date/time for receipt of Bids in the Portal : 14.04.2023 upto 5.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
**R.W. Division, Angul**

OIPR-25096/11/0002/2324

---

## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

### INVITATIONS FOR BIDS (IFB)

File No. B-I-Tourism-04/2022 Lr. No. 13153 / Bhubaneswar 29th Mar., 2023

No. B-20

**Invitation for Bids**

**Bid Identification No. OSD-C.E. (B) - 64/2022-23**

| | | | |
|---|---|---|---|
| 1. | The OSD-Chief Engineer (Buildings) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade/Class registered with Central Government/MES/Railways for the tourism infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2. | Nature of Work | : | Integrated Development of Bhitarakanika National Park in the District of Kendrapada in Turnkey Basis in the State of Odisha. |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Special/Super Class |
| 6. | Availability of Bid documents in the website | : | From Dt.13.04.2023 to 5.30 P.M. of Dt.03.05.2023. |
| 7. | Pre-bid Meeting | : | Dt.24.04.2023 at 11.00 A.M. |
| 8. | Last date of Online Submission of Bid | : | Dt.03.05.2023 upto 5.30 P.M. |
| 9. | Last Dt. of submission of hard copy (Cover - III). | : | Dt.11.05.2023 upto 5.30 P.M. |
| 10. | Date of Opening of Bids | : | Dt.12.05.2023 at 11.30 A.M. |
| 11. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website only. | | |

**Sd./- OSD-Chief Engineer (Buildings)**
**Odisha, Bhubaneswar**

OIPR-34117/11/0004/2324

---

**Government of Odisha**

## Office of the Chief Construction Engineer, Rural Works Circle, Angul

**E-Mail - sencrwangul@yahoo.co.in, Ph:06764- 236404**

### e-Procurement Notice for Bridge Works in Odisha
### Bid Identification No. Bridge Online AGL- 01/2023-24

**No. 965 //** **Dt.04.04.2023 //**

**No.O-17:** 1.Name of the work : Bridge works. 2. Total No.of work :02 Nos. 3.Estimated cost : Rs.278.92 to Rs.366.63 Lakhs. 4. Class of contractor : 'B' & 'A' Class. 5. Period of completion: As per Annexure. 6. Other details.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online-AGL-01/ 2023-24 | 12.04.2023 at 10.00 A.M. | 27.04.2023 upto 5.00 P.M. | 25.04.2023 upto 1.00 P.M. | 28.04.2023 at 09.00 A.M. | Will be intimated separately |

(1) For detailed notice inviting Tenders, Please visit to the website www.tendersorissa.gov.in.

**Sd./- S.C. Samantaray**
**Chief Construction Engineer, Rural Works Circle, Angul**

OIPR-25180/11/0001/2324

---

No. D-03:

## ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ବନ୍ଧରେ ସୂଚନା



ନାମ-ସଞ୍ଜୟ କୁମାର ସାହୁ,
ପିତା-ରବିନାରାୟଣ ସାହୁ,
ଗ୍ରାମ-ଅନନ୍ତପୁର,
ଥାନା-କାମାକ୍ଷ୍ୟାନଗର,
ଜିଲ୍ଲା-ଢେଙ୍କାନାଳ,
ହା.ସା-ଫ୍ଲାଟ ନଂ-୨୧୮, ବ୍ଲକ -ସି,
ଭେନୁସ ରୟାଲ ହାଇଡ, ରସୁଲଗଡ,
ଥାନା-ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ।

ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ବୟସ-୫୬ , ଉଚ୍ଚତା-୫ ଫୁଟ ୧୦ ଇଞ୍ଚ, ବର୍ଣ୍ଣ-କଳା, ସ୍ୱାସ୍ଥ୍ୟ-ପତଳା, ସେ ଗତ ୧୧.୦୮.୨୦୧୭ ମସିହାରେ, ରସୁଲଗଡ, ଭୁବନେଶ୍ୱର ଠାରୁ ନିଖୋଜ ଅଛନ୍ତି । ଗଲା ବେଳେ ସେ କଳା ରଙ୍ଗର ପ୍ୟାଣ୍ଟ, ଚେକ ଟି ଶାର୍ଟ ପିନ୍ଧିଥିଲେ ।

ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ବ୍ୟକ୍ତିଙ୍କ ବିଷୟରେ କୌଣସି ସନ୍ଧାନ ପାଆନ୍ତି ତେବେ ମଞ୍ଚେଶ୍ୱର ଥାନା ମୋବାଇଲ ନଂ-୯୯୩୭୨୬୩୮୪୫, ୮୨୮୦୩୩୭୩୨୧, ୦୬୭୪-୨୫୮୫୮୮୧ ରେ ଯୋଗାଯୋଗ କରିବାକୁ ଅନୁରୋଧ । ସୂଚନ ଦେଇଥିବା ବ୍ୟକ୍ତିଙ୍କୁ ପୁରସ୍କାର ରାଶି ଭାବରେ ୫୦,୦୦୦/- ଟଙ୍କା ପୁରସ୍କୃତ କରାଯିବ ।

OIPR-12134/11/0002/2324

---

## ORISSA RURAL HOUSING & DEVELOPMENT CORPORATION LTD.

**Appendix-IV [Rule 8(1)]**
**POSSESSION NOTICE**
**(For Immovable Property/ies)**

**(A Govt. of Orissa Enterprise & A Housing Finance & Facilitator Company)**
**3rd Floor, Suryakiran Market, Saheed Nagar, Bhubaneswar-751007, E-mail:orhdc.bbsr@gmail.com**

**No.CAD-49:** Whereas, the undersigned being the authorised officer of the Orissa Rural Housing & Development Corporation Ltd. (name of the Institution) under the Securitisation and Reconstruction of Financial Assets and Enforcement of Security Interest (Second) Ordinance, 2002 (Ord.3 of 2002) and in exercise of powers conferred under Section 13 (12) read with rule 9 of the Security Interest (Enforcement) Rules, 2002 issued a demand notice calling upon the Loanee(s)/ Guarantor(s) to repay the amount mentioned in the notice within 60 days from the date of receipt of the said notice. The loanee(s) having failed to repay the amount, notice is hereby given to the Loanee(s)/Guarantor(s) and the public in general that the undersigned has taken POSSESSION of the property/ies described herein below in exercise of powers conferred on him/her under sub-section 13(4) of the said Ordinance read with rule 9 of the said Rules, 2002 on the date mentioned below. The Loanee(s)/Guarantor(s) in particular and the public in general are hereby cautioned not to deal with the property/ies and any dealings with the property/ies will be subject to the charge of the Orissa Rural Housing & Development Corporation Ltd. (name of the Institution) for an amount and interest thereon.

| Sl. No. | Name of the Loanee (S) | Loan amt. availed | Date of 13 (2) Notice Issued | Amt. due on 13 (2) Notice | Date of 13 (4) Notice/taken Possession | Amt. due on taken Possession | Mortgaged Address | Guarantor(s) Name & Address |
|---|---|---|---|---|---|---|---|---|
| 01 | Sri Gadadhar Sahoo A/c No.BH1392/99-00 | 70,000/- | 01.02.2008 | 1,54,156/- | 22.02.2023 | 8,27,570/- | Sri Gadadhar Sahoo, Mouza- Dumduma H.B. Colony Phase-1, Khata No.85, Plot No.348, Area-1125 Sqft. | Sri Jagannath Samal, S/o-Sri Dibakar Samal, O/o-Under Secretary to Govt. Labour and Employment Deptt.Orissa Secretariat, Bhubaneswar, Dist-Khurda |
| 02 | Sri Ashok Toppo A/c No.BH16990/01-2 | 1,50,000/- | 22.04.2008 | 2,98,261/- | 22.02.2023 | 20,88,120/- | Sri Ashok Toppo, Mouza-Bhubaneswar Sadar, Unit-32, Khata No.42, Plot No.1008, Area-Ac.0. 060dec. | Sri Trinath Jalli, S/o-Sri Sambari Jalli, Qr. No.-A2, Reserve Police Colony, Bhubaneswar, Pin-751022 |
| 03 | Sri Panchanan Sahu A/c No.BH7032/01-2 | 2,00,000/- | 04.10.2008 | 3,23,475/- | 22.02.2023 | 12,76,915/- | Sri Panchanan Sahu, Mouza- V.S.S Nagar OSHB, Khata No. Nil, Plot No. DL-23, Area- 1500 Sqft. | NIL |
| 04 | Sri Kailash Chandra Mohapatra A/c No.BH14201/00-1 | 5,00,000/- | 15.01.2008 | 7,63,188/- | 22.02.2023 | 28,12,099/- | Sri Kailash Chandra Mohapatra, Mouza- East Badagada(Laxmi Sagar), S.Khata No.1233, H.Khata No.406, S.Plot No.2076, H.Plot No.I876,Area-Ac.038 dec. | Sri Bijaya Kumar Jena, S/o Sri -Braja Bihari Jena, Section Officer, BDA, Kharvel Nagar, Bhubaneswar |
| 05 | Smt. Manjulata Nanda A/c No.BH2883/00-01 | 4,00,000/- | 17.11.2005 | 7,38,777/- | 22.02.2023 | 62,19,976/- | Smt. Manjulata Nanda, Mouza- Kapilaprasad(Unit-23), Khata No.266, M. Khata No.884/80, Plot No- 904, M.Plot No.904/2831, Area-Ac.0.052 dec. | Sri Saroj Kumar Samantaray. S/o- Sri Sarat Chandra Samantaray, Qr. No.-EB-416, At/ PO-Baragada Brit Colony, Bhubaneswar |
| 06 | M/s Home Lives Housing | 50,00,000/- | 22.09.2004 | 77,57,423/- | 24.03.2023 | 4,02,94,354/- | M/s Home Lives Housing, Smt. Rashmi Pattnaik, Managing Partner and Sri Ratan Kumar Sahoo, Partner, Mouza- Patia, Khata No.489/61, Plot No.516/1692, Area-Ac.2.00 dec. | Sri Ratan Kumar Sahoo, Partner, S/o- Sri Ramesh Kumar Sahoo, At/PO-Khan Nagar, Dist-Cuttack-753012 |
| 07 | Smt.Sabitri Paramanik A/c No.BH0342/97-98 | 80,000/- | 12.01.2016 | 8,05,203/- | 22.02.2023 | 23,30,680/- | Smt. Sabitri Paramanik, Mouza- Tarakai, Khata No.478/67, Plot No- 228/1754, Area- Ac.0.060 dec. | NIL |

OIPR-13231/11/0002/2324 **Sd./- Managing Director**

# କୌର କରିସ୍ମା

## ମୁମ୍ବାଇ ଡବ୍ଲ୍ୟୁପିଏଲ୍ ଚାମ୍ପିୟନ



ନିର୍ମଳ କୁମାର ମିଶ୍ର

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୬ତମ ସଂସ୍କରଣ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଗତ ସଂସ୍କରଣରେ ପଏଣ୍ଟ ଟେବୁଲର ନିମ୍ନରେ ରହିଥିବା ଲିଗ୍‌ର ସବୁଠାରୁ ସଫଳ ଦଳ ମୁମ୍ବାଇ ଇଣ୍ଡିଆନ୍ସ ଏଥର ମଧ୍ୟ ପରାଜୟ ସହ ଅଭିଯାନ ଆରମ୍ଭ କରିଛି। ତେବେ ଏହାର ମହିଳା ଦଳ ନିକଟରେ ଅନୁଷ୍ଠିତ ସର୍ବପ୍ରଥମ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଚାମ୍ପିୟନ ହୋଇ ଇତିହାସ ରଚିଛି। ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କ କରିସ୍ମା ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ମଧ୍ୟ ଦେଖିବାକୁ ମିଳିଛି। ବ୍ୟକ୍ତିଗତଭାବେ ଭଲ ଖେଳିବା ସହ ସେ ନିଜର ବଳିଷ୍ଠ ନେତୃତ୍ୱରେ ମୁମ୍ବାଇକୁ ଟାଇଟଲ ଜିତାଇଛନ୍ତି।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ୫ଟି ଦଳକୁ ନେଇ ମାର୍ଚ୍ଚ ୪ରୁ ୨୬ ପର୍ଯ୍ୟନ୍ତ ମୁମ୍ବାଇଠାରେ ଅନୁଷ୍ଠିତ ହୋଇଥିଲା ସର୍ବପ୍ରଥମ ମହିଳା ପ୍ରିମିୟର ଲିଗ୍। ଫାଇନାଲରେ ଅନ୍ୟତମ ଶକ୍ତିଶାଳୀ ଦଳ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ହରମନପ୍ରୀତଙ୍କ ଦଳ। ବିଭିନ୍ନ ଦୃଷ୍ଟିକୋଣରୁ ଦେଖିଲେ ପ୍ରଥମ ସଂସ୍କରଣଟିର ସଫଳ ପରିସମାପ୍ତି ଘଟିଛି। ବିସିସିଆଇର ପୂର୍ବତନ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ମାନସ ପ୍ରସୂତ ଓମେନ୍ସ ପ୍ରିମିୟର ଲିଗ୍‌କୁ ବିପୁଳ ସମର୍ଥନ ମିଳିଛି। ଫ୍ରାଞ୍ଚାଇଜ, ଦର୍ଶକ, ବିଜ୍ଞାପନ, ଗ୍ଲାମର ପୁରସ୍କାର ରାଶି ଓ ବିଦେଶୀ ମହିଳା ଖେଳାଳିମାନଙ୍କ ଆଗ୍ରହ ଏହାକୁ ସ୍ୱତନ୍ତ୍ର କରିଛି। ବିସିସିଆଇର ଓମେନ୍ସ କ୍ରିକେଟକୁ ସୁଦୂରପ୍ରସାରୀ କରିବାର ଲକ୍ଷ୍ୟ ମଧ୍ୟ ପୂରଣ ହୋଇଛି। ଏଥିରେ ଅନେକ ପ୍ରତିଭାସମ୍ପନ୍ନ ମହିଳା କ୍ରିକେଟରମାନଙ୍କୁ ଦେଖିବାର ସୁଯୋଗ ମିଳିଛି। ୧୩ ଫେବୃୟାରୀରେ ୫ ଦଳର ଫ୍ରାଞ୍ଚାଇଜ ନିଲାମ ପ୍ରକ୍ରିୟାରେ ସେମାନଙ୍କର ମନପସନ୍ଦର ଖେଳାଳି ଚୟନ କରିଥିଲେ। ମହିଳା କ୍ରିକେଟ ଜଗତର ବଛାବଛା ନାମୀଦାମୀ ଖେଳାଳିମାନଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ୟୁପି ୱାରିୟର୍ଜ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଏବଂ ଗୁଜରାଟ ଜାଏଣ୍ଟ୍ସ ସେମାନଙ୍କ ଦଳରେ ସାମିଲ କରିଥିଲେ। ଡବଲ ରାଉଣ୍ଡ ରବିନ୍ ଲିଗ୍ ଏବଂ ପ୍ଲେ ଅଫ୍‌ରେ ଏଲିମିନେଟର ଏବଂ ଫାଇନାଲକୁ ମିଶାଇ ମୋଟ ୨୨ଟି ମ୍ୟାଚ ଖେଳାଯାଇଥିଲା। ଆର୍‌ସିବି ଦଳ ଲିଗ୍‌ର ଦାମୀ ଖେଳାଳି ସ୍ମୃତି ମନ୍ଧାନାଙ୍କୁ ଦଳର ଅଧିନାୟିକା କରିଥିଲା। ସେହିପରି ୟୁପି ୱାରିୟର୍ଜ ଅଷ୍ଟ୍ରେଲିଆର ଷ୍ଟାର ଉଇକେଟ କିପର ଓ ବ୍ୟାଟର ଆଲିସା ହିଲିଙ୍କୁ ନେତୃତ୍ୱଭାର ଦେଇଥିବାବେଳେ ଗୁଜରାଟ ଜାଏଣ୍ଟ୍ସ ଅଷ୍ଟ୍ରେଲୀୟ ଓପନର ବେଥ ମୁନିଙ୍କୁ ଦଳର ଅଧିନାୟିକା ମନୋନୀତ କରିଥିଲେ ମଧ୍ୟ ଆଘାତ ସମସ୍ୟା ଯୋଗୁ ସ୍ନେହ ରାଣା ମ୍ୟାଚଗୁଡିକରେ ନେତୃତ୍ୱ ନେଇଥିଲେ। ସେହିପରି ଭାରତୀୟ ଦଳର ବର୍ତ୍ତମାନ କ୍ୟାପଟେନ ହରମନପ୍ରୀତ କୌରଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଓ ଅଷ୍ଟ୍ରେଲିଆକୁ ବିଶ୍ୱକପ ଚାମ୍ପିୟନ କରାଇଥିବା ମେଗ୍ ଲାନିଙ୍ଗଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟିକା ଦାୟିତ୍ୱ ଦେଇଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ଭାରତୀୟ ଜାତୀୟ ଦଳର ଖେଳାଳି ଜେମିମା ରୋଡ୍ରିଗ୍ୱେଜ, ଶେଫାଳୀ ବର୍ମା, ରାଧା ଯାଦବ, ଶିଖା ପାଣ୍ଡେ, ପୁନମ ଯାଦବ, ତାନିଆ ଭାଟିଆଙ୍କ ପରି ଖେଳାଳି ଥିବା ବେଳେ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ନିକଟରେ ହରମନପ୍ରୀତ କୌର, ନିଲମ ବିସ୍ତ, ପୂଜା ବସ୍ତ୍ରକାର, ସୋନମ ଯାଦବ ରହିଥିଲେ। ଅନ୍ୟ ପକ୍ଷରେ ୟୁପି ୱାରିୟର୍ଜ ବେଶ୍ ଶକ୍ତିଶାଳୀ ଜଣାପଡୁଥିଲେ ମଧ୍ୟ ଗ୍ରୁପ ପର୍ଯ୍ୟାୟରେ ୮ଟି ମ୍ୟାଚରୁ ୪ ବିଜୟ ଏବଂ ୪ଟି ପରାଜୟ ସହ ୮ ପଏଣ୍ଟ ପାଇ ଏଲିମିନେଟର ଖେଳିଥିଲା ଏବଂ ସେଠାରେ ମ୍ୟାଚରେ ମୁମ୍ବାଇଠାରୁ ପରାସ୍ତ ହୋଇଥିଲା। ପଏଣ୍ଟ ଟେବୁଲେ ୨ଟି ଶ୍ରେଷ୍ଠ ଦଳ ଦିଲ୍ଲୀ କ୍ୟାପିଟାଲ୍‌ସ ୮ଟି ମ୍ୟାଚରୁ ୬ ବିଜୟ ଏବଂ ୨ଟି ପରାଜୟ ସହ ୧୨ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ୮ଟି ମ୍ୟାଚରୁ ୬ଟି ବିଜୟ ଏବଂ ୨ଟି ପରାଜୟ ସହ ୧୨ ପଏଣ୍ଟ ପାଇଥିଲେ। ତେବେ ରନ ହାର ଦୃଷ୍ଟିରୁ ଦିଲ୍ଲୀ କ୍ୟାପିଟାଲ୍ସର ପଏଣ୍ଟ ଟେବୁଲ ଶୀର୍ଷରେ ରହି ସିଧାସଳଖ ଫାଇନାଲ ଖେଳିଥିଲା।

ଖେଳାଳି ନିଲାମ ସମୟରେ ଚାହିଦାରେ ରହିଥିଲେ ବିଭିନ୍ନ ଦେଶର ଅଲରାଉଣ୍ଡର। ମୋଟ ୧୫୦୦ ଖେଳାଳିଙ୍କ ନାମ ନିଲାମ ପ୍ରକ୍ରିୟାରେ ରହିଥିବା ବେଳେ ଶର୍ଟଲିଷ୍ଟେଡ୍ ହୋଇଥିଲେ ୪୦୯ ଖେଳାଳି। ସେମାନଙ୍କ ମଧ୍ୟରୁ ମୋଟ ବିକ୍ରି ହୋଇଥିଲେ ୮୭ ଖେଳାଳି। ମୋଟ ୯୦ଜଣ ଖେଳାଳି ବିକ୍ରି ହେବାକୁ ରହିଥିବା ବେଳେ ୟୁପି ୱାରିୟର୍ଜ ୨ଜଣ ଏବଂ ମୁମ୍ବାଇ ଜଣେ ଖେଳାଳି କମ କ୍ରୟ କରିଥିଲା। ନିୟମ ଅନୁସାରେ ପ୍ରତ୍ୟେକ ଦଳ ଅତିବେଶିରେ ୧୮ ଜଣ ଖେଳାଳି କ୍ରୟ କରିପାରିବେ ଏବଂ କୌଣସି ଦଳରେ ୬ରୁ ଅଧିକ ବିଦେଶୀ ଖେଳାଳି ରହିପାରିବେ ନାହିଁ। ସେଥିମଧ୍ୟରୁ ୫ଜଣ ଆଇସିସିର ପୂର୍ଣ୍ଣ ସଦସ୍ୟତା ଦେଶରୁ ଏବଂ ଜଣେ ଖେଳାଳି ଆସୋସିଏଟ୍ ମେମ୍ବର ଦେଶରୁ ରହିପାରିବେ। ପ୍ରତ୍ୟେକ ଫ୍ରାଞ୍ଚାଇଜ ଖେଳାଳି କ୍ରୟ ପାଇଁ ୧୨କୋଟି ଟଙ୍କା ଖର୍ଚ୍ଚ କରିବାର ନିୟମ ଥିଲା। ପ୍ରଥମ ସଂସ୍କରଣରେ ସ୍ମୃତି ମନ୍ଧାନା ସବୁଠୁ ମହଙ୍ଗା ଖେଳାଳି ରହିଥିଲେ। ତାଙ୍କୁ କିଣିବା ସମୟରେ ଫ୍ରାଞ୍ଚାଇଜମାନଙ୍କ ମଧ୍ୟରେ ପ୍ରବଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶେଷରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ ୩.୪ କୋଟି ଟଙ୍କାରେ କିଣିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସେହିପରି ଆସ୍‌ଲେ ଗାର୍ଡନର ନାଟାଲି ବ୍ରଣ୍ଟ ୩ କୋଟିରୁ ଅଧିକ ମୂଲ୍ୟରେ କିଣା ଯାଇଥିବା ବେଳେ ଶେଫାଳୀ ବର୍ମା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ୱେଜ, ବେଥ ମୁନିଙ୍କୁ ୨ କୋଟିରୁ ଅଧିକ ଟଙ୍କାରେ କିଣିଥିଲେ। ଯାହାକି ପୁରୁଷ ଆଇପିଏଲ୍‌ଠାରୁ କୌଣସି ଗୁଣରେ କମ୍ ନ ଥିଲା। ଏହା ନିଶ୍ଚିତ ରୂପେ ଓମେନ୍ସ ପ୍ରିମିୟର ଲିଗ୍‌ର ଲୋକପ୍ରିୟତାକୁ ସୂଚାଇବା ସହିତ ଆଗାମୀ ସଂସ୍କରଣର ଗୁରୁତ୍ୱ ବଢ଼ାଇବ। ବେଥ୍ ମୁନିଙ୍କୁ କିଣିବା ପାଇଁ ବିଭିନ୍ନ ଫ୍ରାଞ୍ଚାଇଜଙ୍କ ମଧ୍ୟରେ ୨୩ ଥର ପ୍ରତିଯୋଗିତା ହୋଇଥିଲା। ହରମନପ୍ରୀତ କୌରଙ୍କ ଖରାପ ଫର୍ମ ବିଶ୍ୱକପରେ ଦେଖିବାକୁ ମିଳିଥିଲେ ମଧ୍ୟ ତାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ୧.୮ କୋଟିରେ କିଣିଥିଲା। ମୋଟ ୮୭ ଖେଳାଳିଙ୍କୁ ୬୦ କୋଟିରେ ଫ୍ରାଞ୍ଚାଇଜମାନେ କିଣିଥିଲେ। ଏମାନଙ୍କ ମଧ୍ୟରେ ୪୬ ଜଣ ଅଲରାଉଣ୍ଡର ରହିଥିଲେ। ସର୍ବାଧିକ ୧୪ ଜଣ ଅଷ୍ଟ୍ରେଲିଆ ଖେଳାଳି କିଣା ହୋଇଥିବା ବେଳେ ଇଂଲଣ୍ଡରୁ ୭, ଦକ୍ଷିଣ ଆଫ୍ରିକାରୁ ୪, ୱେଷ୍ଟଇଣ୍ଡିଜରୁ ୨ ଏବଂ ୟୁଏଇସ୍‌ରୁ ଜଣେ ଖେଳାଳି ଥିଲେ। ୫୭ ଜଣ ଭାରତୀୟ ଖେଳାଳିଙ୍କୁ ଫ୍ରାଞ୍ଚାଇଜମାନେ ୩୨.୨କୋଟି ଟଙ୍କାରେ କିଣିଥିଲେ।

ଏକତରଫା ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସକୁ ୭ ଉଇକେଟରେ ହରାଇ ଚାମ୍ପିୟନ ହୋଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୁମ୍ବାଇ ଅଧିନାୟିକା ହରମନପ୍ରୀତ କୌର ମୋଟ ୧୦ଟି ମ୍ୟାଚରୁ ୯ଟି ମ୍ୟାଚରେ ଟସ୍ ହାରିଥିବା ବେଳେ ଫାଇନାଲରେ ଦଳକୁ ଚାମ୍ପିୟନ କରାଇଥିଲେ। ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୬ କୋଟି ସହିତ ଟ୍ରଫି, ରନରଅପ ଦିଲ୍ଲୀକୁ ୩କୋଟି ଏବଂ ତୃତୀୟ ସ୍ଥାନ ଅଧିକାର ୟୁପିକୁ ୧କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଅରେଞ୍ଜ କ୍ୟାପ ମେଗ୍ ଲାନିଙ୍ଗ (୩୪୫ରନ୍) ପାଇଥିବା ବେଳେ ପର୍ପଲ କ୍ୟାପ ହାସଲ କରିଥିଲେ ହିଲି ମାଥ୍ୟୁସ (୧୬ ଉଇକେଟ)। ହରମନପ୍ରୀତଙ୍କ କ୍ୟାଚ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଶ୍ରେଷ୍ଠ ଉଦୀୟମାନ ଖେଳାଳି ୟାସ୍ତିକା ଭାଟିଆ, ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର ପୁରସ୍କାର ହିଲି ମାଥ୍ୟୁସ ହାସଲ କରିଥିଲେ। ଶେଫାଳୀ ବର୍ମା ଏବଂ ସୋଫି ଡିଭାଇନ ଯୁଗ୍ମଭାବେ ସର୍ବାଧିକ ଛକା (ପ୍ରତ୍ୟେକ ୧୩ଟି) ମାରିଥିଲେ। ଲିଗ୍‌ରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ସୋଫି ଡିଭାଇନ (୯୯ ରନ୍)ଙ୍କ ନାମରେ ରହିଥିଲା। ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଥିଲେ ଦିଲ୍ଲୀ ଦଳରର ମାରିଜାନ କାପ (୫/୧୫)। ୟୁପି ୱାରିୟର୍ଜର ଟାହିଲିଆ ମାକଗ୍ରା ଟୁର୍ନାମେଣ୍ଟରେ ସର୍ବାଧିକ ୪ଟି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ବ୍ରଣ୍ଟ ଏବଂ ହରମନପ୍ରୀତ ୩ଟି ଲେଖାଏ ଅର୍ଦ୍ଧଶତକ ସହ ମିଳିତଭାବେ ଦ୍ୱିତୀୟରେ ରହିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସର ମେଗ୍ ଲାନିଂ ସର୍ବାଧିକ ୫୦ଟି ଚୌକା ମାରିଥିଲେ। ମୋଟାମୋଟି ଦେଖିବାକୁ ଗଲେ ଲିଗ୍‌ରେ ବିଦେଶୀ ଖେଳାଳିମାନେ ଭାରତୀୟଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲେ।



ଟ୍ରଫି ସହ ହରମନପ୍ରୀତ କୌର



ଇମର୍ଜିଂ ପ୍ଲେୟର: ୟାସ୍ତିକା ଭାଟିଆ



ପର୍ପଲ କ୍ୟାପ: ହିଲି ମାଥ୍ୟୁସ



ଅରେଞ୍ଜ କ୍ୟାପ: ମେଗ୍ ଲାନିଂ



**ମୁମ୍ବାଇ ଇଣ୍ଡିଆନ୍ସର ମହିଳା ଦଳ ସର୍ବପ୍ରଥମ ମହିଳା ପ୍ରିମିୟର ଲିଗ୍‌ରେ ଚାମ୍ପିୟନ ହୋଇ ଇତିହାସ ରଚିଛି। ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କ କରିସ୍ମା ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ମଧ୍ୟ ଦେଖିବାକୁ ମିଳିଛି। ବ୍ୟକ୍ତିଗତଭାବେ ଭଲ ଖେଳିବା ସହ ସେ ନିଜର ବଳିଷ୍ଠ ନେତୃତ୍ୱରେ ମୁମ୍ବାଇକୁ ଟାଇଟଲ ଜିତାଇଛନ୍ତି...**

# ଜାଭେଲିନ୍ ଛାଡ଼ି କ୍ରିକେଟକୁ ପସନ୍ଦ କରିଥିଲେ ହାଜେଲଉଡ୍

ଜୋଶ୍ ହାଜେଲଉଡ୍ କ୍ରିକେଟ ଜଗତରେ ଏକ ପରିଚିତ ନାମ। ଅଷ୍ଟ୍ରେଲିଆର ଏହି ଦ୍ରୁତ ବୋଲର ଇତିମଧ୍ୟରେ ୫୯ ଟେଷ୍ଟ, ୬୯ ଦିନିକିଆ ଓ ୪୧ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିସାରିଛନ୍ତି। ଟେଷ୍ଟରେ ୨୦୦, ଦିନିକିଆରେ ୧୦୦ ଓ ଟି୨୦ରେ ୫୦ ଉଇକେଟ ପୂରଣ କରିସାରିଥିବା ଏହି ତାରକା ବୋଲର ଆଗକୁ ଆହୁରି ଅନେକ ରେକର୍ଡ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ହେଲେ ଅନେକ ହୁଏତ ଜାଣି ନ ଥିବେ ଯେ ହାଜେଲ୍‌ଉଡ୍ ସ୍କୁଲ କ୍ୟାରିୟରରେ ଜଣେ କ୍ରିକେଟର ନୁହେଁ ବରଂ ଜଣେ ଜାଭେଲିନ୍ ଥ୍ରୋୟରଭାବେ ପରିଚିତ ଥିଲେ। ଆଥଲେଟିକ୍ସ କ୍ୟାରିୟରରେ ସେ ଫିଲ୍ଡ ଇଭେଣ୍ଟ ପ୍ରତି ବିଶେଷ ଆଗ୍ରହୀ ଥିଲେ। କ୍ରମେ ଜାଭେଲିନ୍ ଥ୍ରୋ ଉପରେ ସେ ଫୋକସ କରିଥିଲେ। ମାତ୍ର ପରେ କ୍ରିକେଟ ପ୍ରତି ଆକୃଷ୍ଟ ହୋଇଥିଲେ। ଏହାର କାରଣ ମଧ୍ୟ ସେ ସ୍ପଷ୍ଟ କରିଛନ୍ତି। କାରଣ କ୍ରିକେଟ ଏକ ଟିମ୍ ଗେମ୍। ଏଥିରେ ଜଣେ ଖେଳାଳି ଖରାପ ଖେଳିଲେ ମଧ୍ୟ ସଫଳତା ପାଇପାରିବ, କାରଣ ସାଥୀ ଖେଳାଳିଙ୍କ ସଫଳତାରେ ସେ ଭାଗୀଦାର ହୋଇପାରିବ।

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି ହାଜେଲଉଡ୍। ମାତ୍ର ଆହତ ସମସ୍ୟା ଯୋଗୁ ସେ ଏପର୍ଯ୍ୟନ୍ତ ଦଳସହ ଯୋଗ ଦେଇପାରି ନାହାନ୍ତି। ଚଳିତ ମାସ ଶେଷ ସପ୍ତାହରେ ସେ ଆର୍‌ସିବି ଦଳରେ ସାମିଲ ହେବା ସମ୍ଭାବନା ରହିଛି। ଗତ ସଂସ୍କରଣ (୨୦୨୨)ରେ ସେ ଆର୍‌ସିବିକୁ ପ୍ଲେ-ଅଫ୍‌କୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୨୦ଟି ଉଇକେଟ ହାସଲ କରିଥିଲେ ଏହି ୩୨ ବର୍ଷୀୟ ଖେଳାଳି। ନିଜ କ୍ୟାରିୟର ସମ୍ପର୍କରେ ହାଜେଲଉଡ୍ କହିଛନ୍ତି ଯେ, ‘‘କ୍ରିକେଟ ହେଉଛି ମୋର ପ୍ରଥମ ପସନ୍ଦ। ମୋତେ ଯେତେବେଳେ ୧୫-୧୬ ବର୍ଷ ହୋଇଥିଲା ସେତେବେଳେ ଏକ ଦୃଢ଼ ନିଷ୍ପତ୍ତି ନେବାକୁ ପଡ଼ିବ ବୋଲି ଅନୁଭବ କରିଥିଲି। ଶୀତଦିନେ ମୁଁ ଆଥ୍‌ଲେଟିକ୍ସରେ ମନୋନିବେଶ କରି ନିଜକୁ ଫିଟ୍ ରଖିଥିଲି। ମୋ ମତରେ ଆଥ୍‌ଲେଟିକ୍ସ ପରି ବ୍ୟକ୍ତିଗତ କ୍ରୀଡ଼ାରେ ଭଲ ପ୍ରଦର୍ଶନର ଦିନ ଅପେକ୍ଷା ଖରାପ ପ୍ରଦର୍ଶନର ଦିନ ଅଧିକ ରହିଥାଏ। ଏହା ମୋ ମନକୁ ଆନ୍ଦୋଳିତ କରିଥିଲା ଏବଂ ମୁଁ କ୍ରିକେଟକୁ ଚୟନ କରିଥିଲି। କ୍ରିକେଟ ଏକ ଦଳଗତ ଖେଳ ହୋଇଥିବାରୁ ସାଥୀ ଖେଳାଳିଙ୍କ ସହ ମଜାମସ୍ତିରେ ଦିନ କଟିଥାଏ। ମାତ୍ର ଆଥଲେଟିକ୍ସରେ ଅଧିକାଂଶ ସମୟ ଏକୁଟିଆ କାଟିବାକୁ ହୋଇଥାଏ’’। ସେ ଆହୁରି ମଧ୍ୟ କହିଛନ୍ତି ଯେ, ‘‘ବ୍ୟକ୍ତିଗତ କ୍ରୀଡ଼ା ବହୁତ କଷ୍ଟସାଧ୍ୟ। ଏହାକୁ ମୁଁ କେବେହେଲେ ଦୀର୍ଘଦିନଧରି କ୍ୟାରିୟର କରିପାରି ନ ଥାନ୍ତି। ପ୍ରଦର୍ଶନ ଦୃଷ୍ଟିରୁ ଏଥିରେ ଭଲ ଅପେକ୍ଷ ମନ୍ଦ ଦିନ ଅଧିକ ରହିଥାଏ। ଜଣେ ଯଦି ଟିମ୍ ଇଭେଣ୍ଟକୁ କ୍ୟାରିୟର କରିବ ତେବେ ଭଲ ଓ ମନ୍ଦ ଦିନ ୫୦-୫୦ ରହିବ। ଏଥିରେ ବିଜୟ କିମ୍ବା ପରାଜୟରେ ମାନସିକତା ଦୃଷ୍ଟିରୁ ବିଶେଷ ପ୍ରଭାବ ନ ଥାଏ। ଏପରିକି ଜଣେ କୌଣସି ଦିନ କିମ୍ବା ସପ୍ତାହରେ ଖରାପ ଖେଳିଲେ ମଧ୍ୟ ସାଥୀ ଖେଳାଳିଙ୍କ ସଫଳତାକୁ ଉପଭୋଗ କରିପାରିବ। ମୁଁ ବିଭିନ୍ନ ଦଳରେ କେବଳ ନିଜର ନୁହେଁ ସାଥୀ ଖେଳାଳିଙ୍କ ସଫଳତାକୁ ମଧ୍ୟ ମନଭରି ଉପଭୋଗ କରି ଆସିଛି’’।

**ସ୍କୁଲରେ ପଢ଼ିବା ଅବସରରେ ଆଥଲେଟିକ୍ସକୁ କ୍ୟାରିୟର କରିଥିଲେ ଜୋଶ୍ ହାଜେଲଉଡ୍। କ୍ରମେ ଜାଭେଲିନ୍ ଥ୍ରୋ ଉପରେ ଫୋକସ କରିଥିଲେ। ମାତ୍ର ପରେ କ୍ରିକେଟ ପ୍ରତି ଆକୃଷ୍ଟ ହୋଇଥିଲେ। କ୍ରିକେଟ ଏକ ଟିମ୍ ଗେମ୍ ହୋଇଥିବାରୁ ଜଣେ ଖେଳାଳି ଖରାପ ଖେଳିଲେ ମଧ୍ୟ ସାଥୀ ଖେଳାଳିଙ୍କ ସଫଳତାରେ ଭାଗୀଦାର ହୋଇପାରିବ ବୋଲି ତାଙ୍କ ମତ...**



## ଫେଭରିଟ୍

ଷାଠିଏ ଦଶକର ଲିଜେଣ୍ଡ
କ୍ରିକେଟର
ସଲିମଙ୍କ ପରଲୋକ
ବାମହାତୀ ଅର୍ଥୋଡକ୍ସ ସ୍ପିନ୍‌ରେ
ଚୌଗୁରୀ ଉଇକେଟ ଲେଖି
କାବୁଲର ହୋଇ ଲୋକ
ଇଣ୍ଡିଆରେ ଖେଳି କ୍ରିକେଟ ହିଷ୍ଟ୍ରିରେ
ରଖିଛନ୍ତି ଦେଶ ଟେକ।

ତାଙ୍କ ସମୟରେ ଓ୍ୱାନ୍‌ଡେ ନ ଥିଲେ ବି
ବ୍ୟାଟିଂରେ ଥିଲେ ହିରୋ
ଗୁଡ୍ ଫିଲ୍ଡିଂ କମାଲ ବୋଲିଂ ସହିତ
ଥିଲେ ଅଲ୍‌ରାଉଣ୍ଡର
ଫେଭରିଟ କ୍ରିକେଟର
କ୍ରିକେଟ ଜଗତ ଝୁରୁଛି ତୁମକୁ
ଶ୍ରଦ୍ଧାଞ୍ଜଳି ଘେନାକର।

ବୟସ ନାଇଣ୍ଟି ଫାଇଭ୍ ଫେଭରିଟ
ଭଗଓ୍ୱାନୀ ଦେବୀ ମନ
ପୋଲାଣ୍ଡ ତୋରୁନ ଚାମ୍ପିୟନଶିପ୍‌ରେ
ତିନି ସ୍ୱର୍ଣ୍ଣ ଜିତି ଧନ୍ୟ
ଆମ ଗାଁ ବିକି ଟୁନ
ବ୍ୟାକ୍ ସପୋର୍ଟ, ରିଷ୍ଟ ବେଲ୍ଟ
ଭିଡ଼ିଲେଣି
ଚାଳିଶ ନ ଟପି ଧନ।

–ସୁବାସ ଚନ୍ଦ୍ର ପ୍ରଧାନ

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...........................


ସାହିଦ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରତିଷ୍ଠା ଦିବସ ପାଳିଲା ଭାଜପା


ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପାଳିତ ୪୪ତମ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୬।୪(ବ୍ୟୁରୋ)

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ଦଳର ସ୍ଥାପନା ଦିବସ ପାଳନ ଅବସରରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଓ କନକ ବର୍ଦ୍ଧନ ସିଂହଦେଓ ଦଳୀୟ ପତାକା ଉତ୍ତୋଳନ କରିଛନ୍ତି। ଏହା ସହିତ ଦଳର ପ୍ରତିଷ୍ଠାତା ସଭାପତି ଶ୍ୟାମାପ୍ରସାଦ ମୁଖାର୍ଜୀ ଏବଂ ସାଧାରଣ ସମ୍ପାଦକ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଦୀର୍ଘ ୪୩ ବର୍ଷର ଯାତ୍ରା ପୂରଣ କରି ଭାଜପା ୪୪ ତମ ପ୍ରତିଷ୍ଠା ଦିବସ ଦେଶବ୍ୟାପୀ ପାଳନ କରିଛି । କୋଟି କୋଟି କାର୍ଯ୍ୟକର୍ତ୍ତା ଭାଜପାର ବିଚାରକୁ ପ୍ରତିଷ୍ଠା କରିବା ପାଇଁ ଦୀର୍ଘଦିନ ଧରି ସମୟ, ତ୍ୟାଗ, ସମର୍ପଣ ଓ ବଳିଦାନ ଦେଇଛନ୍ତି। ''ସଙ୍ଗଠନକୁ ମଜଭୁତ କରିଥିବା ଏବଂ ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳ ଭାବେ ଗଢ଼ି ତୋଳିଥିବା ସମସ୍ତ କାର୍ଯ୍ୟକର୍ତ୍ତା ଚିର ସ୍ମରଣୀୟ ହୋଇ ରହିବା ସହ ଆମ ସମସ୍ତଙ୍କୁ ସର୍ବଦା ପ୍ରେରଣା ଯୋଗାଇବ। 'ସେବା ହିଁ ସଙ୍ଗଠନ'କୁ ମୂଳମନ୍ତ୍ର କରି ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ନିରନ୍ତର କାର୍ଯ୍ୟ କରିଚାଲିଛନ୍ତି। 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ'କୁ ମୂଳମନ୍ତ୍ର କରି ରାଷ୍ଟ୍ର ହିତ କାର୍ଯ୍ୟରେ ଭାଜପା ନିଜ କାର୍ଯ୍ୟଧାରାକୁ ଜାରି ରଖିଛି। ସଶକ୍ତ ଭାରତବର୍ଷ ଏବଂ ଆତ୍ମନିର୍ଭର ଭାରତ ଗଠନ କରିବା ପାଇଁ ଆମ ସମସ୍ତଙ୍କର ସାମୂହିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସମୀର କହିଛନ୍ତି।'' ଏହି ଅବସରରେ ଦଳର ବହୁ ବରିଷ୍ଠ ନେତା ଏବଂ ବିଧାୟକମାନେ ଉପସ୍ଥିତ ଥିଲେ।


CLASSIFIED DISPLAY ALL EDITION - BW (Everyday)
MORE SPACE ' SAME PRICE

SONY MOBILE NETWORK
ନିଜଛାତ,ଜମି,ଜଲିନ୍‌କୁ ରୋଜଗାର ପନ୍ଥା ବନାନ୍ତୁ 5G Network Tower ଲଗାନ୍ତୁ.
ପ୍ରତିମାସ, 20 ବର୍ଷର ଚୁକ୍ତି, ଚୁକ୍ତି ଶୁଳ୍କ 650/-ମାତ୍ର
ADVANCE : 30 LAKH
ଭଡା : ୧୫,୦୦୦/- ମାସିକ, ଚାକିରି-୧ଜଣ, ଦରମା : ୧୫,୦୦୦/- + PF + Bonos + ବୋଲେରୋ ଗାଡି
6390061477
7380925927

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ତ୍ରିରଙ୍ଗା ଶୋଭାଯାତ୍ରା

# ବିରୋଧୀ ଏକତା ମଜଭୁତ କରିବାକୁ ସଂକଳ୍ପ

ନୂଆଦିଲ୍ଲୀ, ୬।୪

କଂଗ୍ରେସ, ଟିଏମ୍‌ସି, ବିଆର୍‌ଏସ୍ ଏବଂ ସମାଜବାଦୀ ପାର୍ଟି ସମେତ ବିରୋଧୀ ଦଳଗୁଡ଼ିକ 'ତ୍ରିରଙ୍ଗା ଶୋଭଯାତ୍ରା' ଅବସରରେ ଏକାଠି ସେମାନଙ୍କ ମିଳିତ ଶକ୍ତି ପ୍ରଦର୍ଶନ କରିଛନ୍ତି। କେନ୍ଦ୍ର ସରକାର ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟକୁ ସମ୍ପୂର୍ଣ୍ଣ ଧୋଇନେଲେ। କେନ୍ଦ୍ରର ଏଭଳି ମନୋଭାବ ଜାରି ରହିଲେ ଦେଶ ଏକଚ୍ଛତ୍ରବାଦ ଆଡକୁ ମୁହାଁଇବ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ହାତରେ ତ୍ରିରଙ୍ଗା ଧରି ବିରୋଧୀ ଦଳ ଏମ୍‌ପିମାନେ ପାର୍ଲାମେଣ୍ଟରୁ ବିଜୟଚୌକ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ। ପରେ କନ୍‌ଷ୍ଟିଚ୍ୟୁଶନ କ୍ଲବ୍‌ଠାରେ ୧୯ଟି ଦଳ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ବିରୋଧୀ ଏକତାକୁ ଆଗେଇ ନେବା ଲାଗି ଏଥିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଅନ୍ୟ ନେତାମାନେ ସଂକଳ୍ପ ନେଇଥିଲେ। ସେମାନେ ଆଦାନୀ ପ୍ରସଙ୍ଗ ସମେତ ଦରଦାମ୍ ବୃଦ୍ଧି, ଗଣତନ୍ତ୍ର ଉପରେ ଆକ୍ରମଣ ଅଭିଯୋଗ ପ୍ରସଙ୍ଗ ଉଠାଇଥିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ପରେ ଭାଜପା ଭୟଭୀତ। ସେଥିପାଇଁ ସରକାର ପାର୍ଲାମେଣ୍ଟକୁ ଚଳାଇ ଦେଲେ ନାହିଁ ବୋଲି ଡିଏମ୍‌କେ ନେତା ଟି.ଆର୍. ବାଲୁ କହିଥିଲେ। ଗୃହରେ ବିଭିନ୍ନ ଦଳର ସଦସ୍ୟ ପରସ୍ପରଠାରୁ ଦୂରତ୍ୱ ଓ ମତପାର୍ଥକ୍ୟ ରହିଥିଲା। ଏବେ ସମସ୍ତେ ଏକାଠି ହୋଇଥିବାରୁ କୌଣସି ଶକ୍ତି ଅଲଗା କରିପାରିବ ନାହିଁ ବୋଲି ବିଆର୍‌ଏସ୍ ଏମ୍‌ପି କେଶବ ରାଓ କହିଥିଲେ।


କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ବିରୋଧୀ ଦଳର ଏମ୍‌ପିମାନେ ବଜେଟ ଅଧିବେଶନର ଶେଷ ଦିବସରେ ଗୁରୁବାର ପାର୍ଲିଆମେଣ୍ଟରୁ ବିଜୟ ଚୌକକୁ 'ତ୍ରିରଙ୍ଗା ଯାତ୍ରା'ରେ ସାମିଲ ହୋଇଛନ୍ତି।

# ୧୨ ମିନିଟ୍‌ରେ ୫୦ ଲକ୍ଷ କୋଟିର ବଜେଟ ଗୃହୀତ କରାଇନେଲେ: ଖାର୍ଗେ

ନୂଆଦିଲ୍ଲୀ, ୬।୪

କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଗଣତାନ୍ତ୍ରିକ ନିୟମାନୁଯାୟୀ ପାର୍ଲାମେଣ୍ଟରେ ଆଲୋଚନା କରିବାକୁ ସୁଯୋଗ ଦେଉ ନ ଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷରେ ବିରୋଧୀ ଗୃହକୁ ଅଚଳ କରି ରଖିଥିବା ଭାଜପା ଅଭିଯୋଗ କରିଆସୁଛି। ଆଲୋଚନା ପାଇଁ ସୁଯୋଗ ନ ଦେଇ ସରକାର ମାତ୍ର ୧୨ ମିନିଟରେ ୫୦ ଲକ୍ଷ କୋଟି ଟଙ୍କାର ବଜେଟ ଗୃହୀତ କରାଇନେଲେ। ଆଦାନୀ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ବିରୋଧୀ ଅଡ଼ିବସିଥିବାବେଳେ ଏଥିରୁ ଲୋକଙ୍କ ଦୃଷ୍ଟି ହଟାଇବା ଲାଗି ସରକାରୀ ଦଳ ପାର୍ଲାମେଣ୍ଟକୁ ଅଚଳ କରି ରଖିଥିଲେ ବୋଲି ଖାର୍ଗେ କହିଛନ୍ତି। ବଜେଟ ଅଧିବେଶନକୁ ସମ୍ପୂର୍ଣ୍ଣ ଅଚଳ କରି ରଖିବା ସରକାରଙ୍କ ଉଦ୍ଦେଶ୍ୟ ଥିଲା। ଏହାକୁ ବିରୋଧୀ ଦଳଗୁଡ଼ିକ ନିନ୍ଦା କରୁଛନ୍ତି ବୋଲି ପାର୍ଲାମେଣ୍ଟ ଭବନରୁ ବିଜୟଚୌକ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ପରେ କନ୍‌ଷ୍ଟିଚ୍ୟୁଶନ କ୍ଲବ୍‌ଠାରେ ମିଳିତ ଖବରଦାତା ସମ୍ମିଳନୀରେ ଖାର୍ଗେ କହିଛନ୍ତି। ସରକାର ଗଣତନ୍ତ୍ର ଉପରେ ବହୁତ କଥା କହୁଛନ୍ତି, କିନ୍ତୁ ଗଣତାନ୍ତ୍ରିକ ନିୟମାବଳୀ ପାଳନ କରୁନାହାନ୍ତି। ଗଣତନ୍ତ୍ର ଓ ସମ୍ବିଧାନ ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ଲଢ଼ିବେ ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

# ପଦାରେ ପଡ଼ିଲା ଗୋଷ୍ଠୀ କନ୍ଦଳ

- ବ୍ରହ୍ମପୁରରେ ଭାଜପା ଦୁଇ ଫାଳ
- ବିଧାୟକ, ମେୟର ପ୍ରାର୍ଥୀଙ୍କ ପୃଥକ୍ କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ,୬।୪

ବ୍ରହ୍ମପୁରରେ ଭାଜପା ସଂଗଠନ ଦୁଇଫାଳ ହୋଇଛି। ଗୁରୁବାର ପାର୍ଟି ପ୍ରତିଷ୍ଠା ଦିବସ ଦୁଇଗୋଷ୍ଠୀ ପକ୍ଷରୁ ଭିନ୍ନ ଭିନ୍ନ ସ୍ଥାନରେ ପାଳିତ ହୋଇଥିବାରୁ ଗୋଷ୍ଠୀ କନ୍ଦଳ ପଦାକୁ ଆସିଛି। ପୂର୍ବରୁ ମଧ ଭୁବନେଶ୍ୱରଠାରେ ଯୁବମୋର୍ଚ୍ଚା ନେତା ଓ କର୍ମୀଙ୍କୁ ପୋଲିସର ନିର୍ମମ ମାଡ଼ ପ୍ରତିବାଦରେ ସବୁ ଥାନାରେ ଏତଲା ଦେବା ବେଳେ ଦୁଇ ଗୋଷ୍ଠୀ ପୃଥକ୍ ଭାବେ ଦାଖଲ କରିଥିଲେ। ଗୋଟିଏ ଗୋଷ୍ଠୀ ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ କାହ୍ନୁଚରଣ ପତିଙ୍କ ଇସାରାରେ ଏବଂ ଅନ୍ୟ ଗୋଷ୍ଠୀ ଗତ ପୌର ନିର୍ବାଚନର ଭାଜପା ମେୟର ପ୍ରାର୍ଥିନୀ ସବିତା ସୁଆରଙ୍କ ନେତୃତ୍ୱରେ ପରିଚାଳିତ ହେଉଛି।

ଗୁରୁବାର ଗାନ୍ଧୀନଗର ଛକରେ ଆୟୋଜିତ ଦଳର ପ୍ରତିଷ୍ଠା ଦିବସ ପାଳନରେ କାହ୍ନୁ ପତି ଦଳୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଂଗଠନର କର୍ମକର୍ତ୍ତା, ମହିଳା ମୋର୍ଚ୍ଚା, ଯୁବମୋର୍ଚ୍ଚା କର୍ମୀଙ୍କ ସମେତବ୍ରହ୍ମପୁର ମହାନଗରକୁ ନିର୍ବାଚିତ ୭ ଭାଜପା କର୍ପୋରେଟରଙ୍କ ମଧ୍ୟରୁ ଅର୍ଦ୍ଧେକ ଯୋଗ ଦେଇଥିଲେ। ସେହିପରି ସବିତାଙ୍କ ଗାନ୍ଧୀନଗରସ୍ଥିତ ନିଜସ୍ୱ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳନରେ ଦଳର କେତେକ ପୁରୁଖା ନେତା ଏବଂ ଆଉ କେତେକ କର୍ପୋରେଟର ଉପସ୍ଥିତ ଥିଲେ। ଅପରପକ୍ଷରେ ଓବିସି ମୋର୍ଚ୍ଚା ପକ୍ଷରୁ ଗଞ୍ଜାମ କଳା ପରିଷଦ ପରିସରରେ ସଭାପତି ମଦନ ମୋହନ ପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇ ରାଜ୍ୟ ସଂଗଠନ ନିର୍ଦ୍ଦେଶରେ ଗୁରୁବାରଠାରୁ ଗାଁକୁ ଗାଁ ଏବଂ ଘରକୁ ଘର ଚାଲ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଏଥିରେ ଗଞ୍ଜାମ ସାଙ୍ଗଠନିକ ଜିଲାର ସମସ୍ତ ମଣ୍ଡଳ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଗିରିରୋଡର ଏକ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ମଣ୍ଡଳସ୍ତରୀୟ ନେତ୍ରୀଙ୍କୁ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ।

# ବରପୁତ୍ରଙ୍କୁ ସମ୍ମାନ ନ ଦିଆଯାଉ ପଛେ ଅସମ୍ମାନ କରା ନ ଯାଉ: ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୪(ବ୍ୟୁରୋ)

ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ଅନୁଗୋଳର ଗୋପବନ୍ଧୁ ପାର୍କରେ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନା ନେଇ ଉପୁଜିଥିବା ବିବାଦରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଃଖ ପ୍ରକାଶ କରିଛନ୍ତି। ଓଡ଼ିଶା ପ୍ରଶାସନ ପୂର୍ବପୁରୁଷଙ୍କୁ ସମ୍ମାନ କରନ୍ତୁ କି ନ କରନ୍ତୁ କିନ୍ତୁ ଅସମ୍ମାନ କରନ୍ତୁ ନାହିଁ ବୋଲି ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଏହି ଘଟଣାକୁ ଦୁଃଖଦାୟକ କହିବା ସହ ଓଡ଼ିଶାର ମହାନ୍ ବିଭୂତିଙ୍କ ପ୍ରତିମୂର୍ତ୍ତି ସ୍ଥାପନା ବେଳେ ପ୍ରଶାସନ ଅଧିକ ସମ୍ବେଦନଶୀଳ ଓ ଯତ୍ନବାନ୍ ହେବା ଆବଶ୍ୟକ। ଅନୁଗୋଳ ପ୍ରଶାସନ ଦ୍ୱାରା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ବାରମ୍ବାର ବିକୃତ ପ୍ରତିମୂର୍ତ୍ତି ସ୍ଥାପନ ଲୋକଙ୍କୁ ମାନସିକ ଭାବେ ଆଘାତ ଦେଇଛି। ପ୍ରଶାସନ ଯଥାଶୀଘ୍ର ଚୌଧୁରୀଙ୍କ ପରିବାର ଓ ବିଶେଷଜ୍ଞଙ୍କ ପରାମର୍ଶ ନେଇ ବରପୁତ୍ରଙ୍କ ଠିକ୍ ପ୍ରତିମୂର୍ତ୍ତି ନିର୍ମାଣ କରି ପୁନଃ ସ୍ଥାପନ କରିବା ସହ ଯଥୋଚିତ ସମ୍ମାନ ଦେବା ଉଚିତ ବୋଲି ସେ କହିଛନ୍ତି।

# ଗଞ୍ଜାମର ବହୁ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି : ବିଜୟ

- କୁକୁଡାଖଣ୍ଡିରେ କଂଗ୍ରେସ ନେତାଙ୍କ ଉଦ୍‌ବେଗ
- କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

କୁକୁଡାଖଣ୍ଡି,୬।୪

ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର କୁକୁଡାଖଣ୍ଡି ଡାକ ବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀ ଜିଲା ସଭାପତି ରମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଂଗ୍ରେସ ନେତା ବିଜୟ କୁମାର ପଟ୍ଟନାୟକ ଯୋଗଦେଇ ଗଞ୍ଜାମର ବହୁ ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି, ଯାହାର ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଗୋପାଳପୁରରେ ବହୁ ଜମି ଲୋକଙ୍କଠାରୁ ଅଧିଗ୍ରହଣ କରାଯାଇଛି, କିନ୍ତୁ ସେହି ଜମିଗୁଡିକ ପଡିଆ ପଡିଛି। ଯାହା କୌଣସି କାମରେ ଆସୁନି। ଜିଲାରେ ସରକାରୀ କର୍ମଚାରୀଙ୍କୁ ସରକାର ଦଳୀୟ କାର୍ଯ୍ୟରେ ଲଗାନ୍ତୁ ନାହିଁ । ଯଦ୍ୱାରା ସେମାନଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହେଉଛି ବୋଲି ବିଜୟ କହିଛନ୍ତି। ଏହି ସମ୍ମିଳନୀରେ କୁକୁଡ଼ାଖଣ୍ଡି ବ୍ଲକ୍ ସଭାପତି ପି. ଶିବ ପ୍ରସାଦ ଦୋରା, ପୂର୍ବତନ ସରପଞ୍ଚ ଅଦଲ ଭରତ, ବ୍ଲକ୍ କଂଗ୍ରେସ ଯୁବ ନେତା ସାକା ସୁଜିତ କୁମାର ଓ ସାରଦା ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୃପାସିନ୍ଧୁପୁର ଏବଂ ନଳିହାଡ ଗ୍ରାମରୁ ଶତାଧିକ ବିଜେଡି କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ।


## Classified Everyday 0674-2580101, 2549949


REAL ESTATE
SALE

Farmhouse having 5acre area sale near 9K.M. from Chaudwar. Contact: 9938205600. D-0041

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

Plot sale (yellowzone) near TATA Memorial Cancer Hospital (proposed), infront-of BSF Cantonment. Contact: 9937269125. D-74531

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

Land for sale at Pubasasan Mouza, infront of CIFA having area 2200sqft. with yellowzone (gharabari). Contact: 9938205600. D-0042

**Duplex sale at Bhubaneswar @50 lakhs and apartment near Sum Hospital. 9777433701.** D-74835

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ- 800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରି ଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। **9438299931.** D-3128

ANTQUE Model bullet sale with valid documents. Contact. 9938205600. D-0043

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


CONSTRUCTION

Construct your Dream Home/Building with compititive rate contact Besco Developers, Satyanagar, Bhubaneswar, 9778855101, 7735330028. D-2999


FOR RENT

3BHK, 3 toilet near Palasuni Market, Bhubaneswar. Contact : 9337892385. D-73375

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Full body massage in homely atmosphere all therapy. Mob: 8114881641. D-73426

**Full Body massage by Experience Therapist @999 only- 9078484455. (Bhubaneswar).** D-3134

Asribada Panchakarma Herbal SPA, Kesarimall, Bhubaneswar. Contact : 8926173473. D-74669

Newly open health benefits SPA special Offer @ 799, Jaydev Vihar. 8018429809. D-73697

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

Fullbody massage, refresh, relaxed by expert Lady Therapist. Contact: 8480939300. D-0029

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 16th March 2023, I, Abhiram Prasad Satapathy, Bhagirathi Vihar, B/21, Dist.- Dhenkanal, Odisha have changed my Minor Son's name from Sai Subham Satapathy to Yunay Satapathy. Henceforth he shall be known as Yunay Satapathy for all purposes.
Abhiram Prasad Satapathy
D-0040

By virtue of an affidavit made before Notary Public, Pattamundai on 27.03.2023, I, Baijayanti Pani, W/o-Bishnu Charan Pani, resident of Kumbharatanka, PO.- Malapatana, PS-Aul, Dist.- Kendrapara have changed my name from Sabitri Pani to Baijayanti Pani. Henceforth I shall be known as Baijayanti Pani for all purposes.
BAIJAYANTI PANI
D-0037

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ଠଲକ୍ଷ୍ମୀ ନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୩୭୫୭

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ଠଇଂ ଲଲାଟେନ୍ଦୁ ପଟ୍ଟନାୟକ
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ-୭୩୭୫୮

ଏକାଦଶାହ କ୍ରିୟା ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ବନ୍ଦନା ମିଶ୍ର
ଜଗନ୍ନାଥପୁର, ଭଦ୍ରକ
ଆବିର୍ଭାବ: ୧୦।୧୦।୧୯୬୫
ତିରୋଧାନ: ୨୮।୦୩।୨୦୨୩
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ହତଭାଗ୍ୟ: ଭଉଣୀ: ଜ୍ୟୋତ୍ସ୍ନା, ସ୍ୱପ୍ନା, କଳ୍ପନା, ସ୍ୱାତନା ଓ ଅଞ୍ଜନା, ଭାଇ: ଦୀପକ ଓ ଭାଉଜ: ମିନାକ୍ଷୀ, ଭିଣୋଇ: ପଦ୍ମଲୋଚନ, ମନୋଜ, ଭିକ୍ଷାକାରୀ ଓ ବିଜୟ, ପୁତୁରା: କୌସ୍ତୁବ ଓ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୦୦୩୮

ଶ୍ରଦ୍ଧାଞ୍ଜଳି

ଠ ବିମ୍ବାଧର ମିଶ୍ର
(ସଦାଶିବପୁର) ଢେଙ୍କାନାଳ
ଆବିର୍ଭାବ : 01 May 1948
ତିରୋଧାନ : 9 April 2001
ବାଇଶିତମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ପରିବାର ଓ ବନ୍ଧୁ ବାନ୍ଧବଙ୍କ ବିନମ୍ର ପ୍ରାର୍ଥନା । ପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।
ସ୍ତ୍ରୀ-ଡ଼ଲି, ପୁଅ-ଶିବୁ, ବୁବୁ ବୋହୂ-ସୋନି, ସୋନାଲି ଝିଅ-ନିନା, ଜ୍ୱାଇଁ-ବିଦ୍ୟୁତ୍ ନାତି-ପିଣ୍ଟୁ,ଡୁଡୁଲ, ନାତୁଣୀ-ଗୁଗୁଲ, ନନ୍ଦୁ
ଧ-୭୧୬୬୭

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଲକ୍ଷ୍ମୌ ବନାମ ହାଇଦ୍ରାବାଦ**

ସ୍ଥାନ: ଲକ୍ଷ୍ମୌ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ




## ହେଡ୍ ଟୁ ହେଡ୍

ମୋଟ ମ୍ୟାଚ: ୧
ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ ବିଜୟୀ-୧
ସନ୍‌ରାଇଜର୍ସ ହାଇଦ୍ରାବାଦ ବିଜୟୀ-୦

### ପିଚ୍ କଣ୍ଡିସନ

ଲକ୍ଷ୍ମୌ ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ସାମାନ୍ୟ ଫାଇଦାରେ ରହିଛି। ଏଠାରେ ମୋଟ ୩୧ଟି ଟି୨୦ ଖେଳାଯାଇଥିବାବେଳେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୧୭ଟି ମ୍ୟାଚ ଜିତିଛି ଏବଂ ୧୪ଟିରେ ପରାଜିତ ହୋଇଛି। ଏଠାରେ ଦ୍ରୁତ ବୋଲର (୭.୮୭ ଇକୋନୋମି)ଙ୍କ ଅପେକ୍ଷା ସ୍ପିନର (୬.୪୯) କମ୍ ରନ୍ ବ୍ୟୟ କରିଛନ୍ତି।

## ରିସି ଟପ୍‌ଲେ ଆଇପିଏଲ୍‌ରୁ ବାହାର

**କୋଲକାତା, ୬।୪ (ପି.ଟି.):** କାନ୍ଧରେ ସମସ୍ୟା ଯୋଗୁ ଇଂଲଣ୍ଡ ପେସ୍ ବୋଲର ରିସି ଟପ୍‌ଲେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରୁ ବାଦ୍ ପଡିଛନ୍ତି। ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ ବେଳେ ଟପ୍‌ଲେ ଆଘାତପ୍ରାପ୍ତ ହୋଇଛନ୍ତି।

# ଆର୍‌ସିବିକୁ ୮୧ ରନ୍‌ରେ ହରାଇଲା କେକେଆର୍

**କୋଲକାତା,୬।୪**

କୋଲକାତାର ଇଡେନ୍‌ଗାର୍ଡେନ୍ସରେ ଅନୁଷ୍ଠିତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ର ନବମ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷରେ ବୃହତ ବିଜୟ ହାସଲ କରିଛି କୋଲକାତା ନାଇଟ ରାଇଡର୍ସ(କେକେଆର)। ଶାର୍ଦ୍ଦୂଳ ଠାକୁରଙ୍କ ଅଲରାଉଣ୍ଡ ସଫଳତା ଓ ରହମାନୁଲ୍ଲା ଗୁରବାଜଙ୍କ ଚମତ୍କାର ଅର୍ଦ୍ଧଶତକ ବଳରେ କେକେଆର ୮୧ ରନ୍‌ରେ ମ୍ୟାଚ୍‌କୁ ଜିତି ନେଇଥିଲା। ଶାର୍ଦ୍ଦୂଳଙ୍କ ୬୮, ଗୁରବାଜଙ୍କ ୫୭ ଓ ରିଙ୍କୁ ସିଂଙ୍କ ୪୬ ରନ୍ ବଳରେ ୭ ଉଇକେଟ ହରାଇ ୨୦୪ ରନ୍ କରିଥିଲା କେକେଆର। ଜବାବରେ ଆରସିବି ୧୨୩ ରନରେ ସୀମିତ ରହିଥିଲା। ଭେଙ୍କଟେଶ ଆୟାରଙ୍କ ସ୍ଥାନରେ ସୁୟଶ ଶର୍ମା ଓ ମହମ୍ମଦ ସିରାଜଙ୍କ ସ୍ଥାନରେ ଅନୁଜ ରାୱତ ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ଭାବରେ ଆସିଥିଲେ।



ବିସ୍ଫୋରକ ଇନିଂସ୍ ଅବସରରେ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଶାର୍ଦ୍ଦୂଳ ଠାକୁର।

## ୱିଲିଙ୍କ ଡବଲ୍ ବ୍ଲୋ

ଟସ୍ ହାରି ବ୍ୟାଟିଂ କରିଥିବା ଘରୋଇ କେକେଆର୍‌କୁ ଭଲ ଆରମ୍ଭ ଦେଇଥିଲେ ଗୁରବାଜ୍। ଭେଙ୍କଟେଶ ଆୟରଙ୍କ ସହିତ ୩ ଓଭରରେ୨୬ ରନ୍ ଯୋଡିଥିଲେ। ଚତୁର୍ଥ ଓଭରରେ ଡେଭିଡ୍ ୱିଲି ମେଡେନ୍ ଦୁଇ ଉଇକେଟ ନେବା ସହିତ ରନ୍ ଗତିରେ ଅଙ୍କୁଶ ଲଗାଇଥିଲେ। ଲଗାତାର ବଲ୍‌ରେ ଭେଙ୍କଟେଶ ଆୟାର(୩) ଓ ମନ୍‌ଦୀପ୍ ସିଂ(୦)ଙ୍କୁ ସେ ଆଉଟ କରିଥିଲେ। ଚଳିତ ଆଇପିଏଲରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିବା ଗୁରବାଜ ୪୪ ବଲ୍ ଖେଳି ୬୩ ରନ୍ କରିଥିଲେ। ଅଧିନାୟକ ନୀତିଶ ରାଣା (୧) ରନ୍ କରି ମାଇକେଲ୍ ବ୍ରେସୱେଲଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଦଳୀୟ ସ୍କୋର ୮୯ ରନ୍‌ରେ ପୁଣି ଥରେ ଡବଲ୍ ଝଟକା ଦେଇଥିଲେ କର୍ନ ଶର୍ମା। ଲଗାତାର ବଲ୍‌ରେ ସେ ଗୁରବାଜ ଓ ଆନ୍ଦ୍ରେ ରସେଲ୍‌ଙ୍କୁ ଆଉଟ କରିଥିଲେ।

## ଶାର୍ଦ୍ଦୂଳ-ରିଙ୍କୁଙ୍କ କାଉଣ୍ଟର ଆଟାକ୍

୮୯ ରନ୍‌ରେ ୫ ଉଇକେଟ ହରାଇ କେକେଆର୍ ସଙ୍କଟରେ ଥିବା ବେଳେ ଶତକୀୟ ଭାଗୀଦାରି କରିଥିଲେ ଶାର୍ଦ୍ଦୂଳ ଠାକୁର(୬୮) ଓ ରିଙ୍କୁ ସିଂ(୪୬)। ଉଭୟ ଖେଳାଳି ୪୫ ବଲ୍ ଖେଳି ୧୦୩ ରନ୍ ଯୋଡିଥିଲେ। ଶାର୍ଦ୍ଦୂଳ ୨୯ ବଲ୍ ଖେଳି ୯ ଚୌକା ଓ ୩ ଛକା ମାରିଥିଲେ। ରିଙ୍କୁ ସିଂ ୩୩ ବଲ୍ ଖେଳି ୨ ଚୌକା ଓ ୩ ଛକା ମାରଥିଲେ। ଆରସିବି ପକ୍ଷରୁ ଡେଭିଡ୍ ୱିଲି ଓ କର୍ନ ଶର୍ମା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଇକେଲ ବ୍ରେସୱେଲ, ହର୍ଷଲ ପଟେଲ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆରସିବି ବୋଲର ମାନେ ୨୩ ଅତିରିକ୍ତ ରନ୍ ପ୍ରଦାନ କରିଥିଲେ।

## ସ୍ପିନ୍ ଜାଲରେ ଆରସିବି

୨୦୫ ରନ୍‌ର ପିଛା କରୁଥିବା ଆରସିବି ପକ୍ଷରୁ ପ୍ରଥମ ଉଇକେଟରେ ୪୪ ରନ୍ ଯୋଡିଥିଲେ ଫାଫ୍ ଡୁ ପ୍ଲେସି(୨୩) ଓ ବିରାଟ କୋହଲି(୧୯)। ତେବେ କେକେଆରର ୩ ସ୍ପିନରଙ୍କ ଘାତକ ବୋଲିଂ ଆଗରେ ହାର ମାନିଥିଲା ଆରସିବି। ମ୍ୟାଚ୍‌ର ପଞ୍ଚମ ଓଭରରେ କୋହଲିଙ୍କୁ ବୋଲ୍ଡ କରି ପ୍ରଥମ ସଫଳତା ହାସଲ କରିଥିଲେ ସୁନୀଲ ନାରିନ୍। ପରବର୍ତ୍ତୀ ଓଭରରେ ଡୁ ପ୍ଲେସିଙ୍କୁ ଆଉଟ କରିଥିଲେ ବରୁଣ ଚକ୍ରବର୍ତ୍ତୀ। ୩ ସ୍ପିନର ନିଜ ମଧ୍ୟରେ ୯ ଉଇକେଟ ବାଣ୍ଟି ନେଇଥିଲେ। ବରୁଣ ଚକ୍ରବର୍ତ୍ତୀ ୪, ଇମ୍ପାକ୍ଟ ସବଷ୍ଟିଚ୍ୟୁଟ ସୁୟଶ ଶର୍ମା୩ ଉଇକେଟ ଓ ସୁନୀଲ ନାରିନ୍ ୨ ଉଇକେଟ ନେଇଥିଲେ। ୬ ଜଣ ଆରସିବି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ।

**ସଂକ୍ଷିପ୍ତ ସ୍କୋର**

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୨୦୪/୭ (ଶାର୍ଦ୍ଦୂଳ ଠାକୁର-୬୮, ରହମାନୁଲ୍ଲା ଗୁରବାଜ-୫୭, ରିଙ୍କୁ ସିଂ-୪୬, ଡେଭିଡ୍ ୱିଲି-୨/୧୬, କର୍ନ ଶର୍ମା-୨/୨୬, ମାଇକେଲ ବ୍ରେସୱେଲ-୧/୩୪)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୭.୪ ଓଭରରେ ୧୨୩/୧୦ (ଫାଫ୍ ଡୁ ପ୍ଲେସି-୨୩, ମାଇକେଲ୍ ବ୍ରେସୱେଲ-୨୧, ବିରାଟ କୋହଲି-୧୯, ବରୁଣ ଚକ୍ରବର୍ତ୍ତୀ-୪/୧୫, ସୁୟଶ ଶର୍ମା-୩/୩୦, ସୁନୀଲ ନାରିନ୍-୨/୧୬)।

## ମାଲିଙ୍ଗାଙ୍କୁ ପଛରେ ପକାଇଲେ ଚହଲ

**ନୂଆଦିଲ୍ଲୀ, ୬।୪:** ରାଜସ୍ଥାନ ରୟାଲ୍ସ ପକ୍ଷରୁ ଆଇପିଏଲ୍ ଖେଳୁଥିବା ଭାରତୀୟ ଦଳର ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ନିଜ ନାମରେ ଆଉ ଏକ ରେକର୍ଡ କରିଛନ୍ତି। ରାଜସ୍ଥାନ ଦଳର ବୋଲିଂ କୋଚ୍ ରହିଥିବା ଲସିଥ୍ ମାଲିଙ୍ଗାଙ୍କୁ ସେ ପଛରେ ଛାଡିଛନ୍ତି। ଆଇପିଏଲ୍‌ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲରଙ୍କ ତାଲିକାରେ ସେ ମାଲିଙ୍ଗାଙ୍କୁ ପଛରେ ପକାଇ ଡ୍ୱେନ୍ ବ୍ରାଭୋ (୧୮୩)ଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଗୁରୁବାର ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଗୋଟିଏ ଉଇକେଟ ନେଇ ଚହଲ୍ ମୋଟ୍ ୧୭୧ ଉଇକେଟ ସହିତ ଏହି ସଫଳତା ହାସଲ କରିଥିଲେ। ଆଇପିଏଲ୍ କ୍ୟାରିୟରରେ ମାଲିଙ୍ଗା ୧୭୦ ଉଇକେଟ ନେଇଛନ୍ତି।

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ସନ୍‌ରାଇଜର୍ସ

**ଲକ୍ଷ୍ମୌ,୬।୪(ପି.ଟି.)**

ଶୁକ୍ରବାର ଲକ୍ଷ୍ମୌ ସୁପର୍ ଜାଏଣ୍ଟ୍ସ (ଏଲଏସ୍‌ଜି)କୁ ଭେଟିବ ସନରାଇଜର୍ସ ହାଇଦ୍ରାବାଦ। ପ୍ରଥମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ନିକଟରୁ ହାରିବା ପରେ ଏହି ମ୍ୟାଚ୍‌ରେ ଦୃଢ ଭାବରେ ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ରହିବ ହାଇଦ୍ରାବାଦ। ଅଧିନାୟକ ଏଡେନ୍ ମାରାକ୍ରମଙ୍କ ଅନୁପସ୍ଥିତିରେ ଭୁବନେଶ୍ୱର କୁମାର ପ୍ରଥମ ମ୍ୟାଚରେ ଅଧିନାୟକ ରହିଥିଲେ। କେବଳ ମାରାକ୍ରମ ନୁହନ୍ତି ହେନରିଚ୍ କ୍ଲାସେନ୍ ଓ ମାର୍କୋ ଜାନସେନ୍‌ଙ୍କ ପରି ଖେଳାଳି ଦଳକୁ ଫେରିଛନ୍ତି। ୨୦୨୧ରେ ଅନ୍ତିମ ଓ ବିଗତ ବର୍ଷରେ ୮ମ ସ୍ଥାନରେ ରହିଥିବା ସନରାଇଜର୍ସ ଚଳିତ ବର୍ଷ ମାରାକ୍ରମ ଓ ବ୍ରାଏନ୍ ଲାରାଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ପ୍ରଥମ ମ୍ୟାଚ୍‌ରେ ବୃହତ୍ ପରାଜୟ ପରେ ସନରାଇଜର୍ସ ନିଜର ପାୱାର ପ୍ଲେ ଗେମ୍ ସୁଧାରିବା ନେଇ ଆଶା କରାଯାଉଛି। ଟୁର୍ନାମେଣ୍ଟର ଅନ୍ୟତମ ଶ୍ରେଷ୍ଠ ପେସ୍ ଆଟାକ୍ ଭାବେ ଗଣାଯାଉଥିଲେ ମଧ୍ୟ ପ୍ରଥମ ମ୍ୟାଚରେ ଏହା ବିଫଳ ହୋଇଥିଲା। ଟି. ନଟରାଜନ(୨/୨୩)ଙ୍କୁ ବାଦ୍ ଦେଲେ ଦଳର ଅନ୍ୟ କୌଣସି ବୋଲର ପ୍ରଭାବ ପକାଇବାରେ ସମର୍ଥ ହୋଇ ନ ଥିଲେ। ଅଭିଜ୍ଞ ଭୁବନେଶ୍ୱର ଉଇକେଟ ଶୂନ୍ୟ ରହିଥିବା ବେଳେ ଫଜଲ୍ଲହକ୍ ଫାରୁକି ଓ ଉମ୍ରାନ୍ ମଲିକ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସ୍ପିନ୍ ବିଭାଗରେ ୱାଶିଂଟନ୍ ସୁନ୍ଦର ଓ ଆଦିଲ ରଶିଦଙ୍କ ବୋଲିଂ ଅତ୍ୟନ୍ତ ସାଧାରଣ ରହିଥିଲା। ରାହୁଲ ତ୍ରିପାଠୀ ଓ ଅଭିଷେକ ଶର୍ମା ଖାତା ଖୋଲିବାରେ ବିଫଳ ହେବା ଟପ୍ ଅର୍ଡର ପାଇଁ ଏହା ଚିନ୍ତାର କାରଣ। ଷ୍ଟାର ଖେଳାଳି ହ୍ୟାରୀ ବ୍ରୁକ୍ ବିଫଳ ହେବା ଦଳକୁ କ୍ଷତି ପହଞ୍ଚାଇଥିଲା। ଅନ୍ୟପକ୍ଷରେ ଲୋକେଶ ରାହୁଲଙ୍କ ଏଲ୍ଏସ୍‌ଜି ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ଫର୍ମରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିବା ପରେ ଦ୍ୱିତୀୟ ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ଅଳ୍ପକେ ପରାଜିତ ହୋଇଥିଲା। କାଇଲ୍ ମେୟର୍ସ ଉଲ୍ଲେଖନୀୟ ବ୍ୟାଟିଂ କରିଥିବା ବେଳେ ବୋଲିଂରେ ମାର୍କ ଉଡ୍ ଓ ରବି ବିଷ୍ଣୋଇ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଉଡ୍ ୮ ଉଇକେଟ ସହିତ ପର୍ପଲ କ୍ୟାପ୍ ହୋଲ୍ଡର ରହିଥିବା ବେଳେ ବିଷ୍ଣୋଇ ୫ ଉଇକେଟ ନେଇଛନ୍ତି। ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ମେୟର୍ସଙ୍କ ବ୍ୟତୀତ ଅନ୍ୟ ଟପ୍ ଅର୍ଡର ଖେଳାଳି ବିଫଳ ହୋଇଥିବାରୁ ଏଥିରେ ସୁଧାର ଆଣିବାକୁ ପ୍ରୟାସ କରିବ ସୁପର ଜାଏଣ୍ଟ୍ସ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୨ | ୨ | ୦ | ୪ | +୦.୭୦୦ |
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୦.୩୧୧ |
| କୋଲକାତା ନାଇଟ ରାଇଡର୍ସ | ୨ | ୧ | ୧ | ୨ | +୨.୦୫୬ |
| ରାଜସ୍ଥାନ ରୟାଲ୍ସ | ୨ | ୧ | ୧ | ୨ | +୧.୬୭୫ |
| ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୯୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୨ | ୧ | ୧ | ୨ | +୦.୦୩୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨ | ୧ | ୧ | ୨ | -୧.୨୫୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୦ | ୨ | ୦ | -୧.୭୦୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୧ | ୦ | ୧ | ୦ | -୧.୯୮୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧ | ୦ | ୧ | ୦ | -୩.୬୦୦ |



# ଭାରତୀୟ ବାଳିକା ସେମିଫାଇନାଲରେ

**ଆଇଟିଏଫ୍ ଏସିଆ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍**




ଭୁବନେଶ୍ୱର, ୬।୪ (ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସରେ ଗୁରୁବାର ଭାରତୀୟ ବାଳିକା ସେମିରେ ପ୍ରବେଶ କରିଛନ୍ତି। ମାୟା ରାଜେଶ୍ୱରନ୍ ରେବତୀ ଓ ହରିଥା ଶ୍ରୀ ଭେଙ୍କଟେଶ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ମାୟା ପ୍ରଥମ କ୍ୱାର୍ଟରରେ ହଂକଂର ନିତ୍ୟା ବାଲକ୍ରିଷ୍ଣା ମଦ୍ଦୁରୀଙ୍କୁ ୬-୧, ୬-୨ରେ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ। ଚତୁର୍ଥ ସିଡ୍ ହରିଥା ଇଣ୍ଡୋନେସିଆର ଗ୍ରେନ୍ ଏମିଲି କୁର୍ନିଆୱାନଙ୍କୁ ୬-୧, ୬-୧ରେ ପରାସ୍ତ କରିଥିଲେ। ୬ ନମ୍ବର ସିଡ୍ ଥାଇଲାଣ୍ଡର ନତ୍ରାଡା ସକୁଲ୍ଲୋଙ୍ଗଟାନା ୬-୪, ୬-୨ ସେଟ୍‌ରେ ତୃତୀୟ ସିଡ୍ କାଜାଖସ୍ତାନର ଏଭା କୋରିଶେଭାଙ୍କୁ ୬-୪, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। କୋରିଆର ଦ୍ୱିତୀୟ ସିଡ୍ ଜିୟୁନ୍ ଓହ୍ ୬-୧, ୬-୩ ସେଟ୍‌ରେ ଥାଇଲାଣ୍ଡର ଟାରିଟା ହୋଙ୍ଗସିୟୋକ୍‌ଙ୍କୁ ପରାସ୍ତ କରିଥିଲେ।

ବାଳକ ସିଙ୍ଗଲ୍ସରେ ଶେଷ ହୋଇଛି ଭାରତୀୟ ଚ୍ୟାଲେଞ୍ଜ। ୪ ନମ୍ବର ସିଡ୍ ଭାରତୀୟ ଖେଳାଳି ପ୍ରକାଶ ସରନ୍ ୩ ସେଟ୍ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ସେଟ୍ ୬-୪, ୪-୬ ଓ ୬-୨ସେଟ୍‌ରେ ହଂକଂର ଆଲେକ୍ସ ଲାପ ହାଙ୍ଗ ହୁଇଙ୍କ ନିକଟରୁ ହାରି ଯାଇଥିଲେ। ଏକ ନମ୍ବର ସିଡ୍ ମିନ୍ ହ୍ୟୁକ୍ ଚୋ ୬-୨, ୬-୨ ସେଟ୍‌ରେ ଶ୍ରୀଲଙ୍କାର ମେଥିକା ନୁରାନ ୱିକ୍ରମାସିନ୍‌ଙ୍କୁ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ। ହଂକଂର ଆନ୍ଦ୍ରେ ଲାମ୍ ଜୁନ୍ ବାର୍ଟ ୬-୧, ୬-୨ ସେଟ୍‌ରେ କାଜାଖସ୍ତାନର ମିଖାଏଲ ମିଚେସ୍କାଙ୍କୁ ପରାସ୍ତ କରିଥିଲେ। ଅନ୍ତିମ କ୍ୱାର୍ଟର ଫାଇନାଲରେ କୋରିଆର ୱୋନମିନ୍ କିମ୍ ୬-୩, ୬-୦ ସେଟ୍‌ରେ ଇଣ୍ଡୋନେସିଆର ଜୋକିମ୍ ମିକା ଗୁନାୱାନଙ୍କୁ ପରାସ୍ତ କରିଥିଲେ।

With Best Compliments from
NIIS GROUP OF INSTITUTIONS
GROOMING TO EXCEL..... SINCE THE YEAR 2000
NIIS INSTITUTE OF INFORMATION SCIENCE & MANAGEMENT
(Recognised by Govt. of Odisha & Affiliated to Utkal University)
M.Sc. (Physics) | M.Sc. (Chemistry) | M.Sc. (Biotechnology) | M.Sc. (Comp.Sc.)
M.Com. (Traditional) | M.Com. (F & C) | MPMIR | MSW
Unique Brand Identity: NIIS
HIGH QUALITY LEARNING EXPERIENCE
EXPERIENCED AND HIGHLY QUALIFIED FACULTIES
SPACIOUS AND WELL EQUIPPED CLASSROOMS.
WIFI ENABLED CAMPUS
SUMMER INTERNSHIP PROGRAM
BEST SKILL DEVELOPMENT CENTER
NIIS INSTITUTE OF BUSINESS ADMINISTRATION
(Approved by AICTE, Ministry of HRD, Govt. of India & Affiliated to BPUT, Odisha)
MBA | MCA
SARADA VIHAR, MADANPUR, BHUBANESWAR KHORDHA, ODISHA, PIN-752054
CALL US 9778899990 9778899991
Email: contactus@niisgroup.org
Visit us: www.niisgroup.org

# ନିଶିମୋତୋଙ୍କୁ ହରାଇ ରାଜାୱତ କ୍ୱାର୍ଟରରେ

**ଓର୍ଲିନ (ଫ୍ରାନ୍ସ), ୬।୪ (ପି.ଟି.):** ଓର୍ଲିନ୍ସ ମାଷ୍ଟର୍ସ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ପ୍ରିୟାଂଶୁ ରାଜାୱତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୫୮ ନମ୍ବର ର୍‌ୟାଙ୍କିଙ୍ଗପ୍ରାପ୍ତ ରାଜାୱତ ପ୍ରତିଯୋଗିତାର ଟପ୍ ସିଡ୍ ଜାପାନର କେଣ୍ଟା ନିଶିମୋତୋଙ୍କ ବିପକ୍ଷରେ ୨୧-୮, ୨୧-୧୬ରେ ବିଜୟ ହାସଲ କରି ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ନିଶିମୋତୋ ଗତ ରବିବାର ମାଡ୍ରିଡ୍ ସ୍ପେନ୍ ମାଷ୍ଟର୍ସ ଟାଇଟଲ ଜିତିଥିଲେ। ରାଜାୱତ କ୍ୱାର୍ଟରଫାଇନାଲରେ ଜାତୀୟ ଚାମ୍ପିୟନ ମିଥୁନ ମଞ୍ଜୁନାଥ ଓ ଚାଇନିଜ ତାଇପେର ଚି ୟୁ ଜେନ୍ ମଧ୍ୟରେ ଖେଳାଯିବାକୁଥିବା ଅନ୍ୟ ମ୍ୟାଚର ବିଜେତାଙ୍କୁ ଭେଟିବେ। ମହିଳା ସିଙ୍ଗଲ୍ସରେ ଟାନ୍ୟା ହେମନ୍ତ ଜାପାନର ନାତସୁକି ନିଦାଇରାଙ୍କ ସହ ମୁକାବିଲା କରିବେ। ଭାରତର ୩ ଡବଲ୍ସ ଯୋଡ଼ି ଏମ୍‌ଆର ଅର୍ଜୁନ-ଧ୍ରୁବ କାପିଲା, ତନିଶା କ୍ରାଷ୍ଟୋ ଓ ଅଶ୍ୱିନୀ ପୋନାପ୍ପା ଏବଂ ସାଇ ପ୍ରତୀକ କେ ଓ ତନିଶା ପ୍ରମୁଖ ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଛନ୍ତି।



ପ୍ରିୟାଂଶୁ ରାଜାୱତ

# ଏସିଆନ ଗେମ୍ସରେ ଭାଗ ନେଇ ନ ପାରନ୍ତି ହମ୍ପି

ନୂଆଦିଲ୍ଲୀ, ୬।୪(ପି.ଟି.)

କୋଭିଡ୍ ଆଶଙ୍କାରେ ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ମହିଳା ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏସିଆନ ଗେମ୍ସରେ ହୁଏତ ଭାଗ ନେଇ ନ ପାରନ୍ତି। ମାରାତ୍ମକ କୋଭିଡ୍-୧୯ ଭାଇରସ୍ ଚାଇନାରେ ସୃଷ୍ଟି ହୋଇଥିବା କୁହାଯାଉଛି। ଏହା ବିଶ୍ୱର ଅଧିକାଂଶ ଅଞ୍ଚଳକୁ ବ୍ୟାପିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ରିପୋର୍ଟ ଅନୁସାରେ ୨୦୨୦ ଜାନୁୟାରୀ ୩ରୁ ଚଳିତବର୍ଷ ଏପ୍ରିଲ ୩ ମଧ୍ୟରେ ଚାଇନାରେ ୯୯, ୨୩୮, ୫୮୬ କୋଭିଡ୍ ସଂକ୍ରମିତ ହୋଇଛନ୍ତି ଏବଂ ୧,୨୦,୮୯୬ ଜଣ ମୃତ୍ୟୁବରଣ କରିଛନ୍ତି। ଚାଇନା ପ୍ରକୃତରେ ୨୦୨୨ରେ ହାଙ୍ଗ୍‌ଝୋଠାରେ ଏସିଆନ ଗେମ୍ସ ଆୟୋଜନ କରିଥାନ୍ତା। ମାତ୍ର ମହାମାରୀ ଯୋଗୁ ଇଭେଣ୍ଟକୁ ବର୍ଷେ ଘୁଞ୍ଚାଇ ଦିଆଯାଇଥିଲା। ୧୩ ବର୍ଷ ପରେ ଏସିଆନ୍ ଗେମ୍ସକୁ ଚେସ୍ ଫେରିଛି। ଶେଷ ଥର ପାଇଁ ୨୦୧୦ ଗୁଆଙ୍ଗଝୋ ଗେମ୍ସରେ ଏହି ଖେଳ ଏକ ଅଂଶବିଶେଷ ଥିଲା। କୋଭିଡ୍ ଯୋଗୁ ଏସିଆନ ଗେମ୍ସ ଚାଇନାରେ ହେଉଥିବାରୁ ସେ ଏଥିରେ ଭାଗ ନେବେ କି ନା ସେ ନେଇ ନିଶ୍ଚିତ ନୁହନ୍ତି। ସମ୍ଭବତଃ ଜୁନ୍ କିମ୍ବା ଜୁଲାଇରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏଠାରେ ଫିଡେ ମହିଳା ଗ୍ରାଁପ୍ରି ପାଇଁ ଆସିଥିବା ଅବସରରେ ଏକ ସାକ୍ଷାତକାରରେ ହମ୍ପି ଏକଥା ପ୍ରକାଶ କରିଛନ୍ତି।


କୋନେରୁ ହମ୍ପି

# ତୃତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଘୋଷିତ

**ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ**

ଭୁବନେଶ୍ୱର, ୬।୪ (ସ୍ପୋର୍ଟ୍ସ ବ୍ୟୁରୋ)

ନୂତନ ଫର୍ମାଟରେ ଖେଳା ଯାଉଥିବା ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଚଳିତ ବର୍ଷ ଦଳ ଗୁଡ଼ିକୁ ଡାଇମଣ୍ଡ, ଗୋଲ୍ଡ ଓ ସିଲ୍ଭରରେ ବିଭକ୍ତ କରାଯାଇଛି। ପ୍ରତି ବର୍ଗରେ ଏ ଓ ବି ଦୁଇଟି ଗ୍ରୁପ୍ ରହିଥିବା ବେଳେ ତୃତୀୟ ପର୍ଯ୍ୟାୟରେ ଡାଇମଣ୍ଡ ଏ ଓ ସିଲ୍ଭର ଏର ମ୍ୟାଚ୍ ଗୁଡିକ ଖେଳାଯିବ। ଡାଇମଣ୍ଡ ଏ ଗ୍ରୁପ୍‌ରେ ଭୁବନେଶ୍ୱର-ଏ, ଇକୋର୍ସା, କଟକ-ବି, ଖୋର୍ଦ୍ଧା, ସୁନ୍ଦରଗଡ ଓ ଭଦ୍ରକ ସ୍ଥାନ ପାଇଛନ୍ତି। ଅନ୍ୟ ପକ୍ଷରେ ସିଲ୍‌ଭର ଏ ଗ୍ରୁପ୍‌ରେ ଗଞ୍ଜାମ, କେନ୍ଦ୍ରାପଡା, ନୂଆପଡା, ପାରାଦୀପ, କନ୍ଧମାଳ, ଗଜପତି, ମାଲକାନଗିରି ରହିଛନ୍ତି। ୭ ତାରିଖରୁ ମ୍ୟାଚ୍ ଆରମ୍ଭ ହେବା ସହିତ ୧୪ ତାରିଖ ଯାଏଁ ତୃତୀୟ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ଡାଏମଣ୍ଡ ଗ୍ରୁପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱର-ଏ ବନାମ ଇକୋର୍ସା, କଟକ ବି ବନାମ ଖୋର୍ଦ୍ଧା ଓ ସୁନ୍ଦରଗଡ ବନାମ ଭଦ୍ରକ ପରସ୍ପରର ସମ୍ମୁଖୀନ ହେବେ। ୯ ତାରିଖରେ ଡାଇମଣ୍ଡ ଏର ବିଶ୍ରାମ ଦିବସ ରହିଥିବା ବେଳେ ୧୧ ତାରିଖରେ ସିଲ୍‌ଭର ଏର ବିଶ୍ରାମ ଦିବସ ରଖାଯାଇଛି।

# ମ୍ୟାଚ୍ ପ୍ରସାରଣ ହେଉ ନ ଥିବାରୁ ଅସନ୍ତୋଷ

**ନୂଆଦିଲ୍ଲୀ, ୬।୪ (ପି.ଟି.):** କେରଳରେ ଅନୁଷ୍ଠିତ ସୁପର କପ୍ କ୍ୱାଲିଫାଇଂ ରାଉଣ୍ଡ ମ୍ୟାଚଗୁଡ଼ିକର ସିଧାପ୍ରସାରଣ କରାଯାଇ ନ ଥିବାରୁ ଆଇ-ଲିଗ୍‌ର ବହୁ କ୍ଲବ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରସାରଣକାରୀ ସଂସ୍ଥା ସେମାନଙ୍କ ପ୍ରତି ବୈମାତୃକ ଭାବ ପୋଷଣ କରୁଥିବା ସେମାନେ କହିଛନ୍ତି ବୋଲି ଗୋକୁଲମ କେରଳର ମାଲିକ ଭିସି ପ୍ରବୀଣ ପ୍ରକାଶ କରିଛନ୍ତି। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ମାର୍କେଟିଂ ପାର୍ଟନର ଏଫ୍‌ଏସ୍‌ଡିଏଲ୍, ଇଣ୍ଡିଆନ ସୁପର ଲିଗ୍‌ର ଆୟୋଜକଗଣ ସୁପର କପ୍ ମ୍ୟାଚର ପ୍ରସାରଣ ବ୍ୟାପାର ବୁଝାଶୁଝା କରିଥାନ୍ତି। ସୋନି ସ୍ପୋର୍ଟ୍ସ ନେଟୱର୍କ ଶନିବାରଠାରୁ ଆରମ୍ଭ ହେଉଥିବା ଟୁର୍ନାମେଣ୍ଟର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚଗୁଡ଼ିକର ସିଧା ପ୍ରସାରଣ କରିବ। ଫ୍ୟାନକୋଡ୍ ଅପ୍ ମଧ୍ୟ ଗେମ୍ ଗୁଡ଼ିକର ଲାଇଭ୍ ଷ୍ଟ୍ରିମ୍ ଦେଖାଇବ। ବୁଧବାର ସୁପର କପ୍ ଦୁଇ କ୍ୱାଲିଫାଇଂ ରାଉଣ୍ଡ ମ୍ୟାଚ ଆଇ-ଲିଗ୍ ଦଳ ଶ୍ରୀନିଡି ଡେକାନ ଓ ନେରୋକା ଏବଂ ଗୋକୁଲମ କେରଳ ବନାମ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା, ମାତ୍ର ଏହାର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇ ନ ଥିଲା।

## ଫିଫା ର୍‌ୟାଙ୍କିଙ୍ଗରେ ଆର୍ଜେଣ୍ଟିନା ଏକ ନମ୍ବର

**ଜୁରିଚ୍, ୬।୪ (ପି.ଟି.):** ଗୁରୁବାର ଫିଫା ପକ୍ଷରୁ ପ୍ରକାଶିତ ଫୁଟବଲ ର୍‌ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ହାସଲ କରିଛି ଆର୍ଜେଣ୍ଟିନା। କାତାର ବିଶ୍ୱକପରେ ଚାମ୍ପିୟନ ଆର୍ଜେଣ୍ଟିନା ଦୀର୍ଘ ୬ ବର୍ଷ ପରେ ଏକ ନମ୍ବର ର୍‌ୟାଙ୍କିଙ୍ଗକୁ ଫେରିଛି। ବ୍ରାଜିଲକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ହରାଇ ଆର୍ଜେଣ୍ଟିନା ଏକ ନମ୍ବର ହୋଇଥିବା ବେଳେ ୩ ନମ୍ବର ସ୍ଥାନକୁ ଖସି ଯାଇଛି ବ୍ରାଜିଲ। ବିଶ୍ୱକପ୍ ରନର୍ସ ଅପ୍ ଫ୍ରାନ୍ସ ଦୁଇ ନମ୍ବର ସ୍ଥାନରେ ରହିଛି। ଫ୍ରାନ୍ସ ୟୁରୋ ଯୋଗ୍ୟତା ପର୍ଯ୍ୟାୟରେ ନେଦରଲାଣ୍ଡ୍ସ ଓ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା। ବେଲଜିୟମ ୪ ନମ୍ବର ସ୍ଥାନରେ ଅପରିବର୍ତ୍ତିତ ଥିବା ବେଳେ ଇଟାଲୀ ବିପକ୍ଷରେ ଦୁଇ ବିଜୟ ପରେ ୫ ନମ୍ବର ସ୍ଥାନରେ ପହଞ୍ଚିଛି ଇଂଲଣ୍ଡ। ନେଦରଲାଣ୍ଡ୍ସ ଷଷ୍ଠ, କ୍ରୋଏସିଆ ସପ୍ତମ ସ୍ଥାନ ହାସଲ କରିଥିବା ବେଳେ ଇଟାଲୀ, ପର୍ତ୍ତୁଗାଲ ଓ ସ୍ପେନ୍ ଯଥାକ୍ରମେ ଅଷ୍ଟମରୁ ଦଶମ ସ୍ଥାନ ମଧ୍ୟରେ ରହିଛନ୍ତି। ଆଫ୍ରିକୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ମରକ୍କୋ ୧୧ତମ ସ୍ଥାନରେ ରହିଛି। ଯୁକ୍ତରାଷ୍ଟ୍ର ଆମେରିକା ୧୩ ଓ ମେକ୍ସିକୋ ୧୫ତମ ସ୍ଥାନରେ ରହିଛି।

# ଏନ୍‌ଆର୍‌ଏଆଇ ସଭାପତି ଦାୟିତ୍ୱ ଗ୍ରହଣ କଲେ କଳିକେଶ


ଅନୁରାଗ ସିଂ ଠାକୁରଙ୍କୁ ପୁସ୍ତକ ଉପହାର ଦେଉଛନ୍ତି କଳିକେଶ ନାରାୟଣ ସିଂଦେଓ।

ନୂଆଦିଲ୍ଲୀ, ୬।୪ (ପି.ଟି.)

ଜାତୀୟ ରାଇଫଲ୍ ଆସୋସିଏଶନ (ଏନ୍‌ଆର୍‌ଏଆଇ)ର ସଭାପତି ଦାୟିତ୍ୱ ଗ୍ରହଣ କଲେ ଓଡ଼ିଶାର କଳିକେଶ ନାରାୟଣ ସିଂଦେଓ। ବରିଷ୍ଠ ଉପସଭାପତି ଥିବା କଳିକେଶ ବର୍ତ୍ତମାନର ସଭାପତି ରନିନ୍ଦର ସିଂଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରନିନ୍ଦର ଦୀର୍ଘ ଦିନ ଧରି ଛୁଟିରେ ରହିବା ପରେ କଳିକେଶଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ନିୟମ ଅନୁସାରେ କୌଣସି ବ୍ୟକ୍ତି ୧୨ ବର୍ଷରୁ ଅଧିକ ସମୟ ଧରି କୌଣସି ଫେଡେରେଶନର ମୁଖ୍ୟ ଭାବେ କାର୍ଯ୍ୟ କରିପାରିବେ ନାହିଁ। ୨୦୨୧ରେ ପୁନର୍ବାର ନିର୍ବାଚିତ ହୋଇ ରନିନ୍ଦର ସଭାପତି ହୋଇଥିଲେ। ମାତ୍ର ଏହା ମଧ୍ୟରେ ୧୨ ବର୍ଷ ପୂରଣ ହେବାରୁ ତାଙ୍କୁ ଓହରିବା ପାଇଁ କ୍ରୀଡା ବିଭାଗ ପକ୍ଷରୁ କୁହାଯାଇଥିଲା। ଡିସେମ୍ବର ୨୯, ୨୦୧୦ରେ ରନିନ୍ଦର ଏନଆରଏଆଇର ସଭାପତି ହୋଇଥିଲେ। ଡିସେମ୍ବର ୨୯, ୨୦୨୨ରେ ରନିନ୍ଦର ଏନଆରଏଆଇର ସଭାପତି ଭାବରେ ୧୨ ବର୍ଷ ପୂରଣ କରିଥିଲେ। ଗୁରୁବାର ଏକ ଭର୍ଚୁଆଲ ବୈଠକରେ ସର୍ବସମ୍ମତିକ୍ରମେ କଳିକେଶ ନିର୍ବାଚିତ ହୋଇଥିଲେ। ଏନ୍‌ଆରଏଆଇର ସମର୍ଥନ ପାଇଁ କଳିକେଶ ସଭିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏସିଆନ୍ ଗେମ୍ସ ଓ ବିଶ୍ୱକପ୍ ପୂର୍ବରୁ ଦଳକୁ ଶ୍ରେଷ୍ଠ ଅଭ୍ୟାସ ପ୍ରଦାନ କରିବା ପ୍ରଥମ ଲକ୍ଷ୍ୟ ବୋଲି କହିଛନ୍ତି କଳିକେଶ। ୪୦ ମିନିଟର ଏହି ଭର୍ଚୁଆଲ ବୈଠକରେ ୩୫ ଜଣ ସଦସ୍ୟଙ୍କ ମଧ୍ୟରୁ ୨୯ ଜଣ ଯୋଗ ଦେଇଥିଲେ।

## ଏସିଆନ ଗେମ୍ସ, ବିଶ୍ୱ ଚାମ୍ପିୟନଶିପ୍ ଉପରେ ନଜର

"ଜାତୀୟରାଇଫଲ୍‌ଆସୋସିଏଶନ୍ (ଏନ୍‌ଆର୍‌ଏଆଇ)ର ସଭାପତି ଭାବେ ପରିଚାଳନା ସଂସ୍ଥା ମୋତେ ଯେଉଁ ଦାୟିତ୍ୱ ଦେଇଛନ୍ତି ତାକୁ ମୁଁ ବିନମ୍ରତାର ସହ ଗ୍ରହଣ କରୁଛି। ଆଗକୁ ଏସିଆନ ଗେମ୍ସ ଏବଂ ବିଶ୍ୱ ଚାମ୍ପିୟନଶିପ୍ ଭଳି ବଡ଼ ପ୍ରତିଯୋଗିତା ରହିଛି। ସେଥିରେ କିପରି ଆମ ଦଳ ଭଲ ପ୍ରଦର୍ଶନ କରିପାରିବ ତା' ଉପରେ ପ୍ରାଥମିକତା ଦିଆଯିବ। ଏନ୍‌ଆର୍‌ଏଆଇ ଟିମ୍ ସହିତ ମୁଁ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ସମସ୍ତ ଅଂଶୀଦାରଙ୍କ ସହ ମିଶି କାର୍ଯ୍ୟ କରିବି। ଏହି କ୍ରୀଡ଼ାରେ ଦେଶର ପ୍ରତିଯୋଗୀମାନେ ଯେପରି ଅଧିକରୁ ଅଧିକ ସଫଳତା ପାଇବେ ତା' ଉପରେ ଧ୍ୟାନ ଦିଆଯିବ" ବୋଲି ଦାୟିତ୍ୱ ଗ୍ରହଣ ପରେ କଳିକେଶ ସିଂ ଦେଓ ପ୍ରକାଶ କରିଛନ୍ତି।




# ଜିଏମ୍ ଆଲେକ୍‌ସାଣ୍ଡ୍ରା ଗୋରିଆଚ୍‌କିନା ଚାମ୍ପିୟନ

ଭୁବନେଶ୍ୱର, ୬।୪ (କ୍ରୀଡ଼ା ପ୍ରତିନିଧି)

ଭାରତରେ ପ୍ରଥମଥରପାଇଁ ଫିଡେ ଗ୍ରାଁ ପ୍ରି ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀରେ ପ୍ରତିଯୋଗିତାର ତୃତୀୟ ଷ୍ଟେଜ୍ ମାର୍ଚ୍ଚ ୨୫ରେ ଆରମ୍ଭ ହୋଇ ଗୁରୁବାର ଶେଷ ହୋଇଛି। ପ୍ରଥମ ଷ୍ଟେଜ୍ ୨୦୨୨ରେ ଅସ୍ତାନାରେ ଏବଂ ଦ୍ୱିତୀୟ ଷ୍ଟେଜ୍ ୨୦୨୩ ଫେବୃୟାରୀରେ ମ୍ୟୁନିଚ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀରେ ଆୟୋଜିତ ତୃତୀୟ ଷ୍ଟେଜ୍‌ରେ ମୋଟ ୧୦ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୩ ଭାରତୀୟ କୋନେରୁ ହମ୍ପି, ଦ୍ରୋଣାଭାରି ହାରିକା ଓ ଆର. ବୈଶାଳୀ ସାମିଲ ଥିଲେ। ଶେଷରେ ରୁଷିଆ ଗ୍ରାଣ୍ଡମାଷ୍ଟର (ଜିଏମ୍) ଆଲେକ୍‌ସାଣ୍ଡ୍ରା ଗୋରିଆଚ୍‌କିନା ଚାମ୍ପିୟନ ହୋଇଥିଲେ। କାଜାଖସ୍ତାନର ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ବିବିସାରା ଆସାଉବାୟେଭା ଦ୍ୱିତୀୟ ଓ ଚାଇନାର ମହିଳା ଗ୍ରାଣ୍ଡମାଷ୍ଟର ଝୁ ଜିନେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅତିଥିଭାବେ ଯୋଗଦେଇଥିଲେ।



ଅତିଥିଙ୍କ ସହ ଟ୍ରଫି ବିଜେତା।

**ଭାରତରେ ପ୍ରଥମଥର ଫିଡେ ଗ୍ରାଁ ପ୍ରି**

ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ସଭାପତି ସଞ୍ଜୟ କପୁର, ଟେକ୍ ମହିନ୍ଦ୍ରାର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର ଜଗଦୀଶ ମିତ୍ର, ନୂଆଦିଲ୍ଲୀସ୍ଥିତ ତ୍ରିପୁରା ଭବନର ରେସିଡେଣ୍ଟ ଅଫିସର ସୋନାଲ ଗୋଏଲ, ଏଆଇସିଏଫ୍ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ଚେସ୍‌ର ପ୍ରଚାର ଓ ପ୍ରସାର ପାଇଁ ଅଚ୍ୟୁତଙ୍କ ଉଦ୍ୟମକୁ ସମସ୍ତ ପ୍ରତିନିଧି ଉଚ୍ଚ ପ୍ରଶଂସା କରିଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ